

ଅଗଷ୍ଟ ୧୧ରେ
'ଛିରେ ନନୀ'
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-30 ◆THURSDAY ◆24 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୦ ◆ଗୁରୁବାର ◆୨୪ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଗାଜିଆବାଦ୍‌ରେ ନକଲି ଦୂତାବାସ





■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ଦୁଇ ମହଲା ବିଶିଷ୍ଟ ବିଳାସପୂର୍ଣ୍ଣ କୋଠା। ଉଡୁଛି ବିଦେଶୀ ପତାକା। ଘର ଆଗରେ ୪ଟି ଦାମୀ କାର। ପୁଣି ଏଥିରେ କୂଟନୈତିକ ନମ୍ବର। ଗୋଟିଏ କାରର ନେମ୍ ପ୍ଲେଟରେ ଲେଖା ହୋଇଛି - ଗ୍ରାଣ୍ଡ ଡଚି ଅଫ୍ ୱେଷ୍ଟାରଟିକା। ହିଜ୍ ଏକ୍ସେଲେନ୍ସି ଏଚଭି ଜୈନ। ଅନରାରୀ କନସେଲ। କିନ୍ତୁ ଏହା ଯେ ନକଲି ଦୂତାବାସ, ଏହାର ଟେର୍ କେହି ପାଇ ପାରିନଥିଲେ। ପାଖରେ ପୁଲିସ କମିସନର ଅଫିସ ଥିଲେ ମଧ୍ୟ ସନ୍ଦେହ ଘେରକୁ ଆସିନଥିଲା।

ଉତ୍ତରପ୍ରଦେଶର ଗାଜିଆବାଦ୍‌ରେ ଦୀର୍ଘ ଦିନ ଧରି ଚାଲିଥିଲା ଏହି ନକଲି ଦୂତାବାସ। ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ହର୍ଷବର୍ଦ୍ଧନ ଜୈନ ନାମକ ଜଣେ ଠକ ବ୍ୟକ୍ତିଙ୍କୁ ଗିରଫ କରିବା ପରେ ଏହାର ପର୍ଦ୍ଦାଫାସ ହୋଇଛି। ତା ପାଖରେ ଭିଆଇପି ନଂ ବିଶିଷ୍ଟ ୪ଟି ବିଳାସପୂର୍ଣ୍ଣ

## ରାଷ୍ଟ୍ରଦୂତ ନକଲି, ଗାଡ଼ି ନମ୍ବର ବି ନକଲି

କାର୍ ଜବତ କରାଯାଇଛି। ଏଥିସହ ଭିନ୍ନ ଭିନ୍ନ ଦେଶ ଓ କମ୍ପାନୀଗୁଡ଼ିକର ୩୪ଟି ଷ୍ଟାମ୍ପକୁ ମଧ୍ୟ ଜବତ କରାଯାଇଛି। ଏହାବ୍ୟତୀତ ବୈଦେଶିକ ମନ୍ତ୍ରଣାଳୟର ମୋହର ଲାଗିଥିବା ନକଲି କାଗଜ ଓ ନଗଦ ୪୪.୭୦ ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଛି।

ହର୍ଷବର୍ଦ୍ଧନ କେଭି ୩୫ କବିନଗରରେ ଏକ ବିଳାସପୂର୍ଣ୍ଣ ଘର ଭଡ଼ା ନେଇ ଅବୈଧ ଭାବେ 'ୱେଷ୍ଟ ଆର୍କଟିକା ଦୂତାବାସ' ଚଳାଉଥିଲା। ଏହି ଅଞ୍ଚଳରେ ପୁଲିସ କମିସନ, ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍‌ଙ୍କ ସମେତ ଏକାଧିକ ପଦସ୍ଥ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ନକଲି ଦୂତାବାସ ବାହାରେ ଅନୁପ ସିଂ ନାମକ ଜଣେ ବ୍ୟକ୍ତିଙ୍କ ନେମ୍ ପ୍ଲେଟ ରହିଛି। ଏଠାରୁ ୧୦୦ମିଟର ଦୂରରେ ଥିବା ଦ୍ୱିତୀୟ ଘରେ ହର୍ଷବର୍ଦ୍ଧନ ଯିବା ଆସିବା କରୁଥିଲା। ୪୭ ବର୍ଷୀୟ ହର୍ଷବର୍ଦ୍ଧନ ଗାଜିଆବାଦ୍‌ରୁ ବିବିଏ କରିବା ପରେ ଲଣ୍ଡନରେ ଏମ୍‌ବିଏ କରିଥିଲା। ତା ପିତା ଜଣେ ଉଦ୍ୟୋଗପତି ଥିଲେ ଓ ରୋଲିଂ ମିଲର ମାଲିକ ଥିଲେ।

ସେ ନିଜକୁ ୱେଷ୍ଟ ଆର୍କଟିକା, ସାବୋର୍ଘା, ପୁଲାୱିଆ ଓ ଲୋଡୋନିଆ ଦେଶର କନସୁଲ ଆମ୍ବାସାଡାର ବା ରାଜଦୂତର ପରିଚୟ ଦେଉଥିଲା। କିନ୍ତୁ ବିଶ୍ୱରେ ଏହି ନାମରେ କୌଣସି ଦେଶ ନାହିଁ। ସେ ଡିପ୍ଲୋମାଟିକ ନମ୍ବର ପ୍ଲେଟ ଲଗାଇ ଗାଡି ଚଳାଉଥିଲା। ଲୋକଙ୍କୁ ପ୍ରଭାବିତ କରିବା ପାଇଁ ସେ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଅନ୍ୟ କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ସହ ନିଜର ନକଲି ଫଟୋ ପ୍ରସ୍ତୁତି କରି ତା'ର ଅବୈଧ ବ୍ୟବହାର କରୁଥିଲା। ବିଦେଶରେ ଚାକିରି କରାଇଦେବା ଲୋଭ ଦେଖାଇ ସେ ଦଲାଲି କରୁଥିଲା ଏବଂ ବିଭିନ୍ନ ଶେଲ କମ୍ପାନୀ ଜରିଆରେ ହୱାଲା ର୍ୟାକେଟ୍ ଚଳାଉଥିଲା। ତାଠାରୁ ଦୁଇଟି ନକଲି ପ୍ରେସ୍ କାର୍ଡ, ପ୍ୟାନ କାର୍ଡ, ୧୨ଟି ଡିପ୍ଲୋମାଟିକ୍ ପାସ୍‌ପୋର୍ଟ, ଏକାଧିକ ଦେଶରେ ବିଦେଶୀ ମୁଦ୍ରା, ବଭିନ୍ନ କମ୍ପାନୀ କାଗଜପତ୍ର, ୧୮ ଟି ଡିପ୍ଲୋମାଟିକ ନମ୍ବର ଜବତ କରାଯାଇଛି। ଚଢ଼ାଉ ପୂର୍ବରୁ ଏସ୍‌ଟିଏଫ୍ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ମାଧ୍ୟମରେ ବୈଦେଶିକ ମନ୍ତ୍ରଣାଳୟକୁ ନକଲି ଦୂତାବାସ ଚାଲୁଥିବା ନେଇ ସୂଚନା ଦେଇଥିଲା। ଏନକଲି କାମରେ ତାକୁ କିଏ ସହାୟତା କରୁଥିଲେ, ତାହାର ଖୋଳତାଡ଼ ଆରମ୍ଭ ହୋଇଛି।

# ସଂସଦ ଅଚଳାବସ୍ଥା ଜାରି

## ଆସନ୍ତା ସପ୍ତାହରେ 'ପହଲଗାମ', 'ଅପରେସନ ସିନ୍ଦୂର' ଆଲୋଚନା

■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନା ଦାବିରେ ସଂସଦ ଆଜି ବି ଅଚଳ ରହିଛି। ଆଲୋଚନା ପାଇଁ ବିରୋଧୀ ଦଳ ଜିଦରେ ଅଟଳ ରହିଥିବା ବେଳେ ସରକାର ରାଜି ହେଉ ନାହାନ୍ତି। ଅନ୍ୟପକ୍ଷରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ସଂପର୍କରେ ଆସନ୍ତା ସପ୍ତାହ ସଂସଦରେ ଆଲୋଚନା ପାଇଁ ସ୍ଥିର ହୋଇଛି। ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ଏହି ପ୍ରସଙ୍ଗରେ ୧୬ ଘଣ୍ଟା ଲେଖାଏଁ ଆଲୋଚନା ହେବ। ତେବେ ପ୍ରଧାନମନ୍ତ୍ରୀ ଆଲୋଚନାର ଉତ୍ତର ଦେବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।

ବିହାର ଭୋଟର ତାଲିକା ସଂଶୋଧନ ନେଇ ଉତ୍‌କ୍ଷିପ୍ତ ଥିବା ସମସ୍ତ ବିରୋଧୀ ଦଳ ଏହା ଉପରେ ଆଲୋଚନା ପାଇଁ ସଂସଦରେ ଆଜି ଅଡ଼ି ବସିଥିଲେ। ଲୋକସଭା ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳସଭ୍ୟମାନେ ସେମାନଙ୍କ ଦାବିରେ ସ୍ଲୋଗାନବାଜି କରିବା ସହିତ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ବାଚସ୍ପତି ଓମ୍ ବିର୍ଲାଙ୍କ ଚେତାବନୀ ସତ୍ତ୍ୱେ ସେମାନେ ହଟ୍ଟଗୋଳ ଜାରି ରଖିଥିଲେ। ଫଳରେ ଗୃହକୁ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ଦୁଇଟା ପରେ ପୁଣି ହଟ୍ଟଗୋଳ ଜାରି ରହିବାରୁ ଲୋକସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଥିଲା। ▶ପୃଷ୍ଠା-୭


## ଅଗଷ୍ଟ ଶେଷ ସୁଦ୍ଧା ଉପରାଷ୍ଟ୍ରପତି ନିର୍ବାଚନ



**ପ୍ରକ୍ରିୟା ଆରମ୍ଭ କଲେ ନିର୍ବାଚନ କମିସନ**

■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ଅଗଷ୍ଟ ମାସ ଶେଷ ଆଡକୁ ନୂଆ ଉପରାଷ୍ଟ୍ରପତି ନିର୍ବାଚନ ହେବାର ସମ୍ଭାବନା ରହିଛି। ଏଥିପାଇଁ ନିର୍ବାଚନ କମିସନ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଜଗଦୀପ ଧନଖଡ଼ଙ୍କ ଇସ୍ତଫା ସଂପର୍କରେ ସ୍ୱରାଷ୍ଟ୍ର ବିଭାଗ କମିସନଙ୍କୁ ଜଣାଇଦେବା ପରେ କମିସନ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଆସନ୍ତା ଦୁଇରୁ ଚାରି ଦିନ ମଧ୍ୟରେ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇବାର ସମ୍ଭାବନା ରହିଛି। ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ଆଇନ-୧୯୫୨ ଅନୁଯାୟୀ ବିଜ୍ଞପ୍ତି ଜାରି ହେବାର ୩୨ ଦିନ ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ସଂପନ୍ନ ହେବା ଜରୁରି। ବିଜ୍ଞପ୍ତି ଜାରି ହେବାର ୧୪ ଦିନ ମଧ୍ୟରେ ମନୋନୟନପତ୍ର ଦାଖଲ କରିବେ ପ୍ରାର୍ଥୀ। ଏହାପରେ ଯାଞ୍ଚ ଓ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହେବାପରେ ଭୋଟଗ୍ରହଣ କରାଯିବ। ଲୋକସଭା ▶ପୃଷ୍ଠା-୭

**ଭେଟିବାକୁ ବିରୋଧୀଙ୍କ ଲମ୍ବାଧାଡ଼ି**



## ଧରାଛୁଆଁ ଦେଉନାହାନ୍ତି ଧନଖଡ଼

■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ଉପରାଷ୍ଟ୍ରପତି ପଦରୁ ଯେଉଁଦିନ ଇସ୍ତଫା ଦେଲେ, ସେହିଦିନ ଠାରୁ ଘର ଖାଲି କରିବା ଆରମ୍ଭ କରିଦେଇଛନ୍ତି ଜଗଦୀପ ଧନଖଡ଼। ତେବେ ତାଙ୍କର ଅଚାନକ ଇସ୍ତଫାକୁ ନେଇ ସସପେନ୍ସ ଜାରି ରହିଥିବା ବେଳେ ତାଙ୍କୁ ଦେଖା କରିବାଲାଗି ବିରୋଧୀ ଦଳର ଅନେକ ନେତା ଉଦ୍ୟମ ଚଳାଇଥିଲେ ମଧ୍ୟ ଧନଖଡ଼ ଧରାଛୁଆଁ ଦେଉ ନାହାନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଗତ ୨୧ ତାରିଖ ରାତି ୯ଟାରେ ଧନଖଡ଼ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିବା ପରେ ୯ଟା ୨୫ରେ ଏହି ଇସ୍ତଫାପତ୍ରର ନକଲକୁ ତାଙ୍କ 'ଏକ୍ସ'ରେ ପୋଷ୍ଟ କରିଥିଲେ। ସେହି ରାତିରୁ ହିଁ ସେ ଉପରାଷ୍ଟ୍ରପତି ଭବନରୁ ନିଜର ଜିନିଷପତ୍ର ପ୍ୟାକିଂ କରିବା ଆରମ୍ଭ କରିଦେଇଥିଲେ। ପାର୍ଲାମେଣ୍ଟ ହାଉସ ନିକଟବର୍ତ୍ତୀ ଚର୍ଚ୍ଚ ରୋଡ୍‌ରେ ନବନିର୍ମିତ ଭାଇସ୍ ପ୍ରେସିଡେଣ୍ଟ ▶ପୃଷ୍ଠା-୭

# ୨୦୨୬ରୁ ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଲାଗୁ

■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ୨୦୨୬ ଜାନୁଆରୀ ପହିଲାରୁ ଦେଶରେ ଲାଗୁ ହେବ ୮ମ ବେତନ ଆୟୋଗଙ୍କ ସୁପାରିସ। କେନ୍ଦ୍ର ସରକାର ୨୦୨୫ ଜାନୁଆରୀ ୧୬ରେ ବେତନ ଆୟୋଗ ଗଠନକୁ ମଞ୍ଜୁରୀ ଦେଇଥିଲେ। ଆୟୋଗ ଦେଶର ଲକ୍ଷ ଲକ୍ଷ ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ଦରମା ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକର ସମୀକ୍ଷା କରିବେ।

୮ମ ବେତନ ଆୟୋଗଙ୍କ ସୁପାରିସ କାର୍ଯ୍ୟକାରୀ ହେଲେ ପ୍ରତିରକ୍ଷା କର୍ମଚାରୀଙ୍କ ସମେତ ଦେଶର୫୦ ଲକ୍ଷରୁ ଅଧିକ କେନ୍ଦ୍ରୀୟ କର୍ମଚାରୀ ଏବଂ ପ୍ରାୟ ୬୫ ଲକ୍ଷ ପେନସନଭୋଗୀ ଦରମା, ପେନସନ ଏବଂ ଭତ୍ତା ସଂଶୋଧନରୁ ଉପକୃତ ହେବେ। ଆଶା କରାଯାଉଛି ଯେ ୮ମ ବେତନ ଆୟୋଗଙ୍କ ସୁପାରିସ ଲାଗୁ ହେବା ପରେ ଲେବଲ-୧ କେନ୍ଦ୍ରୀୟ କର୍ମଚାରୀଙ୍କ ମୂଳ ଦରମା ୧୮,୦୦୦ ଟଙ୍କାରୁ ୫୧,୦୦୦ ଟଙ୍କାକୁ ବୃଦ୍ଧି ପାଇପାରେ। ଆୟୋଗ ୨.୮୬ ପର୍ଯ୍ୟନ୍ତ ଫିଟମେଣ୍ଟ ଫ୍ୟାକ୍ଟର ଲାଗୁ କରିପାରିବେ। ଏହା ଦରମା ବୃଦ୍ଧିର କାରଣ। ସେହିପରି, ଅନ୍ୟ ସ୍ତରର କର୍ମଚାରୀଙ୍କ ଦରମା ମଧ୍ୟ ଫିଟମେଣ୍ଟ ଫ୍ୟାକ୍ଟର ଆଧାରରେ ବୃଦ୍ଧି ପାଇବ। କର୍ମଚାରୀଙ୍କ ସ୍ତର ମିଶ୍ରଣ କରିବାକୁ ସରକାରଙ୍କୁ ପରାମର୍ଶ ଦିଆଯାଇଥିଲା।

ହେଲେ ୮ମ ବେତନ ଆୟୋଗଙ୍କ ସୁପାରିସକୁ ନେଇ ସରକାରୀ କର୍ମଚାରୀମାନେ

## ପୁରୁଣା ପେନ୍‌ସନ୍ ସ୍କିମ୍ କାର୍ଯ୍ୟକାରୀ କରିବାକୁ କର୍ମଚାରୀଙ୍କ ଦାବି

ସେତେଟା ଖୁସିନାହାନ୍ତି। ସେମାନେ ପୁରୁଣା ପେନ୍‌ସନ୍ ସ୍କିମ୍ (ଓପିଏସ୍) କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ଏଥିରେ କର୍ମଚାରୀଙ୍କ ପାଇଁ ପୁରୁଣା ପେନ୍‌ସନ୍ ଯୋଜନା ପୁନଃସଂସ୍ଥାପିତ କରିବା ଏବଂ ସ୍ୱାସ୍ଥ୍ୟ-ଶିକ୍ଷା ସମ୍ବନ୍ଧୀୟ ସୁବିଧା ବୃଦ୍ଧି କରିବା ଭଳି ଦାବି ଅନ୍ତର୍ଭୁକ୍ତ। କର୍ମଚାରୀଙ୍କ ପ୍ରତିନିଧିମାନେ ୨୦୦୪ ପରେ ଚାକିରି ଆରମ୍ଭ କରିଥିବା ସରକାରୀ କର୍ମଚାରୀଙ୍କ ପାଇଁ ପୁରୁଣା ପେନ୍‌ସନ୍ ▶ପୃଷ୍ଠା-୭

# ସୌମ୍ୟାଶ୍ରୀ ଆତ୍ମଦାହ ବେଳେ ପାଖରେ ଥିବା ଦୁଇ ଛାତ୍ରୀଙ୍କୁ ଖୋଜୁଛି କ୍ରାଇମବ୍ରାଞ୍ଚ



■ **ବାଲେଶ୍ୱର, ୨୩।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍ ତନାଘନା ଜାରି ରଖିଛି। ଗତ ୧୨ ତାରିଖ ଶନିବାର ଦିନ ସୌମ୍ୟାଶ୍ରୀ ଆତ୍ମଦାହ କରିବା ସମୟରେ ନିକଟରେ ଦୁଇଜଣ ଛାତ୍ରୀ ଉପସ୍ଥିତ ଥିଲେ। ତେବେ ଉକ୍ତ ଘଟଣା ପରଠାରୁ ଉଭୟଙ୍କ ଖୋଜଖବର ମିଳୁନି। ବୁଧବାର କ୍ରାଇମବ୍ରାଞ୍ଚ ଟିମ୍ ଉକ୍ତ ଦୁଇ ଛାତ୍ରୀଙ୍କ ଫଟୋକୁ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢ଼ୀଙ୍କୁ ଦେଇ ଚିହ୍ନଟ କରିବା ପାଇଁ କହିଥିଲେ। ହେଲେ ଏଯାବତ୍ ସମ୍ପୃକ୍ତା ଦୁଇ ଛାତ୍ରୀଙ୍କ ପରିଚୟ ଜଣାପଡ଼ିନି।

କଲେଜ ଅଧ୍ୟକ୍ଷ ଶ୍ରୀ ପାଢ଼ୀ କହିଛନ୍ତି ଯେ ଘଟଣା ଦିନ ସୌମ୍ୟାଶ୍ରୀଙ୍କ ନିକଟରେ ଉପସ୍ଥିତ ଥିବା ଦୁଇ ଛାତ୍ରୀଙ୍କ ମଧ୍ୟରୁ ଜଣେ କଲେଜ ଛାତ୍ରୀ ଭଳି ଲାଗୁଥିବା ବେଳେ ଅନ୍ୟଜଣଙ୍କ ସଂପର୍କରେ ସଠିକ୍ ଭାବେ ଜଣାପଡ଼ିନାହିଁ। ଏପରିକି, ଭାଇରାଲ ଭିଡିଓରେ ସେମାନଙ୍କ ଫଟୋ ସଠିକ୍ ଭାବେ ଆସୁନଥିବା ବେଳେ କ୍ରାଇମବ୍ରାଞ୍ଚ ଟିମ୍ ସେମାନଙ୍କୁ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅପରପେକ୍ଷ, କିଛି ମୋବାଇଲ ନମ୍ବର ମଧ୍ୟ କ୍ରାଇମବ୍ରାଞ୍ଚକୁ କଲେଜ ପକ୍ଷରୁ ପ୍ରଦାନ କରାଯାଇଛି, ଯାହାଦ୍ୱାରା ସେମାନଙ୍କର ସନ୍ଧାନ ମିଳିପାରିବ। ଏହାଛଡ଼ା ସେମାନଙ୍କର ▶ପୃଷ୍ଠା-୭

# ବଳଙ୍ଗା ନାବାଳିକାଙ୍କୁ ଜାଳିଦେବା ଘଟଣା

**୪ ଦିନ ପରେ ବି ପୁଲିସ ହାତ ଖାଲି**

## ଗାଏବ ହୋଇଗଲେ କି ଅଭିଯୁକ୍ତ ?

■ **ପୁରୀ, ୨୩।୭ (ସମିସ):** ରସାତଳକୁ ଗଲାଣି ରାଜ୍ୟରେ ଆଇନଶୃଙ୍ଖଳା। ବାଲେଶ୍ୱରରୁ ବଳଙ୍ଗା, ଯାଜପୁରରୁ ଜଗତ୍‌ସିଂହପୁର ଜାତୀୟସ୍ତରରେ ରାଜ୍ୟକୁ ବଦ୍‌ନାମ କଲାଣି। ଏଠି ମହିଳା ହିଂସା, ନାରୀ ନିର୍ଯାତନା ଆଉ ସରକାରଙ୍କ କାବୁରେ ନାହିଁ। ଅପରାଧୀ ବେଫିକର, ଯେଉଁଥିପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ମାଳ ମାଳ ଅଭିଯୋଗ ଆସୁଛି। ଏସବୁ ଭିତରେ ସବୁଠୁ ଅଧିକ ଲୋମହର୍ଷଣକାରୀ ଘଟଣା ଘଟିଛି ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳରେ। ସ୍ପଷ୍ଟ ଦିବାଲୋକରେ ଜଣେ ନାବାଳିକାଙ୍କୁ ଜିଅନ୍ତା ଜାଳିଦେବାକୁ ହୋଇଛି ଉଦ୍ୟମ। ୭୦ ପ୍ରତିଶତରୁ ଅଧିକ ପୋଡି ଯାଇଥିବା ପୀଡ଼ିତା ଏବେ ଦିଲ୍ଲୀ ଏମ୍ସରେ ଜୀବନ ସହ ଜୁଝି ହେଉଥିବା ବେଳେ ଏପଟେ କିଏ ସେ ଅଭିଯୁକ୍ତ ତାହା ଉପରୁ ପରଦା ହଟିପାରୁ ନାହିଁ। ଏହି ସମ୍ବେଦନଶୀଳ ଘଟଣାକୁ ଇତିମଧ୍ୟରେ ପାଞ୍ଚଦିନ ବିତିଲାଣି। ହେଲେ ପୁଲିସ, କ୍ରାଇମ୍‌ବ୍ରାଞ୍ଚ ଥଳକୂଳ ପାଉ ନ ଥିବାବେଳେ ତଦନ୍ତ ନାଁରେ ଖାଲି ଅଣ୍ଡାଳି ହେଉଛନ୍ତି।

**ଅଣ୍ଡାଳି ହେଉଛନ୍ତି ପୁଲିସ, କ୍ରାଇମ୍‌ବ୍ରାଞ୍ଚ**

**ଘଟଣାସ୍ଥଳରୁ ମିଳିଥିବା ମୁଦି, ଚୁଡ଼ି କାହାର?**

ଗତ ଶନିବାର ସକାଳେ ଏହି ଲୋମହର୍ଷଣକାରୀ ଘଟଣା ଘଟିବା ପରଠାରୁ ବଳଙ୍ଗା ଚର୍ଚ୍ଚାରେ ରହିଛି। ଏହି ପ୍ରସଙ୍ଗ ଏବେ କେବଳ ଓଡ଼ିଶା ନୁହେଁ, ଜାତୀୟସ୍ତରରେ ମଧ୍ୟ ଆଲୋଡନ ଖେଳାଇଛି। ଏପରି କି ସୁପ୍ରିମ୍‌କୋର୍ଟ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତଥାପି ଅଭିଯୁକ୍ତଙ୍କୁ ଖୋଜି ବାହାର କରିବାରେ ବିଫଳ ହୋଇଛି ପୁଲିସ। ଏହି ଘଟଣା ଜଣାପଡିବା ▶ପୃଷ୍ଠା-୭

## ବୟାନ ରେକର୍ଡ ପାଇଁ ଦିଲ୍ଲୀ ଗଲା ତଦନ୍ତ ଟିମ୍

■ **ବଳଙ୍ଗା, ୨୩।୭ (ସମିସ):** ବଳଙ୍ଗାରେ ଜଣେ ନାବାଳିକାକୁ ୩ ଦୁର୍ବୃତ୍ତ ପୋଡ଼ି ମାରିବାକୁ ଉଦ୍ୟମ କରିବା ଘଟଣାରେ କ୍ରାଇମବ୍ରାଞ୍ଚର ତଦନ୍ତ ଜାରି ରହିଛି। ଏହି ଘଟଣାରେ ଆଜି କ୍ରାଇମବ୍ରାଞ୍ଚ ଓ ପୁଲିସ୍‌ର ଏକ ଟିମ୍ ଦିଲ୍ଲୀ ଏମ୍‌ସକୁ ଯାଇଛନ୍ତି। ସେଠାରେ ସେମାନେ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ଅଭିଯୁକ୍ତମାନଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କରିବେ ବୋଲି ଜଣାଯାଇଛି। ଘଟଣା ପଛର କାରଣ ଓ ଏଥିରେ କେଉଁକେଉଁମାନେ ସଂପୃକ୍ତ ଅଛନ୍ତି, ତାହା କେବଳ ପୀଡ଼ିତା ହିଁ ଭଲ ଭାବେ କହିପାରିବେ ▶ପୃଷ୍ଠା-୭

**ନଦୀ ବନ୍ଧରେ କ୍ରାଇମ୍‌ବ୍ରାଞ୍ଚର ତନାଘନା**

**ପୀଡ଼ିତାଙ୍କ ହେଲା ଅସ୍ତ୍ରୋପଚାର**

**ଆଜି ସୃଷ୍ଟିହେବ ଲଘୁଚାପ**

# ୨୭ ପର୍ଯ୍ୟନ୍ତ ବର୍ଷା

■ **ଭୁବନେଶ୍ୱର, ୨୩।୭ (ସମିସ):** ଉତ୍ତର ବଙ୍ଗୋପସାଗରରେ ସକ୍ରିୟ ହୋଇଛି ଘୂର୍ଣ୍ଣିବଳୟ। ଏହାର ପ୍ରଭାବରେ ପରବର୍ତ୍ତୀ ୨୪ ଘଣ୍ଟା ଅର୍ଥାତ ଗୁରୁବାର ଏକ ଲଘୁଚାପ ସୃଷ୍ଟି ହେବ। ଏହା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଯାଇଛି। ଅନ୍ୟପଟେ ଲଘୁଚାପ ସୃଷ୍ଟି ପରେ ଏହା ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପ ଓ ଅବପାତର ରୂପ ନେବାକୁ ଥିବାରୁ ଆଗକୁ ବର୍ଷାର ପ୍ରଭାବ ଆହୁରି ବଢ଼ିବାର ସମ୍ଭାବନା ରହିଛି। ଏହ ଲଘୁଚାପ ପ୍ରଭାବରେ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବାକୁ ଥିବା ବେଳେ ୨୪ ଓ ୨୫ ତାରିଖରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୪ ରୁ ୨୭ ତାରିଖ ପର୍ଯନ୍ତ ବିଭିନ୍ନ ଜିଲ୍ଲାକୁ ୟେଲୋ ଓ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଗୁରୁବାର ୪ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହି ଚାରି ଜିଲ୍ଲାରେ ୭ରୁ ୨୦ ସେମି ବର୍ଷା ନେଇ ଅରେଞ୍ଜ ଆର୍ଲଟ ଜାରି ହୋଇଛି। ସେହିପରି ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଜପତିକୁ ପ୍ରବଳ ବର୍ଷା ସହ ବିଜୁଳି ଘଡଘଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବାକୁ ଥିବାରୁ ଆସନ୍ତା ▶ପୃଷ୍ଠା-୭

## ରାଜ୍ୟ କ୍ରିକେଟ ଜଗତରେ କଳି

# ଗଠନ ହେବ ଓସିଏର ସମାନ୍ତରାଳ ସଂଘ !




**ମେଳି ହୋଇଛନ୍ତି ଅଣ-ଅନୁବନ୍ଧିତ ୟୁନିଟ୍**

**ଆଲୋଚନା ମୂଲ୍ୟହୀନ, ଯୋଜନା ଫସର ଫାଟିବ: ଓସିଏ**

■ **କଟକ,୨୩।୭ (ସମିସ):** ରାଜ୍ୟ କ୍ରିକେଟର ସର୍ବୋଚ୍ଚ ସଂଘ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ବିରୋଧରେ ଏକ ନୂଆ ଗୋଷ୍ଠୀ ମୁଣ୍ଡ ଟେକିଛି। ଓସିଏ ସହ ଅନୁବନ୍ଧିତ ହୋଇ ପାରି ନ ଥିବା କେତେକ କ୍ଲବ ମେଳି ହୋଇ ସମାନ୍ତରାଳ ସଂଘ ଗଠନ କରିବାକୁ ଯୋଜନା କରିଛନ୍ତି। ଭୁବନେଶ୍ୱରରେ ଏନେଇ ବୈଠକ ଅନୁଷ୍ଠିତ ହୋଇସାରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ବିଜେପିର ଜଣେ ଆଗଧାଡ଼ିର ନେତାଙ୍କ ସାନଭାଇ ଏହାର ନେତୃତ୍ୱ ନେଉଥିବା କୁହାଯାଉଛି। ତେବେ ଏହି ସବୁ ଘଟଣାରେ ଓସିଏର ଜନୈକ ବରିଷ୍ଠ ପଦାଧିକାରୀ କହିଛନ୍ତି ଯେ, ଓସିଏକୁ ବିରୋଧ କରୁଥିବା ଏହି ଗୋଷ୍ଠୀଙ୍କ ଆଲୋଚନା ମୂଲ୍ୟହୀନ। କ୍ରିକେଟ ପ୍ରତି ଓସିଏର ଅବଦାନକୁ ନେଇ ସମସ୍ତେ ସ୍ପଷ୍ଟ ଭାବେ ଜାଣନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନୂଆ ସଂଘକୁ ଗ୍ରହଣ କରିବ ନାହିଁ। ସେମାନଙ୍କ ଯୋଜନା ଫସର ଫାଟିବ ବୋଲି ଓସିଏର ଏହି ପଦାଧିକାରୀ ଜଣକ ଆଲୋଚନା ପ୍ରସଙ୍ଗରେ କହିଛନ୍ତି।

୬୦ ଦଶକ ଆରମ୍ଭରୁ ଓଡ଼ିଶା କ୍ରିକେଟକୁ ସଂଗଠିତ କରିବା ଦିଗରେ ଓଡିଶା କ୍ରିକେଟ ଆସୋସିଏସନ(ଓସିଏ) କାର୍ଯ୍ୟ କରୁଛି। ଦୀର୍ଘ ସାତ ଦଶନ୍ଧି ଭିତରେ ଅନେକ ଉତଥାନ ପତନ ଦେଇ ଏହି ସଂଘ ଗତି କରିଛି। ତେବେ ଅନେକ ବର୍ଷ ଭିତରେ ଓଡ଼ିଶା କ୍ରିକେଟକୁ ଦୃଷ୍ଟାନ୍ତମୂଳକ ସଫଳତା ନ ମିଳିବା ପ୍ରସଙ୍ଗକୁ ଆକ୍ଷେପ କରି କିଛି କ୍ରୀଡ଼ା ସଂଗଠକ ଏବେ ନୂଆ ସଂଘ ଗଠନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଗତ ସାଧାରଣ ନିର୍ବାଚନରେ ଭାରତୀୟ ଜନତା ପାର୍ଟିରୁ ପ୍ରତିଦ୍ୱନ୍ଦିତା କରୁ ନ ଥିଲେ ସୁଦ୍ଧା ଚର୍ଚ୍ଚାରେ ରହିଥିବା ଜଣେ ବରିଷ୍ଠ ନେତାଙ୍କ ସାନଭାଇ ଏବେ ବିଭିନ୍ନ କ୍ଲବ, କ୍ରୀଡ଼ା ▶ପୃଷ୍ଠା-୭

## ବିହାରର ପ୍ରତି ନିର୍ବାଚନମଣ୍ଡଳୀରୁ ବାଦ୍‌ହେବେ ୨୩ ହଜାର ଭୋଟର

ପାଟନା, ୨୩।୭ (ଏଜେନ୍ସି): ବିହାରରେ ଚାଲିଥିବା ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ପ୍ରକ୍ରିୟାରେ ଭୋଟର ତାଲିକାରୁ ୫୬ ଲକ୍ଷ ଲୋକଙ୍କୁ ବାଦ୍ ଦିଆଯିବ। ଯାଞ୍ଚ କରି ନ ଥିବା ଭୋଟରଙ୍କ ମଧ୍ୟରେ ୨୦ ଲକ୍ଷ ମୃତ୍ୟୁବରଣ କରିଥିବାବେଳେ ୨୮ ଲକ୍ଷ ଅନ୍ୟ ରାଜ୍ୟର ବାସିନ୍ଦା ହୋଇ ଯାଇଛନ୍ତି। ୭ ଲକ୍ଷ ଦୁଇଟି ସ୍ଥାନରେ ପଞ୍ଜୀକରଣ କରିଥିବାବେଳେ ଲକ୍ଷେ ଲୋକଙ୍କୁ ଠାବ କରାଯାଇପାରି ନାହିଁ ଏବଂ ୧୫ ଲକ୍ଷ ଭୋଟର ଯାଞ୍ଚ ଫର୍ମ ଫେରାଇ ନାହାନ୍ତି। ବୁଧବାର ସନ୍ଧ୍ୟାରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହା ପୂର୍ବରୁ ମଙ୍ଗଳବାର ୫୨ ଲକ୍ଷ ଲୋକଙ୍କୁ ଭୋଟର ତାଲିକାରୁ ବାଦ ଦିଆଯାଇଛି ବୋଲି ଇସି କହିଥିଲେ। ବିହାରରେ ମୋଟ ୨୪୩ ବିଧାନସଭା ଆସନ ରହିଛି। ୫୬ ଲକ୍ଷ ଲୋକଙ୍କୁ ତାଲିକାରୁ ବାଦ ଦେଲେ ପ୍ରତି ନିର୍ବାଚନମଣ୍ଡଳୀରୁ ୨୩, ୦୪୫ ଭୋଟରଙ୍କୁ ଭୋଟ ଦେବାକୁ ଅଧିକାର ମିଳିବ ନାହିଁ। ତେବେ ବିରୋଧୀ ଏହାକୁ ବିରୋଧ କରିଛନ୍ତି। ଯଦି ପୂର୍ବରୁ ଥିବା ଭୋଟର ତାଲିକାରୁ ଏକ ପ୍ରତିଶତ ଭୋଟରଙ୍କୁ ବି ବାଦ ଦିଆଯାଏ ତେବେ ତାହାକୁ ଗ୍ରହଣ କରାଯିବ ନାହିଁ । ଆରଜେଡି ନେତା ତେଜସ୍ୱୀ ଯାଦବ ଅଭିଯୋଗ କରିଛନ୍ତି ଯେ ଇସି ବିଜେପି ଇଙ୍ଗିତରେ ଚାଲିଛନ୍ତି। ଭୋଟର ତାଲିକା ହେରଫେର କରୁଛନ୍ତି। ବାସ୍ତବିକ ତାଲିକାକୁ ଶେଷ କରି ଗଣତନ୍ତ୍ରକୁ ନଷ୍ଟ କରାଯାଉଛି। ଏଭଳି ସ୍ଥିତିରେ ନିର୍ବାଚନ କରାଇବା ନିରର୍ଥକ। ଯଦି ଏଭଳି ସ୍ଥିତି ଜାରି ରହେ ତେବେ ବିରୋଧୀ ଦଳମାନେ ନିର୍ବାଚନ ବର୍ଜନ କରିବାକୁ ବିଚାର କରିପାରନ୍ତି ବୋଲି ତେଜସ୍ୱୀ ସୂଚନା ଦେଇଛନ୍ତି। ଏହାକୁ ନେଇ ସବୁ ଦଳ ବିଚାର କରିବେ ବୋଲି ସେ କହିଛନ୍ତି।

## ୨ ବ୍ରିଟିଶ ପରିବାରକୁ ଯାଇଛି ଭୁଲ ମୃତଦେହ

ନୂଆଦିଲ୍ଲୀ, ୨୩।୭(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ସମ୍ପର୍କୀୟଙ୍କୁ ହରାଇଥିବା ବ୍ରିଟେନର ଦୁଇ ପରିବାରକୁ ଭୁଲ ମୃତଦେହ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ମୃତଦେହଗୁଡିକର ଡିଏନ୍‌ଏ ମେଳ ଖାଉନି ବୋଲି ଏହି ଦୁଇ ପରିବାରର ଓକିଲ ଜେମ୍ସ ହିଲି କହିଛନ୍ତି। ଅନ୍ତିମ ସଂସ୍କାର କରିବା ପୂର୍ବରୁ ଏହା ଜଣାପଡ଼ିଥିଲା। ତେଣୁ ଏହାକୁ ସ୍ଥଗିତ ରଖାଯାଇଛି। ଏ ନେଇ ଏୟାର ଇଣ୍ଡିଆ ଯାଞ୍ଚ ଆରମ୍ଭ କରିଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ମନ୍ତବ୍ୟ ଦିଆଯାଇନାହିଁ। ଏହି ମାମଲାର ସମାଧାନ ଲାଗି ବ୍ରିଟିଶ ଅଧିକାରୀମାନଙ୍କ ସହ ସାଥି ହୋଇ କାର୍ଯ୍ୟ କରିବୁ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ତେବେ ଭାରତରେ ଅଧିକାରୀମାନେ ନିୟମ ଅନୁସାରେ ମୃତଦେହଗୁଡିକର ପରିଚୟ ନିର୍ଦ୍ଧାରଣ କରିଥିଲେ। ୧୩ଟି ମୃତଦେହକୁ ବ୍ରିଟେନ ପଠାଯାଇଥିଲା।

## ୪ ଅଲ୍‌କାଏଦା ଆତଙ୍କବାଦୀ ଗିରଫ

ଅହମଦାବାଦ୍, ୨୩।୭(ଏଜେନ୍ସି): ଅଲ-କାଏଦାର ୪ ଆତଙ୍କବାଦୀଙ୍କୁ ଗିରଫ କରିଛି ଗୁଜରାଟ ଆଣ୍ଟି ଟେରରିଷ୍ଟ ସ୍କ୍ୱାର୍ଡ(ଏଟିଏସ୍) । ଗୁଜରାଟରୁ ଦୁଇ, ଦିଲ୍ଲୀ ଓ ନୋଇଡାରୁ ଜଣେ ଲେଖାଏଁ ଆତଙ୍କବାଦୀଙ୍କୁ ବୁଧବାର ଗିରଫ କରାଯାଇଛି। ଏହି ୪ ଜଣ ନକଲି ନୋଟ୍ ର୍ୟାକେଟ ଓ ଆତଙ୍କବାଦୀ ସଂଗଠନର ସଦସ୍ୟଙ୍କ ସହ ମିଶି କାର୍ଯ୍ୟ କରୁଥିଲେ। ଏମାନେ ଏକ 'ଅଟୋ ଡିଲିଟ୍ ଆପ୍' ବ୍ୟବହାର କରୁଥିଲେ। ଏଥିରେ ଚାଟ୍ ଆପେ ଆପେ ଡିଲିଟ୍ ହୋଇ ଯାଉଥିଲା। ଏହି ୪ ଜଣ ଅଲକାଏଦା ଇନ୍ ଇଣ୍ଡିଆନ ସବକଣ୍ଟିନେଣ୍ଟ (ଏକ୍ୟୁଆଇଏସ୍) ସହିତ ଜଡିତ ଥିଲେ।

## ରାଷ୍ଟ୍ରପତିଙ୍କ ୧୪ ପ୍ରଶ୍ନ ଉପରେ ଶୁଣାଣି କରିବେ ସମ୍ବିଧାନ ଖଣ୍ଡପୀଠ

**କେନ୍ଦ୍ର-ରାଜ୍ୟଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ**

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ତାମିଲନାଡୁ ରାଜ୍ୟପାଳ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବିଲ୍ ମଞ୍ଜୁରୀକୁ ନେଇ ଚାଲିଥିବା ବିବାଦ ଉପରେ ବିଚାର କରି ସୁପ୍ରିମକୋର୍ଟ ଏପ୍ରିଲ ୮ରେ ଐତିହାସିକ ରାୟ ଦେଇଥିଲେ। ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ନିମନ୍ତେ ତିନି ମାସର କଣ୍ଟ ଧାର୍ଯ୍ୟ କରିଥିଲେ। ଏହା ପରେ ମେ' ୧୩ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରି ପରାମର୍ଶ ମାଗିଥିଲେ। ଏବେ ସୁପ୍ରିମକୋର୍ଟଙ୍କ ୫ ସଦସ୍ୟ ବିଶିଷ୍ଟ ସମ୍ବିଧାନ ଖଣ୍ଡପୀଠ ଏହାର ଯାଞ୍ଚ କରିବାକୁ ପ୍ରସ୍ତୁତ ହୋଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ଏ ନେଇ କେନ୍ଦ୍ର ଏବଂ ସବୁ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ୨୯ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପ୍ରଧାନ ବିଚାରପତି ବିଆର ଗଭାଇ ଏହି ସାମ୍ବିଧାନିକ ଖଣ୍ଡପୀଠର ନେତୃତ୍ୱ ନେଉଛନ୍ତି। ଅନ୍ୟ ବିଚାରପତିଙ୍କ ମଧ୍ୟରେ ଜଷ୍ଟିସ ବିକ୍ରମ ନାଥ, ସୂର୍ଯ୍ୟକାନ୍ତ, ପିଏସ ନରସିଂହ ଏବଂ ଅତୁଲ ଚନ୍ଦୁରକର ସାମିଲ ଅଛନ୍ତି।

## ଦିଲ୍ଲୀ ରାସ୍ତା ଜଳାର୍ଣ୍ଣବ: ସ୍କୁଲ୍‌ରେ ଆଣ୍ଠୁଏ ପାଣି

ନୂଆଦିଲ୍ଲୀ, ୨୩।୭(ଏଜେନ୍ସି): ରାଜଧାନୀ ଦିଲ୍ଲୀ ସମେତ ନୋଏଡା, ଗାଜିଆବାଦ, ଗୁରଗାଁଓ, ଫରିଦାବାଦ୍ ଓ ସମ୍ପୂର୍ଣ୍ଣ ଏନ୍‌ସିଆରରେ ପ୍ରବଳ ବର୍ଷା କାରଣରୁ ନାହିଁ ନ ଥିବା ସ୍ଥିତି ସୃଷ୍ଟି ହୋଇଛି। ବୁଧବାର ସକାଳୁ ଭୀଷଣ ବର୍ଷା ଜାରି ରହିଛି। ଦିଲ୍ଲୀର କେତେକାଞ୍ଚଳରେ ରାସ୍ତା ଉପରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଛି। ଫଳରେ ଗାଡିଗୁଡିକ ଫସି ରହିଛି। ଟିକରୀ କଲାଁ ସ୍ଥିତ ନଗର ନିଗମ ବାଳିକା ବିଦ୍ୟାଳୟର କ୍ଲାସ ରୁମ୍‌ରେ ୨ ଫୁଟ୍ ଅର୍ଥାତ ଆଣ୍ଠୁଏ ପର୍ଯ୍ୟନ୍ତ ପାଣି ଜମା ହୋଇ ରହିଛି। ପିଲା ପାଣିରେ ଡେସ୍କ ଉପରେ ବସିଥିବାର ଦେଖାଯାଇଛି। ବହୁ ସ୍ଥାନରେ ଟ୍ରାଫିକ୍ ଜାମ୍ ହୋଇଛି। ଗାଜିଆବାଦର ରାମନଗର ରାସ୍ତାରେ କେତେ କିମି ଧରି ଗାଡିଗୁଡିକର ଲମ୍ବା ଧାଡି ଦେଖିବାକୁ ମିଳିଛି। ସେହିପରି ଝାଡଖଣ୍ଡରେ ବିଜୁଳି ମାରିବାରୁ ୪ ମହିଳା ଓ ବିହାରରେ ୩ ଜଣ ପ୍ରାଣ ହରାଇଛନ୍ତି। ବର୍ଷା ଜନିତ ଭୂସ୍ଖଳନରେ ଜମ୍ମୁ-କଶ୍ମୀରରେ ଦୁଇଜଣ ମୃତ୍ୟୁବରଣ କରିଛନ୍ତି।

# ପୁଲିସ ପ୍ରଶିକ୍ଷଣ ଶିବିରରେ ବି ମହିଳା ଅସୁରକ୍ଷିତ

## ଗାଧୁଆଘରେ ଲାଗିଛି କ୍ୟାମେରା



ଗୋରଖପୁର, ୨୩।୭ (ଏଜେନ୍ସି): ସାରା ଦେଶରେ ମହିଳା ସୁରକ୍ଷା ପ୍ରସଙ୍ଗ ଚିନ୍ତାର ବିଷୟ ପାଲଟିଛି। ଏହାକୁ ନେଇ ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ହୁଲସ୍ଥୁଲ୍ ହେଉଛି। ବିରୋଧୀ ସରକାରଙ୍କୁ ସମାଲୋଚନା କରୁଛନ୍ତି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଯାଇଥିବା ଦାବି କରୁଛନ୍ତି। ଏପରି ସମୟରେ ଡବଲ ଇଞ୍ଜିନ୍ ସରକାର ଥିବା ଉତ୍ତର ପ୍ରଦେଶରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ସୁରକ୍ଷା ଦେଉଥିବା ପୁଲିସ ବାହିନୀରେ ବି ମହିଳା ଅସୁରକ୍ଷିତ ଅଛନ୍ତି। ମହିଳା କର୍ମୀଙ୍କ ଉପରେ ଗୁପ୍ତରେ ନଜର ରଖାଯାଉଛି। ଏଥିପାଇଁ ଗାଧୁଆଘରେ (ବାଥରୁମ୍) କ୍ୟାମେରା ଖଞ୍ଜା ଯାଇଛି। ସବୁ କିଛି ରେକର୍ଡିଂ କରି ମହିଳା କନଷ୍ଟେବଲଙ୍କ ସମ୍ମାନ ସହ ଖେଳା ଯାଉଛି। ଗୋରଖପୁରର ବିଛିଆରେ ଥିବା ପ୍ରୋଭିନସିଆଲ ଆର୍ମ୍ଡ କନଷ୍ଟାବୁଲାରୀ (ପିଏସି) ଟ୍ରେନିଂ ସେଣ୍ଟରରେ ଏଭଳି ଘଟଣା ଘଟିଛି। ଏହାକୁ ନେଇ ବୁଧବାର ସକାଳ ୮ଟାରେ ଟ୍ରେନି ମହିଳା କନଷ୍ଟେବଲମାନେ ବିକ୍ଷୋଭ କରିଛନ୍ତି। ୬୦୦ ମହିଳା କନଷ୍ଟେବଲ କାନ୍ଦି କାନ୍ଦି ପ୍ରଶିକ୍ଷଣ କେନ୍ଦ୍ରର ବାହାରକୁ ଆସି ଯାଇଛନ୍ତି। ସେମାନେ ଏହି କେନ୍ଦ୍ରର ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି।

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗୁରୁବାର ଏହି ପ୍ରଶିକ୍ଷଣ କେନ୍ଦ୍ର ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ସେ ଗୋରଖପୁରରେ ପହଞ୍ଚି ଯାଇଛନ୍ତି। ମାତ୍ର ଏହାର ଦିନକ ପୂର୍ବରୁ ଏଭଳି ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳା କନଷ୍ଟେବଲ କହିଛନ୍ତି ଯେ ପ୍ରଶିକ୍ଷଣ କେନ୍ଦ୍ରର ଗାଧୁଆଘରେ କ୍ୟାମେରା ଲାଗିଛି। ଆମ ଭିଡିଓ ରେକର୍ଡ କରାଯାଇଛି। ଏ ସବୁକୁ ଫେରାଇ ହେବ କି? ଏବେ କ'ଣ ହେବ? କାଲି କିଛି ଅଧିକାରୀ ଆସିଥିଲେ। ସେମାନେ ଆମକୁ ଗାଳି ଦେଇ ଚାଲିଗଲେ। କିନ୍ତୁ କିଛି ଶୁଣି ନ ଥିଲେ। ଅନ୍ୟ ଜଣେ ମହିଳା ଟ୍ରେନିଂ ସେଣ୍ଟରରେ ଥିବା ଅବ୍ୟବସ୍ଥା ବିଷୟରେ ମଧ୍ୟ ମୁହଁ ଖୋଲିଛନ୍ତି। ୩୬୦ ମହିଳା ରହିବାର ବ୍ୟବସ୍ଥା ଥିବାବେଳେ ୬୦୦ ଜଣ ରହୁଛନ୍ତି। ରାତିସାରା ବିଦ୍ୟୁତ ଆସୁନାହିଁ। ଜେନେରେଟରର ମଧ୍ୟ ବ୍ୟବସ୍ଥା ନାହିଁ। ସେଥିପାଇଁ ସାରା ରାତି ଅନିଦ୍ରା ହେବାକୁ ପଡୁଛି। ସକାଳେ ଗାଧୁଆଘରେ ପାଣି ମଧ୍ୟ ଆସୁନି। ପିଇବାକୁ ମାତ୍ର ଅଧ ଲିଟର ପାଣି ଦିଆଯାଉଛି। ଦିଆ ଯାଉଥିବା ଖାଦ୍ୟର ମାନ ମଧ୍ୟ ଠିକ୍ ରହୁ ନାହିଁ। ଏହି ସବୁ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ପ୍ରଶିକ୍ଷଣ କେନ୍ଦ୍ର ଭିତରକୁ ଯିବୁ ନାହିଁ ବୋଲି ବିକ୍ଷୋଭକାରୀ କହିଥିଲେ। ସେହିପରି ମହିଳାଙ୍କ ଗର୍ଭ ଯାଞ୍ଚ କରିବାକୁ ଡିଆଇଜି ରୋହନ ପି ନିର୍ଦ୍ଦେଶ ଜାରି କରିଥିଲେ। ଏଥିପାଇଁ ସିଏମଓକୁ ଚିଠି ଲେଖି ମେଡିକାଲ ଟିମ୍ ଡକା ଯାଇଥିଲା। ଏହି ଆଦେଶକୁ ମଧ୍ୟ ମହିଳା କନଷ୍ଟେବଲ ବିରୋଧ କରିଥିଲେ। ତେବେ ପରେ ଆଇଜି ଟ୍ରେନିଂ ଚନ୍ଦ୍ର ପ୍ରକାଶ ଏହି ନିର୍ଦ୍ଦେଶକୁ ପ୍ରତ୍ୟାହାର କରି ନେଇଥିଲେ। ଗର୍ଭବତୀ ମହିଳା ସୂଚନା ଦେଇ ବ୍ୟାଚ୍‌ରୁ ଯାଇପାରିବେ ବୋଲି କହିଥିଲେ।

### କାନ୍ଦିଲେ ୬୦୦ ମହିଳା କନେଷ୍ଟବଲ

ଏହି ହଙ୍ଗାମାର ସୂଚନା ମିଳିବା ପରେ ଅଧିକାରୀଙ୍କ ନିଦ ହଜି ଯାଇଥିଲା। ତେଣୁ ପ୍ରଶିକ୍ଷଣ କେନ୍ଦ୍ରରେ ଟ୍ରେନର ଏବଂ ଏଡିଜିଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ପହଞ୍ଚି ଯାଇଥିଲେ। ମହିଳା କନଷ୍ଟେବଲଙ୍କୁ ୫-୬ ଘଣ୍ଟା ପର୍ଯ୍ୟନ୍ତ ବୁଝାଇ ଭିତରକୁ ନେଇ ଯାଇଥିଲେ। ତାଙ୍କୁ ସୁରକ୍ଷାର ଭରସା ଦେଇଥିଲେ। ସେମାନେ ଗାଧୁଆଘରର ଗ୍ୟାଲେରିରେ ଲାଗିଥିବା କ୍ୟାମେରା ହଟାଇବାକୁ ଦାବି କରିଥିଲେ। ରାଜି ହେବା ପରେ ଏହି ମାମଲା ଶାନ୍ତ ହୋଇଥିଲା। ତେବେ ଏହି ମାମଲା ଲକ୍ଷ୍ନୌ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ଅଭଦ୍ର ଭାଷା କହିଥିବାରୁ ଫିଜିକାଲ ଟ୍ରେନିଂ ଇନଷ୍ଟ୍ରକ୍ଟର (ପିଟିଆଇ)ଙ୍କୁ ନିଲମ୍ବନ କରିଦିଆଯାଇଛି। ସେହିପରି ଡିଜିପି ରାଜୀବ କୃଷ୍ଣ ନୋଟିସ ଦେବାର କିଛି ସମୟ ମଧ୍ୟରେ ଅଧିକାରୀଙ୍କ ସହ ବୈଠକ କରିଛନ୍ତି। ଏଥିରେ ସବୁ ପୁଲିସ ଟ୍ରେନିଂ ସେଣ୍ଟର, ପିଏସି, ଟ୍ରେନିଂ ଇନଷ୍ଟିଚ୍ୟୁଟ ଏବଂ କଲେଜର ପ୍ରମୁଖମାନେ ସାମିଲ ହୋଇଥିଲେ। ପିଏସି ଅଧିକାରୀଙ୍କୁ ଡିଜିପି ତୀବ୍ର ଭର୍ତ୍ସନା କରିଥିଲେ। ଟ୍ରେନିଂ ତାରିଖ ପୂର୍ବରୁ ଧାର୍ଯ୍ୟ ହୋଇଥିବା ସତ୍ତ୍ୱେ ଅବ୍ୟବସ୍ଥା କେମିତି ହେଲା ବୋଲି ପଚାରିଥିଲେ। ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଏହାକୁ ନେଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ଯଦି ମୁଖ୍ୟ ନଗରୀର ସ୍ଥିତି ଏପରି ତେବେ ଅନ୍ୟ କେନ୍ଦ୍ରରେ କ'ଣ ହେଉ ନ ଥିବ। ବିଜେପି ଖାଲି ସ୍ଲୋଗାନରେ ନାରୀ ବନ୍ଦନା କଥା କହୁଛି ବୋଲି ସେ ଅଭିଯୋଗ କରିଛନ୍ତି।

## ଚୀନ୍ ନାଗରିକଙ୍କୁ ୫ ବର୍ଷପରେ ଭିସା ଦେବ ଭାରତ

ନୂଆଦିଲ୍ଲୀ/ବେଜିଂ, ୨୩।୭(ଏଜେନ୍ସି): ପୁଣିଥରେ ଚୀନ୍ ନାଗରିକଙ୍କ ପାଇଁ ଭାରତ ତା'ର ଦ୍ୱାର ଖୋଲିବାକୁ ଯାଉଛି। ଦୀର୍ଘ ୫ ବର୍ଷ ପରେ ଚୀନ୍ ନାଗରିକଙ୍କୁ ଭାରତ ପ୍ରଥମଥର ପାଇଁ ଭିସା ଦେବ। ବେଜିଂସ୍ଥିତ ଭରାତୀୟ ଦୂତାବାସ ଏ ନେଇ ସୂଚନା ଦେଇଛି। ୨୦୨୦ରେ କରୋନା ମହମାରୀ ପାଇଁ ଭିସା ପ୍ରକ୍ରିୟା ବନ୍ଦଥିଲା। ଏହାପରେ ୨୦୨୦ ଜୁନ୍‌ରେ ଗଲୱାନ ଘାଟିରେ ସୈନିକମାନଙ୍କ ମଧ୍ୟରେ ହୋଇଥିବା ସଂଘର୍ଷ ପାଇଁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଆହୁରି ଖରାପ୍ ହୋଇଥିଲା। ଭିସା ଦେବା ପ୍ରକ୍ରିୟା ଗୁରୁବାରଠାରୁ ଆରମ୍ଭ ହେବ। ଚୀନ ସରକାରୀ ଗଣମାଧ୍ୟମ ଗ୍ଲୋବାଲ ଟାଇମ୍ସ ମଧ୍ୟ ଏ ନେଇ ଖବର ପରିବେଷଣ କରିଛି। ଫଳରେ ଚୀନ୍ ନାଗରିକ ଭାରତ ଆସିବା ନେଇ ପଥ ପରିଷ୍କାର ହୋଇଛି।

ଭାରତ ଭ୍ରମଣ କରିବାକୁ ଚୀନ୍ ନାଗରିକ ଏବେ ଭିସା ଆବେଦନ କରିପାରିବେ ବୋଲି ଭାରତୀୟ ଦୂତାବାସ ତରଫରୁ କୁହାଯାଇଛି। ଏଥିପାଇଁ ପ୍ରଥମେ ଅନ୍‌ଲାଇନ୍ ଆବେଦନ ଫର୍ମ ପୂରଣ କରିବାକୁ ହେବ ଓ ୱେବ୍‌ସାଇଟ୍‌ରେ ଆପଏଣ୍ଟମେଣ୍ଟ ନେବାକୁ ହେବ। ଏହାପରେ ନିଜର ପାସପୋର୍ଟ ଓ ଆବଶ୍ୟକୀୟ କାଗଜପତ୍ର ନେଇ ଭିସା କେନ୍ଦ୍ରକୁ ଯିବାକୁ ହେବ। ଏହି ଭିସା କେନ୍ଦ୍ର ବେଜିଂ, ସାଂଘାଇ, ଗୁଆଙ୍ଗଝୁ ଭଳି ସହରରେ ରହିଛି। ଆବେଦନକାରୀ ଏହି କେନ୍ଦ୍ରଗୁଡିକୁ ଯାଇ ଆବେଦନ କରିପାରିବେ ବୋଲି କୁହାଯାଉଛି।

### ଆଜିଠୁ ଆବେଦନ ଆରମ୍ଭ

କରୋନା ମହାମାରୀ ସମୟରେ ସବୁ ପର୍ଯ୍ୟଟକଙ୍କ ଭିସାକୁ ଭାରତ ବାତିଲ କରିଥିଲା। ଏହାପରେ ଗଲୱାନ ସଂଘର୍ଷ ପାଇଁ ଦୁଇ ଦେଶର ସମ୍ପର୍କ ଆହୁରି ଖରାପ ହୋଇଥିଲା। ୨୦୨୨ ଏପ୍ରିଲରେ ଅନ୍ତର୍ଜାତୀୟ ବାୟୁ ପରିବହନ ସଂଘ (ଆଇଏଟିଏ) ଚୀନ ନାଗରିକଙ୍କ ସବୁ ପର୍ଯ୍ୟଟକ ଭିସାକୁ ବାତିଲ କରିଥିଲା। ସେତେବେଳେ ଚୀନ୍ ମଧ୍ୟ ୨୨, ୦୦୦ ଭାରତୀୟ ଛାତ୍ରଙ୍କୁ ପୁଣି ଚୀନ୍ ଯିବାକୁ ଅନୁମତି ଦେଇ ନ ଥିଲା। ଏହାପରେ ଭାରତ ଯେସାକୁ ତେସା ନୀତିରେ ଚୀନ୍ ନାଗରିକଙ୍କ ଟୁରିଷ୍ଟ ଭିସାକୁ ବାତିଲ କରି ଦେଇଥିଲା। କିନ୍ତୁ ୨୦୨୨ ଜୁନ୍‌ରେ ଚୀନ୍ ଭାରତୀୟ ପର୍ଯ୍ୟଟକଙ୍କୁ ଭିସା ଆବେଦନ ପାଇଁ ଅନୁମତି ଦେଇଥିଲା। ସାଧାରଣତଃ ୯୦ଦିନ ବୈଧ ରହିଥିବା ଭିସାକୁ ଚୀନ ୩୦ ଦିନ ପର୍ଯ୍ୟନ୍ତ ସୀମିତ ରଖିଥିଲା। ଏହାପରେ ଚୀନ ଭାରତୀୟ ନାଗରିକଙ୍କୁ ସବୁ ପ୍ରକାର ଭିସା ଦେବା ପ୍ରକ୍ରିୟା ଆରମ୍ଭ କରିଥିଲା। ଗଲୱାନ ସଂଘର୍ଷରେ ୨୦ ଭାରତୀୟ ଓ ୪୦ ଚୀନ୍ ନାଗରିକ ମୃତ୍ୟୁବରଣ କରିବାପରେ ସମ୍ପର୍କ ଆହୁରି ଖରାପ୍ ହୋଇଥିଲା। ଆମେରିକା ସହିତ ଚାଲିଥିବା ଟ୍ରେଡ ୱାରକୁ ଦୃଷ୍ଟିରଖି ଚୀନ୍ ଭାରତୀୟ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବା ପାଇଁ ଗତ ଏପ୍ରିଲ ୯ ପର୍ଯ୍ୟନ୍ତ ୮୫, ୦୦୦ ଭାରତୀୟ ନାଗରିକଙ୍କୁ ଭିସା ଦେଇସାରିଛି।

## ବିନା ଭିସାରେ ୫୯ ଦେଶକୁ ଯାଇପାରିବେ ଭାରତୀୟ

### ପାସ୍‌ପୋର୍ଟ ର୍ୟାଙ୍କିଙ୍ଗ୍‌ରେ ୭୭ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ, ୨୩।୭(ଏଜେନ୍ସି): ଭାରତୀୟ ନାଗରିକ ବିନା ଭିସାରେ ୫୯ଟି ଦେଶକୁ ଯାଇପାରିବେ। ମଙ୍ଗଳବାର ପ୍ରକାଶିତ ପାର୍ସପୋର୍ଟ ଇଣ୍ଡେକ୍ସରେ ଏ ନେଇ ସୂଚନା ଦିଆଯାଇଛି। ବିଶ୍ୱ ପାସପୋର୍ଟ ର୍ୟାଙ୍କିଙ୍ଗ୍‌ରେ ଭାରତ ୭୭ତମ ସ୍ଥାନରେ ରହିଛି। ବିଶ୍ୱର ବିଭିନ୍ନ ଦେଶର ପାସପୋର୍ଟର ଭିସା- ଫ୍ରି ଯାତ୍ରା ସଂଖ୍ୟାକୁ ଆଧାର କରି ଏହି ର୍ୟାଙ୍କିଙ୍ଗ୍ ଜାରି କରାଯାଇଛି। ଗତବର୍ଷ ଭାରତ ୮୫ତମ ସ୍ଥାନରେ ରହିଥିଲା। ଅନ୍ୟପଟେ ପାକିସ୍ତାନ ଏହି ର୍ୟାଙ୍କିଙ୍ଗ୍‌ରେ ୯୬ତମ ସ୍ଥାନରେ ରହିଛି। ଫଳରେ ଭାରତ ୮ ସ୍ଥାନ ଉପରକୁ ଉଠିଛି ଓ ର୍ୟାଙ୍କିଙ୍ଗ୍‌ରେ ସୁଧାର ଆସିଛି। କିନ୍ତୁ ଭିସାମୁକ୍ତ ଯାତ୍ରା ସଂଖ୍ୟାରେ ଅବନତୀ ହୋଇଛି। ୨୦୨୪ରେ ଭାରତୀୟ ପାସପୋର୍ଟ ଧାରକ ୬୨ ଦେଶକୁ ବିନା ଭିଜାରେ ଯାତ୍ରା କରୁଥିଲେ ଓ ଏବେ ଏହା ୫୯କୁ କମିଛି। ଏହି ମାନ୍ୟତାରେ ସିଙ୍ଗାପୁର ଶୀର୍ଷରେ ରହିଛି। ସିଙ୍ଗାପୁର ପାସପୋର୍ଟଧାରୀ ନାଗରିକ ୧୯୩ଟି ଦେଶକୁ ବିନା ଭିସାରେ ଯାତ୍ରା କରିପାରିବେ। ସେହିପରି ୧୯୦ଟି ଦେଶକୁ ବିନା ଭିସାରେ ଯାତ୍ରା କରିବାକୁ ଅନୁମତି ପାଇଥିବା ଜାପାନ ଓ ଦକ୍ଷିଣ କୋରିଆ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଡେନମାର୍କ, ଫିନଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ଆୟର୍ଲାଣ୍ଡ, ଇଟାଲୀ ଓ ସ୍ପେନ ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ଦେଶଗୁଡିକ ନାଗରିକମାନେ ବିନା ଭିସାରେ ୧୮୯ ଦେଶକୁ ଯାଇପାରିବେ। ବିନା ଭିସାରେ ଭାରତୀୟ ନାଗରିକ ୧୯ ଆଫ୍ରିକୀୟ ଦେଶ, ୧୦ ଏସୀୟ ଦେଶ, ୧୦ ଉତ୍ତରଆମେରିକା ଦେଶ, ୧୦ ଓସମାନିଆ ଦେଶ ଓ ଗୋଟିଏ ଦକ୍ଷିଣ ଆମେରିକା ଦେଶକୁ ଯାତ୍ରା କରିପାରିବେ।



## ଜଷ୍ଟିସ ବର୍ମାଙ୍କ ମାମଲା ଶୁଣାଣିରୁ ଓହରିଲେ ପ୍ରଧାନବିଚାରପତି

ନୂଆଦିଲ୍ଲୀ, ୨୩।୭(ଏଜେନ୍ସି): ବୁଧବାର ସୁପ୍ରିମକୋର୍ଟରେ ବହୁ ଚର୍ଚ୍ଚିତ ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ଘରୁ ଟଙ୍କା ଜବତ ମାମଲାର ଶୁଣାଣି ହୋଇଛି। କିନ୍ତୁ ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇ ଏହି ଶୁଣାଣିରୁ ଓହରି ଯାଇଛନ୍ତି। ଏହି ମାମଲାର ଶୁଣାଣିରେ ସାମିଲ ହେବା ମୋ ପାଇଁ ଉଚିତ ହେବ ନାହିଁ। ପୂର୍ବରୁ ଏହି ମାମଲାର ଶୁଣାଣିରେ ରହିଥିବାରୁ ଏଥିରେ ସାମିଲ ହେବେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଗତ ୧୯ରେ ଜଷ୍ଟିସ ବର୍ମା ସୁପ୍ରିମକୋର୍ଟରେ ଏ ମାମଲାର ଶୁଣାଣି ପାଇଁ ଆବେଦନ କରିଥିଲେ। ସେ ଇନ୍ ହାଉସ୍ କମିଟି ରିପୋର୍ଟ ଓ ମହାଭିଯୋଗ ନେଇ ହୋଇଥିବା ସୁପାରିସ୍ ରଦ୍ଦ ପାଇଁ ଆବେଦନ କରିଥିଲେ। ଘରେ ଅଧାଜଳା ନଗଦ ଟଙ୍କା ମିଳିବା ନେଇ ଜଷ୍ଟିସ ବର୍ମାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ସୁପ୍ରିମକୋର୍ଟରେ ଜଷ୍ଟିସ ବର୍ମାଙ୍କ ତରଫରୁ ବରିଷ୍ଠ ଓକିଲ କପିଲ ସିବଲ ଦଲିଲ ଉପସ୍ଥାପନା କରିଥିଲେ। ଏହି ମାମଲାରେ ସାମ୍ବିଧାନିକ ସମସ୍ୟା ରହିଛି। ତେଣୁ ଯଥାଶୀଘ୍ର ଖଣ୍ଡପୀଠ ଗଠନ କରିବାକୁ ସେ ଅନୁରୋଧ କରିଥିଲେ। ସୁପ୍ରିମକୋର୍ଟ ମଧ୍ୟ ଏଥିରେ ସହମତି ପ୍ରକାଶ କରିଥିଲେ ଓ ନୂଆ ବେଞ୍ଚ ଗଠନ କରିବାକୁ କହିଥିଲେ। ସେପଟେ ପାର୍ଲାମେଣ୍ଟରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ପାରିତ କରିବା ନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ତାଙ୍କୁ ହଟାଇବାକୁ ୧୫୨ ସାଂସଦ ଗତ ୨୧ ତାରିଖରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ସେହିପରି ରାଜ୍ୟ ସଭାରେ ପ୍ରସ୍ତାବ ପାରିତ କରିବାକୁ ୫୦ ସାଂସଦ ସ୍ୱାକ୍ଷର କରିଛନ୍ତି। ଘରୁ ମିଳିଥିବା ନଗଦ ଟଙ୍କା ମୋର ବୋଲି କୌଣସି ପ୍ରମାଣ ନ ଥିବା ସେ କହିଛନ୍ତି। ଇତିମଧ୍ୟରେ ମୌସୁମୀ ଅଧିବେଶନ ଆରମ୍ଭ ହୋଇଛି ଓ ଏହି ପ୍ରସ୍ତାବ ପାରିତ ହେବ ବୋଲି ଆଶା କରାଯାଉଛି।

**ଜଷ୍ଟିସ ବର୍ମାଙ୍କ ପିଟିସନ ବିଚାର ପାଇଁ ଗୃହୀତ**

**ସ୍ୱତନ୍ତ୍ର ବେଞ୍ଚରେ ହେବ ଆବେଦନର ଶୁଣାଣି**



## ଅସ୍ତ୍ରବିରତି କରାଇବାକୁ ଟ୍ରମ୍ପ କିଏ, ମୋଦୀ ଜବାବ ଦିଅନ୍ତୁ: ରାହୁଲ ଗାନ୍ଧୀ

ୱାସିଂଟନ/ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଭାରତ-ପାକିସ୍ତାନ ସଂଘର୍ଷକୁ ନେଇ ପୁଣି ନିଜ ଦାବି ଦୋହରାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏହି ସଂଘର୍ଷରେ ୫ଟି ଲଢୁଆ ବିମାନ ଖସା ଯାଇଥିଲା ଏବଂ ସେ ଅସ୍ତ୍ରବିରତି କରାଇଥିବା କହିଛନ୍ତି। ସେ ମଙ୍ଗଳବାର ହ୍ୱାଇଟ ହାଉସର ଏକ କାର୍ଯ୍ୟକ୍ରମରେ ଏହି ଟିପ୍ପଣୀ ଦେଇଛନ୍ତି। ଟ୍ରମ୍ପ କହିଥିଲେ ଯେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବହୁତ ବଢ଼ି ଯାଇଥିଲା। ୫ଟି ଲଢୁଆ ବିମାନ ଖସା ଯାଇଥିଲା। କୌଣସି ସମୟରେ ପରମାଣୁ ଅସ୍ତ୍ର ବ୍ୟବହାରର ଭୟ ଦେଖା ଦେଇଥିଲା। ତେଣୁ ସେ ହସ୍ତକ୍ଷେପ କରି ଏହାକୁ ବନ୍ଦ କରାଇ ଥିଲେ। ଏଣେ ଏହି ପ୍ରସଙ୍ଗକୁ ନେଇ ଭାରତୀୟ ସଂସଦ ଅଚଳ ରହିଛି। ବିରୋଧୀଙ୍କ ଦାବି ପରେ 'ଅପରେସନ ସିନ୍ଦୂର'କୁ ନେଇ ସରକାର ଚର୍ଚ୍ଚା ପାଇଁ ରାଜି ହୋଇଛନ୍ତି। ତେବେ ଏହାକୁ ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ସରକାରଙ୍କୁ ଘେରିଛନ୍ତି।

ମୌସୁମୀ ଅଧିବେଶନରେ ଭାଗ ନେବା ପରେ ରାହୁଲ କହିଛନ୍ତି ଯେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରିଥିବା ନେଇ ଟ୍ରମ୍ପ ୨୫ ଥର ଦାବି କଲେଣି। ଟ୍ରମ୍ପ କିଏ? ଏହା ତାଙ୍କ କାମ ନୁହେଁ। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ସମ୍ପୂର୍ଣ୍ଣ ନିରବ ରହିଛନ୍ତି। ସେ ଥରେ ହେଲେ ବି ଟ୍ରମ୍ପଙ୍କୁ ଜବାବ ଦେଇନାହାନ୍ତି। ପ୍ରଧାନମନ୍ତ୍ରୀ କ'ଣ କହିବେ? ପାକିସ୍ତାନ ସହ ଚୁକ୍ତିରେ ଟ୍ରମ୍ପ ସହାୟତା କରିଥିଲେ ବୋଲି କେମିତି କହିବେ? ଟ୍ରମ୍ପ ଅସ୍ତ୍ରବିରତିଘୋଷଣା କରିଥିଲେ ବୋଲି ସାରା ବିଶ୍ୱ ଜାଣିଛି। କିନ୍ତୁ ଏହା ପ୍ରଧାନମନ୍ତ୍ରୀ କହିପାରିବେ ନାହିଁ। ଯେଉଁ ଲୋକ ନିଜକୁ ଦେଶଭକ୍ତ କହୁଛନ୍ତି ସିଏ ପଳାଇ ଯାଇଛନ୍ତି। କେନ୍ଦ୍ର ସରକାର ବିଦେଶୀ ନୀତିକୁ ବର୍ବାଦ କରିଦେଇଛନ୍ତି।

### ପୁଣି ଅହମଦାବାଦରେ ଅଘଟଣ; ଆସିଲା 'ମେଡେ' କଲ୍

## ଇଣ୍ଡିଗୋ ବିମାନରେ ଲାଗିଗଲା ନିଆଁ

ଅହମଦାବାଦ, ୨୩।୭ (ଏଜେନ୍ସି): ଅହମଦାବାଦରେ ପୁଣି ବଡ଼ ଅଘଟଣ ଘଟିଛି। ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୭୫ ଜଣଙ୍କ ଜୀବନ ଯିବା ଘଟଣା ମନରୁ ଯାଇ ନ ଥିବାବେଳେ ଦେଢ଼ ମାସ ଭିତରେ ଆଉ ଏକ ବିମାନରୁ 'ମେଡେ' କଲ୍ ଆସିଛି। ବୁଧବାର ସକାଳ ୧୧ଟା୧୫ରେ ଉଡ଼ାଣ ଆରମ୍ଭ ହେବାର ମିନିଟିଏ ପୂର୍ବରୁ ଅହମଦାବାଦରୁ ଡିଉ ଯାଉଥିବା ଇଣ୍ଡିଗୋ ବିମାନ (ଏଟିଆର୭୬)ର ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ଏଥିଯୋଗୁଁ ପାଇଲଟ୍ ଏହି କଲ୍ ଦେଇଥିଲେ। ପରେ ଉଡ଼ାଣକୁ ବନ୍ଦ କରିଦିଆଯାଇଛି। ଏହି ବିମାନ ୬୦ ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କୁ ନେଇ ଯାଉଥିଲା। ଏହି ସୂଚନା ମିଳିବା ପରେ ଯାତ୍ରୀଙ୍କୁ ତୁରନ୍ତ ବିମାନରୁ ବାହାର କରିଦିଆଯାଇଥିଲା। ଏବେ ମାମଲାର ଯାଞ୍ଚ ଜାରି ରହିଛି। ଇଣ୍ଡିଗୋ ପକ୍ଷରୁ କୁହାଯାଇଛି ଯେ ଉଡ଼ାଣ ପୂର୍ବରୁ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖା ଯାଇଥିଲା। ଏଥିରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ପରବର୍ତ୍ତୀ ବିମାନରେ ଗନ୍ତବ୍ୟ ସ୍ଥଳକୁ ପଠାଯିବ। ଯଦି ସେମାନେ ଚାହିଁବେ ଟିକଟ ରଦ୍ଦ କରି ଅର୍ଥ ମଧ୍ୟ ଫେରସ୍ତ ନେଇପାରିବେ। ଗତ କିଛି ଦିନ ମଧ୍ୟରେ ତିନୋଟି ଇଣ୍ଡିଗୋ ବିମାନ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହେଲାଣି।

### ମହିଳା ଆଇପିଏସଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ଶଶୁର ଘର ଲୋକଙ୍କୁ ନିଃସର୍ତ୍ତ କ୍ଷମା ମାଗ

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ନିଜ ପଦର ଅପବ୍ୟବହାର କରି ଶଶୁର ଘର ଲୋକଙ୍କ ବିରୋଧରେ ଅନେକ ମିଥ୍ୟା ମାମଲା ରୁଜୁ କରିବା ଜଣେ ମହିଳା ଆଇପିଏସ ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଏହାକୁ ନେଇ ସୁପ୍ରିମକୋର୍ଟ ମହିଳାଙ୍କୁ ସମାଲୋଚନା କରିଛନ୍ତି। ସ୍ୱାମୀ ଏବଂ ଶଶୁର ଘର ଲୋକଙ୍କୁ ନିଃସର୍ତ୍ତ କ୍ଷମା ମାଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସବୁ ଆପରାଧିକ ମାମଲାକୁ ରଦ୍ଦ କରିଦେଇଛନ୍ତି। ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କ ଖଣ୍ଡପୀଠ ମଙ୍ଗଳବାର କହିଥିଲେ ଯେ ଏହି ମାମଲା ପାଇଁ ସ୍ୱାମୀଙ୍କୁ ୧୦୯ ଦିନ ଏବଂ ଶଶୁରଙ୍କୁ ୧୦୩ ଦିନ ଜେଲ୍‌ରେ ରହିବାକୁ ପଡ଼ିଥିଲା। ସେମାନେ ଯାହା ସହିଛନ୍ତି ତାହାକୁ କେବେ ବି ଭରଣା କରିହେବ ନାହିଁ। ତେଣୁ ଇଂରାଜୀ ଏବଂ ହିନ୍ଦୀରେ କ୍ଷମା ପ୍ରାର୍ଥନା ଲେଖି ତାହାକୁ ପ୍ରସିଦ୍ଧ ଖବରକାଗଜର ରାଷ୍ଟ୍ରୀୟ ସଂସ୍କରଣରେ ଛପାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାର ତିନି ଦିନ ଭିତରେ ଫେସବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବ ଭଳି ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ମଧ୍ୟ କ୍ଷମା ପ୍ରାର୍ଥନାକୁ ସେୟାର କରିବାକୁ ପଡ଼ିବ ବୋଲି କହିଛନ୍ତି। ୨୦୧୮ରୁ ଅଲଗା ରହୁଥିବା ଏହି ଯୋଡ଼ିଙ୍କ ଛାଡ଼ପତ୍ରକୁ ମଧ୍ୟ କୋର୍ଟ ମଞ୍ଜୁରି ଦେଇଛନ୍ତି। ଝିଅର ଦାୟିତ୍ୱ ମାଆ (ମହିଳା ଆଇପିଏସ)ଙ୍କୁ ପ୍ରଦାନ କରିଛନ୍ତି। ପୂର୍ବତନ ସ୍ୱାମୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଝିଅକୁ ଭେଟିବା ପାଇଁ ଅନୁମତି ଦେଇଛନ୍ତି।

ଏହି ମହିଳା ଅଧିକାରୀ ସ୍ୱାମୀ ଏବଂ ତାଙ୍କ ପରିବାର ବିରୋଧରେ ଆପରାଧିକ, ଛାଡ଼ପତ୍ର ଏବଂ ଭରଣପୋଷଣ ପାଇଁ ପରିବାର କୋର୍ଟରେ ମାମଲା ଦାଏର କରିଥିଲେ। ଏହାର ପ୍ରତି ବଦଳରେ ସ୍ୱାମୀ ମଧ୍ୟ ମାମଲା ରୁଜୁ କରିଥିଲେ। ପତିପତ୍ନୀ ଉଭୟ ମାମଲାକୁ ନିଜ ନିଜ କ୍ଷେତ୍ରକୁ ଟ୍ରାନ୍ସଫର କରିବାକୁ ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଥିଲେ।

**ଖବରକାଗଜରେ ଛପାଇବେ କ୍ଷମା ପ୍ରାର୍ଥନା**

**ପଦର ଅପବ୍ୟବହାର ନ କରିବାକୁ ନିର୍ଦ୍ଦେଶ**

**ଘରୋଇ ହିଂସାକୁ ନେଇ ମିଥ୍ୟା ମାମଲା ରୁଜୁ କରିଥିଲେ**

## ବଜ୍ରପାତରେ ୭ ମୃତ

ଢେଙ୍କାନାଳ/ଭଞ୍ଜନଗର/ଜଗନ୍ନାଥପ୍ରସାଦ/ଶରଣକୁଳ/ଓଡ଼ଗାଁ/ଡେଲାଙ୍ଗ, ୨୩।୭ (ସମିସ): ବଜ୍ରପାତ ଆଜି ରାଜ୍ୟରେ ୭ଜଣଙ୍କ ଜୀବନ ନେଇଛି। ଢେଙ୍କାନାଳରେ ଦୁଇ ଭାଇଙ୍କ ମୃତ୍ୟୁ ହୋଇଥିବା ବେଳେ ଗଂଜାମ ଓ ନୟାଗଡ଼ ଜିଲ୍ଲାରେ ୨ଜଣ ଲେଖାଏଁ ଏବଂ ପୁରୀ ଜିଲ୍ଲାରେ ଜଣେ ପ୍ରାଣ ହରାଇଛନ୍ତି।

ସୂଚନାନୁଯାୟୀ, ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ମହୁଲପଡ଼ା ପଥର ଖଣିରେ ବଜ୍ରପାତ ଘଟି ଦୁଇ ଭାଇଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, କଟକ ଜିଲ୍ଲା ଖୁଣ୍ଟୁଣି ଥାନା ମହାଲକ୍ଷ୍ମୀପୁରର କୃଷ୍ଣଚନ୍ଦ୍ର ଦେହୁରୀଙ୍କ ପୁଅ କମଳାକାନ୍ତ ଦେହୁରୀ ଓ ନରେଶ ଦେହୁରୀ। ବୁଧବାର ଅପରାହ୍ଣରେ ଦୁହେଁ ମହୁଲପଡ଼ା ଗ୍ରାମ ନିକଟ ପଥରଖଣିରେ ପଥର କାଟୁଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ଦୁଇ ଭାଇଙ୍କ ସମେତ ସେହି ଗ୍ରାମର ଶ୍ରୀକାନ୍ତ ଦେହୁରୀଙ୍କ ପୁଅ ମିଥୁନ କିସ୍କୁ ଓ ଦିବା ଜାରିକା ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀ ସମସ୍ତଙ୍କୁ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ କମଳାକାନ୍ତ ଓ ନରେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଗଂଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ଖାରିଗୁଡ଼ା ଗାଁରେ ବଜ୍ରପାତରେ ଜଣେ ଗାଈ ଜଗୁଆଳି ପ୍ରାଣ ହରାଇଛନ୍ତି। ମୃତକ ହେଲେ, ଖାରିଗୁଡ଼ା ଗାଁର ଉଦୟ ପ୍ରଧାନଙ୍କ ପୁଅ ବସନ୍ତ ପ୍ରଧାନ (୩୮)। ବୁଧବାର ଗାଈଗୋଠ ଧରି ସେ ଗାଁ ପାଖ ଜଙ୍ଗଲକୁ ଯାଇଥିବା ବେଳେ ଅପରାହ୍ଣରେ ବର୍ଷା ପବନ ହୋଇଥିଲା। ଏହି ସମୟରେ ସେ ସେ ଗୋରୁପଲ ଧରି ଘରକୁ ଫେରୁଥିବାବେଳେ ବାଟରେ ବଜ୍ରପାତରେ ଟଳିପଡ଼ିଥିଲେ। ପରିବାରଲୋକ ତାଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଜଗନ୍ନାଥପ୍ରସାଦ ଥାନା ଅଲାଡି ପଞ୍ଚାୟତର ଅଲାଡ଼ି ଗ୍ରାମର ସନ୍ତୋଷିନୀ ବିଶ୍ୱାଳ (୫୦)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସନ୍ତୋଷିନୀ ଶ୍ରମିକ ଭାବେ କାମ କରନ୍ତି। ପ୍ରତିଦିନ ଭଳି ଆଜି ସାଥୀ ଶ୍ରମିକମାନଙ୍କ ସହ ବିଲରେ କାମ କରୁଥିବା ସମୟରେ ବଜ୍ରପାତରେ ଟଳି ପଡ଼ିଥିଲେ।

ଅନ୍ୟ ଏକ ଘଟଣାକ୍ରମେ, ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅନ୍ତର୍ଗତ ଶିଖରପୁର ମଣ୍ଡପସାହିର ସୁଦର୍ଶନ ପଲେଇଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ଦୁଇ ସହଯୋଗୀ ଶଙ୍କର୍ଷଣ ଓ ମଦନ ମୋହନଙ୍କ ସହ ସୁଦର୍ଶନ ଆଜି ସକାଳୁ ଗାଁ ନିକଟରେ ଥିବା ସାହାଡ଼ାମାଳ ଗହୀରର ଭିନ୍ନଭିନ୍ନ ଜମିକୁ କାମ କରିବା ପାଇଁ ଯାଇଥିଲେ। ଦିନ ପ୍ରାୟ ୩ଟାରେ ବର୍ଷା ସହ ବଜ୍ରପାତ ହେବାରୁ ୩ଜଣ ଯାକ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ସୁଦର୍ଶନଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଓଡ଼ଗାଁ ବ୍ଲକ୍ ଗିରିଡ଼ିପଲ୍ଲୀ ପଞ୍ଚାୟତର ଅପର୍ତ୍ତି ନାହକ (୭୦) ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ତାଙ୍କର ମୃତ୍ୟୁ ହୋଇଛି। ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ସୁଜନପୁର ପଞ୍ଚାୟତ ଅନ୍ତର୍ଗତ କଅଁଳପଡା ଗ୍ରାମରେ ମଧ୍ୟ ବଜ୍ରପାତ ଜଣଙ୍କ ଜୀବନ ନେଇଛି। ଗ୍ରାମର ରବି ବେହେରାଙ୍କ ପୁଅ ସାଗର(୨୭) ବୁଧବାର ବିଲରେ କାମ କରୁଥିବା ବେଳେ ଏହି ଅଘଟଣ ଘଟିଥିଲା।

## ଭୁବନେଶ୍ୱର-ଝାରସୁଗୁଡ଼ା ବିମାନ ସେବା ଆରମ୍ଭ କରିବ ଷ୍ଟାର୍ଏୟାର

**ଝାରସୁଗୁଡ଼ା, ୨୩।୭ (ସମିସ):** ଭୁବନେଶ୍ୱର-ଝାରସୁଗୁଡ଼ା ମଧ୍ୟରେ ବିମାନ ସେବା ଆରମ୍ଭ କରିବାକୁ ଯାଉଛି ଷ୍ଟାର୍ଏୟାର୍। ଆସନ୍ତା ୧୬ ତାରିଖରୁ ଏହି ବିମାନ ସେବା ଆରମ୍ଭ ହେବ। ଏହାର ଟିକେଟ୍ ମୂଲ୍ୟ ୧୫୯୯ ଟଙ୍କା ରହିବ ବୋଲି ଜଣାଯାଇଛି। ଝାରସୁଗୁଡ଼ାକୁ ଭୁବନେଶ୍ୱର ସହ ଯୋଡ଼ିବା ଦ୍ୱାରା ଓଡ଼ିଶାର ଆଞ୍ଚଳିକ ସଂଯୋଗ ବୃଦ୍ଧି ସହିତ ଆର୍ଥିକ ବିକାଶରେ ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ପଶ୍ଚିମ ଓଡ଼ିଶାର ଶିଳ୍ପ ଗଡ଼ ଭାବେ ପରିଚିତ ଝାରସୁଗୁଡ଼ା କୋଇଲା, ଆଲୁମିନିୟମ୍ ଓ ଥର୍ମାଲ୍ ପାୱାର୍ ଶିଳ୍ପ ଓ ଖଣିର ମୁଖ୍ୟ କେନ୍ଦ୍ର। ଏହାସହ ରାଜ୍ୟର ପ୍ରଶାସନିକ, ଶିକ୍ଷାନୁଷ୍ଠାନ ଓ ଆଇଟି ହବ୍ ହେଉଛି ରାଜଧାନୀ ଭୁବନେଶ୍ୱର। ଷ୍ଟାର ଏୟାରର ଚିଫ୍ କମର୍ସିଆଲ ମାର୍କେଟିଂ ଅଫିସର୍ ଶିଲ୍ପା ଭାଟିଆ ଏହି ସେବା ଆରମ୍ଭ କରିବା ନେଇ ଉତ୍ସାହିତ ଥିବା କହିଛନ୍ତି। ଭୁବନେଶ୍ୱରରେ ଷ୍ଟାର୍ ଏୟାରର ପ୍ରବେଶ ଦକ୍ଷିଣ ଓଡ଼ିଶାର ବ୍ୟବସାୟ ଓ ପର୍ଯ୍ୟଟନ ଯାତ୍ରୀମାନଙ୍କ ପାଇଁ ମଧ୍ୟ ଗୋଟିଏ ସମ୍ପୂର୍ଣ୍ଣ ଓ ସୁବିଧାପୂର୍ଣ୍ଣ ବିମାନ ଯାତ୍ରା ଅନୁଭବକୁ ନିଶ୍ଚିତ କରିବ। ବର୍ତ୍ତମାନ ଷ୍ଟାର ଏୟାରର ୱେବସାଇଟ୍ ଓ ଅନ୍ୟାନ୍ୟ ଅଗ୍ରଣୀ ଟ୍ରାଭେଲ୍ ପ୍ଲାଟଫର୍ମରେ ଟିକେଟ୍ ବୁକିଂ ଉପଲବ୍ଧ ଅଛି।

### ୧୩ ମାସରେ ବ୍ୟବସ୍ଥା ଫେଲ୍; ଜନତାଙ୍କ ମଧ୍ୟରେ ଆକ୍ରୋଶର ମାହୋଲ୍

# ଅକଳରେ ସରକାର; ଦାନା ବାନ୍ଧୁଛି ଅନାସ୍ଥା

**ଭୁବନେଶ୍ୱର,୨୩।୭ (ସମିସ):** ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଏବେ ସଙ୍ଗିନ ଅବସ୍ଥାରେ ଥିବା ବେଳେ ପ୍ରତିଦିନ ମା' ଭଉଣୀଙ୍କ ଉପରେ ଘଟିଚାଲିଥିବା ନିର୍ଯାତନା, ଦୁଷ୍କର୍ମ, ହିଂସା ଭଳି ଛାତିଥରା ଘଟଣା ସୀମା ଟପିଲାଣି। ମହିଳା ନିର୍ଯାତନାକୁ ନେଇ ରାଜ୍ୟ ସରକାର ଲଗାତାର ଭାବେ ଜାତୀୟ ସ୍ତରରେ ଲଜ୍ଜିତ ହେଉଛନ୍ତି। ଓଡ଼ିଶାରେ ନାରୀ ସୁରକ୍ଷାକୁ ନେଇ ଆମେରିକା ରାଷ୍ଟ୍ରପତି ଚିନ୍ତାପ୍ରକଟ କରିବା ସହ ସେ ଦେଶର ନାଗରିକଙ୍କୁ ଓଡ଼ିଶା ନଯିବାକୁ ବାରଣ କରିଥିଲେ। ଏବେ ପୁଣି ବଲାଙ୍ଗୀ ଓ ବାଲେଶ୍ୱର ଘଟଣାକୁ ନେଇ ସୁପ୍ରିମକୋର୍ଟ ନିଜକୁ ଲଜ୍ଜିତ ମନେ କରି ଟିପ୍ପଣୀ ଦେବା ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଇଛି। ସମାନ ସମୟରେ ବିକାଶ ପ୍ରକ୍ରିୟା ମନ୍ଥର ପଡ଼ିବା, ପ୍ରଶାସନିକ ବ୍ୟବସ୍ଥା ଏକପ୍ରକାର ସ୍ଥାଣୁ ପାଲଟିଯିବାକୁ ନେଇ ରାଜ୍ୟ ବିଜେପି ସରକାର ସାଧାରଣରେ ନିନ୍ଦିତ ହେଉଛି। ସରକାରଙ୍କ ବିରୋଧରେ ସାଧାରଣରେ ଏକ ବଡ଼ ଧରଣର ନକରାତ୍ମକ ମାହୋଲ ସୃଷ୍ଟି ହୋଇଥିବା ବେଳେ ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଏହାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିବା ଆରମ୍ଭ କଲେଣି। ଆଗାମୀ ବିଧାନସଭା ମୌସୁମୀ ଅଧିବେଶନରେ ସରକାରଙ୍କୁ ଏଥିପାଇଁ ବେଶ୍ ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ। ମୁଖ୍ୟ ବିରୋଧୀ ଦଳ ବିଜେଡି ଓ ବିରୋଧୀ କଂଗ୍ରେସ ଏନେଇ ସଜବାଜ ହେଉଥିବା ବେଳେ ସରକାରଙ୍କ ବିରୋଧରେ ବର୍ତ୍ତମାନ ଅନାସ୍ଥା ଦାନା ବାନ୍ଧୁଥିବା ଉଭୟ ଦଳର ଆଭିମୁଖ୍ୟରୁ ଆପାତତଃ ସ୍ପଷ୍ଟ ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ରାଜ୍ୟରେ ବିଜେପି ସରକାର ଗଠନ କରିବାକୁ ୧୩ ମାସ ପୂରିଲାଣି। ଏହି ୧୩ ମାସ ମଧ୍ୟରେ ଦୃଢ଼ ନେତୃତ୍ୱର ଅଭାବ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ପିସି କାରବାର, ଦୁର୍ନୀତି, ଉନ୍ନୟନ ମୂଳକ କାମ ଠପ୍ ହୋଇ ପଡ଼ିବାକୁ ନେଇ ସରକାର ବେଶ୍ ଅପଦସ୍ତ ହେଲେଣି। ଏହାସହ ବରାବର ଭାବେ ନିଯୁକ୍ତି ଦୁର୍ନୀତି, ପରୀକ୍ଷା ପରିଚାଳନା ବିଭ୍ରାଟ, ରଥଯାତ୍ରା ପରିଚାଳନାରେ ମହାବିଭ୍ରାଟ ଯୋଗୁଁ ସରକାରଙ୍କ ଉପରୁ ସାଧାରଣ ଲୋକେ ବିଶ୍ୱାସ ହରାଇବାରେ ଲାଗିଛନ୍ତି। ମଦମୃତ୍ୟୁ, ହଇଜା ମୃତ୍ୟୁ, ଚାଷୀ ଆତ୍ମହତ୍ୟା ରାଜ୍ୟ ବିଜେପି ସରକାରଙ୍କ ପ୍ରତିବଦ୍ଧତା ଏବଂ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ରଥ ଉପରୁ ବଡ଼ଠାକୁର ପଡ଼ିଯିବା, ରାଜ୍ୟପାଳ ପୁଅଙ୍କ ମାଡ଼ ମାରିବା ଘଟଣାରେ ସରକାର କେବଳ ନିରବଦ୍ରଷ୍ଟା ହୋଇ ବସିରହିବାକୁ ନେଇ ବିରୋଧୀ ଦଳଠାରୁ ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ତାତିଲେଣି।

- **ମୌସୁମୀ ଅଧିବେଶନରେ ମୁଖ୍ୟ ବିରୋଧୀ ଦଳ ବିଜେଡି ପ୍ରସ୍ତାବ ଆଣୁ: ଭକ୍ତ**
- **ନାରୀ ସୁରକ୍ଷା ଲଢ଼େଇ ଜାରି ରହିଛି, ବିଧାନସଭା ନିଷ୍ପତ୍ତି ନବୀନ ନେବେ: ଦେବୀ**

ସାଧାରଣ ଲୋକ ଏବଂ ବିରୋଧୀ ଦଳଙ୍କ ଅନୁଯାୟୀ ଯାହା କେବେ ଓଡ଼ିଶା ଇତିହାସରେ ଆଗରୁ ହୋଇ ନ ଥିଲା, ତାହା ଏହି ସରକାର ଅମଳରେ ଘଟୁଛି। ଓଡ଼ିଶା ଆସିବା ପାଇଁ ଆମେରିକା ନିଜ ଦେଶର ଲୋକଙ୍କୁ ବାରଣ କରୁଥିବା ବେଳେ ବେଳାଭୂମିରେ ମହିଳାଙ୍କୁ ଗଣଦୁଷ୍କର୍ମର ସାମ୍ନା କରିବାକୁ ପଡୁଛି। ରାଜ୍ୟରେ ମହିଳାଙ୍କ ସୁରକ୍ଷା ଅତ୍ୟନ୍ତ ସଂଗିନ ସ୍ଥିତିରେ ଥିବା ବେଳେ ବାଲେଶ୍ୱର ଏଫଏମ୍ କଲେଜ ପୀଡ଼ିତାଙ୍କ ଆତ୍ମାହୁତି, ବଲାଙ୍ଗୀରେ ଜଣେ ନାବାଳିକାକୁ ଦୁର୍ବୃତ୍ତମାନେ କିରାସିନି ଢାଳି ଜାଳିଦେବା ଘଟଣା ଓଡ଼ିଶାକୁ ଜାତୀୟ ସ୍ତରରେ ନିନ୍ଦିତ କଲାଣି। ମାତ୍ର ୧୩ ମାସର ସରକାରରେ ଏପରି ବ୍ୟବସ୍ଥାଗତ ତ୍ରୁଟି ଏବଂ ଅରାଜକତାକୁ ନେଇ ସାଧାରଣରେ ଆକ୍ରୋଶ ଚରମ ସୀମାରେ ପହଞ୍ଚିଲାଣି। ଲୋକ ସରକାରଙ୍କ ଉପରୁ ଆସ୍ଥା ହରାଉଥିବା ବେଳେ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଲୋକଙ୍କ ଆଭିମୁଖ୍ୟକୁ ପୁଞ୍ଜି କରି ସରକାରଙ୍କୁ ଅକଳରେ ପକାଇବା ସହ ଜବାବ ମାଗିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

ଏହିକ୍ରମରେ ଆସନ୍ତା ମୌସୁମୀ ଅଧିବେଶନରେ ରାଜ୍ୟ ବିଜେପି ସରକାର ବିରୋଧରେ ଅନାସ୍ଥା ଆଣିବାକୁ ବିଜେଡିର ସହଯୋଗ ଲୋଡ଼ିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। ନାରୀ ସୁରକ୍ଷା ପ୍ରସଙ୍ଗକୁ ନେଇ ମୁଖ୍ୟ ବିରୋଧି ଦଳ ହିସାବରେ ବିଜେଡି ଅନାସ୍ଥା ପ୍ରସ୍ତାବ ଆଣୁ ଏବଂ କଂଗ୍ରେସ ତାକୁ ସମର୍ଥନ କରିବ। ଯଦି ବିଜେଡି ଅନାସ୍ଥା ପ୍ରସ୍ତାବ ନ ଆଣେ, ତେବେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବ ଏବଂ ବିଜେଡି ସମର୍ଥନ କରୁ ବୋଲି ଭକ୍ତ କହିଛନ୍ତି।

ଅପରପକ୍ଷେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ରାଜ୍ୟର ମା' ଭଉଣୀଙ୍କ ସୁରକ୍ଷା ପାଇଁ ବିଜେଡି କ୍ରମାଗତ ଭାବେ ଲଢ଼େଇ କରି ଆସୁଛି। ବାଲେଶ୍ୱର ଏଫଏମ ଝିଅକୁ ନ୍ୟାୟ ଦେବା ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇଥିଲା। ବାଲେଶ୍ୱର ବନ୍ଦଠାରୁ ଆରମ୍ଭ କରି ଲୋକସେବା ଭବନ ଘେରଉ, ଆରଡିସି ଅଫିସ ଘେରଉ କାର୍ଯ୍ୟକ୍ରମ କରିଥିଲା। ଏହି କାର୍ଯ୍ୟକ୍ରମରେ ସରକାରଙ୍କ ଉପରୁ ସାଧାରଣ ଲୋକଙ୍କ ଆସ୍ଥା କମୁଥିବା ନେଇ ସେମାନଙ୍କ କ୍ଷୋଭ, ଆକ୍ରୋଶରୁ ସ୍ପଷ୍ଟ ହୋଇଛି। ତେବେ ବର୍ତ୍ତମାନ ସୁଦ୍ଧା ବିଧାନସଭା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ବିଜ୍ଞପ୍ତି ଆସିଲେ ଗୃହରେ ଦଳର ଭୂମିକା ନେଇ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ତେବେ ଉଭୟ ବିରୋଧୀଙ୍କ ଆଭିମୁଖ୍ୟକୁ ଅନୁଶୀଳନ କଲେ, ଆସନ୍ତା ମୌସୁମୀ ଅଧିବେଶନ ଯେ ଶାସକ ଦଳ ପାଇଁ ସହଜ ହେବ ନାହିଁ, ତାହା ଜଳଜଳ ହୋଇ ଦିଶୁଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

## ମହାନଦୀ ଜଳବିବାଦ: ଉଚ୍ଚସ୍ତରୀୟ ବୈଠକ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୩।୭ (ସମିସ):** ବୁଧବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛତିଶଗଡ଼ ସହିତ ଚାଲିଥିବା ମହାନଦୀ ଜଳବିବାଦର



ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ। ଏଥିରେ କେନ୍ଦ୍ର ଜଳ କମିଶନ ବୈଷୟିକ ସହଯୋଗ ପ୍ରଦାନ କରିପାରିବ। ଏହାଦ୍ୱାରା ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ଦୀର୍ଘଦିନର ବିବାଦ ସମାଧାନ ହୋଇପାରିବ ଏବଂ ଉଭୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ବୃଦ୍ଧି ପାଇବ। ସୂଚନାଯୋଗ୍ୟ ଯେ ପୂର୍ବରୁ ଫେବୃୟାରୀ ମାସରେ ରାଜସ୍ଥାନରେ ହୋଇଥିବା ସର୍ବଭାରତୀୟ ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀମାନଙ୍କର ସମ୍ମିଳନୀ ଅବସରରେ ଏବଂ ମାର୍ଚ୍ଚ ମାସରେ ଭୁବନେଶ୍ୱରରେ ହୋଇଥିବା ବିଶ୍ୱ ଜଳଦିବସ ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ଏ ବିଷୟରେ ଆଲୋଚନା ହୋଇଥିଲା। ଉଭୟ ମୁଖ୍ୟମନ୍ତ୍ରୀ ଏହାର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ଦୁଇ ରାଜ୍ୟର ଉଚ୍ଚସ୍ତରୀୟ ପଦାଧିକାରୀ ମାନଙ୍କ ମଧ୍ୟରେ ଏ ସମ୍ପର୍କରେ ଆଲୋଚନା ଜାରି

**ଦୁଇ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା ଜରିଆରେ ସମାଧାନ ଉପରେ ଗୁରୁତ୍ୱାରୋପ**

ରହିଛି ବୋଲି ବୈଠକରୁ ଜଣାଯାଇଛି। ବୈଠକରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଓ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ।

## ରୂପାରୋଶନ ସାହୁ ରାଜ୍ୟପାଳଙ୍କ ସଚିବ



**ଭୁବନେଶ୍ୱର, ୨୩।୭ (ସମିସ):** ବରିଷ୍ଠ ଆଇଏଏସ୍ ଅଧିକାରୀ ରୂପାରୋଶନ ସାହୁ ଓଡ଼ିଶା ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଭାବେ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଭାବେ ଅବସ୍ଥାପିତ ଥିଲେ। ୨୦୦୬ ବ୍ୟାଚ୍‌ର ଅଧିକାରୀ ଶ୍ରୀମତୀ ସାହୁ ପ୍ରଶାସନିକ ସେବା ଜୀବନର ଆରମ୍ଭରୁ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇ ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି।

### ପାଠରେ ଏମ୍‌ବିଏ; ଠକେଇରେ ମାଷ୍ଟର

## ସୁନା କାରବାର ନାଁରେ ଠକିଛି ୨୦ କୋଟି

ଭୁବନେଶ୍ୱର,୨୩।୭ (ସମିସ): କାହାଠାରୁ ୬୪ ଲକ୍ଷ ତ ଆଉ କାହାଠାରୁ ୬ କୋଟି, ପୁଣି କାହାଠାରୁ ୩ କୋଟି। ବନ୍ଧକ ସୁନାକୁ ଅଧା ଦରରେ କିଣି ଡବଲ୍ ଦାମରେ ବିକ୍ରି କରିବା ଲୋଭ ଦେଖାଇ ୨୦ କୋଟି ଟଙ୍କା ଠକି ନେଇଛି। ଏଭଳି ଜଣେ ଧୂର୍ତ୍ତକୁ ଗିରଫ କରିଛି କମିସନରେଟ ପୁଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ (ଏସସିୟୁ)। ଗିରଫ ଅଭିଯୁକ୍ତ ହେଉଛି ଆଚାର୍ଯ୍ୟ ବିହାରର ରମେଶ ଚନ୍ଦ୍ର ମାଝୀ। ସେ ସୁନା କାରବାର ନାଁରେ ଏକାଧିକ ବ୍ୟକ୍ତିଙ୍କ ଠାରୁ ପ୍ରାୟ ୨୦ କୋଟି ଟଙ୍କା ଠକି ନେଇଛି।

ପୁଲିସ ସୂଚନା ଅନୁସାରେ, ଷ୍ଟେୟାରୱେ ଗୋଲ୍ଡ ଓ ଡାଇମଣ୍ଡ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ମହାନ୍ତି ୨୦୨୨ ମସିହାରେ ରମେଶ ଓ ତା'ର ପତ୍ନୀ ଅନିଶା ସୁବୁଦ୍ଧିଙ୍କ ସଂସ୍ପର୍ଶରେ ଆସିଥିଲେ। ବାପୁନ୍ ବେହେରା ତାଙ୍କୁ ପରିଚିତ କରାଇଥିବା ବେଳେ ଦମ୍ପତ୍ତିଙ୍କୁ ପ୍ରତିଷ୍ଠିତ ସୁନା ବ୍ୟବସାୟୀ ବୋଲି ଦର୍ଶାଇଥିଲେ। ରମେଶ ମଧ୍ୟ ନିଜକୁ ଆରବିଆଇ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ସୁନା ବ୍ୟବସାୟୀ ବୋଲି ପରିଚୟ ଦେବା ସହିତ ଆରବିଆଇ ସିଲ୍ ଥିବା ବିଭିନ୍ନ କାଗଜପତ୍ର ଦେଖାଇ ଭୋଳାନାଥଙ୍କ ବିଶ୍ୱାସଭାଜନ ହୋଇଥିଲା। ବିଭିନ୍ନ ବ୍ୟାଙ୍କରେ ବନ୍ଧକ ଥିବା ସୁନାକୁ ଅଧା ଦରରେ ନିଲାମ



କରି ଆଣି ଦୁଇ ଗୁଣ ଟଙ୍କାରେ ବିକ୍ରି କଲେ ଭଲ ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲା।

ଭୋଳାନାଥ ତା'ର କଥାକୁ ବିଶ୍ୱାସ କରି ୨୦୨୨ ରୁ ୨୦୨୩ ମସିହା ମଧ୍ୟରେ ବ୍ୟାଙ୍କ ଆକାଉଣ୍ଟକୁ ବିଭିନ୍ନ ପର୍ଯ୍ୟାୟରେ ମୋଟ ୫ କୋଟି ୬୦ ଲକ୍ଷ ଟଙ୍କା ଦେଇଥିଲେ। ୨୦୨୩ ମସିହା ଅଗଷ୍ଟ ମାସରେ ଉଭୟଙ୍କ ମଧ୍ୟରେ ଏକ ଚୁକ୍ତିପତ୍ର ମଧ୍ୟ ହୋଇଥିଲା। ଆସନ୍ତା ୬ ମାସ ମଧ୍ୟରେ ୫ କୋଟି ୬୦ ଲକ୍ଷ ଓ ଲାଭାଂଶ ଟଙ୍କା ଫେରାଇବ ବୋଲି ରମେଶ କହିଥିଲା। ଅତିରିକ୍ତ ୨ ମାସ ମଧ୍ୟ ସମୟ ନେଇଥିଲା। ଏହାପରେ ମଧ୍ୟ ଟଙ୍କା ଫେରାଇବାକୁ ଦୁଇଥର ଚୁକ୍ତି ହୋଇଥିଲା। ହେଲେ ରମେଶ ଟଙ୍କା ଫେରାଇବା ପରିବର୍ତ୍ତେ ନୂଆପଲ୍ଲୀ ସ୍ଥିତ ଭଡ଼ା ଘର ଛାଡ଼ି ପଳାଇଥିଲା।

- **ଜାଲ୍ କାଗଜପତ୍ର, ମର୍ସିଡିଜ୍ କାର୍ ଜବତ**
- **ଜାଲରେ ଫସିଛନ୍ତି ୩୦ରୁ ଅଧିକ ବ୍ୟବସାୟୀ**

ସମସ୍ତଙ୍କ ସହିତ ଯୋଗାଯୋଗ ବିଚ୍ଛିନ୍ନ କରିବା ସହ ଫୋନ୍ ମଧ୍ୟ ସୁଇଚ୍ ଅଫ୍ କରି ଦେଇଥିଲା।

ଏହାରି ଭିତରେ ରମେଶ ଆଇନ ପାଠ ପଢ଼ିବା ସହିତ ଆଇନଜୀବୀ ଲାଇସେନ୍ସ ହାତେଇ ନେଇଥିଲେ। ଭୋଳାନାଥ ଯେତେବେଳେ ଟଙ୍କା ମାଗିବାକୁ ଯାଉଥିଲେ ଆଜିକାଲି କହି ଦିନ ଗଡ଼ାଇ ଚାଲିଥିଲା। ଏଥିସହିତ ନିଜକୁ ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତି ବୋଲି ଦର୍ଶାଇ ଜାତିଆଣ ଆକ୍ଷେପ ମାମଲାରେ ଫସାଇଦେବ ବୋଲି ଧମକ ମଧ୍ୟ ଦେଉଥିଲା। ଏନେଇ ଭୋଳାନାଥ ଅଭିଯୋଗ କରିବା ପରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ (ଏସସିୟୁ) ମାମଲା ରୁଜୁ କରିଥିଲା। ଆଜି ବିଜୁ ପଟ୍ଟନାୟକ କଲେଜ ନିକଟରୁ ରମେଶକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ତେବେ ରମେଶ କେବଳ ଭୋଳାନାଥଙ୍କ ଠାରୁ ନୁହେଁ, ବରଂ ଅନ୍ୟ ବ୍ୟବସାୟୀଙ୍କ ଠାରୁ ମଧ୍ୟ କୋଟି କୋଟି ଟଙ୍କା ଠକି ନେଇଛି। ନିଜ ସାଙ୍ଗର ଭିଣୋଇଙ୍କୁ ମଧ୍ୟ ୬୪ ଲକ୍ଷର ଚୂନ ଲଗାଇଛି। ଏହି ଘଟଣାରେ ପୁଲିସ ବ୍ୟାଙ୍କ ଟ୍ରାନଜାକସନ, ଚୁକ୍ତିପତ୍ର, ଅରବିଆଇ ସ୍ୱୀକୃତି ପ୍ରାପ୍ତ ଜାଲ୍ କାଗଜପତ୍ର ଓ ଏକ ମର୍ସିଡିଜ୍ କାର ଜବତ କରିଛି। ଠକେଇର ଶିକାର ହୋଇଥିବା ୧୦ ଜଣ ଆଜି ପୁଲିସ କମିସନରଙ୍କୁ ଭେଟିଛନ୍ତି। ରମେଶ ନାଁରେ ଅଭିଯୋଗର ଫର୍ଦ୍ଦ ବଢ଼ିବ ବୋଲି ଅଭିଯୋଗକାରୀ ମାନେ କହିଛନ୍ତି। ସେପଟେ ଠକେଇର ଶିକାର ହୋଇଥିଲେ ନିଜ ନିକଟବର୍ତ୍ତୀ ଥାନାରେ ଅଭିଯୋଗ କରିବାକୁ କମିସନରେଟ ପୁଲିସ ପକ୍ଷରୁ କୁହାଯାଇଛି।

### ଦିଲ୍ଲୀରେ ସାଂସଦଙ୍କ ସହ ବୈଠକ କଲେ ମନମୋହନ

## ରାଜ୍ୟର ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ଆଲୋଚନା



ଭୁବନେଶ୍ୱର,୨୩।୭ (ସମିସ): ବୁଧବାର ନୂଆଦିଲ୍ଲୀଠାରେ ବିଜେପିର ଉଭୟ ଲୋକସଭା ଏବଂ ରାଜ୍ୟସଭା ସାଂସଦଙ୍କୁ ନେଇ ରାଜ୍ୟ ସଭାପତି ମନମୋହନ ସାମଲ ବୈଠକ କରିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ବିଭିନ୍ନ ଘଟଣାକୁ ନେଇ ସରକାର ବ୍ୟାକଫୁଟ୍‌ରେ ଥିବାବେଳେ ଓଡ଼ିଶାର କେତେକ ପ୍ରସଙ୍ଗ ସଂସଦରେ ଚଳିତ ମୌସୁମୀ ଅଧିବେଶନରେ ଉଠିପାରେ। ତେଣୁ ରାଜ୍ୟ ବିଜେପିର ସାଂସଦମାନେ ସଂସଦରେ ଏହାର ମୁକାବିଲା କରିବାକୁ ଏହି ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଅପରପକ୍ଷେ ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ବୋର୍ଡ ଓ ନିଗମରେ ନିଯୁକ୍ତି ନେଇ କଳ୍ପନାଜଳ୍ପନା ଜାରି ରହିଛି। ଚଳିତ ମାସ ଶେଷ ସୁଦ୍ଧା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିବାକୁ ଶୀର୍ଷ ନେତୃତ୍ୱ ଜୋରସୋର୍ ଉଦ୍ୟମ ଚଳାଇଛନ୍ତି। ଏପରିସ୍ଥଳେ ମନମୋହନଙ୍କ ଏହି ବୈଠକ ବେଶ୍ ଗୁରୁତ୍ୱ ବହନ କରୁଥିବା କୁହାଯାଉଛି।

- **ସଂସଦରେ ଓଡ଼ିଶା ପ୍ରସଙ୍ଗ ଉଠାଇ ପାରନ୍ତି ବିରୋଧୀ**
- **ମୁକାବିଲା ନେଇ ବୈଠକରେ ହୋଇଛି ଆଲୋଚନା!**
- **ଓଡ଼ିଶାର ୩ କେନ୍ଦ୍ରମନ୍ତ୍ରୀ ବୈଠକରେ ଅନୁପସ୍ଥିତ**

ବୈଠକରେ ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ରାଜ୍ୟ ସଂଗଠନ ସମ୍ପାଦକ ମାନସ ମହାନ୍ତି ଏବଂ ଦଳର ପ୍ରାୟ ୧୮ ଜଣ ଲୋକସଭା, ରାଜ୍ୟସଭା ସାଂସଦ ଉପସ୍ଥିତ ଥିଲେ। ତେବେ ବୈଠକରେ ଓଡ଼ିଶାର ୩ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମ ବୈଠକରେ ଉପସ୍ଥିତ ନ ଥିଲେ।

### ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି

## ଅଂଶୁଘାତରେ ୧୦ ଛାତ୍ରୀ ସଂଜ୍ଞାହୀନ

ରାଜନଗର, ୨୩।୭ (ସମିସ): ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁଁ ଆଜି ରାଜନଗର ବ୍ଲକ ଅନ୍ତର୍ଗତ ୨ଟି ସ୍କୁଲର ମୋଟ ୧୦ଜଣ ଛାତ୍ରୀ ଅଂଶୁଘାତର ଶିକାର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ରାଜନଗର ଉଚ୍ଚବିଦ୍ୟାଳୟର ୮ଜଣ ନବମ ଛାତ୍ରୀ ଓ ଜଣେ ଦଶମ ଛାତ୍ରୀ ଥିବା ବେଳେ ଅନ୍ୟ ଜଣେ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚବିଦ୍ୟାଳୟର ଜଣେ ଦଶମ ଛାତ୍ରୀ ବୋଲି ଜଣାଯାଇଛି। ସୂଚନାନୁଯାୟୀ, ଆଜି ସକାଳୁ ସକାଳୁ ଭୀଷଣ ଗରମ ସାଙ୍ଗକୁ ପ୍ରବଳ ଗୁଳୁଗୁଳି ହୋଇଥିଲା। ଫଳରେ ପ୍ରାର୍ଥନା କ୍ଲାସ୍ ପରେ ଜଣଙ୍କ ପରେ ଜଣେ ଛାତ୍ରୀ ନିସ୍ତେଜ ହୋଇ ଶ୍ରେଣୀଗୃହରେ ପଡ଼ି ଯାଇଥିଲେ। ସେମାନେ ହେଲେ, ରାଜନଗର ଉଚ୍ଚବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ପ୍ରିୟାଙ୍କା ବିଶ୍ୱାଳ, ୯ମ ଶ୍ରେଣୀ ଛାତ୍ରୀ ସୁଚିସ୍ମିତା ସେଠୀ,



ତନୁଶ୍ରୀ ଦାସ, ଦୀପା ମଲ୍ଲିକ, ପୂର୍ଣ୍ଣିମା ପ୍ରଧାନ, ମାମୁନି ଦାସ, ପମଶ୍ରୀ ପ୍ରଧାନ। ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ସଙ୍ଗେସଙ୍ଗେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେହିପରି ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ରୀ ସୁଚିତ୍ରା ରାଉଳ ଗରମ ଯୋଗୁଁ ଶ୍ରେଣୀ ଗୃହରେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ବି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସମସ୍ତ ଛାତ୍ରୀ ସୁସ୍ଥ ଥିବା ଜଣାପଡ଼ିଛି। ବ୍ଲକ୍ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ ଓ ଦୁଇଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

### ରାଜ୍ୟରେ ବଢୁଛି ବୀଭତ୍ସ ଘଟଣା

## ସରକାରଙ୍କର ସାମାନ୍ୟ ଲଜ୍ଜାବୋଧ ନାହିଁ

ଭୁବନେଶ୍ୱର,୨୩।୭ (ସମିସ): ରାଜ୍ୟବ୍ୟାପି ହେଉଥିବା ନାରୀ ଅନ୍ୟାୟ ଏବଂ ଅତ୍ୟାଚାର ବିରୋଧରେ କଂଗ୍ରେସ ଦଳର ଅବିରାମ ସଂଗ୍ରାମ ଜାରି ରଖିଛି। ଅତ୍ୟାଚାରିତ ନାରୀଙ୍କ ପାଇଁ ନ୍ୟାୟର ଉପଯୁକ୍ତ ବ୍ୟବସ୍ଥା ନ କଲା ପର୍ଯ୍ୟନ୍ତ ଏହା ଆଗକୁ ଜୋର୍‌ଦାର୍ ହେବ ବୋଲି ରାଜ୍ୟ କଂଗ୍ରେସ କହିଛି।

ବୁଧବାର କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ

**ନାରୀ ଅତ୍ୟାଚାର ବିରୋଧରେ ଅବିରାମ ସଂଗ୍ରାମ ଚାଲିବ: କଂଗ୍ରେସ**

ଚରଣ ଦାସଙ୍କ ସମେତ ବରିଷ୍ଠ କଂଗ୍ରେସ ନେତାମାନଙ୍କ ଉପସ୍ଥିତିରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ରାଜ୍ୟରେ ଏତେସବୁ ବୀଭତ୍ସ ଘଟଣା ଘଟିବା ପରେ ମଧ୍ୟ ସରକାରଙ୍କୁ ସାମାନ୍ୟତମ ଲଜ୍ଜାବୋଧ ହେଉନି। ନାରୀ ନିର୍ଯାତନା ପାଇଁ ରାଜ୍ୟର ଜନତା ମର୍ମାହତ ଏବଂ ଲଜ୍ଜିତ। କିନ୍ତୁ ରାଜ୍ୟ ସରକାର କିଛି ହୃଦୟଙ୍ଗମ କଲାଭଳି ଦେଖାଯାଉ ନାହିଁ। ଓଡ଼ିଶାକୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ଆମେରିକା ରାଷ୍ଟ୍ରପତି, ଆମେରିକୀୟ ନାଗରିକଙ୍କୁ



ଓଡ଼ିଶା ନ ଯିବା ପାଇଁ ବାରଣ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଏବଂ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତାଙ୍କ ଓଡ଼ିଶା ଗସ୍ତ ସମୟରେ ନାରୀ ନିର୍ଯାତନା ବିଷୟରେ ସରକାରଙ୍କୁ ସୂଚାଇଥିଲେ। ଏପରିକି ବର୍ତ୍ତମାନ ସୁପ୍ରିମକୋର୍ଟ ଓଡ଼ିଶାରେ ଘଟୁଥିବା ନାରୀ ନିର୍ଯାତନା ଘଟଣା ପାଇଁ ଆମକୁ ଲଜ୍ଜା ଅନୁଭବ ହେଉଛି ବୋଲି ନିଜ ତରଫରୁ ଉଲ୍ଲେଖ କରିଛନ୍ତି। ଏଭଳି ଘଟଣା ପାଇଁ ବିରୋଧୀ ଦଳ ଭାବେ କଂଗ୍ରେସ ମଧ୍ୟ ଲଜ୍ଜିତ ବୋଲି ଭକ୍ତ କହିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହଛନ୍ତି ଯେ ସ୍ୱାଧୀନତାକୁ ୭୫ବର୍ଷ ବିତିଯାଇଥିଲେ ସୁଦ୍ଧା ଏଭଳି ଲଜ୍ଜାଜନକ ଘଟଣା ସବୁ ଘଟୁଛି। ଆଇନଶୃଙ୍ଖଳାକୁ ସମ୍ଭାଳିବାରେ ରାଜ୍ୟ ସରକାର ବିଫଳ ହେଉଛନ୍ତି। ଓଡ଼ିଶାର ବିଜେପି ସରକାର ବିରୋଧରେ କଂଗ୍ରେସ ଯେଉଁ ଅଭିଯୋଗ ଆଣିଥିଲା, ସୁପ୍ରିମକୋର୍ଟ ତାଙ୍କ ଟିପ୍ପଣୀ ମାଧ୍ୟମରେ ସେଥିରେ ମୋହର ଲଗାଇଛନ୍ତି। ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ ରାଜ୍ୟ ବିଜେପି ସରକାର ଅନ୍ତତଃ ଇସ୍ତଫା ଦେଇଦେବା ଉଚିତ ବୋଲି ସେ କହିଛନ୍ତି।

ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଓଡ଼ିଶାର ଜନସାଧାରଣ ଅନ୍ୟାୟ, ଅତ୍ୟାଚାରକୁ ବରଦାସ୍ତ କରିବେ ନାହିଁ। ଅନ୍ୟମାନଙ୍କ ମଧ୍ୟରେ ପିସିସି ଉପସଭାପତି ତାରା ପ୍ରସାଦ ବାହିନୀପତି, ଦେବାଶିଷ ପଟ୍ଟନାୟକ, ଲଲାଟେନ୍ଦୁ ମହାପାତ୍ର, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ଓ ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

ସକାଳ THE SAKALA



# ବଳଙ୍ଗା ପୀଡ଼ିତାଙ୍କ ପରିବାରକୁ ଭେଟିଲେ ମାନବାଧିକାର ଟିମ୍



ନିମାପଡ଼ା,୨୩।୭ (ସମିସ): ଜାତୀୟ ମାନବାଧିକାର ସାମାଜିକ ନ୍ୟାୟ ପରିଷଦ ଓଡ଼ିଶାର ଏକ ଟିମ ବଳଙ୍ଗା ବାଇଆବର ଗ୍ରାମକୁ ଯାଇ ପୀଡ଼ିତା ନାବାଳିକାଙ୍କ ପରିବାରକୁ ଭେଟିଛନ୍ତି। ପରିବାର ସଦସ୍ୟଙ୍କ ସହ ଉକ୍ତ ଟିମ୍ ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ଝିଅର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ବଳଙ୍ଗା ଥାନାକୁ ଯାଇ ଘଟଣା ସଂପର୍କରେ ଥାନାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କୁ ଆଇନ ଅନୁସାରେ ଦୃଷ୍ଟାନ୍ତମୂଳକ ଭାବେ ଦଣ୍ଡିତ କରିବାକୁ କହିଥିଲେ। ଏହି ଟିମ୍‌ରେ ରାଜ୍ୟ ଉପସଭାପତି ଜୟଶ୍ରୀ ପାତ୍ର, ଜିଲ୍ଲା ସଂପାଦିକା ଝିଲ୍ଲିଲତା ଦାସ, ଜିଲ୍ଲା ଉପସଭାପତି ରିତା ତ୍ରିପାଠୀ, ଜିଲ୍ଲା ସାଧାରଣ ସଂପାଦିକା ରଶ୍ମିତା ବେହେରା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୀପକ ସାହୁ, ଜିଲ୍ଲା ପବ୍ଲିକ ରିଲେସନସିପ ସୁଦର୍ଶନ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ଜମିବାଡ଼ି ବିବାଦ; ଦୁଇ ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ



## ୩ ଆହତ, ପୃଥକ୍ ମାମଲା ରୁଜୁ

ଚାରିଛକ,୨୩।୭ (ସମିସ): ଚାରିଛକ ଥାନା ତୁଳସୀପୁର ପଞ୍ଚାୟତ କୁସୁମାଠେଙ୍ଗ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ରକ୍ତାକ୍ତ ସଂଘର୍ଷରେ ୩ଜଣ ଆହତ ହୋଇଛନ୍ତି। ଉକ୍ତ ଗ୍ରାମର କାଶୀନାଥ ସାହୁ ଓ କପିଳ ସାହୁଙ୍କ ପରିବାର ମଧ୍ୟରେ ଏହି ଗଣ୍ଡଗୋଳ ନେଇ ଥାନାରେ ପୃଥକ ମାମଲା ରୁଜୁ ପରେ ପୁଲିସ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ମଙ୍ଗଳବାର କାଶୀନାଥଙ୍କ ବୋହୂ ତପସ୍ୱିନୀ ଘରେ ଏକୁଟିଆ ଥିବା ସମୟରେ କପିଳ ଓ ତାଙ୍କ ପୁତ୍ର ଲୁନା ସାହୁ ବାଡ଼କୁ ହାଣୁଥିଲେ। ତପସ୍ୱିନୀ ବିରୋଧ କରିବାରେ ଲୁନା ଉତ୍ତ୍ୟକ୍ତ ହୋଇ ଏକ ଶାବଳରେ ତପସ୍ୱିନୀଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲା। ତପସ୍ୱିନୀଙ୍କ ସ୍ୱାମୀ ବିଜୟ ପ୍ରତିବାଦ କରିବାରୁ ଲୁନା ଓ କପିଳ ତାଙ୍କୁ ତଳେ ପକାଇ ମରଣାନ୍ତକ ଆକ୍ରମଣ କରିଥିଲେ। ଲୁନାଙ୍କ ପତ୍ନୀ ସରୋଜିନୀ ଓ ତାଙ୍କ ଝିଅ ମଧ୍ୟ ତପସ୍ୱିନୀଙ୍କୁ ମାଡ଼ ମାରିବା ସହ ସେ ପିନ୍ଧିଥିବା ସୁନା ଚେନ ଓ କାନ ଫୁଲ ଛିଣ୍ଡାଇ ନେଇ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ବିଜୟ ଓ ତପସ୍ୱିନୀ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଜଣାପଡିଛି। ଅନ୍ୟପକ୍ଷରେ ଲୁନାଙ୍କ ଝିଅ ପ୍ରିୟଦର୍ଶିନୀ ସାହୁ ଅଭିଯୋଗ କରିଛନ୍ତି ଯେ ତାଙ୍କ ବାପା ଦୋକାନରେ ବ୍ୟବସାୟ କରୁଥିବା ସମୟରେ ବିଜୟ ସାହୁ, ବୁଟୁ ସାହୁ, ଟୁଟୁ ସାହୁ, କାଶୀନାଥ ସାହୁ, ତପସ୍ୱିନୀ ସାହୁ, ସୁଲୋଚନା ସାହୁ ଓ ସସ୍ମିତା ସାହୁ ସଂଘବଦ୍ଧ ଭାବେ ମାରଣାସ୍ତ୍ରରେ ଆକ୍ରମଣ ଉଦ୍ୟମ କରିଥିଲେ। ବାପା ସଂଜ୍ଞାହୀନ ହୋଇ ପଡିବାରେ ଦୁର୍ବୃତ୍ତ ମାନେ ଦୋକାନରୁ ୫୦ହଜାର ଟଙ୍କା, ବାପା ପିନ୍ଧିଥିବା ସୁନା ଚେନ୍, ମୁଦି ନେଇ ଫେରାର ହୋଇଯାଉଥିଲେ। ଏହାକୁ ବିରୋଧ କରିବାରୁ ପେଟ୍ରୋଲ ପକାଇ ଜାଳିଦେବେ ବୋଲି ଧମକ ଦେବା ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପ୍ରିୟଦର୍ଶିନୀଙ୍କ ବାପା ଲୁନା ମଧ୍ୟ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଜଣାପଡିଛି।

# ଦୁଇ ବାଇକ ମୁହାଁମୁହିଁ ଧକ୍କା; ଜଣେ ମୃତ, ୧ ଗୁରୁତର

ନିମାପଡ଼ା,୨୩।୭ (ସମିସ): ନିମାପଡା-କୋଣାର୍କ ରାସ୍ତାର ଝାମ୍ପୁଲାକୁଦ ଛକ ନିକଟରେ ଦୁଇଟି ବାଇକ ପରସ୍ପର ଧକ୍କା ହେବା ଫଳରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତ ଯୁବକ ଜଣକ ହେଲେ ନିମାପଡା ଥାନା ବାମନାଳ ପଞ୍ଚାୟତ ବରିମୁଣ୍ଡ ଗ୍ରାମର ବାଉରୀବନ୍ଧୁ ପଣ୍ଡାଙ୍କ ପୁଅ ଦେବାଶିଷ। ଅନ୍ୟଜଣେ ଆହତ ହେଉଛନ୍ତି ଚାରିଛକ ଥାନା ଅମରେଶ୍ୱର ଗ୍ରାମର ସନା ଭୋଇଙ୍କ ପୁଅ ତୋଫାନ। ଉଭୟଙ୍କୁ ସ୍ଥାନୀୟ ଲୋକେ ଦୁର୍ଘଟଣାସ୍ଥଳରୁ ଉଦ୍ଧାରକରି ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଦେବାଶିଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ତୋଫାନ ଗୁରୁତର ଅବସ୍ଥାରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାପଡିଛି।

# ବିଦ୍ୟୁତ ମଜଦୁର ମହାସଂଘ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ନିମାପଡ଼ା,୨୩।୭ (ସମିସ) ନିମାପନାସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ନିଖିଳ ଓଡିଶା ବିଦ୍ୟୁତ ମଜଦୁର ମହାସଂଘର ୭୦ତମ ବର୍ଷ ପୂର୍ତ୍ତି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ମହେନ୍ଦ୍ର ସିଂ ଭାଟିଆ, ଫାର୍ମାସିଷ୍ଟ ଆଇ ତ୍ରିନାଥ ପାତ୍ର, ସଭାପତି ଶୁଭ୍ରାଂଶୁ କୁଣ୍ଡୁ, ଉପସଭାପତି ପ୍ରଶାନ୍ତ ଓଝା, ତୋଫାନ ତରାଇ, ସଞ୍ଜୟ କର, ଅମିତ ନାୟକ, ଗିରିଶଚନ୍ଦ୍ର ପ୍ରଧାନ, ସତ୍ୟସୁନ୍ଦର ସେନାପତି ଓ ସାଥୀଙ୍କ ଦ୍ୱାରା ରକ୍ତଦାନ ଶିବିର ପରିଚାଳିତ ହୋଇଥିଲା। ଏଥିରେ ୬୧ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

● ନୟାହାଟ କଲେଜ ବିବାଦ

# ସୋସିଆଲ ମିଡିଆ ମିଛକୁ ନିନ୍ଦା

ନୟାହାଟ,୨୩।୭ (ସମିସ): ନୟାହାଟ କଲେଜରେ ଉପୁଜିଥିବା ଅଧକ୍ଷ ଓ ଜଣେ କର୍ମଚାରୀଙ୍କ ବିବାଦ ଉପରେ ମଙ୍ଗଳବାର ଭୁବନେଶ୍ୱରରୁ ଶିକ୍ଷା ନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକ ତଦନ୍ତ କରିବା ପରେ ଘଟଣାର ଆପୋଷ ସମାଧାନ ହୋଇଥିଲା। ତେବେ, ସୋସିଆଲ ମିଡିଆରେ ବିବାଦ ସମ୍ପର୍କିତ ମିଛ ଖବର ଘୂରି ବୁଲୁଥିବା ନେଇ ମଧ୍ୟ ନିନ୍ଦା କରାଯାଇଛି। କଲେଜ ଅଧକ୍ଷ ଭୋଳାନାଥ ପାତ୍ର ଏ ସଂକ୍ରାନ୍ତରେ କହିଛନ୍ତି ଯେ ୨୦୨୩ ନଭେମ୍ବରରେ ଯୁବ ପ୍ରତିଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେତେକ ଛାତ୍ରଛାତ୍ରୀ ମଞ୍ଚ ନିକଟରେ ନ ବସି ପଡିଆରେ ବୁଲୁଥିଲେ। ଜଣେ ଅଧ୍ୟାପକ ତାଙ୍କୁ ଆକଟ କରି ମଞ୍ଚ ନିକଟକୁ ଆଣିଥିଲେ। ଉକ୍ତ ଘଟଣାକୁ ଭିଡିଓ କରି ଭାଇରାଲ କରାଯିବାରୁ ଅଧକ୍ଷ ଭୋଳାନାଥ ପାତ୍ର ଉକ୍ତ ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ଏହା ପଛରେ କାହାର ହାତ ଶିକ୍ଷା ବିଭାଗ ତଦନ୍ତ କରିବାକୁ ଶ୍ରୀ ପାତ୍ର ଦାବି ହେଉଛି।

# ଦୁଇ ସହଶିକ୍ଷାଧିକାରୀଙ୍କ ଦାୟିତ୍ୱ ଗ୍ରହଣ



କଣାସ, ୨୩।୭ (ସମିସ): ଦୀର୍ଘ ଦିନ ଧରି କଣାସ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୁଇଟି ସହ ଶିକ୍ଷାଧିକାରୀ ପଦ ଖାଲି ପଡ଼ିଥିଲା। ଶିକ୍ଷା ବ୍ୟବସ୍ଥାର ସୁପରିଚାଳନାକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲାପାଳଙ୍କ ଅନୁମୋଦନକ୍ରମେ ଜିଲ୍ଲା ଶିକ୍ଷାଧିକାରୀ ଆଜି ବ୍ଲକ୍‌ର ଦୁଇଜଣ ବରିଷ୍ଠ ପ୍ରଧାନଶିକ୍ଷକଙ୍କୁ ଅସ୍ଥାୟୀ ଭାବରେ ସହ ଶିକ୍ଷାଧିକାରୀ ରୂପେ ନିଯୁକ୍ତି ଦେଇଛନ୍ତି। ଶିରେଇ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ବେହେରା ଓ ମାଡ଼ିପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ବେହେରା ଆଜି ଶିକ୍ଷାଧିକାରୀ କଣାସଙ୍କ କାର୍ଯ୍ୟାଳୟରେ ସହ ଶିକ୍ଷାଧିକାରୀ ରୂପେ ଯୋଗଦାନ କରିଛନ୍ତି। ଏହି ଅବସରରେ ଦୁଇ ଅଧିକାରୀଙ୍କୁ କାର୍ଯ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଛି।

# ଶିଶୁ ଓ କିଶୋର ଶ୍ରମିକ ପରାମର୍ଶଦାତା ସଦସ୍ୟ ମନୋନୀତ



ଗମ୍ଭାରୀପଦା,୨୩।୭ (ସମିସ): ଜଗତସିଂହପୁର ସାଂସଦ ଡ ବିଭୂପ୍ରସାଦ ତରାଇଙ୍କୁ କେନ୍ଦ୍ରସରକାରଙ୍କ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ଅନୁମୋଦନକ୍ରମେ ଶିଶୁ ଓ କିଶୋର ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ପରାମର୍ଶଦାତା ବୋର୍ଡର ସଭ୍ୟ ଭାବେ ମନୋନୀତ କରାଯାଇଛି। କାକଟପୁର ସମେତ ଜଗତସିଂହପୁର ସାଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ଖୁସିର ଲହରୀ ଖେଳିଯାଇଛି। ପୁରୀ ଜିଲ୍ଲା ସାଂସଦ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, କାକଟପୁର ବ୍ଲକ୍ ସାଂସଦ ପ୍ରତିନିଧି କୈଳାଶଚନ୍ଦ୍ର ନାୟକ, ଅସ୍ତରଙ୍ଗ ବ୍ଲକ୍ ସାଂସଦ ପ୍ରତିନିଧି ଦିବାକର ଛାଟୋଇ, କୋଣାର୍କ ଏନ୍‌ଏସିର ସାଂସଦ ପ୍ରତିନିଧି ମଙ୍ଗରାଜ ମୁଦୁଲି, ଗୋପ ବ୍ଲକ୍ ସାଂସଦ ପ୍ରତିନିଧି ରାଜଲକ୍ଷ୍ମୀ ଦାସ ଓ କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ସାଂସଦ ପ୍ରତିନିଧିବୃନ୍ଦ ଡ ତରାଇଙ୍କୁ ଶୁଭକାମନା ଜଣାଇବା ସହିତ ତାଙ୍କ କାର୍ଯ୍ୟଦକ୍ଷତାରେ କାକଟପୁର ନିର୍ବାଚନମଣ୍ଡଳୀର ଉନ୍ନତି ସାଧିତ ହୋଇପାରିବ ବୋଲି ଆଶା ପ୍ରକଟ କରିଛନ୍ତି।

# ପାନଜର୍ଦ୍ଦା ଦୋକାନରେ ଚଢ଼ଉ



ନିମାପଡ଼ା, ୨୩।୭ (ସମିସ): ନିମାପଡ଼ାର ବିଭିନ୍ନ ପାନ ଦୋକାନ ଓ ଜର୍ଦ୍ଦା ଦୋକାନ ଉପରେ ପୁରୀଜିଲ୍ଲା ଏନ୍‌ଫୋର୍ସମେଣ୍ଟ ଟିମ ପକ୍ଷରୁ ଚଢ଼ଉ ଜୋରଦାର କରାଯାଇଛି। ବିଶେଷକରି ବିଭିନ୍ନ ସ୍ଥାନରେ ଥିବା ସ୍କୁଲ କଲେଜ ନିକଟରେ ଗୁଟୁକା, ପାନଜର୍ଦ୍ଦା, ସିଗାରେଟ ଆଦି ବିକ୍ରି କରାଯାଇ ପାରିବ ନାହିଁ ବୋଲି କୋର୍ଟଙ୍କ କଡ଼ା ନିର୍ଦ୍ଦେଶନାମା ରହିଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ଡ୍ରଗ୍ସ ଇନ୍ସପେକ୍ଟର, ଖାଦ୍ୟ ସୁରକ୍ଷା ଅଧିକାରୀ, ଅବକାରୀ ବିଭାଗ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ ସ୍ଥାନୀୟ ପୁଲିସ ମିଳିତ ସହଯୋଗରେ ନିମାପଡା ଅଞ୍ଚଳର ବିଭିନ୍ନ ଦୋକାନରେ ଚଢଉ କରିବା ସହିତ ସ୍କୁଲ ଓ କଲେଜ ନିକଟରେ କୌଣସି ଦୋକାନୀ ଗୁଟୁକା, ସିଗାରେଟ ଆଦି ବିକ୍ରି ନକରିବାକୁ ଦୋକାନୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

# ବାତ୍ୟା ଆଶ୍ରୟସ୍ଥଳୀ ମରାମତି ନେଇ ସରପଞ୍ଚଙ୍କ ନାମରେ ଏତଲା



ଗମ୍ଭାରୀପଦା, ୨୩।୭ (ସମିସ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ୬ ଲକ୍ଷ ଟଙ୍କା ଅନୁଦାନ ରାଶିରେ ବାଙ୍ଗୁରୀଗାଁ ଗ୍ରାମପଞ୍ଚାୟତ ଅଧୀନରେ ଥିବା ଛୋଟିପଡା ଗ୍ରାମସ୍ଥ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର ମରାମତି କାମ କରିବା ପାଇଁ ଅନୁମୋଦନ କରାଯାଇଥିଲା। ଏହି କାର୍ଯ୍ୟାଦେଶ ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ରଖାଯାଇଥିଲା। ଯେହେତୁ ସ୍ଥାନୀୟ ସରପଞ୍ଚ ଆଶ୍ରୟସ୍ଥଳୀ ପରିଚାଳନା କମିଟିର ସଭାପତି ଅଛନ୍ତି, ତେଣୁ ବିଡିଓଙ୍କ ଅନୁମୋଦନକ୍ରମେ କନିଷ୍ଠ ଯନ୍ତ୍ରୀ ଆଶ୍ରୟସ୍ଥଳୀରେ ମରାମତି କାର୍ଯ୍ୟ ତଦାରଖ କରି କରିବା ପାଇଁ ସରପଞ୍ଚଙ୍କୁ କହିଥିଲେ। କିନ୍ତୁ ସମ୍ପାଦକ ସରପଞ୍ଚଙ୍କ ବିରୋଧୀ ଗୋଷ୍ଠୀର ହୋଇଥିବାରୁ କାର୍ଯ୍ୟଟି ସୁରୁଖୁରୁରେ ହେବା ପାଇଁ ବାରମ୍ବାର ବାଧା ଉପୁଜାଇବା ସହ ସରପଞ୍ଚଙ୍କ ବିରୋଧରେ ଅସାମ୍ବିଧାନିକ ଶବ୍ଦ ପ୍ରୟୋଗ କରୁଥିଲେ। ବାଧହୋଇ ସରପଞ୍ଚ ଗତ ୧୮/୦୭/୨୫ରେ ସମ୍ପାଦକଙ୍କ ବିରୋଧରେ କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ସ୍ଥାନୀୟ ଆଇଆଇସି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରିବା ଫଳରେ ସମ୍ପାଦକ ନିଜର ଭୁଲ ବୁଝି ସମସ୍ୟାର ଆପୋଷ ସମାଧାନ କରିଥିଲେ। କାର୍ଯ୍ୟ ସରିବାର କିଛିଦିନ ପରେ ସମ୍ପାଦକ ବିରୋଧୀ ଗୋଷ୍ଠୀଙ୍କ ପ୍ରରୋଚନାରେ ସ୍ଥାନୀୟ ସରପଞ୍ଚ ତଥା ପରିଚାଳନା କମିଟିର ସଭାପତିଙ୍କ ନାମରେ କାକଟପୁର ଥାନାରେ ଆଶ୍ରୟସ୍ଥଳରୁ ଚୋରି କରିଥିବା ଅଭିଯୋଗ କରି ଏତଲା ଦେଇଛନ୍ତି। ସରପଞ୍ଚ ପାର୍ଥ ବେହେରା ପ୍ରତିକ୍ରିୟାରେ କହିଛନ୍ତି କି, ବିରୋଧୀ ଗୋଷ୍ଠୀଙ୍କ ପକ୍ଷରୁ ଏହା ଏକ ପ୍ରକାର ମିଥ୍ୟା, ଭିତ୍ତିହୀନ ଚକ୍ରାନ୍ତ ଅଟେ। କାକଟପୁର ଆଇଆଇସି ଉମେଶ ସାହୁ ଏତଲା ଉପରେ ତଦନ୍ତ ଜାରି ରହିଥିବା ପ୍ରକାଶ କରିଛନ୍ତି।

# ବେଆଇନ ଗ୍ୟାସ୍ ସିଲିଣ୍ଡର ବିକ୍ରି ଉପରେ ଚଢ଼ଉ




ପିପିଲି, ୨୩।୭ (ସମିସ): ପିପିଲି ନିମାପଡ଼ା ଛକ ରେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ବିକ୍ରୟ ହେଉଥିବାର ଅଭିଯୋଗ ହୋଇଆସୁଥିବା ବେଳେ ଆଜି ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୨୦ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ୧୬ଟି ସିଲ୍ ସିଲିଣ୍ଡର ଏବଂ ୪ଟି ଖାଲି ସିଲିଣ୍ଡର ଜବତ କରି ପିପିଲିର ଗ୍ୟାସ ଡିଲର ମା' ମଙ୍ଗଳା ଇଣ୍ଡେନକୁ ହସ୍ତାନ୍ତରିତ କରାଯାଇଛି। ପିପିଲି ନିମାପଡା ଛକର ଏଚୱାଇ ଜିପି ସେଣ୍ଟର ଦୋକାନରେ ପୁରୀ ଯୋଗାଣ ବିଭାଗର ଇନ୍‌ଫୋର୍ସମେଣ୍ଟ ଟିମ, ଅତିରିକ୍ତସି ଏସଓ ପ୍ରଭଞ୍ଜନ ସାହୁ, ସହକାରୀ ସିଏସଓ ଜି. ପ୍ରଶାନ୍ତ ରାଓ ଏବଂ ପିପିଲି ବ୍ଲକ ଏମଆଇ ଜ୍ୟୋତ୍ସ୍ନାରାଣୀ ବେହେରା ଚଢ଼ଉରେ ସାମିଲ ଥିଲେ। ପିପିଲି ବଜାର ମଧ୍ୟରେ ଅନେକ ଦୋକାନରେ ବେଆଇନ ଭାବେ ଗ୍ୟାସ ବିକ୍ରୟ କରାଯାଉଛି। ବରିଷ୍ଠ ନାଗରିକଙ୍କର ପ୍ରଶ୍ନ ଯେ ଗ୍ୟାସ ଭର୍ତ୍ତି ସିଲ ସିଲିଣ୍ଡର ଏମାନେ ପାଇଲେ କେଉଁଠାରୁ ସେ ସମ୍ପର୍କରେ ଟିମ ଖୋଳତାଡ଼ କଲାନାହିଁ। ଇଣ୍ଡେନ ଗ୍ୟାସର ଡିଲର ମା' ମଙ୍ଗଳା ଇଣ୍ଡେନ ଥିବାବେଳେ ଦୋକାନକୁ ସିଲିଣ୍ଡର ଆସିଲା କେମିତି ?

# ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ



କଣାସ, ୨୩।୭ (ସମିସ): କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତ ସଦର ଉଚ୍ଚବିଦ୍ୟାଳୟ ପରିସରରେ ଏକ ମେଗା ବୃକ୍ଷ ରୋପଣ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଅତିଥି,ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଶତାଧିକ ବୃକ୍ଷରୋପଣ କରିବା ସହ ଛାତ୍ରଛାତ୍ରୀ ସେହି ବୃକ୍ଷଗୁଡ଼ିକୁ ନିଜ ମାଆଙ୍କ ପରି ରକ୍ଷଣାବେକ୍ଷଣ କରିବାର ଶପଥ ନେଇଥିଲେ। ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ପ୍ରଧାନଶିକ୍ଷକ ରଘୁନାଥ ବେହେରା, ଆଲୁମନି ପ୍ରତିନିଧି ଭୂପତି ତ୍ରିପାଠୀ, ସରପଞ୍ଚ ପ୍ରତିନିଧି ଗୁଣନିଧି ଶ୍ୟାମସୁନ୍ଦର ଦାସ, ପ୍ରମାଦ ତ୍ରିପାଠୀ ପାତ୍ର, ସମାଜସେବୀ ରବିନାରାୟଣ ଦାଶ, ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା ଶିବିର



କଣାସ, ୨୩।୭ (ସମିସ): କଣାସ ବ୍ଲକସ୍ତରୀୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ତୃତୀୟ ଚକ୍ଷୁ ପରୀକ୍ଷା ଶିବିର ତ୍ରିଲୋଚନପୁର ପଞ୍ଚାୟତ ତ୍ରିଲୋଚନପୁର ଗ୍ରାମରେ ପ୍ରତିଷ୍ଠିତ ତ୍ରିଲୋଚନପୁର ସଂଯୁକ୍ତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ବିଭାଗର ବିଶେଷଜ୍ଞ ଓ ଟେକ୍ନିସିଆନ୍‌ମାନେ ଏହି ଶିବିରରେ ଯୋଗଦେଇ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଚକ୍ଷୁ ସମସ୍ୟାର ଚିହ୍ନଟ କରି ୫ ଜଣ ଛାତ୍ରଛାତ୍ରୀଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁପାରିସ କରିଥିବାବେଳେ ୭୧ ଜଣଙ୍କୁ ଚଷମା ପ୍ରଦାନ ପାଇଁ ସୁପାରିସ କରିଥିଲେ। କଣାସ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା।

# ନୟାହାଟ ବାଇପାସ୍ ରାସ୍ତା ଶୋଚନୀୟ



ନୟାହାଟ, ୨୩।୭ (ସମିସ): ନୟାହାଟ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ କୁଣ୍ଢେଇ କେନାଲ ବାମ ପାର୍ଶ୍ୱ ବନ୍ଧ ଦୀର୍ଘ ୫ ବର୍ଷ ତଳେ କାନାରା ବ୍ୟାଙ୍କଠାରୁ ବରଗଡା ପର୍ଯ୍ୟନ୍ତ ୪୦ ଲକ୍ଷ ଟଙ୍କା ବ୍ୟୟରେ ୧୫୦୦ ମିଟର ନୂତନ ରାସ୍ତା ନିର୍ମାଣ କରାଯାଇଥିଲା। ରବିବାର ଓ ବୁଧବାର ନୟାହାଟରେ ଟ୍ରାଫିକ ସମସ୍ୟା ଦେଖାଯାଉଥିବା ବେଳେ ଉକ୍ତ ବାଇପାସ୍ ରାସ୍ତା ଦେଇ ଦୁଇଚକିଆ, କାର, ଅଟୋ ଯିବାର ବ୍ୟବସ୍ଥା କରାଯାଇଥିଲା। ଉକ୍ତ ରାସ୍ତାରେ ଭାରୀଯାନ ଯିବା ଫଳରେ ରାସ୍ତା ଦବି ପରିବା ହାଟ ମୁସଲମାନ ବସ୍ତି ପ୍ରମୁଖ ସ୍ଥାନରେ ପିଚୁ ଉଠି ଖାଲ ହୋଇଯିବା ଫଳରେ ପାଣି ଜମିରହୁଛି। ମେଟାଲ ବାହାରିବା ଫଳରେ ରାସ୍ତା ଧୀରେ ଧୀରେ ନଷ୍ଟ ହେଉଛି। ଏସଂପର୍କରେ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ତପନ କୁମାର ନାୟକ କହିଥିଲେ ଯେ ସେ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କଲା ପରେ ମରାମତି କାର୍ଯ୍ୟ ଆରମ୍ଭ କରାଇବେ।

# ଜାତୀୟ ଦଳିତ ଆଦିବାସୀ ସଂଖ୍ୟାଲଘୁ ମହାସଂଘର ଗଣଧାରଣା



ନିମାପଡ଼ା,୨୩।୭ (ସମିସ): ଜାତୀୟ ଦଳିତ ଆଦିବାସୀ ସଂଖ୍ୟାଲଘୁ ମହାସଂଘ ପକ୍ଷରୁ ନିମାପଡ଼ା ଥାନା ସମ୍ମୁଖରେ ଗଣଧାରଣା ଦେବାସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନିମାପଡାର ଏକ ସାପ୍ତାହିକ ଖବର କାଗଜର ସଂପାଦକ ନିମାପଡାର କେତେଜଣ ସାମ୍ବାଦିକଙ୍କୁ ସର୍ବସାଧାରଣ ସ୍ଥାନରେ ଜାତିଆଣ ଆକ୍ଷେପ କରିବା ସହିତ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ସଂପାଦକଙ୍କ ବିରୋଧରେ ଥାନାରେ ଦୁଇଟି ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୁଲିସ ଦୁଇଟି ମାମଲା ରୁଜୁକରି ତଦନ୍ତ ଚାଲୁରଖିଛି। ପୁଲିସ ସଂପାଦକକୁ ଗିରଫ କରିବାରେ ବିଳମ୍ବ ହେବାରୁ ଆଜି ଜାତୀୟ ଦଳିତ ଆଦିବାସୀ ମାଇନୋରିଟି ମହାସଂଘ ପକ୍ଷରୁ ନିମାପଡା ପୁରୁଣା ବସଷ୍ଟାଣ୍ଡ ନିକଟରୁ ଏକ ରାଲିରେ ଆସି ନିମାପଡା ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ୪୮ ଘଣ୍ଟାରେ ସଂପାଦକଙ୍କୁ ଗିରଫ କରିବାକୁ ଦାବି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମହାସଂଘ ତରଫରୁ ଏକ ଦାବିପତ୍ର ଏସଡିପିଓ ଜନାର୍ଦ୍ଦନ ପାଢ଼ୀ ଓ ଆଇଆଇସି ବାମଦେବ ସ୍ୱାଇଁଙ୍କୁ ପ୍ରଦାନ କରିଥିଲେ। ବିକ୍ଷୋଭରେ ରାଜ୍ୟ ଦଳିତ ମହାସଂଘର ସଭାପତି ବିଜୟ ସେଠୀ, ସଂପାଦିକା ସୋନିଲତା ସେଠୀ,ପୁରୀ ଜିଲ୍ଲା ସଂପାଦକ ମମତା ବେହେରା, ପାର୍ବତୀ ମଲ୍ଲିକ, ବିଜୁଳି ଭୋଇଓ ନିମାପଡା ପ୍ରେସ କ୍ଲବର ସଭାପତି ଅକ୍ଷୟ ବେହେରାଙ୍କ ସମେତ ଶତାଧିକ ଦଳିତ ମହିଳା କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ
ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭାସ୍କର ଚନ୍ଦ୍ର ରାଉତ
ଆବିର୍ଭାବ - ୨୫.୧୨.୧୯୪୩
ତିରୋଧାନ - ୨୪.୦୭.୨୦୨୪
ଯଶୋଟିକିରି, ଭଣ୍ଡାରିପୋଖରୀ, ଭଦ୍ରକ

ବାପା...
ଚାହୁଁ ଚାହୁଁ ବର୍ଷେ ବିତିଗଲା।
ଯେଉଁଠି ଥାଅ ଭଲରେ ଥାଅ
ଆପଣଙ୍କ ନୀତି ଆଦର୍ଶ ଓ ଆଶୀର୍ବାଦ
ସଦାସର୍ବଦା ଆମ ସହିତ ରହିଥାଉ।


ହତଭାଗ୍ୟ
ପତ୍ନୀ - ଶାନ୍ତିଲତା ରାଉତ,
ପୁଅ - ବଦ୍ରୀ ନାରାୟଣ ରାଉତ
୨୨ ନମ୍ବର ଜିଲ୍ଲା ପରିଷଦ ସଭ୍ୟା
ବିରଞ୍ଚିନାରାୟଣ ରାଉତ
ବିଶିଷ୍ଟ ସମାଜସେବୀ ତଥା
ଯୁବ ଉଦ୍ୟୋଗୀ

# ଶ୍ରୀକ୍ଷେତ୍ର ସିଟି

୨୩/୭/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୩,୮୫,୮୬୬/- ସୁନା: ୦୫.୨୦୦ ଗ୍ରାମ୍ ରୁପା: ୩୬.୫୦୦ ଗ୍ରାମ୍







ଅସରାଏ ବର୍ଷାରେ ବଡ଼ଦାଣ୍ଡ ଜଳାର୍ଣ୍ଣବ



ବେଳାଭୂମି ମାର୍ଗରେ ଜଳର ତାଣ୍ଡବ

## ବିଧାୟକଙ୍କ ସମୀକ୍ଷା ବୈଠକ

# ବିକାଶମୂଳକ କାମ ଆଗେଇ ନେବାକୁ ପରାମର୍ଶ

ପୁରୀ,୨୩।୭ (ସମିସ)

ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ବିଧାୟକ ସୁନୀଲ ମହାନ୍ତି। ବୁଧବାର ସର୍କିଟ ହାଉସ୍‌ଠାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଶ୍ରୀ ମହାନ୍ତି ଅଧକ୍ଷତା କରିଥିବା ବେଳେ ବିଭିନ୍ନ ବିଭାଗର ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ। ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷକରି, ଆଇସିୟୁର ସମସ୍ୟା ଓ ରୋଗୀଙ୍କୁ ଉତ୍ତମ ଚିକିତ୍ସା ନେଇ ହୋଇଥିଲା ଆଲୋଚନା। ପୁରୀ ଜଗନ୍ନାଥ ମେଡିକାଲ କଲେଜ କାର୍ଯ୍ୟ ସରିଥିବା ବେଳେ କ'ଣ ପାଇଁ ସେବାରେ ଲାଗୁନାହିଁ ତା' ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ୨୦୨୬ ମାର୍ଚ୍ଚ ସୁଦ୍ଧା ଜଗନ୍ନାଥ ମେଡିକାଲ କଲେଜ ରୋଗୀ ସେବା ପାଇଁ ଉତ୍ସର୍ଗୀକୃତ ହୋଇପାରିବ ବୋଲି ବିଧାୟକ ମତ ଦେଇଥିଲେ।

ସେହିପରି ପୁରୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ନେବା ପାଇଁ ବିଭାଗୀୟଅଧିକାରୀଙ୍କ ସହ ବିଧାୟକ ଶ୍ରୀ ମହାନ୍ତି ଆଲୋଚନା କରିଥିଲେ। ପୁରୀ ପୌରାଞ୍ଚଳରେ ଥିବା ସମସ୍ୟାର ସମାଧାନ ଏବଂ ଜଲ୍ଲାରେ ଅଧାପନ୍ତରିଆ ଭାବେ ପଡ଼ିରହିଥିବା ବାତ୍ୟା ଆଶ୍ରୟସ୍ଥଳୀଗୁଡିକ ଯଥାଶୀଘ୍ର ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ କୁହାଯାଇଛି। ଏତଦ୍‌ବ୍ୟତୀତ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ବିଧାୟକ ଆଲୋଚନା କରିବା ପରେ ଜିଲାପାଳଙ୍କ ମାଧ୍ୟମରେ ଏହାର ତ୍ୱରିତ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ।




ବୈଠକ ସଂକ୍ରାନ୍ତରେ ବିଧାୟକ ଶ୍ରୀ ମହାନ୍ତି କହିଛନ୍ତି, ପୁରୀକୁ ମହାନିଗର ନିଗମ କରିବା ନେଇ ବହୁବାର ବିଧାନ ସଭାରେ ଦାବି ଉପସ୍ଥାପନା କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ ମହାନଗର ନିଗମ କରିବା ପାଇଁ ଘୋଷଣା କରାଯାଇଛି। ପୁରୀ ସହରରେ ୩୨ଟି ୱାର୍ଡ ରହିଛି। ମହାନଗର ନିଗମ ପାଇଁ ପୁରୀ ସହର ଉପକଣ୍ଠ ୮ରୁ ୧୦ଟି ପଞ୍ଚାୟତକୁ ସାମିଲ କରାଯାଇ ମହାନଗର ନିଗମ କରାଯିବ। ତେଣୁ ଯେଉଁ ପଞ୍ଚାୟତଗୁଡିକ ମିଶିବ ସେଗୁଡିକରେ ରେଜୁଲେସନ ହୋଇ ସରକାରଙ୍କ ପାଖକୁ ପଠାଯିବା କଥା। ମାତ୍ର ଆଜି ଯାଏ ତାହା ହୋଇନାହିଁ କି ସରକାରଙ୍କ ପାଖକୁ ଯାଇନାହିଁ। ଏ ନେଇ ପୌର ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ତେବେ ବିଭାଗ ଯେଉଁ ତଥ୍ୟ ମାଗିଛି କେଉଁ କେଉଁ ପଞ୍ଚାୟତ ଯାଉଛି ସେ ନେଇ ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦିଆଯିବା ପରେ ପରବର୍ତ୍ତୀ କାର୍ଯ୍ୟ ଆରମ୍ଭ ହେବ।

ପୌରସଂସ୍ଥାରେ ନିବାଚନ ପ୍ରତିନିଧି ନ ଥିବାରୁ କିଛି ଟା ଗ୍ୟାପ ରହୁଛି। ତେଣୁ ଦାୟୀତ୍ୱରେ ଥିବା ଅଧିକାରୀମାନେ ତାଙ୍କ କାର୍ଯ୍ୟ କଲେ ତାହା ପୁରଣ ହୋଇ ପାରିବ। ପୁରୀର ସହର ପରିମଳଠାରୁ ଅନ୍ୟ ସମସ୍ତ କାର୍ଯ୍ୟ ଉପରେ ଅର୍ଥ ଆସୁଥିଲେ ମଧ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ସେ ନେଇ ମଧ ଆଲୋଚନା କରାଯାଇଛି। ସମସ୍ତ ଅଧିକାରୀଙ୍କ ମତାମତ ନିଆଯାଇଛି। ପୁରୀର ଉନ୍ନତି ପାଇଁ ଆହୁରି କାମ ହେବ ବୋଲି ବିଧାୟକ କହିଛନ୍ତି। ଅନ୍ୟପକ୍ଷରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, ମହାନଗର ପାଇଁ ଯେଉଁ ଯେଉଁ ପଞ୍ଚାୟତ ମିଶିବେ ସେ ସବୁର ଲିଷ୍ଟ ହୋଇସାରିଛି। ରେଜୁଲେସନ ହେବ। ୧୧ଟି ପଞ୍ଚାୟତକୁ ସାମିଲ କରାଯାଇଛି।

ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗାଁକୁ ନିଆଯାଇଛି। ପୁରୀ ସହରରେ ଦୁଇଲକ୍ଷ ଜନ ସଂଖ୍ୟା ରହିଛି ପଞ୍ଚାୟତ ମିଶିଲେ ୩ ଲକ୍ଷ ଉପରେ ହେବ, ଯାହା ମହାନଗର ମାନଦଣ୍ଡକୁ ପୂରଣ କରିବ। ସଦରର ୧୧ଟି ପଞ୍ଚାୟତ ଓ ବ୍ରହ୍ମଗିରିର ଗୋଟିଏ ପଞ୍ଚାୟତର ଗୋଟିଏ ଗାଁ ଯାଉଛି। ବାକି ପ୍ରକ୍ରିୟା ଖୁବ୍‌ଶୀଘ୍ର ଶେଷ ହେବ ବୋଲି ଶ୍ରୀ ବେହେରା କହିଛନ୍ତି।

# ୨୪ ଦିନରେ ପୁରୀର ୩ ଜିଲ୍ଲାପାଳ

ପୁରୀ,୨୩।୭ (ସମିସ): ମାତ୍ର ୨୪ ଦିନରେ ପୁରୀର ୩ ଜିଲ୍ଲାପାଳ। ଚାରି ସପ୍ତାହ ମଧ୍ୟରେ ତିନିଜଣ ଜିଲ୍ଲାପାଳଙ୍କୁ ଦେଖିବାକୁ ପାଇବେ (ନୂତନ ଜିଲ୍ଲାପାଳ ଦେବଜ୍ୟୋତି ପରିଡ଼ା କାର୍ଯ୍ୟରେ ଯୋଗଦେଇ ନ ଥିଲେ ମଧ ଖୁବ୍‌ଶୀଘ୍ର ଦାୟିତ୍ୱ ଗ୍ରହଣ କରିବେ) ପୁରୀବାସୀ। ଏଠାରେ ପ୍ରଶ୍ନ ଉଠୁଛି, ଏମିତି ତରବରିଆ ନିଷ୍ପତ୍ତି କାହିଁକି? ସବୁଠୁ ବଡ଼ କଥା ହେଉଛି ଜଣେ ଜିଲ୍ଲାପାଳଙ୍କର ମାସେ ପୂରିନି ତାଙ୍କୁ ପୁଣି ବଦଳି କରାଯାଉଛି। ଏହାକୁ ନେଇ ଏବେ ଦ୍ୱନ୍ଦ୍ୱରେ ପୁରୀବାସୀ।

ଚଳିତବର୍ଷ ରଥଯାତ୍ରାରେ ମାଳମାଳ ଅଘଟଣ ଦେଖିବାକୁ ମିଳିଥିଲା। ତେବେ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଦଳାଚକଟାରେ ୩ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ରାଜ୍ୟ ସରକାରଙ୍କୁ ବଚଳିତ କରିଦେଇଥିଲା। ଏଥିରୁ କେମିତି ଖସିବେ ସେ ନେଇ ଭୁବନେଶ୍ୱରରୁ ପୁରୀ ଧାଁ ଧପଡ଼ ଲାଗିଥିଲା। ଶେଷରେ ପୂର୍ବତନ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍‌ପି ବିନୀତ୍ ଅଗ୍ରୱାଲଙ୍କୁ ବଦଳି କରାଯାଇଥିଲା। ପୁରୀର ନୂତନ ଜିଲ୍ଲାପାଳ ଭାବେ ଚଞ୍ଚଳ ରାଣାଙ୍କୁ ସରକାର ନିଯୁକ୍ତ ଦେଇଥିବାବେଳେ ନୂତନ ଏସ୍‌ପି ଭାବେ ପିନାକ ମିଶ୍ରଙ୍କୁ ଦାୟିତ୍ୱ ଦେଇଥିଲେ। ଜୁନ୍ ୨୯ ତାରିଖ ଠାକୁରମାନେ ଆଡପମଣ୍ଡପକୁ ଯିବା ଦିନ ହିଁ ଶରଧାବାଲିରେ ଦଳାଚକଟା ଘଟି ୩ ଜଣଙ୍କୁ ମୃତ୍ୟୁ ହୋଇଥିଲା। ସେହିଦିନ ଅପରାହ୍ନରେ ସରକାର ଉଭୟଙ୍କୁ ବଦଳି କରିଥିଲେ। ସେହିଦିନ ହିଁ ଚଞ୍ଚଳ ରାଣା ଏବଂ ପିନାକ ମିଶ୍ର କାର୍ଯ୍ୟରେ ଯୋଗଦେଇଥିଲେ। ଉଭୟଙ୍କର ପୁରୀରେ ମାସେ ପୂରିନି ମଙ୍ଗଳବାର ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କର ପୁନଶ୍ଚ ବଦଳି କରାଯାଇଛି। ତାଙ୍କୁ ବିଏମ୍‌ସି କମିଶନର ଭାବେ ନୂତନ ଦାୟିତ୍ୱ ଦେଇଛନ୍ତି ସରକାର। ତାଙ୍କ ଜାଗାରେ ଗଞ୍ଜାମର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ପୁରୀର ଜିଲ୍ଲାପାଳ ଭାବେ ନିଯୁକ୍ତ ମିଳିଛି। ଅର୍ଥାତ୍ ଜୁନ୍ ୨୯ ରୁ ଜୁଲାଇ ୨୨; ଏହି ୨୪ ଦିନ ମଧ୍ୟରେ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଚଞ୍ଚଳ ରାଣା ଏବଂ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଜିଲ୍ଲାପାଳ ଭାବେ ଦେଖିବାକୁ ମିଳୁଛି। ଯଦିଓ ଦିବ୍ୟଜ୍ୟୋତି ପରିଡ଼ା ଦାୟିତ୍ୱ ଗ୍ରହଣ କରିନାହାନ୍ତି ସେ ଖୁବ୍‌ଶୀଘ୍ର କାର୍ଯ୍ୟଭାର ଗ୍ରହଣ କରିବେ।

● ଜୋରଜବରଦସ୍ତ ଦୋକାନ ଭାଙ୍ଗିଦେଲେ

# ପୌର ନିର୍ବାହୀ ଅଧିକାରଙ୍କ ନାଁରେ ଏତଲା

ପୁରୀ,୨୩।୭ (ସମିସ): ହାଇକୋର୍ଟଙ୍କ ରାୟ ବଳରେ ବଡ଼ଦାଣ୍ଡରେ ଉଠାଦୋକାନ ପକାଇଥିଲେ। ହେଲେ ଜୋର୍‌ଜବରଦସ୍ତ ପୌରସଂସ୍ଥା ପକ୍ଷରୁ ତାଙ୍କ ଦୋକାନ ଭାଙ୍ଗି ଦିଆଗଲା। ତାଙ୍କୁ ମାଡ଼ ମରାଯାଇଥିବା ବେଳେ ଦୋକାନରେ ଥିବା ଟଙ୍କା ନେଇଯାଇଛନ୍ତି ବୋଲି କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଛନ୍ତି ନବକଳେବର ରୋଡ୍‌ର ନିରଞ୍ଜନ ସିଂ।

ତାଙ୍କ ଅଭିଯୋଗ ଅନୁଯାୟୀ, ସେ ଜଣେ ଉଠାଦୋକାନୀ। ବଡ଼ଦାଣ୍ଡରୁ ପ୍ରଶାସନ ତାଙ୍କ ଉଠାଦୋକାନ ହଟେଇ ଦେଇଥିଲା। ଏହାକୁ ନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ବଳରେ ସେ ଗତ ୧୭ ତାରିଖରୁ ବଡ଼ଦାଣ୍ଡରେ ପୁନଶ୍ଚ ତାଙ୍କ ପସରା ମେଲାଇଥିଲେ। ହେଲେ ୧୯ ତାରିଖରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସ୍କ୍ୱାଡ୍ ସଦସ୍ୟ ପହଞ୍ଚି ତାଙ୍କୁ ଦୋକାନ ହଟାଇବାକୁ କହିଥିଲେ। ନ୍ୟାୟାଳୟଙ୍କ ଆଦେଶ ଅଛି କହିବାରୁ ସେମାନେ ଧମକ ଦେଇଥିଲେ। 'ଶ୍ରୀଘ ଖାଲି କରି ପଳାଇ ଯା', ନଚେତ୍ ତୋତେ ବାନ୍ଧି ନେଇଯିବୁ ଓ ଦୋକାନ ଫୋକାନ ସବୁ ଭାଙ୍ଗିଦେବୁ' ବୋଲି ଧମକ ଦେଇଥିବା ନିରଞ୍ଜନ ଏତଲାରେ ଦର୍ଶାଇଛନ୍ତି।ପରେ ମଙ୍ଗଳବାର ପୂର୍ବାହ୍ନରେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସ୍କ୍ୱାଡ୍ ଏବଂ ପୁଲିସ ପହଞ୍ଚିଥିଲେ। ନିରଞ୍ଜନଙ୍କୁ ଦୋକାନରୁ ବାହାରିବାକୁ କହିଥିଲେ। ସେ ରାଜି ନ ହେବାରୁ ଅଧିକାରୀଙ୍କ ନିର୍ଦ୍ଦେଶରେ ପୁଲିସ୍ ତାଙ୍କୁ ଜୋର୍‌ଜବରଦସ୍ତ ମାଡ଼ ମାରି ଦୋକାନରୁ ନେଇ ପିସିଆର୍ ଭ୍ୟାନ୍‌ରେ ବସାଇଥିଲା। ପରେ ତାଙ୍କ ଦୋକାନକୁ ଜେସିବି ଲଗାଇ ଭାଙ୍ଗି ଦେଇଥିଲେ। ପୁଲିସ ୨ ଘଣ୍ଟା ଅଟକ ରଖି ଛାଡ଼ିବା ପରେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କର ଚିକିତ୍ସା କରାଇଥିଲେ। ତେବେ ତାଙ୍କ ଦୋକାନରେ ଥିବା ପ୍ରାୟ ୫୦ ହଜାର ଟଙ୍କାର ସାମଗ୍ରୀ ଏବଂ ୫,୨୦୦ ଟଙ୍କା ନେଇଯାଇଥିବା ନିରଞ୍ଜନ ଏତଲାରେ ଦର୍ଶାଇଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରି ପୌର ନିର୍ବାହୀ ଅଧିକାରୀ ଏବଂ ତାଙ୍କ ସହଯୋଗୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଥାନାଧିକାରୀଙ୍କୁ ନିବେଦନ କରିଛନ୍ତି ନିରଞ୍ଜନ।

# ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ପୁରୀ, ୨୩।୭ (ସମିସ): ଗୁରୁବାର ଶ୍ରାବଣ କୃଷ୍ଣ ଅମାବାସ୍ୟା। ଏହି ପବିତ୍ର ତିଥିରେ ଶ୍ରୀମନ୍ଦିରରେ ତିନିଠାକୁରଙ୍କ ଚିତା ଲାଗି ନୀତି ଅନୁଷ୍ଠିତ ହେବ। ଦାରୁବିଗ୍ରହଙ୍କୁ ଦଇତାପତି ସେବକମାନେ ରତ୍ନଚିତା ଲାଗି କରାଇବେ। ତିନିବାଡ଼ର ବାଡ଼ଗ୍ରାହୀ ଓ ଦଇତାପତି ସେବତାୟତମାନେ ଏହି ଅଳଙ୍କାର ଶ୍ରୀଅଙ୍ଗରେ ଲାଗି କରିବେ। ପ୍ରଥମ ଭୋଗମଣ୍ଡପ ଶେଷ ପରେ ଏହି ବିଶେଷ ନୀତି ସମ୍ପନ୍ନ ହେବ। ଏଥିପାଇଁ ଶ୍ରୀମନ୍ଦିରରେ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଆପାତତଃ ଅପରାହ୍ନ ସାଢେ ୨ଟାରୁ ସନ୍ଧ୍ୟା ସାଢେ ୬ଟା ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଥାଉ କି, ସ୍ନାନ ପୂର୍ଣ୍ଣିମାରେ ଠାକୁରେ ଅଣସର ପିଣ୍ଡିକୁ ବିଜେ କରିବା ବେଳେ ରତ୍ନଚିତା ଓଲାଗି କରାଯାଇଥିଲା। ରଥରେ ମହାପ୍ରଭୁ ସୋଲଚିତା ଲାଗି ହୋଇଥିଲେ। ପରମ୍ପରା ମୁତାବକ, ଚିତାଲାଗି ଅମାବାସ୍ୟାରେ ଠାକୁରଙ୍କୁ ରତ୍ନଚିତା ଲାଗି କରାଯିବ। ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ୱେତ ହୀରାଖଚିତ ସୁବର୍ଣ୍ଣ ଚିତା, ବଡ଼ଠାକୁର ଲୀଳା ଏବଂ ଦେବୀ ସୁଭଦ୍ରା ମାଣିକ ଖଚିତ ସୁବର୍ଣ୍ଣ ଚିତା ଧାରଣ କରିବେ।

## ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ

# 'ଶ୍ରମିକଙ୍କ ଅଧିକାର ଓ ସମ୍ମାନ ପାଇଁ ସ୍ୱର ଉଠାଅ'

ପୁରୀ,୨୩।୭ (ସମିସ)

ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ପୁରୀ ଜିଲ୍ଲାର ୭୦ତମ ପ୍ରତିଷ୍ଠା ଦିବସ ଜିଲ୍ଲା କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ରାଜକୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନେକ ଟ୍ରେଡ଼ ୟୁନିୟନ, ବିଦ୍ୟୁତ୍, ରେଲୱେ, ଆଶାକର୍ମୀ, ଉଜ୍ୱଳା ଓ ଅଙ୍ଗନବାଡି କର୍ମୀ ଏଥିରେ ଭାଗ ନେଇଥିଲେ। ଭାରତୀୟ ମଜଦୁର ସଂଘ ହେଉଛି ଭାରତର ସବୁଠାରୁ ବଡ଼ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ଯାହା ୧୯୫୫ରେ ମହାନ ରାଷ୍ଟ୍ର ନାୟକ ଓ ସମାଜସେବୀ ଦତ୍ତପନ୍ତ ଥେଙ୍ଗଡି ଜୀଙ୍କ ଦ୍ୱାରା ଭୋପାଳରେ ସ୍ଥାପିତ ହୋଇଥିଲା। ବିଏମ୍‌ଏସ୍‌ର ଉଦ୍ଦେଶ୍ୟ ହେଉଛି ଶ୍ରମିକଙ୍କ ଅଧିକାର, ସମ୍ମାନ ଓ ସୁବିଧା ପାଇଁ ସଂଘବଦ୍ଧ ଭାବେ ସ୍ୱର ଉଠାଇ ସେମାନଙ୍କୁ ଶିକ୍ଷିତ, ସଚେତନ ଓ ସ୍ୱାଭିମାନୀ କରିବା।

ଏହି ସଂଘ ବୃହତ ଟ୍ରେଡ଼ ୟୁନିୟନ ଭାବେ ସମସ୍ତ ପ୍ରଧାନ ଅର୍ଥନୈତିକ କ୍ଷେତ୍ରରେ ନିୟୋଜିତ ଶ୍ରମିକ ଯେପରି କି କାରଖାନା, ରେଲୱେ, ଗାଡି ଚାଳକ, ଆଶା ଓ ଅଙ୍ଗନବାଡି କର୍ମୀ ଆଦି ସମସ୍ତଙ୍କୁ ସଂଘଠିତ କରିଥାଏ। ପୁରୀ ଜିଲ୍ଲାର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଉତ୍ସାହ ଦେଖିବାକୁ ମିଳିଥିଲା।

ଉତ୍ସବରେ ପୁରୀ ଜିଲ୍ଲା ସମ୍ପାଦକ ବିଶ୍ୱନାରାୟଣ ଦାସ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରତିମା ମଞ୍ଜରୀ ଦତ୍ତ, ଜିଲ୍ଲା କୋଷାଧକ୍ଷ ମଞ୍ଜୁଲତା ମୁଦୁଲି, ବିଦ୍ୟୁତ୍ ସଂଘର ସଭାପତି ଗିରିଜା ଶଙ୍କର ହୋତା, ସମ୍ପାଦକ ବସନ୍ତ ପଲେଇ, ରେଲୱେ ଠିକା ମଜଦୁର ସଂଘର ସମ୍ପାଦକ ସନ୍ତୋଷ ପ୍ରଧାନ, ପ୍ରିୟବ୍ରତ ଜେନା, ଆଶା କର୍ମୀ ରିତା ମାଝି, ଜୟନ୍ତୀ ପ୍ରଧାନ, ଉଜ୍ୱଳା କର୍ମୀ ରଞ୍ଜିତା ଦାସ, କୁମୁଦିନି ସାହୁ, ସଂଯୁକ୍ତା ରଥ, ଓଏଲ ଏମ୍‌ରୁ ସରସ୍ୱତୀ ଜେନା, ଯୋଗେନ୍ଦ୍ର ପାତ୍ର, ଅଙ୍ଗନବାଡି ସଙ୍ଗଠନରୁ ସୂର୍ଯ୍ୟକାନ୍ତି ପ୍ରଧାନ, ଶୁଭ୍ରତା ରାଣୀ ମହାନ୍ତି, ସୁଷମା ବେହେରା ପ୍ରମୁଖଙ୍କୁ ଜିଲ୍ଲା ସଭାପତି ରାଜକୁମାର ମିଶ୍ର ପ୍ରତିଷ୍ଠା ଦିବସରେ ସମ୍ମାନିତ କରିଥିଲେ।

# ସଞ୍ଜୟ ମିଶ୍ରଙ୍କୁ ଆଦିଯୋଗୀ ଯୋଗ ଭୂଷଣ ସମ୍ମାନ

ପୁରୀ,୨୩।୭ (ସମିସ)

ସ୍ୱନାମଧନ୍ୟ ଯୋଗ ପ୍ରଶିକ୍ଷକ, ଜିମ୍ନାଷ୍ଟିକ୍‌ସ ଏବଂ ମାଲ୍ଲଖମ୍ବ ପ୍ରଶିକ୍ଷକ ଭାବେ ବେଶ୍ ଜଣାଶୁଣା ପୁରୀର ସଞ୍ଜୟ କୁମାର ମିଶ୍ର ବହୁମୁଖୀ ପ୍ରତିଭାର ଅଧିକାରୀ। ତାଙ୍କ ପ୍ରତିଭାର ଫଳସ୍ୱରୂପ ବହୁ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡାବିତ୍ ଜିମ୍ନାଷ୍ଟିକସ୍, ମାଲ୍ଲଖମ୍ବ ଓ ଯୋଗାସନ ବ୍ୟତୀତ ଦୌଡ଼କୁଦରେ ଭାଗ ନେଇ ଓଡ଼ିଶା ତଥା ଭାରତକୁ ଗୌରବାନ୍ୱିତ କରିସାରିଛନ୍ତି। ଏବେ ବି ତାଙ୍କ ତତ୍ତ୍ୱାବଧାନରେ ୫୦ରୁ ଅଧିକ କ୍ରୀଡ଼ାବିତ୍ ଝାଡ଼େଶ୍ୱରୀ କ୍ଲବ ପରିସରରେ ବିଭିନ୍ନ କ୍ରୀଡ଼ା ଏବଂ ଯୋଗରେ ଅଭ୍ୟାସରତ। କୌଣସି ସରକାରୀ ପ୍ରୋତ୍ସାହନ ନଥାଇ ମଧ ସେ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ବିତରଣ କରୁଛନ୍ତି। ତାଙ୍କ ଏଭଳି ବହୁମୁଖି ପ୍ରତିଭା ଦେଖି ଅଖିଳ ଭାରତୀୟ ଯୋଗ ଶିକ୍ଷକ ସଂଘ ତରଫରୁ ତାଙ୍କୁ ସମ୍ମାନଜନକ "ଆଦିଯୋଗୀ ଯୋଗ ଭୂଷଣ' ସମ୍ମାନ ପ୍ରଦାନ ନିମନ୍ତେ ଚୟନ କରାଯାଇଥିଲା। ଗତ ୧୫ ତାରିଖରେ ସଞ୍ଜୟ ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଲଜପତ୍ ଭବନଠାରେ ଆୟୋଜିତ ଉତ୍ସବରେ ତାଙ୍କୁ ଉପଢୌକନ, ପ୍ରମାଣପତ୍ର ଏବଂ ସିଲ୍ଡ ପ୍ରଦାନ କରାଯାଇଛି। ସୂଚନାଥାଉ କି, ପୂର୍ବରୁ ଶ୍ରୀ ମିଶ୍ରଙ୍କୁ ରାଜସ୍ଥାନର କୋଟା ଠାରେ ଜିମ୍ନାଷ୍ଟିକସ୍ ପାଇଁ ମଧ ଆନ୍ତର୍ଜାତୀୟ ଆଚିଭର୍ ଆୱାର୍ଡ ମିଳିସାରିଛି। ଏତଦ୍‌ବ୍ୟତୀତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ ତାଙ୍କୁ ସମ୍ମାନିତ କରାଯାଇଛି।



# କଲେଜରେ ପୋସ୍କୋ ଆକ୍ଟ କର୍ମଶାଳା

ପୁରୀ,୨୩।୭ (ସମିସ): ସୁରଜମଲ ସାହା ମହାବିଦ୍ୟାଳୟରେ ବୁଧବାର ପୋସ୍କୋ ଆକ୍ଟ ୨୦୧୩ ଏବଂ ୟୁଜିସି ରେଗୁଲେସନ ସମ୍ପର୍କୀତ କର୍ମଶାଳା ଅଧକ୍ଷଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ଆଇସିସି ସଦସ୍ୟ ଉପସ୍ଥିତ ଥିଲେ। ଆଇସିସି କମିଟିର ମୁଖ୍ୟ ପ୍ରଫେସର ସୁଜାତା ବେହେରା ସଭାର ଆଭିମୁଖ୍ୟ ତଥା ଯୌନ ଉତ୍ପୀଡନକୁ ପ୍ରତିରୋଧ ଓ କିପରି ନିଷେଧ କରାଯାଇ ପାରିବ ସେ ସମ୍ପର୍କରେ ଧାରଣା ଦେଇଥିଲେ। ପ୍ରଫେସର ନଳୀନିକାନ୍ତ ପଟ୍ଟନାୟକ ମହିଳାମାନେ କିପରି ଅଭିଯୋଗ କରିପାରିବେ ସେ ବିଷୟରେ ବୁଝାଇଥିଲେ। ଅଧକ୍ଷ ଶରତ କୁମାର ସାହୁ ସମସ୍ତ ଦିଗ ପ୍ରତି ଆଲୋକପାତ କରିଥିଲେ। ଆଇସିସି କମିଟି ସଦସ୍ୟ ବଳରାମ ମିଶ୍ର ଛାତ୍ରୀମାନେ କିପରି ନିଜସ୍ତରରେ ସଚେତନ ରହିବେ ଓ ସୁରକ୍ଷିତ ରହିବେ ବିସ୍ତୃତ ଭାବେ ବୁଝାଇଥିଲେ। ଆଇସିସି କମିଟି ସଦସ୍ୟ ଦୁର୍ଗାପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଏବଂ ଛାତ୍ରଛାତ୍ରୀ କର୍ମଶାଳାରେ ଉପସ୍ଥିତ ଥିଲେ।

## ଯୁବକଙ୍କୁ ଆକ୍ରମଣ ଘଟଣା

# ଧରାପଡ଼ିଲେ ୨ ନାବାଳକ, ୨ କଟୁରୀ ଜବତ

ପୁରୀ,୨୩।୭ (ସମିସ)

ଗତ ୧୭ ତାରିଖରେ ପୁରୀ-କୋଣାର୍କ ରାସ୍ତାର ସ୍ୱାମୀ ନାରାୟଣ ଆଶ୍ରମ ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ, ଟାଉନ୍ ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହି ନୂଆ ପାଟଣା ଲେନ୍‌ର ରାହୁଲ ଦାସ(୨୨)। ତେବେ ଏହି ଘଟଣାରେ ସଦର ଥାନା ପୁଲିସ ୨ ଜଣ ନାବାଳିକାଙ୍କୁ ଧରିଛି। ସେମାନଙ୍କୁ ବୁଧବାର ବ୍ରହ୍ମପୁର ଜୁଭେନାଇଲ ହୋମ୍‌କୁ ପଠାଯାଇଛି। ଦୁଇ ଅଭିଯୁକ୍ତଙ୍କ ନିକଟରୁ ୨ଟି କଟୁରୀ ଜବତ କରାଯାଇଛି ବୋଲି କହିଛନ୍ତି ଆଇଆଇସି ସୁନୀଲ କୁମାର ପ୍ରଧାନ।

ସୂଚନାଥାଉ କି, ରାହୁଲ ଏକ ମାମଲାରେ ଜେଲ୍ ଯାଇ ଘଟଣାର ୪/୫ ଦିନ ପୂର୍ବରୁ ସର୍ତ୍ତମୂଳକ ଜାମିନରେ ଘରକୁ ଆସିଥିଲେ। ଗି ୧୭ ମଧ୍ୟାହ୍ନରେ ସେ ତାଙ୍କର ଜଣେ ସମ୍ପର୍କୀୟ ଭଉଣୀକୁ ନେଇ ବାଙ୍ଗର ଜେଲ୍‌ରେ ଥିବା ଭିଣୋଇକୁ ସାକ୍ଷାତ୍ କରିବା ନିମନ୍ତେ ଯାଉଥିଲେ। ବାଲିଗୁଆଳିସ୍ଥିତ ସ୍ୱାମୀ ନାରାୟଣ ଆଶ୍ରମ ନିକଟରେ ପୂର୍ବରୁ ଛକିଥିବା ମାର୍କଣ୍ଡେଶ୍ୱର ସାହିର କିଛି ଦୁର୍ବୃତ୍ତ ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ରାହୁଲ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ସାଙ୍ଗରେ ଥିବା ଭଉଣୀ ରାହୁଲଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରି ସେଠାରୁ ଖସି ଯାଇଥିଲେ। ରାହୁଲଙ୍କ ଦୁଇ ହାତରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବାଲିଘାଇ ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଭାଇ ଭଉଣୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ମାତ୍ର ରାହୁଲଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଥିଲା।

**CENTRAL UNIVERSITY OF ODISHA, KORAPUT**
(Established Under the Central Universities Act, 2009)
Dept. of Higher Education, Ministry of Education, Govt. of India
NAD, Sunabeda, Dist-Koraput, Odisha. PIN-763004
Website: www.cuo.ac.in

**ADMISSION NOTIFICATION FOR M.SC. IN BIODIVERSITY AND CONSERVATION OF NATURAL RESOURCES**

Activity Schedule :


| | |
|---|---|
| Date & Time for Reporting: | 28.07.2025 (9.30 AM to 10:30 AM) |
| Date & Time for Document Verification | 28.07.2025 (10.30 AM to 11:30 AM) |
| Date & Time for Entrance Examination | 28.07.2025 (11.30 AM to 12.30 PM) |
| Date & Time for Publication of Result & Merit List | 28.07.2025 (by 2.30 PM) |
| Date & Time for Admission | 28.07.2025 (2.30 PM onwards) |

For more details please visit our website(s): www.cuo.ac.in
For any query: Contact No. 9439185655 / 9668887305 / 8144744270
Email: admission@cuo.ac.in

Sd/-
Controller of Examinations

THE SAKALA

# ସମ୍ପାଦକୀୟ



'ବିଶ୍ୱର ଯେକୌଣସି ଅଞ୍ଚଳର ଦାରିଦ୍ର୍ୟ ସମଗ୍ର ମାନବ ସଭ୍ୟତା ପାଇଁ ଚେତାବନୀ।
-କୋଫି ଆନନ୍

## ପରୀକ୍ଷା-ପ୍ରଶ୍ନ-ପ୍ରଘଟ

ପରୀକ୍ଷା ଆରମ୍ଭ ହୋଇନି। ସିଲ୍ ପ୍ରଶ୍ନପତ୍ର ଖୋଲାଯାଇନି। ଅଥଚ ପ୍ରଶ୍ନପତ୍ର ପ୍ରଘଟ ହୋଇଗଲା। ତେଣୁ ପରୀକ୍ଷା ବାତିଲ କରାଗଲା। ହାତ ଲେଖା ପ୍ରଶ୍ନପତ୍ର, ସାମାଜିକ ଗଣମାଧ୍ୟମରେ ଘୂରିବୁଲିବାରୁ କର୍ତ୍ତୃପକ୍ଷ ନିର୍ବିଚାରରେ ଏ ପ୍ରକାର ଘୋଷଣା କଲେ। ଆମେ ଏଠାରେ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) କଥା କହୁଛୁ। ଗତ ସପ୍ତାହର ଶେଷଭାଗର ଏହି ଘଟଣାଟି କେବଳ ଶିକ୍ଷକ ସମାଜକୁ ନୁହେଁ, ସମଗ୍ର ରାଜ୍ୟବାସୀଙ୍କୁ ଚକିତ କରିଛି। ସିଲ୍ ପ୍ରଶ୍ନପତ୍ରରେ କ'ଣ ଅଛି ତାହା ଜାଣିବାର ଅବକାଶ. ନାହିଁ। ତଥାପି ପ୍ରଘଟ ହେଲା। ବିଚିତ୍ର ପରିଚାଳନା ବ୍ୟବସ୍ଥା। କର୍ତ୍ତୃପକ୍ଷଙ୍କ ଅପରିଣାମଦର୍ଶିତାକୁ ଯେତେ କଠୋର ଭାଷାରେ ସମାଲୋଚନା କଲେ ମଧ୍ୟ ଯଥେଷ୍ଟ ହେବନି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଏହି ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିଲେ। ରାଜ୍ୟର ଗଣଶିକ୍ଷା ବ୍ୟବସ୍ଥା ଏକ ପ୍ରକାର ଭୁଶୁଡ଼ି ପଡ଼ିଥିବା ବେଳେ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ଏବଂ କାର୍ଯ୍ୟରତ ଶିକ୍ଷକଙ୍କ ବେତନ ଭତ୍ତା ସମସ୍ୟାର ସମାଧାନ ଦାବି କେବେ ପୂରଣ ହୁଏନି। ବିଧାନସଭା ଅଧିବେଶନ ଆରମ୍ଭ ହେବା ମାତ୍ରେ ଶିକ୍ଷକ ଆନ୍ଦୋଳନ ଓ ଧାରଣା ଆରମ୍ଭ ହୋଇଯାଏ। କେବଳ ପ୍ରତିଶ୍ରୁତିରେ ସେମାନଙ୍କ ଦାବି ପୂରଣ ହୁଏ। ଏହି ଓଟିଇଟି ପରୀକ୍ଷା ହିଁ ଏକ ସୁଯୋଗ, ଯାହା ମାଧ୍ୟମରେ ସେମାନଙ୍କ ଯୋଗ୍ୟତା ସ୍ୱୀକୃତି ପାଇଥାଏ ଏବଂ ସରକାରୀ ବେତନ ଭତ୍ତା ପାଇବାର ଅବକାଶ ସୃଷ୍ଟି ହୋଇଥାଏ। ସେଥିରେ ଯଦି ବିଭ୍ରାଟ ଘଟେ ଆଶାୟୀଙ୍କ ମନରେ କିପ୍ରକାର ବିଦ୍ରୋହ ସୃଷ୍ଟି ହେଉଥିବ ତାହା ସହଜରେ ଅନୁମେୟ।

ପରିସ୍ଥିତି ଏପରି ହେଲା ଯେ ରବିବାର ପରୀକ୍ଷା ହେବାର ଥିଲା। ଶନିବାର ରାତିରେ ପରୀକ୍ଷା ବାତିଲ ଘୋଷଣା କରାଗଲା। ପରୀକ୍ଷାର୍ଥୀଙ୍କୁ ନିଷ୍ପତ୍ତି ସଂପର୍କରେ ଜାଣିବାର ସୁଯୋଗ ନଥିଲା। ପରୀକ୍ଷା କେନ୍ଦ୍ରରେ ତାଲା ପକାଇ ବାତିଲ ନୋଟିସ ଟଙ୍ଗାଇ ଦିଆଗଲା। ଘରୁ ଆସିଥିବା ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରକୁ ଆସି ଏ ସଂପର୍କରେ ଅବଗତ ହେଲେ। ବିଚରା ଠିକା ଶିକ୍ଷକ ନିଜର ନ୍ୟାଯ୍ୟ ଦାବି ହାସଲ ପାଇଁ ଆଉ କେତେଦିନ ଲଢ଼ିବେ? ପରୀକ୍ଷା ପାଇଁ ପ୍ରସ୍ତୁତି ଓ ଦୂରଦୂରାନ୍ତରୁ ଦିନକ ପୂର୍ବରୁ ଆସି ପରୀକ୍ଷା କେନ୍ଦ୍ର ସନ୍ନିକଟସ୍ଥ ଅଞ୍ଚଳରେ ଅବସ୍ଥାନ କରିଥିବା ଶିକ୍ଷକଙ୍କୁ ବାତିଲ ନିଷ୍ପତ୍ତି ନିଶ୍ଚୟ ବାଧିଥିବ। ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ପରିଚାଳନା କରିବାର ଦକ୍ଷତା ଏବଂ ତଥାକଥିତ ନିଷ୍ପକ୍ଷତା ଓ ଗୋପନୀୟତା ନେଇ କେବଳ ପରୀକ୍ଷାର୍ଥୀ ନୁହନ୍ତି ଯେ କେହି ପ୍ରଶ୍ନ ଉଠାଇବା ସ୍ୱାଭାବିକ। ଏକଥା କହିଲାବେଳେ ପରିଷଦ କର୍ତ୍ତୃପକ୍ଷ ନିଶ୍ଚୟ କହିବେ ରାଜ୍ୟର ସର୍ବବୃହତ ମାଟ୍ରିକ ପରୀକ୍ଷା ଶୃଙ୍ଖଳିତ ଭାବେ ପରିଚାଳନା କରୁଥିବାର ସାମର୍ଥ୍ୟ ସେମାନଙ୍କର ଅଛି। କିନ୍ତୁ ଏକ୍ଷେତ୍ରରେ ମଧ୍ୟ ଚାଲିଥିବା କେଲେଙ୍କାରୀ ଏକାଧିକ ଥର ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ କି ୭୫ ହଜାର ୪୦୩ ଶିକ୍ଷକ ଚାକିରିରେ ନିୟମିତ ହେବାର ଯୋଗ୍ୟତା ହାସଲ ସକାଶେ ଫର୍ମ ପୂରଣ କରିଥିଲେ। ସେମାନଙ୍କଠାରୁ ଆଦାୟ କରାଯାଇଥିବା ଫି ମଧ୍ୟ କିଛି କମ ନୁହେଁ। ଗୋଟିଏ ପେପର ପାଇଁ ୯୦୦ ଟଙ୍କା ଓ ଦୁଇଟି ପେପରକୁ ୧୪୦୦ ଟଙ୍କା ଆବେଦନ ବେଳେ ଦେବାକୁ ପଡିଛି। ପରୀକ୍ଷା ନହେଉଣୁ ଏହି ବିଭ୍ରାଟ। ଆଗକୁ ପରୀକ୍ଷା ଖାତା ମୂଲ୍ୟାୟନଠାରୁ ଆରମ୍ଭ କରି ଏକାଧିକ ସ୍ତର ଅଛି, ଯେଉଁଠି କାରସାଦିର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ।

ଏହି ଘଟଣାକ୍ରମକୁ ପର୍ଯ୍ୟାଲୋଚନା କଲାବେଳେ ନାନା ପ୍ରଶ୍ନ ଉଙ୍କି ମାରେ। କେଉଁସ୍ତରରୁ ପ୍ରଶ୍ନପତ୍ର ପ୍ରଘଟ ହେଲା? ପ୍ରଶ୍ନପତ୍ର ପ୍ରସ୍ତୁତି ବା ମୁଦ୍ରଣ ବେଳେ ନା ପରୀକ୍ଷାକେନ୍ଦ୍ରକୁ ପଠାଯାଇଥିବା ସିଲ୍ଡ ପ୍ରଶ୍ନପତ୍ର? ପ୍ରଶ୍ନପତ୍ର କେଉଁଠି ନା କେଉଁଠି ଖୋଲାଯାଇଛି। ପରୀକ୍ଷା ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ହ୍ୱାଟସ୍ଆପ ଓ ଫେସବୁକ୍‌ରେ ଘୂରି ବୁଲୁଥିବା ହାତ ଲେଖା ପ୍ରଶ୍ନପତ୍ରକୁ କେମିତି ଓ କେଉଁ ସୂତ୍ରରେ ଯାଞ୍ଚ କରାଗଲା ? ଏଥିରୁ ସ୍ପଷ୍ଟ ଯେ ଏମିତି କିଛି କଥା ରହିଛି, ଯାହାକୁ କର୍ତ୍ତୃପକ୍ଷ ନିଜ ସ୍ତରରେ ଗୋପନ ରଖିଛନ୍ତି। ୧୩୯ଟି ପରୀକ୍ଷା କେନ୍ଦ୍ରକୁ ପଠାଯାଇଥିବା ସିଲ୍ଡ ପ୍ରଶ୍ନପତ୍ରର ଯାଞ୍ଚ ଓ ଅନୁସନ୍ଧାନ କରାଯାଉଛି। କେଉଁସ୍ତରରେ କ'ଣ ହୋଇଛି ତାହା ଯେ ପଦାକୁ ଆସିବ ଏ ବିଶ୍ୱାସ ଆମର ନାହିଁ। ସମୟକ୍ରମେ ତାହା ମଧ୍ୟ ଲୁଚି ଯିବ। ଆମମାନଙ୍କ ସ୍ମରଣଶକ୍ତି ଏତେ ଦୁର୍ବଳ ଯେ ଦିନ ଗଡ଼ି ଗଲେ ଆମେ ସବୁ ଭୁଲିଯିବା। ପୁଣି କେବେ ପରୀକ୍ଷା ହେବ ତାହାର କୌଣସି ଠିକ୍‌କଣା ନାହିଁ। କଥାରେ ଅଛି ଚକେ ଗଡ଼ିଲେ ବାର ହାତ। ଚାକିରିରେ ସ୍ଥାୟୀତ୍ୱ ହାସଲ କରିବା ଏକ ସ୍ୱପ୍ନ। ଶିକ୍ଷକଙ୍କ କ୍ଷେତ୍ରରେ ଏହା ଦୀର୍ଘଦିନର ଅପେକ୍ଷା। 'ଠିକା'ର ମାନସିକ ଯାତନାରୁ ମୁକ୍ତି ପୁଣି ସୁଦୂର ପରାହତ. ହେଲା, ଏହି ଦୁଃଖ କେହି ଅପନୋଦନ କରିପାରିବେନି।

ପ୍ରଶ୍ନପତ୍ର ପ୍ରଘଟ ଏକ ରୋଗ। ତାହାର ସଂକ୍ରମଣ କ୍ଷମତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତେଣିକି ସେ ପ୍ରବେଶିକା ପରୀକ୍ଷା ହେଉ କି ନିଯୁକ୍ତି ପରୀକ୍ଷା। ପ୍ରଶ୍ନପତ୍ର ବାରମ୍ବାର ପ୍ରଘଟ ହେଉଛି ଓ ପୁଣି ପରୀକ୍ଷା ଘୁଞ୍ଚିଛି। ଏହାପଛରେ ସକ୍ରିୟ ଥିବା ରାକେଟ ସଂପର୍କରେ କର୍ତ୍ତୃପକ୍ଷ ଯେ ଅବଗତ ନ ଥା'ନ୍ତି ଏକଥା ନୁହେଁ। ସବୁ ସଲାସୁତରାରେ ଚାଲେ। ଯଦି ଧରପଗଡ଼ ସବୁ ସୁରୁଖୁରୁରେ ଚାଲେ ତେବେ ଦୁଇପକ୍ଷ ଲାଲେଲାଲ୍। ଧରାପଡ଼ିଗଲେ ମଧ୍ୟ ସେମିତି କିଛି ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସେମାନେ ମୁହଁ ପାଇଛନ୍ତି। ବେଳେ ବେଳେ ମନେ ହୁଏ କର୍ତ୍ତୃପକ୍ଷଙ୍କ ନିଯୁକ୍ତି ଦେବାର ଅଭିପ୍ରାୟ ନ ଥିଲେ ମଧ୍ୟ ପରୀକ୍ଷା ଅୟୋଜନ ହୁଏ, ଆଶାୟୀଙ୍କଠାରୁ ଫି' ଆଦାୟ କରାଯାଏ, ହେଲେ ପ୍ରଶ୍ନପତ୍ର ପ୍ରଘଟ ହେବାରୁ ପରୀକ୍ଷା ପୁଣି ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରହେ। ଅଥଚ ଘରଠାରୁ ଦୂରରେ ରହି ପିଲାଙ୍କ କୋଚିଙ୍ଗ ବାବଦରେ ବିପୁଳ ଅର୍ଥଶ୍ରାଦ୍ଧ କରିଚାଲିଥା'ନ୍ତି ଅଭିଭାବକ। ଏପ୍ରକାର ନିରାଶା ଓ ହତାଶ ଦେଶବ୍ୟାପୀ ଅନୁଭୂତ ହେଉଛି। ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଆଇନଗତ ବ୍ୟବସ୍ଥାରେ ସଂଶୋଧନ ମାଧ୍ୟମରେ କଟକଣାକୁ କଡ଼ାକଡ଼ି କରାଯାଇଛି ସତ, ହେଲେ ତାହାର ସୁଫଳ ଏଯାବତ ଅନୁଭୂତ ହୋଇନାହିଁ।

ଏକଥା ଉଲ୍ଲେଖ କଲାବେଳେ ନିକଟରେ ପ୍ରକାଶ ପାଇଥିବା ଜାତୀୟ ପରିସଂଖ୍ୟାନ ରିପୋର୍ଟ ଉପରେ ଆଖି ପକେଇ ଦେବା ଉଚିତ ହେବ। ଦେଶରେ ବଢୁଥିବା ବେକାରୀ କ୍ରମେ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବା ବେଳେ ଅଧିକାଂଶ ରାଜ୍ୟରେ ପରିଲକ୍ଷିତ ପ୍ରଶ୍ନପତ୍ର ପ୍ରଘଟ ପରି ରୋଗର ନିଦାନ ପ୍ରତି ସରକାର ଅଧିକ ଯତ୍ନବାନ ଓ ସଚେତନ ହେବା ଆବଶ୍ୟକ। ଗତ ଜୁନ୍ ମାସରେ ବେକାରୀ ହାର ସହରାଞ୍ଚଳରେ ୧୮% କୁ ବୃଦ୍ଧି ପାଇଥିବା ବେଳେ ଗ୍ରାମାଞ୍ଚଳରେ ଏହି ହାର ୧୫% ରେ ସୀମିତ ଅଛି। ବେଳଥାଉ ଥାଉ ବନ୍ଧ ନ ବାନ୍ଧିଲେ ଏହି ସମସ୍ୟା ଦେଶରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ।

# ଅନେକ ସୌମ୍ୟାଶ୍ରୀ ଆଜି ମଧ୍ୟ ଜୀବିତ

ପ୍ରମୋଦ ଧଳ

ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମଦାହ ସମସ୍ତଙ୍କୁ ସ୍ତବ୍ଧ କରିଛି। ନିଜ ଶିକ୍ଷକଙ୍କ ଦ୍ୱାରା ବାରମ୍ବାର ଶରୀରିକ ଓ ମାନସିକ ଯନ୍ତ୍ରଣା ପାଇ ଅସହାୟ ହୋଇପଡ଼ିଥିଲେ। ସବୁଠି ଗୁହାରି କରିବା ପରେ ବି ନ୍ୟାୟ ମିଳିଲାନି। ଶେଷରେ ନିରାଶ ହୋଇ ଦିନ ଦ୍ୱିପ୍ରହରରେ କଲେଜ ପରିସରରେ ସମସ୍ତଙ୍କ ଉପସ୍ଥିତିରେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଲେ। କିଛି ଲୋକ ଝିଅଟି ଜଳୁଥିବାର ଦୃଶ୍ୟ ନିଜ ମୋବାଇଲରେ ଭିଡିଓ କଲେ। କିନ୍ତୁ ବଞ୍ଚେଇ ପାରିଲେନି। ଏହି ଦୁଃଖଦ ଘଟଣାକୁ ନେଇ ରାଜନୀତି ଚାଲିଛି। ରାସ୍ତାରୋକ, ଭଙ୍ଗାରୁଜାରେ କ'ଣ କାହାରି ଜୀବନ ଫେରିଆସେ? ଏବେ ପ୍ରଶ୍ନ ଉଠୁଛି ଏହା କ'ଣ ଓଡ଼ିଶାରେ ଏକମାତ୍ର ଘଟଣା? ସୌମ୍ୟାଶ୍ରୀଙ୍କ ପରି ଅନେକ ଝିଅଙ୍କ ଅକୁହା କାହାଣୀ ଲୋକଲୋଚନକୁ ଆସିପାରିନାହିଁ। ଅପବାଦରୁ ବଞ୍ଚିବା ପାଇଁ ନିଜ ଛାତିରେ ସବୁ ଯନ୍ତ୍ରଣାକୁ ଚାପିଧରି ନିଜ ଭବିଷ୍ୟତ ଗଢ଼ିବାକୁ ଅନେକ ନିରୀହାମାନେ ଜୀବନ ଚଳାପଥରେ ଆଗେଇ ଚାଲିଛନ୍ତି। ସବୁ ଝିଅ କ'ଣ ସାହସୀ ସୌମ୍ୟାଶ୍ରୀଙ୍କ ପରି ବ୍ୟବସ୍ଥା ବିରୁଦ୍ଧରେ ଲଢ଼ିପାରି ଥା'ନ୍ତେ? ଆତ୍ମସମ୍ମାନ ପାଇଁ ଜୀବନ ହାରିଥା'ନ୍ତେ?

ଶିକ୍ଷା ବିଭାଗରେ ଯୌନବିକୃତ ବ୍ୟାଧିରେ ଅନେକ ଶିକ୍ଷକ ପୀଡ଼ିତ। ସେମାନଙ୍କ ଦ୍ୱାରା ଅନେକ କୋମଳମତି ଛାତ୍ରୀଙ୍କ ଶୋଷଣ ଆରମ୍ଭ ହୁଏ ହାଇସ୍କୁଲ ସ୍ତରରୁ। ମାଷ୍ଟରଙ୍କ ସାନ୍ନିଧ୍ୟ ଲାଭ କରିବା ହେଉ ବା ଅଧିକ ନମ୍ବର ପାଇଁ ହେଉ ବା ପାସ କରିବା ଲୋଭରେ ଅନେକ କିଶୋରୀ କେତେକ ଖଳ ପ୍ରକୃତିର ଶିକ୍ଷକଙ୍କ ଜାଲରେ ପଡ଼ିଯା'ନ୍ତି। ଆଜି ଯଦି ସାମାଜିକ ସର୍ବେକ୍ଷଣ କରାଯାଏ ବହୁସଂଖ୍ୟାାରେ ପରିପକ୍ୱ ମହିଳାମାନେ ଆଗକୁ ଆଗେଇଆସି 'ମି ଟୁ' ଅଭିଯାନରେ ଯୋଗଦେବେ ନିଶ୍ଚୟ। ଯୌନବିକୃତି ଶିକ୍ଷକଙ୍କ ଦ୍ୱାରା ଏହିପ୍ରକାର ଶୋଷଣ ହାଇସ୍କୁଲସ୍ତରରୁ ଆରମ୍ଭ ହୋଇ ପିଏଚଡି ସ୍ତର ପର୍ଯ୍ୟନ୍ତ ଲମ୍ବିଛି। କେବଳ ମହିଳା ନୁହନ୍ତି ଛାତ୍ରଙ୍କର ଦୁର୍ଦ୍ଦଶା ବି କହିଲେ ନସରେ। ଅନେକ ଗବେଷଣା କରୁଥିବା ଛାତ୍ର ଠିକ୍ ସମୟରେ ଥେସିସ୍ ସମ୍ପୂର୍ଣ୍ଣ କରିବା ପାଇଁ ଗାଇଡ୍‌ଙ୍କ ପିଲାଛୁଆ ଓ ପରିବାର ସେବା କରିବା ଲାଗି ତାଙ୍କ ଘରପାଖରେ ଘରଭଡ଼ା ନେଇ ରହିବାକୁ ବାଧ୍ୟ ହୁଅନ୍ତି। ଫନି ବାତ୍ୟା ସମୟରେ ଜନୈକ ଛାତ୍ର ତାଙ୍କ ଗାଇଡ୍‌ଙ୍କୁ ଜେନେରେଟରଟିଏ କିଣି ଦେବାକୁ ପଡ଼ିଥିଲା। ଏପରିକି ଗାଇଡ୍‌ଙ୍କ ପିଛା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ପିଏଚଡି ଛାତ୍ରମାନେ କେବଳ ଥେସିସ୍ ସମାପ୍ତ ପାଇଁ ଭାରାକ୍ରାନ୍ତ ହୁଅନ୍ତି ନାହିଁ; ସେମାନଙ୍କୁ ଅନେକ ଶାରୀରିକ, ମାନସିକ ଓ ଯୌନ ନିର୍ଯାତନା ମଧ୍ୟ ସହିବାକୁ ପଡ଼େ। ସେତେବେଳେ ଗୋଟିଏ ଡକ୍ଟରେଟ୍ ଡିଗ୍ରୀ ଏକ ହତାସାର ଡିଗ୍ରୀ ହୋଇଯାଏ।

ଏହା କେବଳ ଓଡ଼ିଶାରେ ନୁହେଁ, ଦେଶର ପ୍ରାୟ ପ୍ରତ୍ୟେକ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏପରି ଉଦାହରଣ ବହୁଳ। ଗତବର୍ଷ ଜୁଲାଇ ୧୨ ତାରିଖରେ ଜାମିଆ ମିଲିଆ ଇସଲାମିଆର ଜବାହରଲାଲ ନେହେରୁ ଷ୍ଟଡିଜ୍ ସେଣ୍ଟରର ତିନି ଜଣ ବିଦ୍ୱାନ ମହିଳା ଗବେଷିକା ସେମାନଙ୍କ ପିଏଚଡି ଗାଇଡ୍‌ଙ୍କ ବିରୋଧରେ 'ମାନସିକଓଯୌନନିର୍ଯାତନା'ଅଭିଯୋଗ ଆଣିଥିଲେ, ଯାହା ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସେହିପରି ତାମିଲନାଡୁ ବିଶ୍ୱବିଦ୍ୟାଳୟର ପିଏଚ୍‌ଡି ଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିବା ଏବଂ ସେମାନଙ୍କ ପର୍ଯ୍ୟବେକ୍ଷକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିବା ପରେ ଆନ୍ନା ବିଶ୍ୱବିଦ୍ୟାଳୟ ଏପରି ଘଟଣାର ପୁନରାବୃତ୍ତିକୁ ଏଡ଼ାଇବା ପାଇଁ ଏକ ମାର୍ଗଦର୍ଶିକା ଜାରି କରିଛି, ଯେଉଁଥିରେ ନିର୍ଯାତନା ଅଭିଯୋଗର ତଦନ୍ତ ପାଇଁ କୁଳପତିଙ୍କ ଦ୍ୱାରା ଗଠିତ କମିଟିର ସୁପାରିସ ଆଧାରରେ ସମ୍ପୃକ୍ତ ଗାଇଡ୍‌ମାନଙ୍କୁ ଦଣ୍ଡିତ କରାଯିବ ବୋଲି ଉଲ୍ଲେଖ ରହିଛି। ଏପରିକି ଘଟଣା ଓ ଅଭିଯୋଗର ଗମ୍ଭୀରତାକୁ ବିଚାରକୁ ନେଇ ସମ୍ପୃକ୍ତ ଗାଇଡ୍‌ଙ୍କ କ୍ଷମତା ମଧ୍ୟ ପ୍ରତ୍ୟାହାର କରାଯିବ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ବୋଲି ସେଥିରେ ଉଲ୍ଲେଖ ରହିଛି।

ଘାଜିଆବାଦର ଗୌତମ ବୁଦ୍ଧ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସରଙ୍କ ବିରୁଦ୍ଧରେ ଯୌନ ନିର୍ଯାତନା ଅଭିଯୋଗରେ ଜଣେ ପିଏଚଡି ଛାତ୍ରୀ ଜୁନ, ୨୦୨୪ରେ ଥାନାରେ ଏତଲା ଦେଇଛନ୍ତି। ପୁଣେ ସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ(ଆଇଜର) ରେ ଜନୈକା ଗବେଷଣାରତ ଛାତ୍ରୀଙ୍କୁ ତାଙ୍କ ଗାଇଡ ଅଶ୍ଳୀଳ ଭିଡିଓ ପଠାଉଥିଲେ। ଏଥିରେ ଅତିଷ୍ଠ ହୋଇ ଡିସେମ୍ବର ୨୦୨୨ରେ, ପୀଡ଼ିତା ଆତ୍ମହତ୍ୟା ଉଦ୍ୟମ କରି ଏକ ବୋତଲ ଆଣ୍ଟିଡିପ୍ରେସାଣ୍ଟ ଗିଳି ଦେଇଥିଲେ। ଫେବୃଆରୀ ୨୦୧୬ରେ ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପିଏଚଡି ଛାତ୍ର ମୋହିତ କୁମାର ଚୌହାନଙ୍କ ମୃତଦେହ ତାଙ୍କ ହଷ୍ଟେଲ ରୁମର ଛାତରୁ ଝୁଲନ୍ତା ଅବସ୍ଥାରେ ମିଳିବା ପରେ ତାଙ୍କ ଗାଇଡ୍‌ଙ୍କ ସମେତ ତିନି ଜଣ ଅଧ୍ୟାପକଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ମାର୍ଚ୍ଚ ୨୦୧୭ ରେ ଏମସ୍-ନୂଆଦିଲ୍ଲୀର ୩୬ ବର୍ଷୀୟ ପିଏଚଡି ଛାତ୍ର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତଦନ୍ତ ବେଳେ ଜଣାପଡ଼ିଲା ଯେ ତାଙ୍କୁ ତାଙ୍କ ଗାଇଡ୍ ମାନସିକ ନିର୍ଯାତନା ସହିତ ଦୁର୍ବ୍ୟବହାର ଏବଂ ଫେଲୋସିପକୁ ବିଳମ୍ବିତ କରୁଥିଲେ। ମାର୍ଚ୍ଚ, ୨୦୧୮ ରେ ଜେଏନ୍‌ୟୁ ପ୍ରଫେସର ଅତୁଲ ଜୋହରୀଙ୍କ ବିରୁଦ୍ଧରେ ଯୌନ ନିର୍ଯାତନାର ଅଭିଯୋଗ ଆସିବା ପରେ ତାଙ୍କୁ ଗିରଫ କରାଯାଇଛି।

କେରଳ ବିଶ୍ୱବିଦ୍ୟାଳୟର ଡକ୍ଟର ରେମା ଦେବୀଙ୍କ ନିଜ ଅଭିଜ୍ଞତା ବିଷୟରେ କହିଛନ୍ତି ଯେ ସେ ୮୦ ଦଶକର ଶେଷ ଏବଂ ୯୦ ଦଶକର ପ୍ରାରମ୍ଭରେ ପିଏଚଡି କରୁଥିବା ସମୟରେ ମାନସିକ ଓ ଯୌନ ନିର୍ଯାତନା ସହିବାକୁ ପଡୁଥିଲା। ଏଥିରେ ଅତିଷ୍ଠ ହୋଇ ତାଙ୍କର ଅନେକ ବାନ୍ଧବୀ ଅଧାରୁ ଗବେଷଣା ଛାଡ଼ି ଦେଇଥିଲେ। ପ୍ରାୟତଃ, ଗବେଷିକାମାନଙ୍କୁ ଫେଲୋସିପ୍, ପ୍ରମୁଖ ଶିକ୍ଷାଦାନ ଓ ସନ୍ଦର୍ଭ ଉପସ୍ଥାପନ ସୁଯୋଗ ପ୍ରତିବଦଳରେ ଗାଇଡ୍‌ମାନଙ୍କର ବାସନା ଚରିତାର୍ଥ କରିବାର ପ୍ରତ୍ୟକ୍ଷ ପ୍ରସ୍ତାବ ଦିଆଯାଉଥିଲା। ଯେଉଁମାନେ ସେଥିରେ ଅନିଚ୍ଛୁକ ରହୁଥିଲେ ସେମାନଙ୍କୁ ଥେସିସ୍‌କୁ ବାରମ୍ବାର ଲେଖିବାକୁ କିମ୍ବା ଜାଣିଶୁଣି ତ୍ରୁଟି ଦର୍ଶାଇବା ଆଦି ନାନା ଉପାୟରେ ହଇରାଣ ହରକତ କରାଯାଉଥିଲା।

ମାଡ୍ରାସ ହାଇକୋର୍ଟ ଅକ୍ଟୋବର, ୨୦୨୪ରେ ଏକ ମାମଲାରେ ଟିପ୍ପଣୀ ଦେଇଥିଲେ ଯେ 'ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳାମାନଙ୍କ ଦୁର୍ବଳତାର ସୁଯୋଗ ନେଇ ନିର୍ଯାତନା ବୃଦ୍ଧି ପାଉଛି। ପ୍ରାୟତଃ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ପୁରୁଷ ପ୍ରାଧାନ୍ୟ ହେତୁ ଏଭଳି ଘଟୁଛି। କେବଳ ଛାତ୍ରମାନେ ନିରବରେ କଷ୍ଟ ପାଆନ୍ତି ନାହିଁ, ବରଂ ମହିଳା ଅଧ୍ୟାପକମାନେ ମଧ୍ୟ ସହ-ଅଧ୍ୟାପକ ସଦସ୍ୟ ଏବଂ ଅଣ-ଶିକ୍ଷକ କର୍ମଚାରୀଙ୍କ ଦ୍ୱାରା ମାନସିକ ଓ ଯୌନ ନିର୍ଯାତନାର ଶିକାର ହୁଅନ୍ତି। ଏହା ଚିନ୍ତା, ଅବସାଦ, ନିଦ୍ରା ବ୍ୟାଧି, ଓଜନ ହ୍ରାସ କିମ୍ବା ବୃଦ୍ଧି, ଆତ୍ମସମ୍ମାନ ହ୍ରାସ, ପରୀକ୍ଷା ଓ ଚାକିରିରେ ବିଫଳତା କିମ୍ବା ଦୁର୍ବଳ ପ୍ରଦର୍ଶନ ଏବଂ କେତେକ ସମୟରେ ଯୌନ ଅକ୍ଷମତାର ମଧ୍ୟ କାରଣ ହୁଏ। କଠିନ ପରିଶ୍ରମ ସତ୍ତ୍ୱେ ଛାତ୍ରଛାତ୍ରୀମାନେ ଅଧାରୁ ପାଠ ଛାଡ଼ିଦେବାର ଉଦାହରଣ ମଧ୍ୟ ରହିଛି। ଅନେକ କ୍ଷେତ୍ରରେ ଅଧିକ ନିର୍ଯାତନା ଭୟରେ ଛାତ୍ରଛାତ୍ରୀମାନେ ଏଭଳି ନିର୍ଯାତନା ବିରୋଧରେ ଅଭିଯୋଗ ଆଣନ୍ତି ନାହିଁ। ନିରବରେ ନିର୍ଯାତନା ସହିଯାଉଥିବା ପୀଡ଼ିତାମାନଙ୍କ ମଧ୍ୟରୁ କ୍ୱଚିତ୍ ଶିକ୍ଷାକ୍ଷେତ୍ରରେ ଭଲ ପ୍ରଦର୍ଶନ କରନ୍ତି।

ଆଡମିସନ ବନାମ ପିଏଚଡି ପ୍ରଦାନ ସମ୍ପର୍କିତ ତଥ୍ୟ ଅନୁଯାୟୀ, ଦେଶର କିଛି ଶ୍ରେଷ୍ଠ ପ୍ରତିଷ୍ଠାନର ପ୍ରାୟ ଚାଳିଶ ପ୍ରତିଶତ ଗବେଷକ ବ୍ୟକ୍ତିଗତ ସମସ୍ୟା, ଚାକିରି ସୁଯୋଗ ଏବଂ ଗାଇଡମାନଙ୍କ ଦ୍ୱାରା ହେଉଥିବା ହଇରାଣର ଅଭିଯୋଗ ଯୋଗୁଁ ପାଠପଢ଼ା ଛାଡ଼ିଛନ୍ତି। ଦୁର୍ଭାଗ୍ୟବଶତଃ, ଉପରୋକ୍ତ ସମସ୍ୟାଗୁଡ଼ିକ ସତ୍ତ୍ୱେ ଯେଉଁ ସୌମ୍ୟାଶ୍ରୀମାନେ ବଞ୍ଚି ଯାଇଛନ୍ତି ସେମାନେ ସେମାନଙ୍କ ପିଲାମାନଙ୍କର ଶିକ୍ଷକମାନଙ୍କୁ ସବୁସମୟରେ ସନ୍ଦେହ ଦୃଷ୍ଟିରେ ଦେଖିଥା'ନ୍ତି। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରାୟତଃ ଶିକ୍ଷାନୁଷ୍ଠାନ ମଧ୍ୟରେ ପଦ୍ଧତିଗତ ପରିବର୍ତ୍ତନ ଆବଶ୍ୟକ, ଯେଉଁଥିରେ ଅଧ୍ୟାପକ ଓ ଶିକ୍ଷକମାନଙ୍କ ପାଇଁ ଉତ୍ତମ ତାଲିମ, ସ୍ପଷ୍ଟ ନୀତି ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ଦୃଢ଼ ସମର୍ଥନ ବ୍ୟବସ୍ଥା ରହିବା ଦରକାର। ଏକ ସୁସ୍ଥ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ଏହି ଆହ୍ୱାନଗୁଡ଼ିକ ବିଷୟରେ ଅଧିକ ଆଲୋଚନା ଜରୁରୀ।

ଭୁବନେଶ୍ୱର, ମୋ: ୭୦୦୮୮୧୦୧୧୨

# ଅତିଥି ଅଧ୍ୟାପକ ଭରସାରେ ଓଡ଼ିଶାର ଉଚ୍ଚଶିକ୍ଷା

ସୁଧାକର ଦାସ

ଶିକ୍ଷା ହେଉଛି ସଫଳତାର ସ୍ୱର୍ଣ୍ଣିମ ଚାବିକାଠି। ସହଜ ସରଳ ଭାବେ କହିଲେ ଯେଉଁ ରାଜ୍ୟରେ ଶିକ୍ଷା ଯେତେ ଉନ୍ନତ ସେ ରାଜ୍ୟ ସେତେ ପ୍ରଗତିଶୀଳ। ନୂଆ ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ କାର୍ଯ୍ୟକାରୀ କରାଯିବା ପରେ ଦୀର୍ଘ ବର୍ଷ ଧରି ଅଧ୍ୟାପକ ନିଯୁକ୍ତିକୁ ନେଇ ରହିଥିବା ପ୍ରତିବନ୍ଧକ ଦୂର ହୋଇଛି। ଏଣିକି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଜେ ଅଧ୍ୟାପକ ନିଯୁକ୍ତ କରିପାରିବେ। ବାସ୍ତବରେ ସରକାରଙ୍କ ଏ ନିଷ୍ପତ୍ତି ଏକପ୍ରକାର ହାସ୍ୟାସ୍ପଦ କଥା। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଯଦି ଅଧ୍ୟାପକ ନିଯୁକ୍ତ କରିବେ ଅନେକ କ୍ଷେତ୍ରରେ ଦୁର୍ନୀତି ରହିବ। ସାଧାରଣ ମଧ୍ୟବିତ୍ତ ପରିବାରର ମେଧାବୀ ଶିକ୍ଷାର୍ଥୀ ଏହାଦ୍ୱାରା ପ୍ରଭାବିତ ହେବେ। ସଠିକ ଭାବରେ ଲିଖିତ, ସାକ୍ଷାତକାର ନକରି ଯେକୌଣସି ଭାବରେ ଚିହ୍ନା ମୁହଁକୁ ପ୍ରଶ୍ରୟ ମିଳିବ, ଏଥିରେ ସନ୍ଦେହ ନାହିଁ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ନହେଲେ ମଧ୍ୟ ଅନେକ କ୍ଷେତ୍ରରେ ଏପରି ସମସ୍ୟା ସୃଷ୍ଟି ହୋଇପାରେ।

ଶିକ୍ଷାନୁଷ୍ଠାନରେ ଅତିଥି ଅଧ୍ୟାପକ ପ୍ରସଙ୍ଗ ଆଲୋଚନା କଲା ବେଳେ କଟକ ସହରରେ ଥିବା ଦୁଇ ପ୍ରମୁଖ ବିଶ୍ୱବିଦ୍ୟାଳୟକୁ ଉଦାହରଣ ରୂପେ ନିଆଯାଉ। ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବଂ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଏବେ ବି ଅତିଥି ଏବଂ ଠିକା ଅଧ୍ୟାପକଙ୍କ ଭରସାରେ ଚାଲିଛି। ସେହିଭଳି ବିଭିନ୍ନ ମହାବିଦ୍ୟାଳୟରେ ମଧ୍ୟ ସମାନ ଅବସ୍ଥା ରହିଛି। ରାଜ୍ୟର ୭ଟି ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଛି କୁଳପତି ପଦ। ସେହି ବିଶ୍ୱବିଦ୍ୟାଳୟମାନଙ୍କରେ କେବେ ନୂତନ କୁଳପତିଙ୍କୁ ନିଯୁକ୍ତି ଦିଆଯିବ ସେ ସମ୍ପର୍କରେ କାହା ପାଖରେ ସ୍ପଷ୍ଟ ଉତ୍ତର ନାହିଁ। ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ୨୦୨୦ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ବେଳେ ରାଜ୍ୟ ସରକାର ଏହାର ମୂଳ ନିୟମ ଅର୍ଥାତ ଓଡ଼ିଶା ବିଶ୍ୱବିଦ୍ୟାଳୟ ନିୟମ ୧୯୮୯ରେ ସଂଶୋଧନ କରି ଆଇନ ପାରିତ କରିଛନ୍ତି। କେଉଁ ନିୟମରେ କୁଳପତି ନିଯୁକ୍ତି କରାଯିବ ସେନେଇ ରାଜ୍ୟ ସରକାର ଦୋଛକିରେ ଥିବାବେଳେ ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ପଦ ଖାଲି ପଡ଼ିବା ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରୁଛି।

କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ଏବଂ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଏପର୍ଯ୍ୟନ୍ତ କୁଳପତି ନିଯୁକ୍ତ ହୋଇନାହାନ୍ତି। ଏଠାରେ ପ୍ରଶାସନିକ କାର୍ଯ୍ୟ ପରିଚାଳନା ପାଇଁ ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ବା ଓଏସ୍‌ଡିଙ୍କୁ ନିଯୁକ୍ତ କରାଯାଇଛି। ପୁରୀ ସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପଦ ଖାଲି ପଡ଼ିଛି। ଏହି ୩ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପାଇଁ ସରକାର କୌଣସି ପଦକ୍ଷେପ ବା ବିଜ୍ଞପ୍ତି ପ୍ରକାଶ କରି ନାହାନ୍ତି। ଅନ୍ୟପକ୍ଷରେ ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଓ ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ପାଇଁ ଗତ ଜୁନ୍ ୧୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ଆଶାୟୀମାନେ ଆବେଦନ କରିଥିଲେ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ଅଧାରେ ଅଟକିଛି। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପାଇଁ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଅସ୍ଥାୟୀ ଦାୟିତ୍ୱ ଦିଆଯାଇଛି। କଳାହାଣ୍ଡି ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ମଧ୍ୟ ସ୍ଥାୟୀ କୁଳପତି ନାହାନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଇସ୍ତଫା ଦେଇଛନ୍ତି। ଏହି ଦୁଇଟି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷଙ୍କୁ ଅସ୍ଥାୟୀ ଭାବେ କୁଳପତି ଦାୟିତ୍ୱ ପ୍ରଦାନ କରାଯାଇଛି। ସମୁଦାୟ ୭ଟି ବିଶ୍ୱବିଦ୍ୟାଳୟରେ କୁଳପତି ପଦ ଫାଙ୍କା ପଡ଼ିଥିବାରୁ ଶୈକ୍ଷିକ ପରିବେଶ ପ୍ରଭାବିତ ହେଉଛି। ଆଗକୁ ବିଭିନ୍ନ ପରୀକ୍ଷା ଥିବାରୁ ପରୀକ୍ଷା ପରିଚାଳନା କରିବା ଅନ୍ୟ ଏକ ଆହ୍ୱାନ ସୃଷ୍ଟି କରିଛି। ନିକଟରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ଇସ୍ତଫା ଦେଇଛନ୍ତି। ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତିରେ ସମସ୍ୟା ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରିଛି ଏବଂ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିଧାନସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସୂଚନା ଅନୁସାରେ ୧୭ ସରକାରୀ ବିଶ୍ୱବିଦ୍ୟାଳୟରେ ୧୩୫୩ ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ୨୦୨୭ଟି ସ୍ଥାନରେ ମାତ୍ର ୬୭୪ ଅଧ୍ୟାପକ ଓ ଅଧ୍ୟାପିକା ଅଛନ୍ତି। ୯୬୫ଟି ଶିକ୍ଷାନୁଷ୍ଠାନ ଅତିଥି ଅଧ୍ୟାପକରେ କାମ ଚଳାଉଛନ୍ତି। ଉଚ୍ଚଶିକ୍ଷା ବିଭାଗରେ ୨୦୮୧ ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି। ରେଭେନ୍ସା ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ସର୍ବାଧିକ ପଦ ଖାଲି ପଡ଼ିଛି। ରେଭେନ୍ସାରେ ୧୬୧ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୩ ପଦବୀ ଖାଲିପଡ଼ିଛି।

ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପରି ଯଦି ପ୍ରତି ବର୍ଷ ଅଧ୍ୟାପକ ନିଯୁକ୍ତି ହେବ ତେବେ ଅନେକ ମେଧାବୀ ଶିକ୍ଷାର୍ଥୀ ଉପକୃତ ହୋଇପାରନ୍ତେ। ପ୍ରତିବର୍ଷ ଯଦି ସରକାର ସବୁ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ତଥ୍ୟ ସଂଗ୍ରହ କରି ପ୍ରବେଶିକା ପରୀକ୍ଷା କରିବାକୁ ସକ୍ଷମ ତେବେ ପ୍ରତି ବର୍ଷ ଅଧ୍ୟାପକ ନିଯୁକ୍ତି କ୍ଷେତ୍ରରେ ଅକ୍ଷମ କାହିଁକି? ବିଏଡ୍ ପ୍ରବେଶିକା ପରୀକ୍ଷାରେ ହଜାର ହଜାର ଶିକ୍ଷାର୍ଥୀ ପଢ଼ିବାକୁ ଚାହିଁଲେ ବି ଆବଶ୍ୟକ ସଂଖ୍ୟାରେ ଶିକ୍ଷାନୁଷ୍ଠାନ ନାହିଁ। ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ନାହିଁ କହିଲେ ତ୍ରୁଟି ହେବ ନାହିଁ। ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ସୁଧାର ନ ଆସିବା ଯାଏଁ ବିକଶିତ ଓଡ଼ିଶାର ପରିକଳ୍ପନା କରିବା କେବଳ ସ୍ଲୋଗାନ ହୋଇ ରହିଥିବ।

ଭବାନୀପାଟଣା, ମୋ: ୭୮୪୮୦୦୦୬୭୬

# ଗଣଚେତନାର ନିର୍ମାତା ଗଣକବି ବୈଷ୍ଣବ ପାଣି

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଗଣକବି ବୈଷ୍ଣବ ପାଣି ଯେ ଜନଗଣଙ୍କ ମାନସମନ୍ଥନ କରିପାରିଥିଲେ ତୀବ୍ର ଭାବରେ, ଏ ବିଷୟ କିଏ ଅବା ଜାଣିନାହାନ୍ତି? କିନ୍ତୁ ତାଙ୍କ ଅସାମାନ୍ୟ ଲୋକପ୍ରିୟତାର କାରଣ ବିଶ୍ଳେଷଣ ହେଉଛି ଏକବିଂଶ ଶତାବ୍ଦୀର ପ୍ରକୃତ ଆହ୍ୱାନ। ଯାତ୍ରା ନାଟକ ପ୍ରତି ପ୍ରବଳ ଆକର୍ଷିତ ବର୍ତ୍ତମାନର ଯୁବଦର୍ଶକମାନେ ଚକିତ ହେବେ ଯେ ବୈଷ୍ଣବ ପାଣିଙ୍କ ଦ୍ୱାରା ରଚିତ ଗୀତିନାଟ୍ୟ ଦେଖିବା ପାଇଁ ଓଡ଼ିଶାର ଆବାଳବୃଦ୍ଧବନିତା ସହସ୍ର ସହସ୍ର ସଂଖ୍ୟାରେ କିପରି ମହାମୂଲ୍ୟ ନିଦ୍ରା ବିସର୍ଜନ କରୁଥିଲେ। ସେଇ ନାଟକର କି ଚୁମ୍ବକୀୟ ଆକର୍ଷଣ ଥିଲା? କାହିଁକି ବୈଷ୍ଣବ ପାଣି ଲାଭ କଲେ 'ଗଣକବି'ର ସୁଉଚ୍ଚ ମର୍ଯ୍ୟାଦା? ସେ ନଥିଲେ କୌଣସି ସମ୍ଭ୍ରାନ୍ତ ପରିବାରର ସନ୍ତାନ। ସଂଘର୍ଷମୟ ଥିଲା ତାଙ୍କ ଜୀବନ। କିନ୍ତୁ ତାଙ୍କ ମଧ୍ୟରେ ଲୁକ୍କାୟିତ ରହିଥିବା ଅପୂର୍ବ ପ୍ରତିଭା ରଶ୍ମିର ଆଲୋକରେ ଝଲସି ଉଠିଲା ନିସ୍ତବ୍ଧ ଅଗଣିତ ରଜନୀ।

ବିଂଶଶତାବ୍ଦୀର ପ୍ରଥମ ଦଶକରୁ ଚତୁର୍ଥ ଦଶକ ପର୍ଯ୍ୟନ୍ତ ସୁଆଙ୍ଗ, ଗୀତିନାଟ୍ୟ ରଚନା କରି ସେ ଅତିକ୍ରମ କରିଯାଇଥିଲେ ଏ କ୍ଷେତ୍ରରେ ସମସ୍ତଙ୍କୁ। ଯାତ୍ରାଭିନୟ ନିମିତ୍ତ ସେ ଘୂରି ବୁଲିଛନ୍ତି ଇତସ୍ତତଃ। ସାମାଜିକ ସଂଘର୍ଷର ସମ୍ମୁଖୀନ ହୋଇ ଅର୍ଜନ କରିଛନ୍ତି ବିଚିତ୍ର ଅନୁଭୂତି। ତାଙ୍କର ତାରୁଣ୍ୟ ହୋଇ ଯାଇଥିଲା ଲାଳିତ୍ୟପୂର୍ଣ୍ଣ ପାଲା ଗାୟନରେ ମନ ପ୍ରାଣ ଢାଳି ଦେଇଥିଲେ ବୋଲି। ଏହି ସମୟରୁ ହିଁ ସଙ୍ଗୀତ ରଚନା ଆରମ୍ଭ ହୋଇଥିଲା। ଜନଚିତ୍ତ ବିନୋଦନ ସହିତ ତତ୍କାଳୀନ ସମାଜ ଓ ଶାସନ ବ୍ୟବସ୍ଥା ପ୍ରତି କେତେ ସଚେତନ ଥିଲେ ତାହା ପ୍ରମାଣିତ ହୋଇଯାଏ ତାଙ୍କ ପଦସୃଜନ କଳାରୁ। ଓଡ଼ିଶାରେ ନୂଆଁ ଭାବରେ ଗଡୁଥିବା ରେଳଗାଡ଼ିକୁ ଦେଖି ସେ ଗାଇଥିଲେ

ସାହିତ୍ୟ ସରିତ୍

- 'ଧନ୍ୟ ଧନ୍ୟ ଫିରିଙ୍ଗି ଯୋଡ଼ି/ଶୂନ୍ୟେ ଚଳାଉଛି ରେଳଗାଡ଼ି/ଧୂଆଁ ଉଠୁଥାଇ ଯେହ୍ନେ ବଉଦ/ପାଞ୍ଚ କୋଶକୁ ତା'ଶୁଭେ ଶବଦ/ଲାଗି ଅଛି ଚକ ପଡ଼ିଛି ସଡ଼କ/ଲୁହାକଡ଼ି ପରେ ଯାଉଛି ଗଡ଼ି।' ଏହାର ପରବର୍ତ୍ତୀ ଦୃଶ୍ୟ ତାଙ୍କ ଜୀବନ ନାଟକରେ ପରିଦୃଷ୍ଟ ହୁଏ ମାଳିହତା ଗ୍ରାମର ଯାତ୍ରାଦଳରେ। ସ୍ୱକୀୟ ମୌଳିକ ପ୍ରତିଭା କେତେଦିନ ଅବା ରହିଥା'ନ୍ତା ସଂଗୁପ୍ତ? ରଚନା କଲେ ସେ 'ମେଘନାଦ ବଧ' ଓ 'ରାବଣ ବଧ'। ନିଜେ ହେଲେ ନିର୍ଦ୍ଦେଶକ। ଅନେକ ଯାତ୍ରା ଦଳରେ ଏକାତ୍ମ ହୋଇଯାଇ ସେ ନିଜସ୍ୱ କଳା ପ୍ରଦର୍ଶନ କରି ଯେଉଁ ବିପୁଳ ସୁଖ୍ୟାତି ଅର୍ଜନ କଲେ, ସେଥିରେ ସ୍ତବ୍ଧ ଓ ମୁଗ୍ଧ ହୋଇଗଲେ ଜନତା ସହିତ ଶ୍ରେଷ୍ଠ ସାହିତ୍ୟ ସ୍ରଷ୍ଟାବୃନ୍ଦ। କଲିକତା ଅଞ୍ଚଳର ପୁରପଲ୍ଲୀରେ ମଧ୍ୟ ସେ ସୃଷ୍ଟି କରି ପାରିଥିଲେ ଅଦ୍ଭୁତ ଆକର୍ଷଣ। ବିଭିନ୍ନ ଯାତ୍ରା ଦଳ ସହିତ ହେଉଥିଲା ତୀବ୍ର ପ୍ରତିଯୋଗିତା। ସେଇଠି ବାରମ୍ବାର ପ୍ରମାଣିତ ହୋଇଯାଏ ତାଙ୍କ ଲୋକପ୍ରିୟତା। ସେଥିପାଇଁ ତ ପ୍ରତିଷ୍ଠିତ ହୋଇ ରହିଗଲେ ସେ ଅଗଣିତ ଲୋକ ହୃଦୟରେ। ସୁପ୍ରସିଦ୍ଧ ହେଲେ ଗଣକବିର ଅକଳ୍ପନୀୟ ସମ୍ମାନରେ ବିଭୂଷିତ ହୋଇ।

କେତେ ଯାତ୍ରା ଦଳରେ ସେ ଶିଖାଇଛନ୍ତି ଅଭିନବ ଉପାୟରେ ଅଭିନୟକଳା। ସୁଆଙ୍ଗ, ପ୍ରହସନ ଗୀତିନାଟ୍ୟ ଆଦି ରଚନା କରିଛନ୍ତି ସେ ଶତାଧିକ। ଲେଖିଛନ୍ତି ମଧ୍ୟ କାବ୍ୟ କବିତା। ଉଚ୍ଚକୋଟୀର ସାହିତ୍ୟଶିଳ୍ପୀ ସମାଜ ବା ସମୟ ଦ୍ୱାରା କେବଳ ପ୍ରଭାବିତ ହୁଅନ୍ତି ନାହିଁ। ସେମାନେ ଗଣଚେତନା ସୃଷ୍ଟି କରିଦିଅନ୍ତି ମନୋରଞ୍ଜନ ମାଧ୍ୟମରେ। ବୈଷ୍ଣବ ପାଣି ସେଥିପାଇଁ ରଚନା କରିଛନ୍ତି ପୌରାଣିକ ନାଟକ ସହିତ କିମ୍ବଦନ୍ତୀ ଓ ଇତିହାସ ଆଧାରିତ ନାଟକ। ଦର୍ଶକମାନଙ୍କ ପ୍ରାଣରେ କବି, ମହାପୁରୁଷଙ୍କ ଜୀବନଦର୍ଶନ ପ୍ରତି ଅନୁରାଗ ସୃଷ୍ଟି କରିବା ସକାଶେ ସେ ଲେଖିଛନ୍ତି କାଳିଦାସ, ମୀରାବାଈ, ଗୋବିନ୍ଦ ଚନ୍ଦ୍ର ପ୍ରଭୃତି ଗୀତିନାଟ୍ୟ। କର୍ଣ୍ଣ, ଅଭିମନ୍ୟୁ, ହରିଶ୍ଚନ୍ଦ୍ର, ପ୍ରହ୍ଲାଦ ଆଦି ଚରିତ୍ର ଆଧାରରେ ନାଟ୍ୟ ରଚନା କରି ମହତ୍ତର ଜୀବନବୋଧ ପ୍ରତି ପ୍ରକଟ କରିଛନ୍ତି ସେ ଆନ୍ତରିକ ଅନୁରକ୍ତି। ଦର୍ଶକପ୍ରାଣରେ ଭରି ଦେବାକୁ ଚାହିଁଛନ୍ତି ଭକ୍ତି, ବୀରତ୍ୱ, କବିତ୍ୱ, ତ୍ୟାଗ, ତିତିକ୍ଷା ପ୍ରତି ଗଭୀର ସମ୍ପ୍ରୀତି। ସେପରି ପରାଧୀନ ଭାରତ ବର୍ଷରେ ଯେଉଁମାନେ ବ୍ରିଟିଶ ସରକାର ନିକଟରେ ଚାକିରି କରି ନିଜ ସ୍ୱାଧୀନତା ବିକ୍ରି କରିଛନ୍ତି ସେମାନଙ୍କ ପ୍ରତି ବ୍ୟଙ୍ଗାସ୍ତ୍ର ପ୍ରୟୋଗ କରିଛନ୍ତି ଜାତୀୟ ଚେତନା ସୃଷ୍ଟି କରିବା ପାଇଁ। ଗାନ କରିଛନ୍ତି - 'ପୋଡ଼ିଯାଉରେ ପୋଡ଼ା ଚାକିରି ନିଶା/ପର ଅଇଁଠାକୁ, ପର ଗୋଇଠାକୁ କେଉଁସୁଖ ପାଇଁ ବଳାଅ ଆଶା।'

ଆମେ ଭାବୁଛୁ କି ତାଙ୍କର ସେଇ ମହିମା ମ୍ଳାନ ପଡ଼ିଗଲାଣି ବୋଲି? ତା'ହେଲେ ଆଜି ବି ବୈଷ୍ଣବ ପାଣିଙ୍କ ଆତ୍ମାର ଆହ୍ୱାନ ଶୁଣି ପୁରପଲ୍ଲୀରେ ଅଭିନୀତ ହେଉ ତାଙ୍କ ନାଟକ। ସେଥିରୁ ପ୍ରତିପାଦିତ ହୋଇଯିବ ତାଙ୍କ ନାଟ୍ୟକଳାର ରହିଛି କି ଅସୀମ ଶକ୍ତି ଓ ବ୍ୟାପ୍ତି।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ଦୁଷ୍କର୍ମପୀଡ଼ିତା ଅନ୍ତଃସତ୍ତ୍ୱା

# ଯୁବକ ଗିରଫ

ଅସ୍ତରଙ୍ଗ, ୨୩।୭(ସମିସ): ଅସ୍ତରଙ୍ଗ ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଦୁଷ୍କର୍ମର ଶିକାର ଜଣେ ନାବାଳିକା ଗର୍ଭବତୀ ହୋଇଛନ୍ତି। ଏନେଇ ନାବାଳିକାଙ୍କ ପରିବାରଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲା, ଏହି ଥାନା ଅଞ୍ଚଳର ବନମାଳି ନାୟକ। ପୁଲିସ୍ ନାବାଳିକାର ଡାକ୍ତରୀମାଇନା କରାଇବା ସହ ପୋକ୍ସୋ ଆକ୍ଟରେ ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିବା ଥାନାଧିକାରୀ ରାଜେଶ ବଳିଆରସିଂ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ନାବାଳିକାର ବାପା ଓ ଅଭିଯୁକ୍ତ ବନମାଳି ଗୋଟିଏ କମ୍ପାନୀରେ ଏକାଠି କାମ କରନ୍ତି। ତେଣୁ ବନମାଳି ବିଭିନ୍ନ ସମୟରେ ତାଙ୍କ ଘରକୁ ଯା'ଆସ କରିଥାଏ। ଏହାର ଫାଇଦା ନେଇ କିଛି ଦିନ ତଳେ ସେ ନାବାଳିକାକୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ନାବାଳିକାଜଣଙ୍କ ଭୟରେ ଏ ସଂପର୍କରେ କାହାରିକୁ କହିନଥିଲେ। ତେବେ କିଛି ଦିନ ତଳେ ନାବାଳିକାଙ୍କ ଦେହ ଖରାପ ହେବାରୁ ପରିବାରଲୋକ ତାଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନା ନେଇଥିଲେ। ସେଠାରେ ସେ ଅନ୍ତଃସତ୍ତ୍ୱା ବୋଲି ଜଣାପଡ଼ିଥିଲା।

## ବଲଙ୍ଗା ନାବାଳିକା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା

# ବିଜେଡି ସଂଖ୍ୟାଲଘୁ ସେଲ୍‌ର ପ୍ରାର୍ଥନା



ଭୁବନେଶ୍ୱର,୨୩।୭(ସମିସ): ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ବଲଙ୍ଗା ନାବାଳିକା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ବିଜେଡି ସଂଖ୍ୟାଲଘୁ ସେଲ୍ ପକ୍ଷରୁ ଶଙ୍ଖ ଭବନଠାରେ ବୁଧବାର ଏକ ପ୍ରାର୍ଥନା ସଭା କରାଯାଇଛି। ଏହି ପ୍ରାର୍ଥନା ସଭାରେ ବାଲେଶ୍ୱର ଏଫ୍‌ଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା କରାଯିବା ସହ ତାଙ୍କ ପରିବାରକୁ ସମବେଦନା ଜ୍ଞାପନ କରାଯାଇଛି। ସଂଖ୍ୟାଲଘୁ ସେଲ୍ ସହ-ସଂଯୋଜକ ରିଜୁୱାନ ବେଗମ୍‌ଙ୍କ ଆବାହକତ୍ୱରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଅଶୋକ ଚନ୍ଦ୍ର ପଣ୍ଡା, ସଂଜୟ ଦାସ ବର୍ମା, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ସୁଲୋଚନା ଦାସ, ମଂଜୁଲତା କହଁର, ମନ୍ମଥ ରାଉତରାୟ, ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ବିଜୟ ନାୟକ, ସୁବ୍ରତ ଛାଟୋଇ, କସ୍ତୁରୀ ମହାପାତ୍ର, ମୋନାଲିସା ବେହେରା, ମିହିର କୁମାର ରାଉତ, ପ୍ରସନ୍ନ ସାହୁ, ଚଗଲା

### ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା

ଜେନା, ବାସନ୍ତୀ ସିଂ, ସୁମିତ୍ରା ଜେନା, ସୋଫିଆ ଆଲାମ, ବନଜା ମହାନ୍ତି, ଇଲା ସ୍ୱାଇଁ ପ୍ରମୁଖ ରହିଥିଲେ। ସେହିପରି ସଂଖ୍ୟାଲଘୁ ସଂପ୍ରଦାୟର ଶେଖ୍ ନିଜାମୁଦ୍ଦିନ, ଶକିରୁଲ ରେହମାନ, ମୁଶ୍ରତ ଖାନ, ମହମ୍ମଦ ମୁବୀନ, ଶେକ୍ ଜଲାଲ, ଶେକ୍ ସବୀର ଅଲ୍ଲୀ, ଜାକିର ଖାନ, ହାଜୀ ସଦ୍ରୁଲ୍ଲା, ପୀର ମହମ୍ମଦ କଲିମ୍, ମେହବୁମ ବେଗ୍ ଓ ଅବୁଲ ଖାୟର ପ୍ରମୁଖ ଯୋଗଦେଇ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା ସହ ପରିବାରକୁ ଏହି କଠିନ ସମୟର ସମ୍ମୁଖୀନ ହେବା ପାଇଁ ଶକ୍ତି ଓ ସାହସ ପ୍ରଦାନ ନିମନ୍ତେ ପ୍ରାର୍ଥନା କରିଥିଲେ।

■ ପୁରୀ ପ୍ରସ୍ତାବିତ ଗ୍ରୀନଫିଲ୍ଡ ଏୟାରପୋର୍ଟ

# ବନ୍ୟଜନ୍ତୁ ବିଶେଷଜ୍ଞ ଟିମ୍‌ର କ୍ଷେତ୍ର ପରିଦର୍ଶନ

ପୁରୀ, ୨୩।୭(ସମିସ): ପୁରୀ ପ୍ରସ୍ତାବିତ ଗ୍ରୀନଫିଲ୍ଡ ଏୟାରପୋର୍ଟ ପାଇଁ ସରକାରୀ ପ୍ରୟାସ ଜାରି ରହିଛି। କେନ୍ଦ୍ର ସରକାରଙ୍କ ସୁପାରିସରେ ଭାରତୀୟ ବନ୍ୟଜନ୍ତୁ ପ୍ରତିଷ୍ଠାନ ବିଶେଷଜ୍ଞ ଟିମ୍‌ର ମତାମତ ଲୋଡ଼ିଛନ୍ତି ରାଜ୍ୟ ସରକାର। ଏହି ପରିପ୍ରେକ୍ଷୀରେ ବନ୍ୟଜନ୍ତୁ ପ୍ରତିଷ୍ଠାନର ବିଶେଷଜ୍ଞ ଟିମ୍ ବିମାନବନ୍ଦର ଅଞ୍ଚଳରେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ବନ୍ୟଜନ୍ତୁ ପ୍ରଜାତି, ଇରାୱାଡି ଡଲଫିନ୍, ପ୍ରବାସୀ ଜଳପକ୍ଷୀ, ଅଲିଭ୍ ରିଡଲେ ସମୁଦ୍ର କଇଁଛ ଇତ୍ୟାଦିକୁ ନେଇ ଅନୁଶୀଳନ କରିଛନ୍ତି। ଏହାକୁ ନେଇ ବିଶେଷଜ୍ଞ ଟିମ୍ ଏକ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେବ। ଉଭୟ ଜୈବବିବିଧତା ଓ ବନ୍ୟଜନ୍ତୁ ଅନୁଶୀଳନକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ ହେବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂସଦ ଅଚଳାବସ୍ଥା...

ରାଜ୍ୟସଭାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଗୃହକୁ ପ୍ରଥମେ ୧୨ଟା ପର୍ଯ୍ୟନ୍ତ, ପରେ ୨ଟା ପର୍ଯ୍ୟନ୍ତ ଏବଂ ଶେଷରେ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ଏହି ପ୍ରସଙ୍ଗରେ ଗତକାଲି ଭଳି ଆଜି ମଧ୍ୟ ସଂସଦ କାର୍ଯ୍ୟ ଧୋଇହୋଇଗଲା। ଅନ୍ୟପକ୍ଷରେ ସଂସଦର ଚଳିତ ଅଧିବେଶନରେ ପହଲଗାମ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ସ୍ୱତନ୍ତ୍ର ଆଲୋଚନା ପାଇଁ ସରକାର ରାଜି ହୋଇଛନ୍ତି। ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ୧୬ ଘଣ୍ଟାର ସମୟ ଦିଆଯାଇଛି। ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ୧୬ ଘଣ୍ଟା ଲେଖାଏଁ ଆଲୋଚନା ହେବ। ଆସନ୍ତା ସପ୍ତାହ ହେବାକୁ ଥିବା ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଉପସ୍ଥିତ ରହିବେ କି ନାହିଁ ତାହା ଜଣାପଡ଼ିନାହିଁ। ଆଲୋଚନା ପାଇଁ ଗତ ୨୧ ତାରିଖରେ ଅନୁଷ୍ଠିତ ଗୃହ ପରିଚାଳନା କମିଟି ବୈଠକରେ ସ୍ଥିର ହୋଇଛି। ଜୁଲାଇ ୨୮ରେ ଲୋକସଭାରେ ଏବଂ ୨୯ ତାରିଖରେ ରାଜ୍ୟସଭାରେ ଆଲୋଚନା ହେବ ବୋଲି ଜଣାପଡ଼ିଛି। ତେବେ ପ୍ରଧାନମନ୍ତ୍ରୀ ଏହି ଆଲୋଚନାର ଉତ୍ତର ଦେବେ କି ନାହିଁ ତାହା ଉଲ୍ଲେଖ କରାଯାଇ ନାହିଁ। ବିରୋଧୀ ଦଳମାନେ ଦାବି କରୁଛନ୍ତି ଯେ ପ୍ରଧାନମନ୍ତ୍ରୀ ହିଁ ଆଲୋଚନାର ଉତ୍ତର ଦିଅନ୍ତୁ।

### ଅଗଷ୍ଟ ଶେଷ ସୁଦ୍ଧା...

ଏବଂ ରାଜ୍ୟସଭା ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ୍ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗନେବେ। ସଂସଦରେ ଏବେ ମୋଟ୍ ସଭ୍ୟ ସଂଖ୍ୟା ହେଉଛି ୭୮୩ (ଲୋକସଭା ୫୪୩ ଏବଂ ରାଜ୍ୟସଭା ୨୪୦)। ପ୍ରାର୍ଥୀଙ୍କୁ ବିଜୟୀ କରାଇବା ଲାଗି ୩୯୨ ସଭ୍ୟଙ୍କ ସମର୍ଥନ ଦରକାର ଥିବା ବେଳେ ଏନ୍‌ଡିଏ ପାଖରେ ରହିଛି ୪୨୬ ସଭ୍ୟଙ୍କ ସମର୍ଥନ। ତେଣୁ ଶାସକ ଦଳର ପ୍ରାର୍ଥୀ ସହଜରେ ବିଜୟୀ ହୋଇପାରିବେ। ବିରୋଧୀ ଇଣ୍ଡି ମେଣ୍ଟ ପାଖରେ ୩୧୨ ସଭ୍ୟ ଥିବାରୁ ସେମାନେ ମଧ୍ୟ ପ୍ରାର୍ଥୀ ଦେଇପାରନ୍ତି। ଏହାକୁ ବାଦ ଦେଲେ ଅନ୍ୟାନ୍ୟ ୪୪ ସଭ୍ୟ ଅଛନ୍ତି। ଶାସକ ଦଳ ପକ୍ଷରୁ କିଏ ପ୍ରାର୍ଥୀ ହେ।।ବେ, ତାହା ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରୁ ଫେରିବା ପରେ ସ୍ଥିର କରାଯିବ। ଅନ୍ୟପକ୍ଷରେ ବିରୋଧୀ ଦଳ ମିଳିତ ପ୍ରାର୍ଥୀ ଦେବାକୁ ଯୋଜନା କରିଛନ୍ତି। କଂଗ୍ରେସର ଜଣେ ନେତା କହିଛନ୍ତି ଯେ କଂଗ୍ରେସ ମେଣ୍ଟ ବାହାରେ ଥିବା ସମଭାବାପନ୍ନ ଦଳର ନେତାମାନଙ୍କ ସହିତ ବିଚାର ଆଲୋଚନା କରାଯିବ। ସେ କହିଛନ୍ତି ଯେ ବିଜୟ ଲାଗି ବିରୋଧୀଙ୍କ ପାଖରେ ଆବଶ୍ୟକ ସଂଖ୍ୟା ନାହିଁ ସତ, କିନ୍ତୁ ଏହାକୁ ସଂଖ୍ୟା ଦୃଷ୍ଟିରେ ଦେଖାଯିବା ଉଚିତ ନୁହେଁ। ଏହି ନିର୍ବାଚନ ହେଉଛି ଆଦର୍ଶଗତ ଲଢ଼େଇ ଏବଂ ବିରୋଧୀ ଦଳ ନିଶ୍ଚିତ ଭାବେ ମିଳିତ ପ୍ରାର୍ଥୀ ଦେବେ ବୋଲି ସେ କହିଛନ୍ତି।

### ୨୦୨୬ରୁ ଅଷ୍ଟମ...

ଯୋଜନା ପୁନଃ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ଦୀର୍ଘ ସମୟ ଧରି କର୍ମଚାରୀଙ୍କ ପାଇଁ ଏହା ଏକ ପ୍ରମୁଖ ଚିନ୍ତାର ବିଷୟ ରହିଆସିଛି। ଏହାବ୍ୟତୀତ, କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ କ୍ୟାସ୍‌ଲେସ୍ ବା ନଗଦବିହୀନ ଚିକିତ୍ସା ସୁବିଧା କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ଏକ ପ୍ରସ୍ତାବ ଦିଆଯାଇଛି, ଯାହା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ପାଇବା ଆହୁରି ସହଜ କରିବ ଏବଂ ପ୍ରଶାସନିକ ସମସ୍ୟା ହ୍ରାସ କରିବ। ପ୍ରତିନିଧିମାନେ କର୍ମଚାରୀଙ୍କ ପିଲାମାନଙ୍କ ଶିକ୍ଷା ପାଇଁ ଶିଶୁ ଶିକ୍ଷା ଭତ୍ତା ମଧ୍ୟ ଦାବି କରିଛନ୍ତି। ଉଚ୍ଚଶିକ୍ଷାର ବର୍ଦ୍ଧିତ ମୂଲ୍ୟକୁ ଦୃଷ୍ଟିରେ ରଖି କର୍ମଚାରୀମାନେ ଏହାଦ୍ୱାରା ଆର୍ଥିକ ଆଶ୍ୱସ୍ତି ପାଇପାରିବେ ବୋଲି ଏକ ପ୍ରସ୍ତାବ ଦେଇଛନ୍ତି।

### ଧରାଛୁଆଁ ଦେଉନାହାନ୍ତି...

ଏନ୍‌କ୍ଲେଭରେ ରହୁଛନ୍ତି ଧନଖଡ଼। ଗତବର୍ଷ ଏପ୍ରିଲ ମାସରେ ସେ ଏହି ନୂଆ ଘରକୁ ଆସିଥିଲେ। ଏଠି ୧୫ ମାସ ରହିବା ପରେ ୭୪ ବର୍ଷୀୟ ଧନଖଡ଼ ଘର ଖାଲି କରିବା ଆରମ୍ଭ କରିଛନ୍ତି। ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ ଧନଖଡ଼ଙ୍କ ନାମରେ ଖୁବଶୀଘ୍ର ଏକ ସରକାରୀ ବଙ୍ଗଳା ଆବଣ୍ଟନ କରାଯିବ। ଦିଲ୍ଲୀର ଲୁଟେନ୍ସରେ ତାଙ୍କୁ ଟାଇପ୍-୮ ବଙ୍ଗଳା ଦିଆଯିବ। ସେ ଚାହିଁଲେ ଦିଲ୍ଲୀର ଅନ୍ୟ କୌଣସି ଅଞ୍ଚଳରେ ମଧ୍ୟ ଏଭଳି ବଙ୍ଗଳାରେ ରହିପାରିବେ ବୋଲି ସେ କହିଛନ୍ତି।

ଇତିମଧ୍ୟରେ ଧନଖଡ଼ ଇସ୍ତଫା ଦେବାକୁ ତିନି ଦିନ ବିତିଯାଇଥିଲେ ମଧ୍ୟ ସେ ଅଚାନକ କାହିଁକି ଏଭଳି ନିଷ୍ପତ୍ତି ନେଲେ ତାହା ଜଣାପଡ଼ିନାହିଁ। ସେ ନିଜେ ଏସଂପର୍କରେ ମୁହଁ ଖୋଲୁ ନାହାନ୍ତି। ସରକାରୀ ନେତାମାନେ ମଧ୍ୟ ନିରବ ରହିଛନ୍ତି। ତେବେ କାରଣ ଜାଣିବା ପାଇଁ ବିରୋଧୀ ଦଳର ନେତାମାନେ ବ୍ୟାକୁଳ ହୋଇପଡ଼ିଲେଣି। ବିରୋଧୀମାନଙ୍କ ସହ ତିକ୍ତ ସଂପର୍କକୁ ନେଇ ବିବାଦରେ ଥିବା ଧନଖଡ଼ଙ୍କୁ କିନ୍ତୁ ଦେଖା କରିବା ଲାଗି ବିରୋଧୀ ଦଳର ନେତାମାନେ ଲମ୍ବା ଧାଡ଼ି ଲଗାଇଛନ୍ତି। କିନ୍ତୁ ଧନଖଡ଼ ଧରାଛୁଆଁ ଦେଉ ନାହାନ୍ତି। ବିରୋଧୀ ଦଳର ଅନେକ ନେତା ତାଙ୍କ ସହ କଥା ହେବାଲାଗି ଫୋନ୍ ମଧ୍ୟ କରୁଛନ୍ତି। କିନ୍ତୁ କଥାବାର୍ତ୍ତା ପାଇଁ ଅନୁମତି ମିଳୁନାହିଁ। ବ୍ୟକ୍ତିଗତ ଭାବେ ତାଙ୍କୁ ଭେଟିବା ଲାଗି ଯେଉଁ ନେତାମାନେ ଲାଇନ ଲଗାଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ଶରଦ ପାୱାର ଏବଂ ସଂଜୟ ରାଉତ। ତେବେ ଧନଖଡ଼ଙ୍କ ପକ୍ଷରୁ କୌଣସି ଉତ୍ତର ଆସୁନାହିଁ। ଅନ୍ୟପକ୍ଷରେ ଏସବୁ ଘଟଣାକ୍ରମ ମଧ୍ୟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି, 'ଦାଲ ମେଁ କୁଛ୍ କାଲା ହେ।'

### ଗାଏବ ହୋଇଗଲେ...

ପରେ ବଲଙ୍ଗାକୁ ଧାଇଁଛନ୍ତି ନେତା, ମନ୍ତ୍ରୀଙ୍କ ସମେତ ପୁଲିସ ଓ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀ। ବିଭିନ୍ନ ରାଜନୈତିକ ନେତୃତ୍ୱ ଘନ ଘନ ଗସ୍ତ କରୁଛନ୍ତି। ପୀଡ଼ିତାଙ୍କ ପରିବାରକୁ ଭେଟିବା ସହ ପୁଲିସ ସହିତ ଆଲୋଚନା କରୁଛନ୍ତି। ଖୋଦ୍ ପୁଲିସ ମହାନିର୍ଦ୍ଦେଶକ ମଧ୍ୟ ଘଟଣାସ୍ଥଳ, ପୀଡ଼ିତାଙ୍କ ପରିବାର, ଗ୍ରାମବାସୀ, ପ୍ରଥମେ ନାବାଳିକାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିଙ୍କୁ ପଚରାଉଚରା କରିଛନ୍ତି। ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଇଥିବା ବେଳେ ୫୦ଟି ମୋବାଇଲ ଫୋନକୁ ମଧ୍ୟ ଯାଞ୍ଚ କରାଯାଇଛି। ସିସିଟିଭି ଫୁଟେଜକୁ ବି ଖୋଜି ତଦନ୍ତ ପରିସରକୁ ଅଣାଯାଇଛି। ପଚରାଉଚରା କରାଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ପୀଡ଼ିତାଙ୍କ ସାଙ୍ଗ, ଗ୍ରାମବାସୀ, ପରିବାର ସଦସ୍ୟ ଏବଂ ନିକଟ ସମ୍ପର୍କୀୟ ରହିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଅଭିଯୁକ୍ତ କିଏ? ସେନେଇ ଠୋସ୍ ସୁରାକ ପାଇନାହାନ୍ତି ପୁଲିସ, କ୍ରାଇମବ୍ରାଞ୍ଚ ଓ ସୋଶାଲ ବ୍ରାଞ୍ଚ ଅଧିକାରୀ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦିନ ଯେତେ ଗଡୁଛି ଏହି ପ୍ରସଙ୍ଗ ସେତେ ଜଟିଳ ହେବାରେ ଲାଗିଛି। ଘଟଣାସ୍ଥଳରୁ ସେହିଦିନ କିରୋସିନ ବୋତଲ, ଦିଆସିଲି, ରୁପା ମୁଦି, ଚୁଡ଼ି ଆଦି ପୁଲିସ ଜବତ କରିଥିଲା। ହେଲେ ପୀଡ଼ିତାଙ୍କ ପରିବାର ପକ୍ଷରୁ କୁହାଯାଇଛି ସେ ମୁଦି, ଚୁଡ଼ି ତାଙ୍କ ଝିଅର ନୁହେଁ। ତେବେ ପ୍ରଶ୍ନଉଠୁଛି ଏହି ମୁଦି, ଚୁଡ଼ି କାହାର? ସେଠାରୁ ଅନ୍ୟାନ୍ୟ ସାମଗ୍ରୀ ସହିତ ମୁଦି, ଚୁଡି ମିଳିଲା କେମିତି? ଏହାକୁ କିଏ କେଉଁଠୁ ଏବଂ କାହା ପାଇଁ କିଣିଥିଲା? ସେହିପରି ଫରେନ୍ସିକ ଟିମ୍, ସନ୍ଧାନୀ କୁକୁର ଆଦି ତଦନ୍ତ ପ୍ରକ୍ରିୟାର ବିଭିନ୍ନ କୌଶଳ ପ୍ରୟୋଗ ପରେ ବି ପୁଲିସ ହାତ ଖାଲି। ପ୍ରତିଦିନ ପୁଲିସ, କ୍ରାଇମ୍‌ବ୍ରାଞ୍ଚର ଅଧିକାରୀମାନେ ବଲଙ୍ଗା ଧାଁ ଧପଡ଼ କରି ହାଲିଆ ହେଲେଣି। ଗୁରୁବାର ମଧ୍ୟ କ୍ରାଇମବ୍ରାଞ୍ଚ ଓ ପୁଲିସର ୧୫ ଜଣିଆ ଟିମ୍ ଘଟଣାସ୍ଥଳ (ଭାର୍ଗବୀ ନଦୀବନ୍ଧ କଡ଼)ରେ ଛାନ୍‌ବିନ କରିଛନ୍ତି। ସମ୍ପୂର୍ଣ୍ଣ ସ୍ଥାନରେ ତନ୍ନ ତନ୍ନ କରି ଖୋଜାଖୋଜି କରିଛନ୍ତି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗକୁ ଆଧାର କରି ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ବଲଙ୍ଗାକୁ ସବୁ ରାଜନୈତିକ ଦଳ ନେତାଙ୍କ ଗସ୍ତ ଜାରି ରହିଥିବା ବେଳେ ସମସ୍ତେ ତୁରନ୍ତ ଅଭିଯୁକ୍ତଙ୍କୁ ଖୋଜି ବାହାର କରିବା ଲାଗି ଦାବି କରିଆସୁଛନ୍ତି। ହେଲେ ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ। ଅନ୍ୟପଟେ ଏହି ଘଟଣାକୁ ନେଇ ଜାତୀୟସ୍ତରର ବେଶ୍ ଚର୍ଚ୍ଚା ଆଲୋଚନା ଚାଲିଛି। କଂଗ୍ରେସର ଜାତୀୟ ନେତୃତ୍ୱମାନେ ଓଡ଼ିଶା ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ବଲଙ୍ଗା ଘଟଣାକୁ ନେଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ 'ଆମେ ଲଜ୍ଜିତ' ବୋଲି କହିଛନ୍ତି। ଓଡ଼ିଶାରେ ଆଇନ ଶୃଙ୍ଖଳାର ନଅଙ୍କ ଚିତ୍ର ଏବେ ରାଜ୍ୟକୁ ଜାତୀୟସ୍ତରରେ ବଦ୍‌ନାମ କରିଛି। ବାଲେଶ୍ୱର ପରେ ବଲଙ୍ଗା ଏବଂ ଯାଜପୁର ପରେ ଜଗତ୍‌ସିଂହପୁର ଦୁଷ୍କର୍ମ, ଗଣଦୁଷ୍କର୍ମ, ନାରୀ ନିର୍ଯାତନାର ତାଲିକା ଲମ୍ବି ଲମ୍ବି ଚାଲିଛି। ଏହା ଉପରେ ଅଙ୍କୁଶ ଲାଗିବ ତାହା ଉପରେ ଏବେ ସମସ୍ତଙ୍କ ନଜର।

### ବୟାନ ରେକର୍ଡ...

ବୋଲି ତଦନ୍ତକାରୀ ଟିମ୍ ଆଶା ରଖିଛି। ସେହିପରି ପୁଲିସ୍ ଓ କ୍ରାଇମବ୍ରାଞ୍ଚର ୧୫ ଜଣିଆ ଅନ୍ୟ ଏକ ଟିମ୍ ଘଟଣାସ୍ଥଳକୁ ଯାଇ ତନାଘନା କରିଛନ୍ତି। ନଦୀବନ୍ଧର ଯେଉଁ ସ୍ଥାନରେ ଦୁର୍ବୃତ୍ତମାନେ ନାବାଳିକାଙ୍କ ଦେହରେ କରାସିନି ଢାଳି ନିଆଁ ଲଗାଇ ଦେଇଥିଲେ, ସେଠାରେ ଏହି ଟିମ୍ ଛାନଭିନ୍ କରିଛନ୍ତି। ନଦୀବନ୍ଧଠାରୁ ଆରମ୍ଭ କରି ଆଖପାଖ ଅଞ୍ଚଳରେ ଖାନତଲାସି କରିଛନ୍ତି। ତଦନ୍ତ ପ୍ରକ୍ରିୟାକୁ କ୍ରାଇମବ୍ରାଞ୍ଚ ଜୋରଦାର୍ କରିଥିଲେ ହେଁ ଏପର୍ଯ୍ୟନ୍ତ ଜଣେ ହେଲେ ଅଭିଯୁକ୍ତଙ୍କୁ ଠାବ କରିବାରେ ଏହି ଟିମ୍ ସଫଳ ହୋଇପାରିନାହିଁ। ଏପର୍ଯ୍ୟନ୍ତ ୫୦ରୁ ଅଧିକ ଲୋକଙ୍କୁ ଜେରା କରାଯାଇସାରିଛି। ମୋବାଇଲ ଖୋଳତାଡ଼ ସହ ସିସିଟିଭି ଯାଞ୍ଚ ମଧ୍ୟ କରାଯାଇଛି। କିନ୍ତୁ, ପୁଲିସ୍‌କୁ ସେଥିରୁ ସେମିତି କିଛି ବି ସୁରାକ ମିଳିନଥିବା କୁହାଯାଉଛି। ଅପରପକ୍ଷେ, ଏହି ଘଟଣାରେ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଘଟଣାର ୩ଦିନ ପରେ ନାବାଳିକାକୁ ଉଦ୍ଧାର କରିଥିବା ଦୁଃଖୀଶ୍ୟାମ ସେନାପତିଙ୍କୁ ୩ଜଣ ଦୁର୍ବୃତ୍ତ ଫୋନ୍ କରି ଧମକଚମକ ଦେଇଥିଲେ। ଗଣମାଧ୍ୟମ ଆଗରେ କ'ଣ ପାଇଁ ଏତେ କଥା ଗପୁଛୁ ବୋଲି ସେମାନେ ପ୍ରଶ୍ନ କରିବା ସହ ନାନା ଧମକଚମକ ଦେଇଥିଲେ। କେନାଲ ବନ୍ଧ ନିକଟରେ ଦୁଃଖୀଶ୍ୟାମଙ୍କ ଏକୁଟିଆ ଘର ହୋଇଥିବାରୁ ତାଙ୍କ ଜୀବନ ପ୍ରତି ଭୟ ଥିବା ସେ ପୁଲିସ୍‌କୁ ଜଣାଇବା ପରେ ତାଙ୍କ ଘର ଆଗରେ ଜଣେ ପୁଲିସ୍‌କୁ ନିୟୋଜିତ କରାଯାଇଛି। ସେହିପରି ଦିଲ୍ଲୀ ଏମ୍‌ସରେ ଚିକିତ୍ସାଧୀନ ଥିବା ବଲଙ୍ଗା ପୀଡ଼ିତାଙ୍କ ଆଜି ସେଠାରେ ଏକ ଅସ୍ତ୍ରୋପଚାର ହୋଇଛି। ପୀଡ଼ିତାଙ୍କ ଶରୀରର କିଛି ଅଂଶ ଗୁରୁତର ଭାବେ ପୋଡ଼ି ଯାଇଥିଲା। ଏହାର ଚିକିତ୍ସା ପାଇଁ ଅସ୍ତ୍ରୋପଚାର ହୋଇଛି। ଏନେଇ ଦିଲ୍ଲୀ ଏମ୍‌ସ ପକ୍ଷରୁ ଏକ ହେଲଥ୍ ବୁଲେଟିନ୍ ମାଧ୍ୟମରେ ସୂଚନା ଦିଆଯାଇଛି। ଅନ୍ୟପଟେ, ଅସ୍ତ୍ରୋପଚାର ପରେ ମଧ୍ୟ ପୀଡ଼ିତାଙ୍କ ଅବସ୍ଥା ଏବେ ବି ସଂକଟାପନ୍ନ ରହିଛି। ଏବେ ବି ସେ ଅକ୍ସିଜେନ୍ ସହାୟତାରେ ଅଛନ୍ତି। ଏକ ସ୍ୱତନ୍ତ୍ର ଡାକ୍ତରୀଦଳ ତାଙ୍କ ଚିକିତ୍ସା ଜାରି ରଖିଥିବା ନେଇ ବୁଲେଟିନ୍‌ରେ ଦର୍ଶାଯାଇଛି।

### ସୌମ୍ୟାଶ୍ରୀ ଆତ୍ମଦାହ...

ଫଟୋକୁ କଲେଜର ସମସ୍ତ ହ୍ୱାଟ୍ସଆପ୍ ଗ୍ରୁପ ଏବଂ ଛାତ୍ରଛାତ୍ରୀଙ୍କ ଗ୍ରୁପରେ ମଧ୍ୟ ପ୍ରଦାନ କରାଯାଇଛି। ଅନ୍ୟପଟେ କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଆଉ ଦୁଇଜଣ ଛାତ୍ରୀଙ୍କର ବୟାନ ରେକର୍ଡ ହୋଇଛି। ବିଏନ୍‌ଏସ୍ ଧାରା ୧୮୩ ଅନୁସାରେ ସେମାନଙ୍କ ବୟାନ ରେକର୍ଡ କରାଯାଇଛି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଡିଏସପି ଇମାମ କଲ୍ୟାଣ ନାୟକ କହିଛନ୍ତି ଯେ ଆଜି ଦୁଇଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

### ଗଠନ ହେବ ଓସିଏର....

ସଂଗଠନକୁ ଏକଜୁଟ କରୁଛନ୍ତି। ତାଙ୍କ ନେତୃତ୍ୱରେ ଭୁବନେଶ୍ୱରରେ ବାରମ୍ବାର ବୈଠକ ଡକାଯାଉଛି। ଏପରିକି କ୍ରୀଡ଼ାମନ୍ତ୍ରୀଙ୍କ ସହ ଆଲୋଚନା ନିମନ୍ତେ ଏହି ଗୋଷ୍ଠୀ ଯାଇଥିବା କୁହାଯାଉଛି। ତେବେ ଓସିଏ ସହ ସମାନ୍ତରାଳ ସଂଘ ଗଠନ କରାଯିବା ପ୍ରସଙ୍ଗକୁ ନେଇ ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ କାର୍ଯ୍ୟାଳୟରେ ମଧ୍ୟ ଆଲୋଚନା ତୀବ୍ର ହୋଇଛି। କର୍ମଚାରୀ ଓ ବରିଷ୍ଠ ପଦାଧିକାରୀଙ୍କ ଭିତରେ ଆଲୋଚନା ହେଉଛି। ସମ୍ପ୍ରତି ନୂଆ ସଂଘକୁ ବିସିସିଆଇ ସ୍ୱୀକୃତି ଦେବ ନାହିଁ ବୋଲି କୁହାଯାଉଥିଲେ ସୁଦ୍ଧା ଏଭଳି ଏକ ବଡ଼ ପ୍ରସଙ୍ଗକୁ ଅଣଦେଖା କରାଯାଇ ନ ପାରେ। ଅନ୍ୟପକ୍ଷରେ ଆଉ ଦୁଇ ମାସ ପରେ ଓସିଏର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ନଜରରେ ରଖି କିଛି ଗୋଷ୍ଠୀ ଓସିଏ ବିରୋଧରେ ଏକଜୁଟ ହେଉଛନ୍ତି ବୋଲି କୁହାଯାଇଛି। ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ଏଭଳି ଆଲୋଚନା ଆଗକୁ ବଢ଼ିଛି ବୋଲି ଶୁଣିବାକୁ ମିଳୁଛି।

### ୨୭ ପର୍ଯ୍ୟନ୍ତ...

୨୭ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ବୁଧବାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ସମେତ କଟକ, ପୁରୀ ଦାରିଙ୍ଗବାଡ଼ି, ଛତ୍ରପୁର, ନୟାଗଡ଼, ଖୋର୍ଦ୍ଧା, ରାୟଗଡ଼ା ଓ ପାରଳା ଖେମୁଣ୍ଡି ଆଦିରେ ପ୍ରବଳ ବର୍ଷା ହୋଇଛି। ଏହି ସମୟରେ ଭୁବନେଶ୍ୱରରେ ସର୍ବାଧିକ ୭୦ ମିମି ବର୍ଷା ରେକର୍ଡ ହୋଇଛି। ପ୍ରବଳ ବର୍ଷା ପ୍ରଭାବରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।


**AFFIDAVIT**
I, Amlan Ashish Rautray, S/o. Ajaya Routray, resident of Plot No. 186, Behera Sahi, Rasulgarh, Bhubaneswar, PS-Mancheswar, Bhubaneswar-751010, Dist-Khurda, Odisha declare by this Affidavit No - 602, Dt - 23.07.2025 that, now onwards, I shall be known as **AMLAN ASHISH ROUTRAY** for all future purposes.

**AFFIDAVIT**
I MADHUSMITA, W/o SANGRAM CHETA MOHANTY resident of At-Nuapatna, Po-Banguari,Via-Fulnakhara, Dhamilo, Dt-Khurda, odisha -754 001, Odisha declare by this Affidavit No.3288, Dated - 22/07/2025,that now onwards I shall be known as MADHUSMITA MOHANTY for all future purposes.

**NOTICE**
By virtue of an affidavit sworn before the Notary Public, Cuttack, dated 19.07.2025 I, Susil Kumar Das, S/o- Late Surendranath Behera resident of At- Kuansh, Po/Ps/Dist.- Bhadrak, Pin-756100, Odisha have changed my name from **Susil Kumar Behera to Susil Kumar Das.** Henceforth I shall be known as Susil Kumar Das for all purposes.
Susil Kumar Das

**AFFIDAVIT**
By virtue of an affidavit sworn before Executive Magistrate Gopalpur, Balasore, dated 27/07/2025 I, Biswajit Muduli, Address At- Matiapala, PO- Radhaballavpur, PS- SORO , Dist-Balasore, Odisha-756045 declare that I have changed my name from M Biswajit to Biswajit Muduli. Henceforth, I shall be known as **Biswajit Muduli** for all purposes.

**LOST**
I **Barada Prasan Mohanty,** S/o- Bhimsen Mohanty, resident At- Plot No-954/2346/2, Bhimtangi Old Town, Bhubaneswar, Dist-Khurda, Odisha declare that my link documents sale deed No-8635, dtd- 31/07/2007 ROR of Mauza BBSR Unit-24 Sundarpada, Khata No-796/2666, Plot No- 562/3499 Area Ac 0.039 decs has been misplaced somewhere and could not be traced after so many searches.
**Barada Prasan Mohanty**

**AFFIDAVIT**
By virtue of an affidavit before the Executive Magistrate, Soro, Balasore, I Shaik Hasnain Raja, S/o- SK. Faizulla , Resident of Ward No -13, Muleswar, Po/Ps- Soro, Dist- Balasore, PIN 756045, Odisha declare by this affidavit No- 739, Dated -02.04.24 that now onwards I shall be known as **SK. HASNAIN RAZA** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Silipar, dated. 21.07.2025, I CHITTARANJAN SWAIN, S/o- Late Sarat Chandra Swain, At: Chhotinatara, Po: Bhimdaspur, Ps: Salipur, Dist.: Cuttack, Odisha, Pin- 754221 declare that I have changed the name of my daughter from KIRANPRAVA SWAIN to KIRANMAYEE SWAIN. Henceforth she shall be known as **KIRANMAYEE SWAIN** for all purposes.

**NOTICE FOR MINOR**
By virtue of an affidavit sworn before the Executive Magistrate, Kendrapara, dated 18.07.2025, I, Itishree Nayak, Address (Itishree Nayak, C/o- Abhaya Kumar Samal, At / Po- Karilopatana, Dist-Kendrapara, Odisha, Pin-754223, Mob-6370971396) declare that I have changed the name of my son from A.I TANMAY SAMAL to TANMAY SAMAL. Henceforth, he shall be known as **TANMAY SAMAL** for all purposes.
**Itishree Nayak**

**AFFIDAVIT**
I, Ajaya Rautray, S/o. Late Banshidhar Routray, resident of Plot No. 186, Behera Sahi, Rasulgarh, Bhubaneswar, PS-Mancheswar, Bhubaneswar-751010, Dist-Khurda, Odisha declare by this Affidavit No - 603, Dt - 23.07.2025 that, now onwards, I shall be known as **AJAYA ROUTRAY** for all future purposes.

**AFFIDAVIT**
By virtue of an Affidavit No. 3289, sworn before Notary Public, Jeypore, dated -22/07/2025, I MADHUSMITA MOHANTY, Address At-Nuapatna, Po-Banguari, Via-Fulnakhara, Dhamilo, Khurda, Odisha -754 001 declare that I have changed my name from MADHUSMITA CHHOTARAY to MADHUSMITA MOHANTY. Henceforth I shall be known as MADHUSMITA MOHANTY for all purposes.

**AFFIDAVIT**
By virtue of an affidavit sworn before the Notary Public, Bhubaneswar on Dt.**15.07.2025** I, Anish Akhtar, R/o- Kalamandal Pada, Balangir, Odisha- **767001** mentions that in Residence Certificate Vide No. E-RES/**2025**/**858164**, my name inadvertently recorded as Anish Arya Panda instead of Anish Akhtar. I declare that my correct name is Anish Akhtar for all purposes.

**AFFIDAVIT**
I, Anjalipravа Parida, aged about 50 years, D/o- Dharanidhar Jena, resident of At-Satyabhamapur, Tandilo, Dist- khordha, PIN- 752100, Odisha declared by this affidavit No- 597, dtd- 21/07/2025 that now onwards I shall be known as **ANJALI PARIDA** for all future purposes.

**AFFIDAVIT**
I GULAB CHAND JAIN, S/o BABULAL JAIN resident of Main Road, Po/ PS - Malkangiri Dt-Koraput, odisha -764 045, Odisha declare by this Affidavit No.3286, Dated - 22/07/2025,that now onwards I shall be known as GULAB JAIN for all future purposes.

**AFFIDAVIT**
I, ABRAR, aged about 21 years, S/o- Faisal, resident of Masjid Pada, Khariar, Po- Khariar, Ps- Khariar, Dist- Nuapada, Odisha, Pin- 766107 declare by this affidavit No. 1436, dtd. 23/07/2025, that now onwards I shall be known as **MOHAMMAD ABRAR** for all future purposes.

**AFFIDAVIT**
I, Sekh Gulam Anwar, aged about 63 years, S/o- Late Shekh Gulam Kadar, resident of Vill- Padampur, PS- Padampur, Dist- Bargarh, Odisha declared by this affidavit No. 01, dtd- 23/07/2025 that now onwards I shall be known as **SHEKH GULAM ANWAR** for all future purposes.

**AFFIDAVIT**
**I, Purnima Mohapatra, W/o Abinash Mishra, resident of Plot No LB-104, Bhimatangi, Phase-II, Kapilprasad, PS- Airfield,Bhubaneswar- 751002, Dist- Khordha, Odisha declare by this affidavit CF No- 08, dtd. 23.07.2025 that now onwards I shall be known as PURNIMA MAHAPATRA for all future purposes.**
**Sd- PURNIMA MAHAPATRA**

**AFFIDAVIT**
I S.C.MOHANTY, S/o Nrusingh Charan MOHANTY resident of At-Nuapatna, Po-Banguari,Via-Fulnakhara, Dhamilo, Dt-Khurda, odisha - 754 001, Odisha declare by this Affidavit No.3287, Dated - 22/07/2025,that now onwards I shall be known as SANGRAM CHETA MOHANTY for all future purposes.

**PANCHAYAT SAMITI HIGHER SECONDARY SCHOOL, KOMNA, DIST-NUAPADA**
**WALK IN INTERVIEW**
A walk-in-Interview for the Post of PGT-in-History will be held on Dt. 30.07.2025 (Wednesday) in the Panchayat Samiti Higher Secondary School, Komna (+2 College). Intending candidates having minimum 55% marks in the subject concerned at P.G level with B.Ed. are required to walk in with Bio-data.
**No TA DA will be admissible.**
**Sd/- Principal-cum-Secretary**
**P.S. Higher Secondary School,**
**Komna, Dist.-Nuapada**

**AFFIDAVIT**
By virtue of an affidavit before the the Notary Public, Cuttack. I, Himanshu Shekhar Mohapatra, S/o- Keshab Chandra Mohapatra of Plot No. 3D/1100, Sector-10, P.S.- CDA Phase-II, Dist.: Cuttack, Odisha - 753014, declare that my correct name is Himanshu Shekhar Mohapatra as per Aadhaar and PAN. But in my Passport bearing no K3842811, my name has been wrongly mentioned as Himansu Shekhar Mohapatra. That both the names belongs to me. Henceforth I shall be known as **Himanshu Shekhar Mohapatra** for all purposes.

**NOTICE**
By virtue of an affidavit sworn before the Notary Public, Cuttack, dated 19.07.2025 I, Rohiteswar Gochhayat, S/o- Late Bhramarbar Gochhayat, resident of At- Naradia, Borikana, Po- Panchapali, Ps- Ersama, Dist.- Jagatsinghpur, Odisha, Pin- 754110 have changed my name from **Rohitaswar Gochhayat to Rohiteswar Gochhayat.** Henceforth I shall be known as Rohiteswar Gochhayat for all purposes.
**Sd/- Rohiteswar Gochhayat**

**JEYPORE MUNICIPALITY, JEYPORE**
Phone No. - 06854231098, Fax no -06854230104, email-ulbjeypore@gmail com & jayporem hud@nic in
**Quotation call notice**
Sealed quotations on the letter pad of the bidder are hereby invited from **individuals, manufacturers, or contractors** for the execution of the work titled
**"Improvement of Square by Construction of Dandi Yatra Statue of FRP Make, having 11 Nos. Life-Size Statues (4–6 ft Height Each) Including Pedestrian Unit (Civil & Electrical) with All Fitting, Fixing and Finishing Works – Complete at Jeypore Municipality".**

| | |
|---|---|
| No of works. | 01 |
| Estimated cost and work details | As per QCN |
| Date & Time of Bidding | From **24.07.2025** at 11:00 Hours to **04.08.2025** Upto 16:00Hours |
| Offline Documents Received through Speed Post/ Registered Post | **25.07.2025** at 11:00 Hours to **06.08.2025** Up to 11:00 Hours (Working Days Only) |
| Offline Documents shall be opened in the presence of the Participating Bidders | **06.08.2025** at 16:00 Hours onwards |
| Paper Cost (INR) | **Rs.600/-** |
| EMD (INR) | **Rs.10000/-** |

OIPR-13079/11/0051/2526 C-725
Executive Officer,
Jeypore Municipality

**AFFIDAVIT**
By virtue of an affidavit before the Executive Magistrate Hindol on dt 19.05.2025,I Akshaya Biswal, aged about 51 years, S/o- Late Biswambar Biswal of Vill-Kathakumpa, Po- Khaliborei, Ps-Rasol, Dist- Dhenkanal, That, in the Aadhaar card bearing no- 8528 3358 2452 and OGB, Gandanali Branch bearing A/c no- 052734006001361 my name reflected as Akshaya Biswal, S/o- Biswambar Biswal and but in the LIC Policy Bond bearing Policy no- 588154567 my name reflected as Dharanidhar Biswal which is my nick name instead of Akshaya Biswal. That, Akshaya Biswal and Dharanidhar Biswal, S/o- Late Biswambar Biswal is same and one person and there is no any other person live in that name in the same locality.

**NOTICE**
By virtue of an affidavit sworn before the Notary Public, Cuttack, dated 19.07.2025 I Smt. Bithika Das, W/o- Susil Kumar Behera, D/o- Nalini Kanta Mohanty resident of At- Kuansh, Po/Ps/Dist.- Bhadrak, pin- 756100 Odisha have changed my name from **Bithika Behera to Bithika Das.** Henceforth, I shall be known as Bithika Das for all purposes.
Bithika Das

ସକାଳ THE SAKALA



www.sakalaepaper.com

## ରେଞ୍ଜ ଅଫିସରେ ଫର୍ଣ୍ଣିଚର ଫ୍ୟାକ୍ଟ୍ରି ଘଟଣା

# ପିସିସିଏଫ୍‌ଙ୍କୁ ତଦନ୍ତ ନିର୍ଦ୍ଦେଶ

**ନୟାଗଡ଼, ୨୩।୭ (ସମିସ):** ନୟାଗଡ଼ ରେଞ୍ଜ ଅଫିସରେ ଫର୍ଣ୍ଣିଚର୍ ଫ୍ୟାକ୍ଟ୍ରି ଘଟଣାକୁ ରାଜ୍ୟ ସରକାର ଗୁରୁତର ସହ ନେଇଛନ୍ତି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଏହି ଘଟଣାକୁ ଗୁରୁତର ସହ ନେଇ ପିସିସିଏଫ୍‌ଙ୍କୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନୟାଗଡ ବନବିଭାଗ ଜଙ୍ଗଲ ସୁରକ୍ଷା ବଦଳରେ ଜଙ୍ଗଲ ଲୁଟ୍ କରୁଛି। ବନ କର୍ମଚାରୀମାନେ ନିଜ ସ୍ୱାର୍ଥସାଧନକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ବନୀକରଣ ନାଁରେ ସରକାରୀ ଅର୍ଥକୁ ଅପବ୍ୟୟ କରୁଥିବା ବେଳେ ଏବେ ବନ କର୍ମଚାରୀ କାର୍ଯ୍ୟାଳୟରେ କାଠ ଫର୍ଣ୍ଣିଚର କାର୍ଯ୍ୟ କରି ବଡ଼ ଅଧିକାରୀଙ୍କ ସଉକ ପୂରଣ କରୁଥିବା ଅଭିଯୋଗ ହେଉଛି। ନୟାଗଡ ବନଖଣ୍ଡ ଅଧୀନସ୍ଥ ନୟାଗଡ ବନାଞ୍ଚଳ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ଫର୍ଣ୍ଣିଚର କାମ ଚାଲୁଥିବା ଅଭିଯୋଗ ହୋଇ ଆସୁଥିଲା। ଗତକାଲି ଏହି ଘଟଣା ଗଣମାଧ୍ୟମ ସାମ୍ନା ଆଣିଥିଲା। ନୟାଗଡ ବନଖଣ୍ଡ ଅଧିକାରୀଙ୍କ ପୁରୁଣା କ୍ୱାର୍ଟର ତଥା ନୂତନ ଭାବେ ନିର୍ମାଣ କରାଯାଇଥିବା ବନାଞ୍ଚଳ କାର୍ଯ୍ୟାଳୟ ପଛ ପାଖରେ କିଛି କାଠ ମିସ୍ତ୍ରୀଙ୍କୁ ଧରି ଏଭଳି କାରନାମା ଚାଲିଥିବା ଦେଖାଯାଇଛି। ନୟାଗଡ ରେଞ୍ଜର ଅଶୋକ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି କାଠ କାମ ଚାଲିଥିବା ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ଏଠାରେ କାର୍ଯ୍ୟ ଚାଲୁଥିବା ପାରିପାର୍ଶ୍ୱିକ ଅବସ୍ଥାରୁ ଦେଖାଯାଇଛି। କବାଟ, ଝରକା, ଡାଇନିଂ ସେଟ୍, ବକ୍ସ ଖଟ ପ୍ରଭୃତି ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ଏହାବ୍ୟତୀତ, ଦୁଇଟି ସଟର ରୁମ ତଥା ପୁରୁଣା ଗ୍ୟାରେଜ୍ ଘରେ ବ୍ୟାପକ ପରିମାଣର କାଠ ପଟା ମହଜୁଦ ରଖାଯାଇଥିବା ଦେଖାଯାଇଛି।

ସ୍ଥାନୀୟଲୋକଙ୍କ କହିବାନୁସାରେ, ଦୀର୍ଘ ୪ ମାସ ହେଲା ଏଠାରେ କାଠ ଆସବାବପତ୍ର ନିର୍ମାଣ କରାଯାଉଛି। ଏହି ଆସବାବପତ୍ରକୁ ବନବିଭାଗ ବରିଷ୍ଠ ଅଧିକାରୀଙ୍କ ଘରକୁ ପଠାଯାଉଛି। ଦାମୀ କାଠରେ ଖଟ ଏବଂ ଡାଇନିଂ ସେଟ୍ ନିର୍ମାଣ କରି କିଛି ବନକର୍ମଚାରୀ ବିକ୍ରି କରୁଥିବା ମଧ୍ୟ ଅଭିଯୋଗ ଆସିଛି। ହଠାତ୍ ଗଣମାଧ୍ୟମ ପ୍ରତିନିଧିମାନେ ବନାଞ୍ଚଳ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବନାଞ୍ଚଳ ଅଧିକାରୀ ହଡ଼ବଡେଇ ଯାଇଥିଲେ। ଏସବୁ ବନବିଭାଗ ବଙ୍ଗଳା ଏବଂ କ୍ୱାର୍ଟର ପାଇଁ ନିର୍ମାଣ କରାଯାଉଥିବା ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏଥିପାଇଁ ବନଖଣ୍ଡ ଅଧିକାରୀଙ୍କଠାରୁ ଅନୁମତି ଅଣା ଯାଇଥିବା ବେଳେ ରୟାଲିଟି୍ ମଧ୍ୟ ଡିପୋଜିଟ୍ ହୋଇଥିବା କହିଥିଲେ। ବିଭିନ୍ନ ୟୁଡି କେସ୍‌ରେ ଜବତ ହୋଇଥିବା କାଠରେ ବନବିଭାଗ ପାଇଁ ଆବଶ୍ୟକ ଆସବାବପତ୍ର ନିର୍ମାଣ ହେଉଥିବା କହିଥିଲେ। ତେବେ ଏହି ବିଷୟ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜଣେ ବ୍ୟକ୍ତି ଟୁଇଟ ଯୋଗେ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ, ବନବିଭାଗ ମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ। ଏହାକୁ ନେଇ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପିସିସିଏଫ୍‌ଙ୍କୁ ପରାମର୍ଶ ଦେଇଛନ୍ତି।


କାର୍ଯ୍ୟାଳୟରେ ଫର୍ଣ୍ଣିଚର କ
ରେଞ୍ଜ ଅଫିସ୍ ନା ଫର୍ଣ୍ଣିଚର୍ ଫ୍ୟାକ୍ଟ୍ରି
ଜବତ କାଠରେ ତିଆରି ହୋଇଛି ଖଟ, ସୋଫା, ମେଜ

## କୁଆଁରିଆ ହରିଣ ପାର୍କ ପାଇଁ ୪୫ ଲକ୍ଷ ବ୍ୟୟ ଘଟଣା

# ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟର ତଦନ୍ତ ନିର୍ଦ୍ଦେଶ

**ନୟାଗଡ଼,୨୩।୭ (ସମିସ):** ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ବାଣିଗୋଛା ପୂର୍ବ ବନାଞ୍ଚଳ ଅଧୀନରେ ରହିଥିବା କୁଆଁରିଆ ହରିଣ ପାର୍କରେ ବର୍ଷକ ମଧ୍ୟରେ ୪୫ ଲକ୍ଷ ଟଙ୍କା ଖାଦ୍ୟ ବାବଦ ଖର୍ଚ୍ଚ ହେବା ଘଟଣା ଏବଂ ଗୋଟିଏ ସ୍ଥାନରେ ବନପାଳ ମନୋରମା ସ୍ୱାଇଁ ୬ ବର୍ଷ କାର୍ଯ୍ୟ କରିବା ଘଟଣାରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। 'ସକାଳ'ରେ ପ୍ରକାଶିତ ଖବରକୁ ଜଣେ ବ୍ୟକ୍ତି ଟୁଇଟ ଯୋଗେ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆଣିଥିଲେ। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଏହି ଘଟଣାର ତଦନ୍ତ କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପିସିସିଏଫ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ବନପାଳ ମନୋରମା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ରହିଥିବା କୁଆଁରିଆ ହରିଣ ପାର୍କରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଖୋଳତାଡ଼ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଏହି ହରିଣ ପାର୍କରେ ହରିଣଙ୍କ ଖାଦ୍ୟ ଓ ରକ୍ଷଣାବେକ୍ଷଣରେ ବ୍ୟାପକ ହେରାଫେରି ହୋଇଥିବା ସନ୍ଦେହ ସୃଷ୍ଟି ହୋଇଛି। ଗୋଟିଏ ବର୍ଷରେ ୪୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ହରିଣଙ୍କ ଖାଦ୍ୟ ଓ ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହୋଇଛି। ଯାହାକୁ ନେଇ ଜନପ୍ରତିନିଧିଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଥିବା ବେଳେ ଦାୟିତ୍ୱରେ ଥିବା ବନପାଳ ମନୋରମା ସ୍ୱାଇଁଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ମହାନଦୀ ବନ୍ୟପ୍ରାଣୀ ଡିଭିଜନ ଏହି ବନପାଳଙ୍କୁ ଦୀର୍ଘ ୬ ବର୍ଷ ଧରି ଗୋଟିଏ ସ୍ଥାନରେ ଅବସ୍ଥାପିତ କରିଛି। ଶ୍ରୀମତି ସ୍ୱାଇଁ ବାଣିଗୋଛା ପୂର୍ବ ବନାଞ୍ଚଳ ତଥା କୁଆଁରିଆରେ ୨୦୧୯ ମସିହା ଜୁଲାଇ ୩୦ ତାରିଖଠାରୁ ୨୦୨୪ ମସିହା ଫେବୃୟାରୀ ୨୭ ତାରିଖ ପର୍ଯ୍ୟନ୍ତ ବନରକ୍ଷୀ ଭାବେ କାର୍ଯ୍ୟ କରିଥିଲେ। ତାଙ୍କର ପଦୋନ୍ନତୀ ପରେ ୨୦୨୪ ମସିହା ଫେବୃୟାରୀ ୨୮ ତାରିଖଠାରୁ ଅଦ୍ୟାବଧି ସେ ଉକ୍ତ ସ୍ଥାନରେ ବନପାଳ ଭାବେ କାର୍ଯ୍ୟ କରୁଛନ୍ତି। ଜଣେ ସରକାରୀ କର୍ମଚାରୀ ୩ ବର୍ଷରେ ବଦଳି ହେବାର ନିୟମ ରହିଥିବା ବେଳେ କେଉଁ ନିୟମ ବଳରେ ତାଙ୍କୁ ୬ ବର୍ଷ ଧରି ଗୋଟିଏ ସ୍ଥାନରେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯାଇଛି ବୋଲି ପ୍ରଶ୍ନ ଉଠିଛି।

ଅନ୍ୟପକ୍ଷରେ, ଏବେ ହରିଣ ପାର୍କରେ ମାଇ ଏବଂ ଅଣ୍ଡିରା ହରିଣ ମିଶି ୨୮୩ଟି ରହିଥିବା ସୂଚନା ମିଳିଛି। ସେମାନଙ୍କ ରକ୍ଷଣାବେକ୍ଷଣରେ ବ୍ୟାପକ ଅବ୍ୟବସ୍ଥା ସହ ହରିଣଙ୍କ ଆଶ୍ରୟ ପାଇଁ ନିର୍ମାଣ କରାଯାଇଥିବା ପାର୍କ ଏବେ ସେମାନଙ୍କ ପାଇଁ ମୃତ୍ୟୁ ଜାଲ ପାଲଟିଛି। କାଳକ୍ରମେ ଶାଳବଣରେ ଥିବା ୯୦ ପ୍ରତିଶତ ଗଛ ବିଲୋପ ଘଟିଥିବା ବେଳେ ଧୁ ଧୁ ଖରାରେ ହରିଣଗୁଡିକ ସିଝୁଛନ୍ତି। ବିଭାଗ ପକ୍ଷରୁ ପ୍ରତି ହରିଣକୁ ଦୈନିକ ଦାନା ଦିଆଯାଉଥିବା ବେଳେ କଞ୍ଚା ଡାଳ ଖାଇବାକୁ ଦିଆଯାଉଛି। ପାର୍କ ପରିସରରେ ମାଟି ମଧ୍ୟ ନିୟମିତ ବ୍ୟବଧାନରେ ପରିବର୍ତ୍ତନର ଆବଶ୍ୟକତା ଥିବା ବେଳେ ତାହା କରାଯାଉ ନଥିବା ଦେଖାଯାଇଛି। ସାମାନ୍ୟ ବର୍ଷାରେ ମାଟିର ଅବସ୍ଥା ଯାହା ହେଉଛି, ହରିଣଙ୍କୁ ସଂକ୍ରମଣ ହେବାର ଆଶଙ୍କା ସୃଷ୍ଟି ହୋଇଛି। ୭ ଏକର ଭୂଖଣ୍ଡ ମଧ୍ୟ କମି ୬ ଏକରରେ ପହଞ୍ଚିଛି। ତାହାର କାରଣ ଜଣାପଡି ନଥିବା ବେଳେ ୨୮୩ ହରିଣଙ୍କ ଚଳପ୍ରଚଳ ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ଜଣାଯାଇଛି। ହରିଣଙ୍କ ରକ୍ଷଣାବେକ୍ଷଣ ଏବଂ ଖାଦ୍ୟପେୟ ବାବଦରେ ସିଂଘ ଭାଗ ଚଳୁ କରାଯାଉଥିବା ଅଭିଯୋଗ ହେଉଛି।

୨୦୨୪ ମସିହା ମାର୍ଚ୍ଚରୁ ୨୦୨୫ ମସିହା ମଧ୍ୟରେ ହରିଣଙ୍କ ଖାଦ୍ୟ (ଦାନା) ବାବଦରେ ୨୬ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ସରକାରୀ ତଥ୍ୟରୁ ଜଣାପଡିଛି। ଏହି ଖାଦ୍ୟ ସରକାରୀ ଅନୁଷ୍ଠାନ ଓପେଲଫେଡ୍‌ରୁ କ୍ରୟ କରାଯାଇଥିବା ସୂଚନା ମିଳିଛି। ସେହିଭଳି ଭାବେ ବର୍ଷକ ମଧ୍ୟରେ ହରିଣଙ୍କ ଔଷଧ ବାବଦରେ ୬୦ ହଜାର ଟଙ୍କା ବ୍ୟୟ କରାଯାଇଥିବା ବେଳେ କଞ୍ଚା ଡାଳ ସଂଗ୍ରହ ଏବଂ ୧୦ ଜଣ ଜଗୁଆଳିଙ୍କ ବେତନ ବାବଦକୁ ୧୮ ଲକ୍ଷ ୪୨ ହଜାର ଟଙ୍କା ବ୍ୟୟ କରାଯାଇଛି। ଗୋଟିଏ ବର୍ଷ ମଧ୍ୟରେ ୪୫ ଲକ୍ଷ ୨ ହଜାର ଟଙ୍କା ବ୍ୟୟ ହୋଇଥିବା ବେଳେ ଏହା କେବଳ କାଗଜପତ୍ରରେ କରାଯାଇଥିବା ଦଶପଲ୍ଲାର ଅନେକ ଜନପ୍ରତିନିଧି ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଗଲେ ପକୃତ ଘଟଣା ସାମ୍ନାକୁ ଆସିବ।


ସକାଳ
କୁଆଁରିଆ ହରିଣ ପାର୍କ
ବର୍ଷକରେ ହରିଣ ଖାଇଗଲେ ୪୫ ଲକ୍ଷ

# ବଦଳିଲେ ୧୯ ଜଣ କନିଷ୍ଠ ଯନ୍ତ୍ରୀ

**ବାସ୍ନା କମ, ଗନ୍ଧ ବେଶୀ**

**ନୟାଗଡ଼, ୨୩।୭ (ସମିସ):** ନୟାଗଡ଼ ଜିଲ୍ଲା ପରିଷଦ ପକ୍ଷରୁ ଗତକାଲି ବିଭିନ୍ନ ବ୍ଲକରେ କାର୍ଯ୍ୟରତ ୧୯ ଜଣ କନିଷ୍ଠ ଯନ୍ତ୍ରୀଙ୍କ ବଦଳି ହୋଇଛି। ଜିଲ୍ଲାପାଳଙ୍କ ଅନୁମୋଦନକ୍ରମେ ଏହି ବଦଳି ନିର୍ଦ୍ଦେଶ ପ୍ରକାଶ ପାଇଛି। ଏହି ନିର୍ଦ୍ଦେଶକୁ ଲକ୍ଷ୍ୟ କଲେ, 'ସକାଳ' ଅନୁମାନ ଜଳ ଜଳ ପ୍ରମାଣିତ ହେଉଛି। ବଦଳି ପାଇଁ ଭିତିରିଆ କାରବାର ହୋଇଥିବା ନେଇ ଖବର ପ୍ରକାଶ ପାଇଥିଲା। ଅନେକ ଯନ୍ତ୍ରୀଙ୍କୁ ନିଜ ମନମୁତାବକ ସ୍ଥାନ ମିଳିଥିବା ବେଳେ କିଛି ଯନ୍ତ୍ରୀଙ୍କୁ ଏହି ତାଲିକାକୁ ନେଇ ଅସନ୍ତୋଷ ଅବସ୍ଥାରେ ରହିଛନ୍ତି। ମୋଟାମୋଟି କହିବାକୁ ଗଲେ, ଏହି ତାଲିକାରେ ବାସ୍ନା କମ, ଗନ୍ଧ ବେଶୀ ବୋଲି ଆଲୋଚନା ହେଉଛି। ଚିଠି ନଂ ୨୬୩୨ ଅନୁସାରେ ଦଶପଲ୍ଲା ବ୍ଲକରେ କାର୍ଯ୍ୟରତ ସୁବୋଦ୍ଧ ମାଝୀଙ୍କୁ ଓଡଗାଁ ବ୍ଲକ, ନୟାଗଡ ବ୍ଲକରେ କାର୍ଯ୍ୟରତ ମିତାସ୍ମିତା ମହାପାତ୍ରଙ୍କୁ ଗଣିଆ, ନୂଆଗାଁ ବ୍ଲକରେ କାର୍ଯ୍ୟରତ ନେତ୍ରରଞ୍ଜନ ମିଶ୍ରଙ୍କର ଗଣିଆ, ନୂଆଗାଁ ବ୍ଲକରୁ ଉମେଶ କୁମାର ମହାପାତ୍ରଙ୍କୁ ଓଡଗାଁ, ଓଡଗାଁ ବ୍ଲକରୁ ଶିବ ପ୍ରସାଦ ସାହୁଙ୍କୁ ରଣପୁର, ଓଡଗାଁରୁ ରୀତିମୁକ୍ତା ସ୍ୱାଇଁଙ୍କୁ ଭାପୁର, ରଣପୁରରୁ ଦିଲ୍ଲୀପ ଉଦିନଙ୍କୁ ଭାପୁର, ରଣପୁରରୁ ସୁଶାନ୍ତ କୁମାର ବରାଡଙ୍କୁ ନୂଆଗାଁ, ଦଶପଲ୍ଲାରୁ ଅଶୋକ କୁମାର ଦଳବେହେରାଙ୍କୁ ଭାପୁର, ଗଣିଆରୁ ଉପେନ୍ଦ୍ର କୁମାର ତିଆଡିଙ୍କୁ ଦଶପଲ୍ଲା, ନୟାଗଡରୁ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କୁ ନୂଆଗାଁ, ନୟାଗଡରୁ ମୁରଲୀଧର ରାଉତଙ୍କୁ ରଣପୁର, ନୂଆଗାଁରୁ ଦୀପକ ରାଉତଙ୍କୁ ନୟାଗଡ, ରଣପୁରରୁ ବସନ୍ତ ସାହୁଙ୍କୁ ନୟାଗଡ, ଜିଲ୍ଲା ପରିଷଦରୁ ଅଶୋକ ମିଶ୍ରଙ୍କୁ ଦଶପଲ୍ଲା, ନୟାଗଡରୁ ସନ୍ତୋଷ ମଲ୍ଲିକଙ୍କୁ ଦଶପଲ୍ଲା, ରଣପୁରରୁ ଅଟଳ ବିହାରି ସାହୁଙ୍କୁ ନୟାଗଡ, ଭାପୁରରୁ ଶୁଭଙ୍କର ପାଇକରାୟଙ୍କୁ ନୂଆଗାଁ, ଖଣ୍ଡପଡାରୁ ସାଗରିକା ମହାନ୍ତିଙ୍କୁ ରଣପୁର ବ୍ଲକକୁ ବଦଳି ହୋଇଛି।

# ୧୪ ଗାଈ ଗୋରୁ ଉଦ୍ଧାର

**ଭାପୁର,୨୩।୭ (ସମିସ):** ନୟାଗଡ଼ ଜିଲ୍ଲା ଫତେଗଡ ଥାନା ପଥରଚକଡା ପଞ୍ଚାୟତ ମାଧପୁର ଓ ପଥରଚକଡା ଅଞ୍ଚଳରୁ ଚୋରା ଗୋରୁ ଚାଲାଣ ହେଉଥିବା ପୁଲିସକୁ ଖବର ଆସିଥିଲା। ଖବରପାଇ ଫତେଗଡ ଥାନା ଅଧିକାରୀ ପଞ୍ଚାନନ ପଡିଡା ମଙ୍ଗଳବାର ରାତି ୩ଟା ସମୟରେ ସଦଳବଳେ ପଥରଚକଡା ଅଞ୍ଚଳରେ ପହଞ୍ଚି ୧୪ଟି ଗୋରୁ ଜବତ କରିଥିଲେ। ଚଢ଼ଉ ସମୟରେ ଗୋରୁ ବେପାରୀ ଫେରାର ହୋଇଯାଇଥିଲା। ଉଦ୍ଧାର ହୋଇଥିବା ୧୪ ଗାଇବଳଦଙ୍କୁ ଖଣ୍ଡପଡା ଥାନା କିଆଝର ପଞ୍ଚାୟତ ଭଅଁରପଲ୍ଲୀ ଗୋଶାଳାରେ ଛଡାଯାଇଛି। ଥାନାରେ ଏକ ମାମଲା ରୁଜୁକରି ପୁଲିସ ତଦନ୍ତ ଜାରି ରଖିଛି। ଏପରି ବେଆଇନ ଗୋରୁ ଚାଲାଣ ଯୋଗୁଁ ଅଞ୍ଚଳରେ ଗାଇବଳଦଙ୍କୁ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି।

# ସ୍ୱଚ୍ଛ ଭାରତ ଅଭିଯାନରେ ସଚେତନତା କାର୍ଯ୍ୟକ୍ରମ

**ଭାପୁର,୨୩।୭ (ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ କଇଁଫୁଲିଆ ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନାରେ ଏକ ସଚେତନତା ସଭା ସହ ବାଲଟି ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କଲ୍ୟାଣମଣ୍ଡପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଉଦଘାଟନ କରିଥିଲେ। ପଞ୍ଚାୟତ ସରପଞ୍ଚ ରମେଶ ପ୍ରସାଦ ରାଉତଙ୍କ ସଭାପତିତ୍ୱରେ ଓ ପୁରୁଷୋତ୍ତମ ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଉପାଧ୍ୟକ୍ଷ, ବ୍ଲକ୍ ସ୍ୱଚ୍ଛ ଭାରତ ସଂଯୋଜକ ଏଲରା ମହାପାତ୍ର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପିନାକି ଦାଶ, ଆସିଷ୍ଟାଣ୍ଟ ଡାଟା ଏଣ୍ଟ୍ରି ଅପରେଟର ପୁରଞ୍ଜନ ବେହେରା, ଏମବିସି ସନ୍ଧ୍ୟାରାଣୀ ପୃଷ୍ଟି, ନାଏବ ସରପଞ୍ଚ ଗୀତାଞ୍ଜଳି ଦାଶ, ଅନେକ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନା ଦାୟିତ୍ୱ ନେଇଥିବା ବିଶ୍ୱ ପାର୍ବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଜୟନ୍ତୀ ବେହେରା ଓ ସମ୍ପାଦିକା ସୁକାନ୍ତି ସାହୁଙ୍କୁ ଉପାଧ୍ୟକ୍ଷ ସମ୍ବର୍ଦ୍ଧିତ କରିଥିଲେ। ଉପସ୍ଥିତ ସାତ ଶହ ମହିଳାଙ୍କୁ ବାଲଟି ବଣ୍ଟନ କରାଯାଇଥିଲା। ପଞ୍ଚାୟତ ପାଇଁ ବ୍ଲକ ପ୍ରଦାନ କରିଥିବା ବ୍ୟାଟେରି ଚାଳିତ ସଫେଇ ଗାଡିକୁ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଉଦଘାଟନ କରିଥିଲେ। ବ୍ଲକରେ ଏପରି କାର୍ଯ୍ୟକ୍ରମ ପ୍ରଥମ ବୋଲି ଜଣାପଡିଛି।



## ସ୍ୱଚ୍ଛ ଓଡ଼ଗାଁ ସୁସ୍ଥ ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ

# ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

**ଓଡ଼ଗାଁ, ୨୩।୭ (ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ବିଦ୍ୟାଳୟ ସ୍ତରୀୟ ସ୍ୱଚ୍ଛ ସୁସ୍ଥ ସୁନ୍ଦର ଓଡ଼ଗାଁ ପ୍ରତିଯୋଗିତା ସ୍ଥାନୀୟ ବ୍ଲକ୍ ରୋଡ କଲ୍ୟାଣୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏନସିସିର ୧୮ ବିଦ୍ୟାଳୟରୁ ଚିତ୍ରାଙ୍କନ ପ୍ରତିଯୋଗିତାରେ ୫୯, ପ୍ରବନ୍ଧ ପ୍ରତିଯୋଗିତାରେ ୩୧ ଏବଂ ବକ୍ତୃତା ପ୍ରତିଯୋଗିତାରେ ୧୦ ଏହିପରି ମୋଟ ୧୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। "ସଫେଇ ଆପଣାଓ ବେମାରୀ ଭଗାଓ" କାର୍ଯ୍ୟକ୍ରମ ଆଧାରରେ ମୋ' ବିଜ୍ଞାପିତ ଅଞ୍ଚଳ ପାଇଁ ମୋର କର୍ତ୍ତବ୍ୟ ବିଷୟରେ ପ୍ରବନ୍ଧ, ମୋ' ସ୍ୱପ୍ନର ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ବିଷୟରେ ବକ୍ତୃତା ଏବଂ ସ୍ୱଚ୍ଛତା ସୁସ୍ଥତା ସମ୍ପର୍କରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ୩୦ ତାରିଖ ଦିନ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଓଡ଼ଗାଁ ଏନ୍‌ଏସି ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଏବଂ ଶ୍ରୀମୋହନ ମହାପାତ୍ରଙ୍କ ସଞ୍ଚୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରଞ୍ଜନ ଦାଶ, ଭାବଗ୍ରାହୀ ମହାପାତ୍ର, ଚିତ୍ତରଞ୍ଜନ ମିଶ୍ର, ପଞ୍ଚାନନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂର୍ଯ୍ୟକାନ୍ତ ପଟ୍ଟନାୟକଙ୍କ ସହିତ ଏନ୍‌ଏସିର ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।



# ୫ କେଜି ବାର୍ହା ମାଂସ ଜବତ; ଜଣେ ଗିରଫ

**ଓଡଗାଁ,୨୩।୭ (ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ଗଣେଶ ବଜାର ବସଷ୍ଟାଣ୍ଡରେ ବୁଧବାର ସକାଳେ ଜଙ୍ଗଲି ବାରହା ମାଂସ ପଲିଥିନ ପ୍ୟାକେଟରେ ବିକ୍ରି ହେଉଥିବା ଖବର ପାଇ ଓଡ଼ଗାଁ ବନ୍ୟାଳ ସରିତା ବରାଳ ଏବଂ ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇଙ୍କ ସହିତ ରଘୁନାଥ ପ୍ରଧାନ, ରବିନାରାୟଣ ସାହୁ ଏବଂ ପ୍ରୋଟେକସନ ସ୍କାଉଟିମକୁ ସଙ୍ଗରେ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରୁ ବାହାର ଚମଡ଼ା ଓ ଲୋମଥିବା ୨ ପଲିଥିନ କଟାମାଂସ ଜବତ କରିଥିଲେ। ଓଡ଼ଗାଁ ଥାନା ତଥା ଏନ୍‌ଏସି ଅନ୍ତର୍ଗତ ହେମାମାଳି ସାହିର ଶିବ ରାମ ସାହୁଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ଶିବରାମ ସାହୁଙ୍କ କହିବାନୁସାରେ, ସ୍ଥାନୀୟ ପାଇକ ସାହିର ସନ୍ୟାସୀ ବାରିକ ୩୦-୪୦ କିଲୋ ମାଂସ ଆଣି ତାଙ୍କ ଚାହା ଦୋକାନରେ ବିକ୍ରି କରୁଥିଲା ବେଳେ ବଳକା ୫ କିଲୋ ମାଂସ ବିକ୍ରି ପାଇଁ ଶିବ ରାମଙ୍କୁ ଦେଇଥିଲେ। ଶିବରାମଙ୍କ ଏହି ବୟାନ ରେକର୍ଡ କରି ଏକ ମାମଲା ରୁଜୁ କରାଯାଇଛି। ଗୁରୁବାର ସକାଳେ ଶିବରାମଙ୍କୁ କୋର୍ଟ ଚାଲାଣ କରାଯିବ ବନାଞ୍ଚଳ ସୂତ୍ରରୁ ପ୍ରକାଶ।

# ଝଡ଼ରେ ଉପୁଡ଼ିଲା ଶତାଧିକ ଗଛ

**ଭାପୁର, ୨୩।୭ (ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଅଞ୍ଚଳରେ ବୁଧବାର ମଧ୍ୟାହ୍ନରେ ଝଡ଼ପବନରେ ଶତାଧିକ ଗଛ ଭାଙ୍ଗିବା ସହ ବିଦ୍ୟୁତ ଖୁଣ୍ଟ ମଧ୍ୟ ଭାଙ୍ଗିଛି। ଫଳରେ କେତେକ ସ୍ଥାନରେ ବିଦ୍ୟୁତ ଓ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ବୁଧବାର ଦୁଇଟା ସମୟରେ ଫତେଗଡ ବିଜିପୁର, କଇଁଫୁଲିଆ ଓ ଭାପୁର ପଞ୍ଚାୟତ ଅଞ୍ଚଳରେ ମଧ୍ୟମ ଧରଣର ବର୍ଷା ହେବା ସହ ଝଡବାତ୍ୟା ହୋଇଥିଲା। ଫଳରେ ଅନେକ ବଡ ବଡ ଗଛ ଉପୁଡି ପଡିଛି ଓ ଅନେକ ଗଛ ଭାଙ୍ଗି ଯାଇଛି। ମୁଖ୍ୟତଃ ବିଜିପୁର ମାଳିବେରେଣୀ ଅଞ୍ଚଳରେ ଅଧିକ ଗଛ ଭାଙ୍ଗିଛି। ମାଳିବେରେଣୀ ଓ ବିଜିପୁର ରାସ୍ତାରେ ଗଛ ଉପୁଡି ରାସ୍ତା ଅବରୋଧ ହୋଇଛି। ରାତି ପର୍ଯ୍ୟନ୍ତ ରାସ୍ତା ଅବରୋଧ ହଟାଇବା ପାଇଁ ଦମକଳ ବାହିନୀ ଓ ବିଦ୍ୟୁତ କର୍ମଚାରୀ ଉଦ୍ୟମ ଜାରି ରଖିଛନ୍ତି। ଖବରଲେଖା ପର୍ଯ୍ୟନ୍ତ ବିଦ୍ୟୁତ ସ୍ୱାଭାବିକ ହୋଇପାରିନାହିଁ। ଫଳରେ ଅନେକ ଗାଁକୁ ଜଳଯୋଗାଣ ଠପ ରହିଛି।



## ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ

# 'ଡବଲ୍ ଇଞ୍ଜିନ୍ ଦେଉଛି ଡବଲ ଦୁଃଖ'

**ଶେଷଙ୍କୁ ସାଂଗଠନିକ ଦାୟିତ୍ୱ ଦେବାକୁ ଅଡ଼ି ବସିଲେ କର୍ମୀ**

ଗଣିଆ,୨୩।୭ (ସମିସ)

ଗଣିଆ ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ମଙ୍ଗଳମ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ବୈଠକରେ ଗଣିଆ ବ୍ଲକ ବିଜେଡି ସଭାପତି ସଦାଶିବ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଜେଡି ଜିଲ୍ଲା ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟ ନରେଶ ବେହେରା, ଉପାଧ୍ୟକ୍ଷ ରାଜକିଶୋର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ। ବାଲେଶ୍ୱର ପୀଡ଼ିତା ସୌମ୍ୟାଶ୍ରୀ ବିଶିଙ୍କ ପାଇଁ ୧ ମିନିଟ ନିରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ୮ଟି ପଞ୍ଚାୟତରୁ ବିଜୁ ଜନତା ଦଳର ଶତାଧିକ ଆଗଧାଡିର କର୍ମୀ ଏହି ବୈଠକରେ ଅଂଶ ଗ୍ରହଣ କରିଥିଲେ। ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ବିଜୟ ଲାଭ କରିବାକୁ ସମସ୍ତେ ଚେଷ୍ଟା କରିବାକୁ ଅତିଥି ମତବ୍ୟକ୍ତ କରିଥିଲେ। ବିରୋଧୀ ଦଳ ହିସାବରେ ଜନସାଧାରଣଙ୍କ ସୁଖ ଦୁଃଖରେ ସାମିଲ ହୋଇ ସରକାରଙ୍କ ବିଫଳତାକୁ ପଦାରେ ପକାଇବାକୁ ଚେଷ୍ଟା କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ବହୁ ସଂଖ୍ୟାରେ ଯୋଗ ଦେଇଥିବାରୁ ବିଧାୟକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ନିଜ ନିଜ ଭିତରେ ଥିବା ମତାନ୍ତରକୁ ଭୁଲି ପୁଣି ଥରେ ସମସ୍ତେ ଏକାଠି ହୋଇ କାମ କରିବା ଆବଶ୍ୟକ ବୋଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶ୍ରୀ ସ୍ୱାଇଁ ଅନୁରୋଧ କରିଥିଲେ। ଗୋଟିଏ ବର୍ଷ ଭିତରେ ଏ ସରକାର ଲୋକଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ବେଳେ ନାରୀ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଡବଲ ଇଞ୍ଜିନ ସରକାର ଡବଲ ଦୁଃଖ ଦେଇଥିବା ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଏ ସରକାରକୁ ଗାଦିଚ୍ୟୁତ କରିବାକୁ ହେଲେ ଗାଁ ଗାଁରେ ଲୋକଙ୍କୁ ସଚେତନ କରିବା ଆବଶ୍ୟକ ବୋଲି ଜିଲ୍ଲା ପରିଷଦ ଶ୍ରୀ ବେହେରା ମତ ଦେଇଥିଲେ। ସମନ୍ୱୟ ରଖି ବୁଥ୍ ସ୍ତରୀୟ କମିଟି ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନେକ ଅସନ୍ତୁଷ୍ଟ କର୍ମୀ ବୈଠକକୁ ଆସି ନଥିବାରୁ ସେମାନଙ୍କୁ ବୁଝାସୁଝା କରି ପୁଣିଥରେ ଦଳକୁ ଫେରାଇ ଆଣିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଦଳର ସାଙ୍ଗଠନିକ ଦାୟିତ୍ୱ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁଙ୍କୁ ପ୍ରଦାନ କରିବାକୁ କର୍ମୀମାନେ ଏକତ୍ରିତ ହୋଇ ସଭାରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବତନ କିଶୋର ପ୍ରସାଦ ସରପଞ୍ଚ ପ୍ରଫୁଲ୍ଲ ବେହେରା, ପୂର୍ବତନ ଗଣିଆ ସରପଞ୍ଚ ବ୍ରଜମୋହନ ମିଶ୍ର, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ପ୍ରଫୁଲ୍ଲ ବେହେରା, ଦଣ୍ଡଧର ଦାସ, ଅଜୟ ଲେଙ୍କା, ପ୍ରସନ୍ନ ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ଜରାଜୀର୍ଣ୍ଣ ଗୁଣ୍ଡିଚା ଘର; ବର୍ଷକୁ ୯ ଦିନ ଚଳଚଞ୍ଚଳ

**ଗଣିଆ,୨୩।୭ (ସମିସ):** ବିଶ୍ୱ ନିୟନ୍ତାଙ୍କ ମାଉସୀ ଘର ପାଲଟିଛି ଜରାଜୀର୍ଣ୍ଣ। ବର୍ଷକୁ ୯ ଦିନ ଚଳଚଞ୍ଚଳ ହେବା ପରେ ବର୍ଷସାରା କେହି ଏ ଘରକୁ ଆଡ଼ ଆଖିରେ ବି ଚାହୁଁ ନାହାନ୍ତି। ପ୍ରତି ବର୍ଷ ପବିତ୍ର ଘୋଷଯାତ୍ରା ଅବସରରେ ଜଗନ୍ନାଥ ମହାପ୍ରଭୁ ମନ୍ଦିରରୁ ବାହାରି ଗଣିଆ ବ୍ଲକ୍ ପାଖରେ ଥିବା ଜରାଜୀର୍ଣ୍ଣ ତଥା ବିପଦସଙ୍କୁଳ ଗୁଣ୍ଡିଚାଘରେ ଅବସ୍ଥାନ କରିଥାନ୍ତି। ସେହି ସମୟରେ ବିଗ୍ରହଙ୍କ ଦର୍ଶନ ନିମନ୍ତେ ଗୁଣ୍ଡିଚାଘରେ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ; ତେବେ ପୁରାତନ କାଳରୁ କାଠ ଖମ୍ବ ଓ ଟିଣ ଛପରରେ ନିର୍ମିତ ପୁରାତନ ଗୁଣ୍ଡିଚାଘରଟି ସମୟାନୁକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଦଣ୍ଡାୟମାନ। ଏପରିକି ଏହି ୯ ଦିନ ଭିତରେ ବର୍ଷା ହେଲେ ଫଟା ଟିଣ ଆଜବେଷ୍ଟସରୁ ପାଣି ପଡୁଥିବାରୁ ଠାକୁରଙ୍କୁ ଜରିପାଲ ଘୋଡାଇ ରଖାଯିବାର ନଜିର ମଧ୍ୟ ରହିଛି। ଏହାର ଚାରିପଟେ ପାଚେରି ନଥିବାରୁ ମନ୍ଦିର ଚଟାଣ ଗାଇ, ଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ମନ୍ଦିର ରୋଷଘରେ ବିଷାକ୍ତ ସରୀସୃପ ଚଳପ୍ରଚଳ ହେଉଛନ୍ତି। ପାନୀୟଜଳ ସମସ୍ୟାଠାରୁ ଆରମ୍ଭ କରି ବିଦ୍ୟୁତ୍ ସମସ୍ୟା ଏଠି ବର୍ଷ ବର୍ଷ ଧରି ଲାଗି ରହିଛି। ସନ୍ଧ୍ୟା ସମୟରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ମଧ୍ୟ ପାଲଟିଛି ଉକ୍ତ ମନ୍ଦିର। ବାରମ୍ବାର ପ୍ରଶାସନ ଓ ଲୋକପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଗୁଣ୍ଡିଚାଘରର ଉନ୍ନତିକରଣ ଦିଗରେ କେହି ଧ୍ୟାନ ଦେବାତ ଦୂରର କଥା ସାମାନ୍ୟ ମରାମତି ଦିଗରେ ଆନ୍ତରିକତା ପ୍ରକାଶ ନକରିବା ପରିତାପର ବିଷୟ। ଅପରପକ୍ଷେ ରାଜ୍ୟ ସରକାର ମଠ, ମନ୍ଦିର ପରି ପ୍ରାଚୀନ କୀର୍ତ୍ତିରାଜି ଓ ଐତିହ୍ୟର ସୁରକ୍ଷା ଦିଗରେ କୋଟିକୋଟି ଟଙ୍କା ବ୍ୟୟ କରୁଥିଲେ ହେଁ ଦୀପତଳ ଅନ୍ଧାର ପରି ଗଣିଆସ୍ଥିତ ବିପଦସଙ୍କୁଳ ଗୁଣ୍ଡିଚାଘରଟି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହି ଯାଇଛି। ବିଳମ୍ବରେ ହେଉପଛେ ଗୁଣ୍ଡିଚାଘରର ଉନ୍ନତିକରଣ ଦିଗରେ ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ, ବିଧାୟକ ଓ ସାଂସଦ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



# ଦୁଷ୍କର୍ମ: ଦୋଷୀକୁ ୮ ବର୍ଷ ସଶ୍ରମ କାରାଦଣ୍ଡ

ବାଣପୁର, ୨୩।୭(ସମିସ): ଜଣେ ଯୁବତୀଙ୍କୁ ଦୁଷ୍କର୍ମ ମାମଲାର ବିଚାର କରି ବାଣପୁର ସହକାରୀ ଦୌରାଜଜ୍ ଅମରେଶ ମହାପାତ୍ର ୧୫ ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କ ୮ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ ବାଣପୁର ଥାନା ରାଇପଡ଼ା ଗ୍ରାମର ଅଶାନ୍ତ ଓରଫ ପ୍ରଶାନ୍ତ ଜାନି।

ମାମଲାର ବିବରଣୀ ଅନୁଯାୟୀ ୨୦୦୫ ମେ ୬ରେ ଯୁବତୀଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଅଶାନ୍ତ ତାଙ୍କୁ ବାରିପଟକୁ ଟାଣିନେଇ ଦୁଷ୍କର୍ମ କରିଥିଲେ। ଯୁବତୀ ଏହାର ପ୍ରତିବାଦ କରିବାରୁ ଅଶାନ୍ତ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ନିନ୍ଦା ଅପବାଦ ଲୁଚାଇବାକୁ ଯାଇ ଯୁବତୀ ଜଣକ ପରିବାର ଲୋକଙ୍କୁ ଏ ସମ୍ପର୍କରେ କିଛି ଜଣାଇ ନ ଥିଲେ। ପରବର୍ତ୍ତୀ ସମୟରେ ଯୁବତୀଙ୍କ ମା' ଏ ସମ୍ପର୍କରେ ଜାଣି ଗ୍ରାମସଭାରେ ଜଣାଇବାରୁ ଅଶାନ୍ତ ବିବାହ କରିବାକୁ ମନା କରି ଅନ୍ୟତ୍ର ବିବାହ କରିଥିଲେ। ଇତିମଧ୍ୟରେ ଯୁବତୀ ଅଶାନ୍ତଙ୍କ ଔରସରୁ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ଏ ନେଇ ଯୁବତୀ ବାଣପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ଅଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତ ଅଧିକାରୀ ଆଶୁତୋଷ ମିଶ୍ର କୋର୍ଟରେ ରିପୋର୍ଟ ପ୍ରଦାନ କରିଥିଲେ। ବୁଧବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ସରକାରୀ ଓକିଲ ରମେଶ କୁମାର ବିଷୋୟୀ ଓ ସଚିତ ମିଶ୍ର ମାମଲା ପରିଚାଳନା କରିଥିଲେ।

# ପ୍ରସ୍ତାବିତ ରାସ୍ତା ଜାଗାରେ କମ୍ପାନୀ କାର୍ଯ୍ୟ: ହାଇକୋର୍ଟଙ୍କ ରହିତାଦେଶ



ନିରାକାରପୁର, ୨୩।୭(ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ମୁଣ୍ଡାଆମ୍ବ ନିକଟ ଓଲସିଂହ ପଞ୍ଚାୟତ ଡମଣଭୂମି ଖଜୁରିଆ ମୌଜାରେ ଇଡକୋ ଦ୍ୱାରା ପ୍ରଦତ୍ତ ଜମିରେ ଭାରତୀୟ ଗ୍ରୁପ, ରିଲାଏନ୍ସ କଞ୍ଜୁମର ପ୍ରଡକ୍ଟ ଲିମିଟେଡ ଓ ଭୁବନେଶ୍ୱରୀ ଫୁଡ୍ ଆଣ୍ଡ ବିଭରେଜ ପ୍ରାଇଭେଟ୍ ଲିମିଟେଡର ଦ୍ୱାରା ଜୁନ ୫ ତାରିଖ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ କ୍ୟାମ୍ପା କମ୍ପାନୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବାବେଳେ ଗ୍ରାମକୁ ପ୍ରସ୍ତାବିତ ରାସ୍ତା ଜମିକୁ କମ୍ପାନୀକୁ ଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଶତାଧିକ ଲୋକ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ପୂର୍ବରୁ କାର୍ଯ୍ୟକୁ ବନ୍ଦ କରି ବିକ୍ଷୋଭ କରିଥିବାବେଳେ ବୁଧବାର ଉକ୍ତ ପ୍ରସ୍ତାବିତ ରାସ୍ତା ଜମି ଉପରେ ଚାଲୁଥିବା କାର୍ଯ୍ୟକୁ ସ୍ଥଗିତ ରଖିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ରହିତାଦେଶ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ହାଇକୋର୍ଟ କହିଛନ୍ତି। ସେପ୍ଟେମ୍ବର ୧୬ରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ କରିଛନ୍ତି।

ସୂଚନାଯୋଗ୍ୟ, ୧୬ନଂ ଜାତୀୟ ରାଜପଥର ଗୋଡ଼ିପଡ଼ା ମୋଟା ଛକରୁ ଖଜୁରିଆ ମୌଜା ଦେଇ ଡମଣଭୂମିକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଗତବର୍ଷ ବ୍ଲକ ପ୍ରଶାସନ ଅନୁମତି ଓ ଜାଗା ହସ୍ତାନ୍ତର କରିବା ପରେ ୫ କିଲୋମିଟର ୭୦୦ ମିଟର ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୬ କୋଟି ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର କରାଯାଇଥିଲା। ଚଳିତ ବର୍ଷ ରାସ୍ତା ନିର୍ମାଣ ଆରମ୍ଭ କରିବାକୁ ଠିକାଦାର ଚୁକ୍ତିନାମା କରିଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଚକ୍ରଧର ବେହେରା କହିଛନ୍ତି। ତେବେ କେଉଁ ପରିସ୍ଥିତିରେ ପ୍ରଶାସନର ତାଳମେଳ ଅଭାବରୁ ଉକ୍ତ ଜାଗାକୁ ପୁନର୍ବାର ଇଡକୋକୁ ଉକ୍ତ ରାସ୍ତା ଜମି ହସ୍ତାନ୍ତର କରାଗଲା ସେ ନେଇ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏହାକୁ ବିରୋଧ କରି ଓଲସିଂହ ସରପଞ୍ଚ ଶୁଭଦର୍ଶନୀ ଭୋଳ ଓ ଅନ୍ୟମାନେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଇଡ୍‌କୋ ଜେନେରାଲ ମ୍ୟାନେଜର, ଆର୍‌ଡି କମିଶନର, ଟାଙ୍ଗୀ ତହସିଲଦାର, ବିଡିଓ, ଠିକାଦାର ଓ କାମ୍ପା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପକ୍ଷଭୁକ୍ତ କରିଥିଲେ।

# ବଜ୍ରପାତରେ ୩ ଆହତ, ଜଣେ ଗୁରୁତର

ଟାଙ୍ଗୀ, ୨୩।୭(ସମିସ): ବୁଧବାର ଅପରାହ୍ନ ୫ଟାରେ ପ୍ରବଳ ବର୍ଷା ସହ ବଜ୍ରପାତ ଫଳରେ ତିନିଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଟାଙ୍ଗୀର ଟୁଲୁ ସୁନ୍ଦରାୟଙ୍କ ସ୍ତ୍ରୀ ସ୍ୱପ୍ନା ସୁନ୍ଦରାୟ (୩୫), ଚମ୍ପାଗଡ଼ ଗ୍ରାମର ଜଗୁ ନାୟକଙ୍କ ଝିଅ ଗୀତା ନାୟକ (୨୫) ଓ ତାଙ୍କ ଭଉଣୀ ରୀନା ନାୟକ (୩୫)। ସ୍ୱପ୍ନା ଟାଙ୍ଗୀ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଗୀତାଙ୍କ ଅବସ୍ଥା ଗୁରୁତର ଥିବାରୁ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ରୀନାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ଛାଡ଼ି ଦିଆଯାଇଛି।

## ରଥିପୁରରେ କୁଦିଆରୀ ଆର୍‌ଆଇ ଅଫିସ୍ ନିର୍ମାଣକୁ ବିରୋଧ

# କୁଦିଆରୀବାସୀଙ୍କ ଖୋର୍ଦ୍ଧା-ପିପିଲି ରାସ୍ତା ଅବରୋଧ

ଜଟଣୀ, ୨୩।୭(ସମିସ)



ଜଟଣୀ ବ୍ଲକ ଅନ୍ତର୍ଗତ ରଥିପୁରରେ କୁଦିଆରୀ ଆର୍‌ଆଇ କାର୍ଯ୍ୟାଳୟ ଗୃହ ନିର୍ମାଣକୁ ନେଇ ବିବାଦ ବଢ଼ି ଚାଲିଛି। ବୁଧବାର ଏହାର ପ୍ରତିବାଦରେ କୁଦିଆରୀବାସୀଙ୍କ ପକ୍ଷରୁ ଖୋର୍ଦ୍ଧା-ପିପିଲି ମୁଖ୍ୟରାସ୍ତାକୁ କୁଦିଆରୀଠାରେ ଅବରୋଧ କରାଯାଇଥିଲା। ଫଳରେ ଯାତାୟାତ ଠପ୍ ହୋଇଯାଇଥିଲା। ଖବର ପାଇ ଜଟଣୀ ତହସିଲଦାର ପ୍ରୀତିପର୍ଣ୍ଣ ମିଶ୍ର, ଜଟଣୀ ଥାନା ଆଇଆଇସି ଷ୍ଟାଲିନ

**● ପ୍ରଶାସନ ହସ୍ତକ୍ଷେପ ନ କଲେ ବିବାଦ ବଢ଼ିବା ଆଶଙ୍କା**

ବିଶ୍ୱାଳ, ବିଜେପି ନେତା ବିଶ୍ୱରଞ୍ଜନ ବଡ଼ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ହେଲେ କୁଦିଆରୀବାସୀ ନିଜ ଜିଦ୍‌ରେ ଅଟଳ ରହିବା ସହ କୁଦିଆରୀ ଆର୍‌ଆଇ କାର୍ଯ୍ୟାଳୟ କୁଦିଆରୀଠାରେ ନିର୍ମାଣ କରିବାକୁ ଦାବି କରିଥିଲେ।

ଗୋଟେ ପଟେ କୁଦିଆରୀ ଅଞ୍ଚଳବାସୀ କୁଦିଆରୀ ଆର୍‌ଆଇ ଅଫିସ୍ କୁଦିଆରୀରେ ନିର୍ମାଣ କରିବାକୁ ଦାବି କରିଆସୁଥିବା ବେଳେ ରଥିପୁର ଅଞ୍ଚଳବାସୀ ମଧ୍ୟ ଜିଦ୍‌ରେ ଅଟଳ। ରଥିପୁରରେ କାର୍ଯ୍ୟାଳୟ ନିର୍ମାଣ ହେଉଛି। ଏଠାରେ ଲୋକଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଥିବାରୁ ଆର୍‌ଆଇ ଅଫିସ୍ ଅନ୍ୟତ୍ର ସ୍ଥାନାନ୍ତର ହେଲେ ଘୋର ବିରୋଧ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଯାହାକୁ ନେଇ ମୌଜାର କିଛି ଗ୍ରାମବାସୀ ତହସିଲ୍ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାରଙ୍କୁ ଭେଟିଛନ୍ତି। ସେମାନେ ଦାବି କରିଛନ୍ତି ଯେ, ରଥିପୁରରେ କୁଦିଆରୀ ଆର୍‌ଆଇ କାର୍ଯ୍ୟାଳୟ ଗୃହ ନିର୍ମାଣ ପୂର୍ବରୁ ଜଟଣୀ ଆର୍‌ଆଇ ଅଫିସ୍‌ରେ କାର୍ଯ୍ୟ ଚାଲିଥିଲା। କୁଦିଆରୀରେ କାର୍ଯ୍ୟାଳୟ ନିର୍ମାଣ କରିବା ପାଇଁ ବହୁଦିନ ଧରି ଉପଯୁକ୍ତ ସ୍ଥାନ ନିରୂପଣ କରାଯାଇ ପାରିଲା ନାହିଁ ଓ କୁଦିଆରୀ ଗ୍ରାମବାସୀ ଗଠନମୂଳକ ସହଯୋଗ କଲେ ନାହିଁ। ତେଣୁ ସରକାର କୁଦିଆରୀ ମୌଜାକୁ ଲାଗି ରହିଥିବା ରଥିପୁର ମୌଜାରେ ଉପଯୁକ୍ତ ସ୍ଥାନ ନିରୂପଣ କରି କାର୍ଯ୍ୟାଳୟ ନିର୍ମାଣ ଆଗେଇ ନେଲେ। କିଛି କାର୍ଯ୍ୟ ହୋଇଗଲା ପରେ ଠିକାଦାରଙ୍କୁ ପ୍ରଥମ କିସ୍ତି ବିଲ୍ ଦିଆ ସରିଛି। ତେବେ ଗଣମାଧ୍ୟମରୁ ଜାଣିବାକୁ ମିଳିଲା ଯେ କୁଦିଆରୀ ଗ୍ରାମର କିଛି ସଂଗଠନ ରଥିପୁର ପରିବର୍ତ୍ତେ କୁଦିଆରୀରେ ଆର୍‌ଆଇ ଅଫିସ୍ ନ ହେଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜଣାଇଛନ୍ତି ଯେ, ରଥିପୁର ମୌଜାରେ ସରକାରଙ୍କର ଦ୍ୱାରା ନିରୂପିତ ସ୍ଥାନ ଏକ ଉପଯୁକ୍ତ ସ୍ଥାନ। ଏଠାରେ ଗମନାଗମନ, ବିଜୁଳି, ପାଣି ଏବଂ ପାର୍କିଂ ପାଇଁ ପର୍ଯ୍ୟାପ୍ତ ଜାଗା ରହିଛି। ଏହି ମୌଜା ଅଧୀନରେ ୧୧ଟି ଗ୍ରାମ ରହିଛି। ଏଠାରେ ଆର୍‌ଆଇ ଅଫିସ ହେଲେ ରଥିପୁର, କୁଦିଆରୀ, କନ୍ତିଆ, ତୁରଡିଆପଡ଼ା, ନିରଞ୍ଜନପୁର, ବୁଢ଼ାପଡ଼ା, ପଞ୍ଚୁପଲ୍ଲୀ, ବାଇରଙ୍ଗ, ବେରୁଆଁ, ବ୍ରହ୍ମକୁଣ୍ଡଳ, ସାନ ନୂଆଗାଁ ଗ୍ରାମବାସୀ ସୁବିଧାରେ ଉପକୃତ ହେବେ। ଏହା ସମସ୍ତ ଗ୍ରାମ ପାଇଁ ମଧ୍ୟସ୍ଥଳ ଏବଂ ସୁଗମ ଅଟେ। ଏପରିକି ନୂତନ ନିର୍ମିତ ଆର୍‌ଆଇ ଅଫିସ୍ କୁଦିଆରୀ ସୀମା ସଂଲଗ୍ନ ଅଟେ। ତେଣୁ ଆର୍‌ଆଇ ଅଫିସ୍ ନିର୍ମାଣ କାମ ସମ୍ପୂର୍ଣ୍ଣ ହେଲେ ସମସ୍ତେ ସୁବିଧା ପାଇବେ ବୋଲି ଦାବି କରିଛନ୍ତି।

ଅନ୍ୟପଟେ ରଥିପୁରଠାରେ ଆର୍‌ଆଇ କାର୍ଯ୍ୟାଳୟର ନିର୍ମାଣ ବନ୍ଦ କରିବା ପାଇଁ ଗତ ୯ତାରିଖ ତହସିଲଦାର ଆର୍‌ଡି ବିଭାଗକୁ ଚିଠି ଲେଖିଥିଲେ। ହେଲେ ତହସିଲଦାରଙ୍କ ଚିଠିକୁ ସମ୍ପୃକ୍ତ ଠିକାଦାର ବେଖାତିର କରି ଗୃହ ନିର୍ମାଣ କାମ ଚଳାଇ ଆସିଥିଲେ। ଘୋର ବିରୋଧ ପରେ କିଛିଦିନ ପୂର୍ବେ କାମ ବନ୍ଦ ଥିବାବେଳେ ପୁଣି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ରଥିପୁର ଓ କୁଦିଆରୀ ଅଞ୍ଚଳବାସୀଙ୍କ ମଧ୍ୟରେ ବିବାଦ ଦେଖାଦେଲାଣି। ତେଣୁ ପ୍ରଶାସନ ଏହି ଦିଗ ଉପରେ ସମ୍ପୂର୍ଣ୍ଣ ହସ୍ତକ୍ଷେପ ନ କଲେ ଆଗକୁ ସ୍ଥିତି ଅସମ୍ଭାଳ ହେବ ବୋଲି ଆଶଙ୍କା କରାଯାଉଛି। ଆଜିର ଏହି ରାସ୍ତାରୋକ ସ୍ଥଳରେ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ପହଞ୍ଚି ଏକମାସ ମଧ୍ୟରେ ସରଜମିନ୍ ତଦନ୍ତ କରି ଉପଯୁକ୍ତ ଜମି ଯୋଗାଇଦେବେ ବୋଲି କୁଦିଆରୀବାସୀଙ୍କୁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନକାରୀ ରାସ୍ତାରୋକ ପ୍ରତ୍ୟାହାର କରିଥିଲେ। ଯଦି ପ୍ରଶାସନ ପ୍ରତିଶ୍ରୁତି ଅନୁଯାୟୀ କାର୍ଯ୍ୟପନ୍ଥା ଗ୍ରହଣ ନ କରେ ତେବେ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ପୌରାଧ୍ୟକ୍ଷ ଅନନ୍ତ ବେହେରା, କୁଦିଆରୀ ଗ୍ରାମର ସୁଦର୍ଶନ ସୁନ୍ଦରାୟ, କୈଳାସ ମହାପାତ୍ରଙ୍କ ସହ ଅନ୍ୟମାନେ ଚେତାବନୀ ଦେଇଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ଝୁଲୁଛି ଅର୍ଦ୍ଧଭଗ୍ନ ମନ୍ଦିର ଛାତ

ଖୋର୍ଦ୍ଧା, ୨୩।୭(ସମିସ): ସହରର ସୌନ୍ଦର୍ଯ୍ୟକରଣ ନାଁରେ କରାଗଲା ଉଚ୍ଛେଦ। ମାତ୍ର ସଞ୍ଜ ନଇଁଲେ ଅନ୍ଧକାରମୟ ହେଉଛି ସହର। ଫଳରେ ରାତି ହେବାମାତ୍ରେ ଅନ୍ଧାରିଆ ହେଉଥିବା ପ୍ରତି ଛକରେ ଜମୁଛି ଅସାମାଜିକଙ୍କ ଆଡ୍ଡା। ଅନ୍ୟପକ୍ଷରେ ପୌରପ୍ରଶାସନ ପକ୍ଷରୁ ରାସ୍ତା ପାର୍ଶ୍ୱ ଉଚ୍ଛେଦ ପରେ

**● ଅଘଟଣକୁ ପୌରପ୍ରଶାସନର ଆମନ୍ତ୍ରଣ**



ମଧ୍ୟ ସଫା ହେଉନି କଂକ୍ରିଟ ଆବର୍ଜନା। ଉକ୍ତ କଂକ୍ରିଟ ଆବର୍ଜନା ଯୋଗୁଁ ଦୁର୍ଘଟଣା ଘଟିଲେ ଚେତିବ କି ପୌରପ୍ରଶାସନ। ଏଭଳି ଅନେକ ପ୍ରଶ୍ନ ଲୋକଙ୍କ ମନରେ ଆସୁଥିବାବେଳେ ପୌରପରିଷଦ ଅଧାଭଙ୍ଗା ମନ୍ଦିର ଛାତ ଭାଙ୍ଗିବାକୁ ପୂର୍ତ୍ତ ବିଭାଗକୁ କହିବା ଘଟଣାକୁ ନେଇ ବଢ଼ୁଛି ଅସନ୍ତୋଷ।

ସହର ସୌନ୍ଦର୍ଯ୍ୟକରଣ ନାଁରେ ପ୍ରଥମେ ପୁରୁଣା ଟ୍ରାଫିକ୍ ଛକ ଦିଗରୁ ଉଚ୍ଛେଦ କରାଯାଇଥିଲା। ପରେ ନୂଆ ବସଷ୍ଟାଣ୍ଡ ଅଞ୍ଚଳରୁ ଉଚ୍ଛେଦ କରାଯାଇଥିଲା। ତେବେ ଉଚ୍ଛେଦ ସମୟରେ ନୂଆ ବସଷ୍ଟାଣ୍ଡ ଜଳସେଚନ ବିଭାଜନ କାର୍ଯ୍ୟାଳୟ ନିକଟରେ ଥିବା ତ୍ରିନାଥ ମନ୍ଦିରକୁ କିଛିଦିନ ତଳେ ପୌରପ୍ରଶାସନ ପକ୍ଷରୁ ଜେସିବି ଯୋଗେ ଆଂଶିକ ଭଙ୍ଗାଯାଇଛି। ମନ୍ଦିରକୁ ଯଦିଓ ସମ୍ପୂର୍ଣ୍ଣ ଭଙ୍ଗାଯାଇନି, ତଥାପି ଆଂଶିକ ଭଙ୍ଗାଯାଇଥିବାରୁ ତାହା ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି। ପ୍ରାୟ ୧୦ଦିନରୁ ଊର୍ଦ୍ଧ୍ୱ ସମୟ ହେବ ଏଭଳି ବିପଦସଙ୍କୁଳ ଅବସ୍ଥାରେ କଂକ୍ରିଟ ଛାତଖଣ୍ଡ ଝୁଲୁଛି। ରାତିରେ କିଛି ଯାଯାବର ଏବଂ ମାନସିକ ବିକୃତ ବ୍ୟକ୍ତି ଏହି ଭଙ୍ଗା ଛାତ ତଳେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି। ଏପରିକି ବର୍ଷା ସମୟରେ ଅନେକ ଗୃହପାଳିତ ପଶୁ ମଧ୍ୟ ଆଶ୍ରୟ ଲାଗି ଏଠାରେ ରୁହନ୍ତି। ମାତ୍ର ଏଭଳି ବିପଦପୂର୍ଣ୍ଣ ଭଙ୍ଗା ଛାତ ପ୍ରତି ପୌରପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ଦେଖାଯାଇଛି। ଉକ୍ତ ବିପଦପୂର୍ଣ୍ଣ ଭଙ୍ଗା ଛାତ ପଡ଼ି ଯଦି କିଛି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବ ବୋଲି ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବଙ୍କୁ ପଚାରିବାରେ ସେ ପୂର୍ତ୍ତ ବିଭାଗ ଉପରେ ଦୋଷ ଲଦି ଖସିଯାଇଛନ୍ତି। ଉକ୍ତ ଅର୍ଦ୍ଧଭଗ୍ନ ମନ୍ଦିର ଭାଙ୍ଗିବା ଲାଗି ଆମେ ପୂର୍ତ୍ତ ବିଭାଗକୁ କୁହାଯାଇଛି। ଖୁବଶୀଘ୍ର ଭାଙ୍ଗିବାକୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ମଦ ଜବତ, ଦୁଇ ଗିରଫ

ବାଲୁଗାଁ, ୨୩।୭(ସମିସ): ବୁଧବାର ପୂର୍ବାହ୍ନରେ ଅବକାରୀ ବିଭାଗ ଟିମ୍ ନାରୁଣୀ ଥାନା ଅଞ୍ଚଳର ଦୁଇ ସ୍ଥାନରେ ଚଢ଼ଉ କରି ବେଆଇନ ଦେଶୀ ଓ ବିଦେଶୀ ମଦ କାରବାର କରୁଥିବା ଦୁଇ ଜଣଙ୍କୁ ଗିରଫ କରିଛି। ହରିକୁଣ୍ଡ ବରଡ଼ି ଗ୍ରାମରେ ଚଢ଼ଉ କରି ବିପିନ ପ୍ରଧାନ (୪୦)ଙ୍କୁ ଗିରଫ କରାଯାଇଥିବା ବେଳେ ବଡ଼ପଦର ଗ୍ରାମରେ ଚଢ଼ଉ କରି ଶରତ ଚନ୍ଦ୍ର ଗୁରୁ (୫୯)କୁ ଗିରଫ କରାଯାଇଛି। ଏମାନଙ୍କ ନିକଟରୁ ୧୭ ଲିଟର ଆସ୍କା ଫର୍ଟି ଓ ୩.୬ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ହୋଇଥିବା ଚଢ଼ଉରେ ବିଭାଗର ରାମଚନ୍ଦ୍ର ଜେନା, ମୀନକେତନ ମାହାଲିକ, ମନୋଜ କୁମାର ଜୟସିଂହ, ରଞ୍ଜିତ ପଟେଲ, ସୁନିତା ମହାରଣା ଓ ସସ୍ମିତା ସେଠୀ ପ୍ରମୁଖ ସାମିଲ ଥିଲେ।

# ରେଳଧାରଣାରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର

ବାଲୁଗାଁ, ୨୩।୭(ସମିସ): ବାଲୁଗାଁ ରେଳଷ୍ଟେସନ ନିକଟ ରେଳଧାରଣା ପାର୍ଶ୍ୱରୁ ଜଣେ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରିଛି ରେଳବାଇ ପୁଲିସ। ମୃତକ ହେଲେ ଗଞ୍ଜାମ ଜିଲ୍ଲା ଖଲିକୋଟ ଥାନା ପଥରା ଗ୍ରାମର ମିଥୁନ ବେଗ (୩୫)। ସେ କିଛି ବର୍ଷ ହେଲା ଭୁବନେଶ୍ୱରରେ ରହି ଦିନ ମଜୁରିଆ ଭାବେ କାମ କରୁଥିଲେ। ମଙ୍ଗଳବାର ପୂର୍ବାହ୍ଣରେ ମିଥୁନ ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ ଯୋଗେ ଗାଁକୁ ଆସୁଥିଲେ। ଷ୍ଟେସନଠାରୁ ୧୦୦ ମିଟର ଦୂରରେ ଟ୍ରେନ୍‌ରୁ ଖସିପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ନିକଟରୁ ମିଳିଥିବା ଆଧାର କାର୍ଡରୁ ତାଙ୍କ ପରିଚୟ ମିଳିଥିଲା। ଏ ସମ୍ପର୍କରେ ପୁଲିସ ମିଥୁନଙ୍କ ପରିବାରକୁ ଖବର ଦେଇଛି। ଏ ନେଇ ଜିଆର୍‌ପି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରହିଛି।

# ବିଦ୍ୟାଳୟ ପରିସରରୁ ନକଲି ନରକଙ୍କାଳ ଉଦ୍ଧାର



ବେଗୁନିଆ, ୨୩।୭(ସମିସ): ବେଗୁନିଆ ଥାନା ସୀମାନ୍ତବର୍ତ୍ତୀ କଳାପଥର ଧଳାପଥର ବାଳକ ଉଚ୍ଚ ବିଦ୍ୟାଳୟ ପରିସର ପାଚେରୀ କଡ଼ ବରଗଛ ନିକଟରୁ ବୁଧବାର ଏକ ନକଲି ନରକଙ୍କାଳ ଉଦ୍ଧାର ହୋଇଛି। ଅବିକଳ ନରକଙ୍କାଳ ଭଳି ଦିଶୁଥିବା ଏହି ନରକଙ୍କାଳକୁ ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ବାଙ୍କୀ ଏସ୍‌ଡିପିଓ ବାଳକୃଷ୍ଣ କହଁର, ବାଙ୍କୀ ଥାନା ଅଧିକାରୀ ଦିଲୀପ କୁମାର ଭୂୟାଁ ଓ ବୈଦେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ନକଲି ନରକଙ୍କାଳ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ତେବେ ଏହା ନକଲି ନରକଙ୍କାଳ ଓ ପିଲାଙ୍କ ପାଠପଢ଼ା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ତଦନ୍ତରୁ ଜଣାପଡ଼ିଥିଲା। ପିଲାଙ୍କ ପାଠପଢ଼ା ପାଇଁ ବ୍ୟବହୃତ ନକଲି ନରକଙ୍କାଳ ବିଦ୍ୟାଳୟ ପରିସରରେ ରହିଥିଲା। ତେବେ ବିଦ୍ୟାଳୟର ଶ୍ରେଣୀ ଗୃହର ପରିଷ୍କାର ପରିଚ୍ଛନ୍ନ କରିବାକୁ ଆସିଥିବା ଶ୍ରମିକମାନେ ତାହାକୁ ଫୋପାଡ଼ି ଦେଇଥିଲେ। ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ପାଇଁ ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ରଣାଙ୍କୁ ଦାୟୀ କରି ପୁଲିସ ପକ୍ଷରୁ ତାଗିଦ କରାଯାଇଛି।

# ଅସରାଏ ବର୍ଷାରେ ରାସ୍ତାରେ ଲହଡ଼ି ମାରୁଛି ଆବର୍ଜନା ପାଣି

ଖୋର୍ଦ୍ଧା, ୨୩।୭(ସମିସ)






କେଉଁଠି ଡ୍ରେନ୍ ପୋତି ହୋଇଯାଇଛି ତ ଆଉ କେଉଁଠି କାମ ଶେଷ ହେବାର ନାଁ ଧରୁନି। ଏପରିକି ଆଉ କେତେକ ସ୍ଥାନରେ ଅଳିଆ ଆବର୍ଜନାରେ ପୋତି ହୋଇଛି ଡ୍ରେନ୍। ତେଣୁ ଅସରାଏ ବର୍ଷା ହେଲେ ରାସ୍ତାଘାଟ ଓ ଘରେ ପାଣି ଜମୁଛି।

୨୨ ୱାର୍ଡକୁ ନେଇ ଖୋର୍ଦ୍ଧା ପୌରପରିଷଦ ଗଠିତ। ପୌରପରିଷଦର ଜନସଂଖ୍ୟା ୫୦ ହଜାରରୁ ଊର୍ଦ୍ଧ୍ୱ ହେବ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଅନୁଯାୟୀ ସହରରେ

**● ଡ୍ରେନ ପାଲଟିଛି ବ୍ୟବସାୟୀଙ୍କ ଡଷ୍ଟବିନ୍**
**● ଅଧିକାଂଶ ଡ୍ରେନ୍ ଉପରେ ଗଢ଼ିଉଠିଛି ଦୋକାନ**

କୋଠା, ମଲ୍, ବ୍ୟବସାୟ ପ୍ରତିଷ୍ଠାନ, ହୋଟେଲ ମଧ୍ୟ ସେହି ଅନୁପାତରେ ବୃଦ୍ଧି ହେବାରେ ଲାଗିଛି। ମାତ୍ର ଏଠାରେ ମୁଖ୍ୟ ସମସ୍ୟା ହୋଇଛି ଡ୍ରେନ। ଅନେକ ସ୍ଥାନରେ ଡ୍ରେନ ଉପରେ ମାଟି ପକାଇ ବନ୍ଦ କରାଯାଇଛି ତ ଆଉ କେଉଁଠି ଆବର୍ଜନାରେ ଡ୍ରେନ ପୋତିହେଲାଣି। ପୌରପରିଷଦ କର୍ତ୍ତୃପକ୍ଷ ସମ୍ପୃକ୍ତ ବ୍ୟବସାୟିକ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ବ୍ୟବସାୟୀ ଓ ହୋଟେଲ ମାଲିକମାନେ ସେମାନଙ୍କ ଅଳିଆ ଆବର୍ଜନାକୁ ଡ୍ରେନ୍‌ରେ ପକାଉଛନ୍ତି। ଫଳରେ ପାଣି ନିଷ୍କାସନରେ ସମସ୍ୟା ଦେଖାଦେବା ସହ ସାମାନ୍ୟ ବର୍ଷାରେ ଡ୍ରେନର ନର୍ଦ୍ଦମା ପାଣି ରାସ୍ତା ଉପରେ ଲହଡ଼ି ମାରୁଛି ଆଉ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। କିଛିଦିନ ହେବ ଅପରାହ୍ନରେ ହେଉଥିବା ବର୍ଷାରେ ସହରର ବିଭିନ୍ନ ସ୍ଥାନରେ ନାଳ ପାଣି ରାସ୍ତାରେ ଉପରେ ଚାଲୁଥିବା ଦେଖାଯାଇଛି।

ସହରର ଅଧିକାଂଶ ଡ୍ରେନ୍ ପ୍ଲାଷ୍ଟିକ, ପଲିଥିନ ଏବଂ ବର୍ଜ୍ୟବସ୍ତୁରେ ପୋତି ହୋଇଯାଉଥିବାରୁ ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମା ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତାରେ ଚାଲୁଛି। ବର୍ଷା ପୂର୍ବରୁ ଡ୍ରେନ ଠିକ ଭାବେ ସଫା କରାଯାଉନାହିଁ। ଡ୍ରେନରୁ ମଇଳା ପାଣି ଓ ବର୍ଜ୍ୟବସ୍ତୁ ଭାସି ଆସି ରାସ୍ତା କଡ଼ରେ ଜମି ରହି ପରିବେଶକୁ ଦୂଷିତ କରୁଛି। ଆବର୍ଜନା ପାଣିରେ ମଶାବଂଶ ବୃଦ୍ଧି ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇ ଡେଙ୍ଗୁ, ମ୍ୟାଲେରିଆ ଭଳି ବିଭିନ୍ନ ରୋଗ ସଂକ୍ରମିତ ହେବା ଆଶଙ୍କା ରହିଛି। କେତେକ ସ୍ଥାନରେ ବ୍ୟବସାୟୀମାନେ ଡ୍ରେନ ଅବରୋଧ କରିଥିଲେ ମଧ୍ୟ ପୌରପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

ସେହିପରି ଅନେକ ୱାର୍ଡରେ ଘରୋଇ ଡ୍ରେନରୁ ନିର୍ଗତ ମଇଳା ପାଣି ସଠିକ ଭାବେ ନିଷ୍କାସିତ ହେଉ ନ ଥିବା ଏବଂ ମୁଖ୍ୟ ଡ୍ରେନ ସହ ସଂଯୋଗ ନ ଥିବାରୁ ଆବର୍ଜନା ପାଣି ସାହି ରାସ୍ତାରେ ପ୍ରବାହିତ ହେଉଛି। ସହର ମଧ୍ୟରେ ଥିବା ମନ୍ଦିର, ସ୍କୁଲ ନିକଟରେ ମଧ୍ୟ ଏପରି ସମସ୍ୟା ଦୂର କରିବାରେ ପୌର ପ୍ରଶାସନ ବିଫଳ ହୋଇଥିବା ଅଭିଯୋଗ ହେଉଛି। ଅସରାଏ ବର୍ଷା ହେଲେ ବହୁ ସରକାରୀ କାର୍ଯ୍ୟାଳୟ ଆଗରେ କୃତ୍ରିମ ହ୍ରଦ ସୃଷ୍ଟି ହେଉଥିବା ଦେଖାଯାଇଛି। ତେବେ ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ସଫେଇ କାର୍ଯ୍ୟ ଠିକାସଂସ୍ଥା ହାତକୁ ଟେକିଦେଇ ପୌରପ୍ରଶାସନ ନିଘୋଡ଼ ନିଦରେ। ବାସ୍ତବରେ ଠିକ ଭାବେ ଅଳିଆ ଉଠୁଛି କି ନାହିଁ ତା'ର ତଦାରଖ କରିବାକୁ ବିଭାଗ ପାଖରେ ସମୟ ନ ଥିବା କୁହାଯାଉଛି। ତୁରନ୍ତ ସହରର ପ୍ରମୁଖ ଡ୍ରେନଗୁଡ଼ିକୁ ସଫା କରିବା ସହ ଜବରଦଖଲରେ ଥିବା ଡ୍ରେନ୍‌ଗୁଡ଼ିକୁ ମୁକ୍ତ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# କାର-ବାଇକ ଧକ୍କା; ଜଣେ ଗୁରୁତର

ବେଗୁନିଆ, ୨୩।୭(ସମିସ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାମଡିହ-ବେଗୁନିଆ ମଧ୍ୟବର୍ତ୍ତୀ ସ୍ଥାନରେ ଥିବା ପେଟ୍ରୋଲ ପମ୍ପ ନିକଟରେ କାର୍ ଓ ବାଇକ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବେଗୁନିଆ ଗ୍ରାମର ବାଉରୀବନ୍ଧୁ ସାହୁଙ୍କ ପୁଅ ଓମପ୍ରକାଶ। ବୁଧବାର ମଧ୍ୟାହ୍ନରେ ଓମ୍‌ପ୍ରକାଶ ବାଇକ୍ ଯୋଗେ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା କାର ତାଙ୍କୁ ଧକ୍କା ହୋଇଥିଲା। ଫଳରେ ଓମପ୍ରକାଶ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଏ ନେଇ ବେଗୁନିଆ ଥାନାରେ ଏକ ଏକ ମାମଲା ରୁଜୁ ହୋଇଛି। ଏସଆଇ ମନୋଜ କୁମାର ଶତପଥୀ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ନାହାନ୍ତି ଡାକ୍ତର

**■ ରୋଗୀସେବା ବିପର୍ଯ୍ୟସ୍ତ, ବଢ଼ୁଛି ଅସନ୍ତୋଷ**

ବେଗୁନିଆ, ୨୩।୭(ସମିସ): ବୋତଲମା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ କଣ୍ଟାବାଡ଼ ଓ ବାଘମାରୀ ଆରୋଗ୍ୟ କେନ୍ଦ୍ରରେ ଆଲୋପାଥି ଡାକ୍ତର ଅଭାବରୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟ ରୋଗୀଙ୍କୁ ସେବା ଯୋଗାଇ ଆସୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଆରୋଗ୍ୟ କେନ୍ଦ୍ରର ଡାକ୍ତର ଉଚ୍ଚଶିକ୍ଷା ଲାଭ ପାଇଁ ଯାଇଥିବା ବେଳେ




ପଦବୀ ବର୍ତ୍ତମାନ ସୁଦ୍ଧା ପୂରଣ ହୋଇନାହିଁ। ଡାକ୍ତର ନ ଥିବାରୁ ରୋଗୀମାନେ ଖୋର୍ଦ୍ଧା କିମ୍ବା ଭୁବନେଶ୍ୱର ଯାଇ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦେବାଶିଷ ଆଚାର୍ଯ୍ୟଙ୍କୁ ପଚାରିବାରୁ କହିଲେ, ସିଡିଏମଙ୍କୁ ଅବଗତ କରାଯାଇଛି। ଅଗଷ୍ଟ ପ୍ରଥମ ସପ୍ତାହ ସୁଦ୍ଧା ଡାକ୍ତର ନିଯୁକ୍ତ କରାଯିବ ବୋଲି ସେ କହିଛନ୍ତି।

# ମଦ ଭାଟି କର୍ମଚାରୀଙ୍କୁ ହତ୍ୟା

**ବଲାଙ୍ଗିର,୨୩।୭ (ସମିସ):** ବିବାଦ ସମାଧାନ କରିବାକୁ ଯାଇ ଜଣେ ମଦଭାଟି କର୍ମଚାରୀ ହତ୍ୟାର ଶିକାର ହୋଇଛନ୍ତି। ବଲାଙ୍ଗିର ସଦର ଥାନା ସିନଖମନରେ ଏଭଳି ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ସାରଦା ଯାଦବ (୫୧)। ମଙ୍ଗଳବାର ଅପରାହ୍ଣରେ ୪ଜଣ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ରାସ୍ତାକଡ଼ରେ ଫିଙ୍ଗି ଦେଇଥିଲେ। ଗୁରୁତର ସାରଦାଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ସଂପର୍କରେ ମଦଭାଟିର ମ୍ୟାନେଜର ବିଶାଳ ରଞ୍ଜନ କୁମାର ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସାରଦାଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଛାନଭିନ୍ ଚଳାଇଛି। ତେବେ, ତାଙ୍କୁ ଗାଁର କିଛି ଯୁବକ ହତ୍ୟା କରିଥିବା ନେଇ ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।



ସୂଚନା ଅନୁସାରେ, ଉକ୍ତ ମଦଭାଟି ନିକଟରେ ଥିବା ଗାଁର ବଳରାମ ବାରିକଙ୍କ ତେଜରାତି ଦୋକାନ ରହିଛି। ଭାଟିର କର୍ମଚାରୀମାନେ ସେଠାରୁ ଖାଉଟି ସାମଗ୍ରୀ କିଣନ୍ତି। ବଳରାମଙ୍କ ଦୋକାନରେ ତାଙ୍କ ପତ୍ନୀ ମଧ୍ୟ ବସନ୍ତି। ତେବେ ଭାଟି ମ୍ୟାନେଜର୍ ବିଶାଳଙ୍କ ସହ ତାଙ୍କ ସ୍ତ୍ରୀ କଥାବାର୍ତ୍ତା କରୁଥିବାରୁ ଏହାକୁ ନେଇ ବଳରାମଙ୍କ ସନ୍ଦେହ ହୋଇଥିଲା। ପରେ କଥା ବଢ଼ିବାରୁ, ସୋମବାର ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହା ଦେଖି ବିଶାଳଙ୍କ ସପକ୍ଷରେ ତାଙ୍କର ୨ କର୍ମଚାରୀ ସାରଦା ଯାଦବ ଓ ବିକାଶ ବିଶି ବାହାରିଥିଲେ। ସେମାନେ ବିବାଦର ସମାଧାନ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ବଳରାମ ଏଥିରେ ଆହୁରି ରାଗି ଯାଇଥିଲେ। ଘଟଣାସ୍ଥଳରୁ ସେ ନିଜର ୩ ସହଯୋଗୀ ବଳରାମ ଚିନ୍ଦା, ସଂଜୀବ ଚିନ୍ଦା ଓ ସୁନୀଲ ବାଗଙ୍କୁ ଡକାଇଥିଲେ। ଝଗଡ଼ା ବଢ଼ିବାରୁ ସେମାନେ ସାରଦାଙ୍କୁ ଅଟକ ରଖିଥିଲେ। ତେବେ ମଙ୍ଗଳବାର ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ସାରଦା ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ରାସ୍ତାକଡ଼ରେ ଦେଖିବାକୁ ପାଇ ଭାଟି କର୍ମଚାରୀମାନେ ତାଙ୍କୁ ବଲାଙ୍ଗିର ଭୀମଭୋଇ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ବଳରାମ ବାରିକଙ୍କ ସହ ୪ ଅଭିଯୁକ୍ତ ସାରଦାଙ୍କୁ ହତ୍ୟା କରିଥିବା ନେଇ ଭାଟି ମ୍ୟାନେଜର୍ ବିଶାଳ ବଲାଙ୍ଗିର ସଦର ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ବଲାଙ୍ଗିର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ କହିଛନ୍ତି ଯେ ଅଭିଯୁକ୍ତମାନେ ଗିରଫ ହେବା ପରେ ହତ୍ୟାର କାରଣ ସ୍ପଷ୍ଟ ହେବ।

■ ସାନଖେମୁଣ୍ଡିରେ ଝାଡ଼ାବାନ୍ତି

# ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଲା

ସାନଖେମୁଣ୍ଡି, ୨୩।୭ (ସମିସ): କିଛି ଦିନ ହେବ ସାନଖେମୁଣ୍ଡି ଓ ଦିଗପହଣ୍ଡିର ବିଭିନ୍ନ ଗ୍ରାମରେ ଝାଡ଼ାବାନ୍ତି ଲାଗି ରହିଛି। ଏନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ରାଜ୍ୟ ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉନଥିବାରୁ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡ଼ିବାରେ ଲାଗିଛି। କିଛି ଦିନ ତଳେ, ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ପଞ୍ଚାୟତର ତାଳପୁର, କଂସାମାରି ପଞ୍ଚାୟତରେ ଝାଡ଼ାବାନ୍ତିରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ତେବେ ମଙ୍ଗଳାବର ଆଦିବାସୀ ଅଧ୍ୟୁଷିତ ଦାମପୁର ଗ୍ରାମର ସମ୍ବାରି ମଲ୍ଲିକ (୬୦), କାନ୍ଦରା ମଲ୍ଲିକ(୬୩)ଙ୍କ ମୃତ୍ୟୁ ହୋଇଥିବା ବେଳେ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଶୁକୁରି ମଲ୍ଲିକଙ୍କ ମୃତ୍ୟୁ ଘଟିଛି।। ସେହିପରି ବୁଧବାର ଦିନ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଫାଶୀଗୁଡ଼ା ଗ୍ରାମର ଭାସ୍କର ମଲ୍ଲିକ(୬୫), ଦାମପୁର ଗ୍ରାମର ସମୀର ମଲ୍ଲିକ (୮), ରଞ୍ଜିତା ଦଳେଇ, ସରସ୍ୱତୀ ମଳିକ, ରଙ୍ଗବତୀ ଦଳେଇଙ୍କୁ ପ୍ରଥମେ ଦିଗପହଣ୍ଡି ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

**ଆଉ ୫ ଗୁରୁତରଙ୍କୁ ବ୍ରହ୍ମପୁର ଏମ୍‌କେସିଜିକୁ ସ୍ଥାନାନ୍ତର**

ଅପରପକ୍ଷେ, ଆଜି ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ହରମୋହନ ପଣ୍ଡା, ଆଡ଼ପନା ମେଡିକାଲ ସୁପରିଟେଣ୍ଡେଣ୍ଟ ଡା. ବାହାନ ଦାସ, ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ମିଶ୍ର, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ମଙ୍ଗଳା ଗମାଙ୍ଗ ଓ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପହଞ୍ଚି ପାନୀୟ ଜଳ ସଂଗ୍ରହ କରି ଯାଞ୍ଚ ପାଇଁ ପଠାଇଛନ୍ତି। ଏହାସହ ସ୍ୱାସ୍ଥ୍ୟ ଅଧିକାରୀମାନେ ଲୋକଙ୍କୁ ସଚେତନ କରିବା ସହ ଔଷଧ ବଣ୍ଟନ କରିଥିଲେ। ୨୪ଘଣ୍ଟାରେ ତିନି ଜଣଙ୍କ ମୃତ୍ୟୁ ପରେ ଉକ୍ତ ଗାଁ ଓ ଆଖପାଖ ଗାଁରେ ଭୟର ବାତାବରଣ ଦେଖାଦେଇଛି। ଦାମପୁର ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁ ରୋଗୀ ସ୍ଥାନାନ୍ତର ପାଇଁ ସମସ୍ୟା ହେଉଥିବା ଅଭିଯୋଗ କରିଛନ୍ତି ସରପଞ୍ଚ ପ୍ରତିନିଧି ଶ୍ରୀ ଗମାଙ୍ଗ। ଅପରପକ୍ଷେ ସ୍ଥାନୀୟ ତହସିଲଦାର ପ୍ରତି ମୃତକଙ୍କ ପରିବାରକୁ ୨୦ ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି।

# ଥାର୍‌ରୁ ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ

ଭୁବନେଶ୍ୱର,୨୩।୭ (ସମିସ): କନ୍ଧମାଳରୁ କୋଲକାତାକୁ ଗଞ୍ଜେଇ ଚାଲାଣ କରୁଥିବା ଜଣେ କୁଖ୍ୟାତ ନିଶା ବେପାରୀକୁ ସ୍ପେଶାଲ ଟାସ୍କଫୋର୍ସ (ଏସଟିଏଫ୍) ଗିରଫ କରିଛି। ସେ ହେଲା, ଗଡ଼ିଶାଗଡା ଥାନା ବେଢ଼ାତଣ୍ଡୁଳ ଗାଁର ଲଳିତ ଭୁଜବଳ(୩୬)। ତା' ପାଖରୁ ଏକ ଗଞ୍ଜେଇ ଭର୍ତ୍ତି ଏକ ଦାମୀ



**■ ବେପାରୀ ଗିରଫ**
**■ କନ୍ଧମାଳରୁ କୋଲକାତା ଚାଲାଣ ହେଉଥିଲା**
**■ ପାରାଦୀପ ଥାନାରେ ରହିଛି ୧୭ ମାମଲା**

ଥାର୍ କାର୍ ଜବତ ହୋଇଛି। ପୁଲିସ ସୂଚନାନୁସାରେ, ଏକ କାର୍ ଯୋଗେ କନ୍ଧମାଳରୁ କୋଲକାତାକୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଏସ୍‌ଟିଏଫ୍‌ର ସ୍ୱତନ୍ତ୍ର ଟିମ୍ ଗୋହିରା ଛକରେ ଡେରା ପକାଇଥିଲା। ପୁଲିସକୁ ଦେଖି ଲଳିତ ଦ୍ରୁତଗତିରେ କାର୍ ଚଳାଇଥିଲା। ପୁଲିସ ତାକୁ ପିଛା କରି ତମାଣ୍ଡୋ ଓଭରବ୍ରିଜ୍ ଉପରେ ଅଟକାଇବାରେ ସକ୍ଷମ ହୋଇଥିଲା। ଯାଞ୍ଚ ସମୟରେ କାର୍ ଭିତରୁ ୭ବସ୍ତା ଗଞ୍ଜେଇ ଜବତ ହୋଇଥିଲା। ସେଥିରେ ମୋଟ ୧୪୭କିଲୋ ଗଞ୍ଜେଇ ଥିଲା। ପରେ ପୁଲିସ୍ ଉକ୍ତ କାର୍ ଓ ଗଂଜେଇକୁ ଜବତ କରିବା ସହ ଲଳିତକୁ ଗିରଫ କରିଥିଲା। ସେ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି କୋଲକାତାକୁ ଚାଲାଣ କରୁଥିବା ନେଇ ସ୍ୱୀକାର କରିଛି। ଏନେଇ ଏସଟିଏଫ୍ ନମ୍ବର ୧୫/୨୫ରେ ଏକ ମାମଲା ରୁଜୁ କରି ଲଳିତକୁ କୋର୍ଟ ଚାଲାଣ କରିଛି। ଲଳିତ ନାଁରେ ପୂର୍ବରୁ ପାରାଦୀପ ଥାନାରେ ୧୭ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

# ସ୍କୁଲ ଯିବା ବେଳେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ

ଗରଦପୁର, ୨୩।୭ (ସମିସ): ସ୍କୁଲ ଯିବା ବେଳେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ବାଟରେ ଅଟକାଇ ଅସଦାଚରଣ। କୁଦାନଗରୀ ଥାନା ଅଞ୍ଚଳରେ ଆଜି ସକାଳ ପ୍ରାୟ ୧୦ଟାରେ ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି। ଅଭିଯୋଗ ମୁତାବକ, ନାବାଳିକାଜଣଙ୍କ ସ୍କୁଲ ଯାଉଥିବା ବେଳେ ଜଣେ ଦୁର୍ବୃତ୍ତ ବାଇକ୍‌ରେ ଆସି ରାସ୍ତା ମଝିରେ ତାଙ୍କୁ ଅଟକାଇଥିଲା। ନାବାଳିକାଜଣକ କିଛି ବୁଝିବା ପୂର୍ବରୁ ସେ ତାକୁ ଅସଦାଚରଣ କରିଥିଲା।। ତେବେ ନାବାଳିକାଜଣଙ୍କ ଜୋରରେ କାନ୍ଦିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ରୁଣ୍ଡ ହୋଇଯିବା ଦେଖି ଦୁର୍ବୃତ୍ତଜଣଙ୍କ ଫେରାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକେ କିଛି ବାଟ ତାକୁ ଗୋଡ଼ାଇଥିଲେ ହେଁ ସେ ଅନ୍ତର୍ଦ୍ଧାନ ହୋଇଯାଇଥିଲା।

**ବାହାସ୍ଫୋଟ ମାରି ପଛଘୁଞ୍ଚା ଦେଲେ ଯୋଗାଣ ମନ୍ତ୍ରୀ**

# ଆଳୁ ପାଇଁ ପୁଣି ପଶ୍ଚିମବଙ୍ଗଙ୍କୁ ହାତ ପତାଇବେ

**ଭୁବନେଶ୍ୱର, ୨୩।୭ (ସମିସ):** ଗତବର୍ଷ ଅଗଷ୍ଟ ମାସରେ ଘୋର ଆଳୁ ସଂକଟର ସାମ୍ନା କରିଥିଲା ଓଡ଼ିଶା। ଆଳୁ ପାଇଁ ଖାଉଟି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏବର୍ଷ ବି ସେଭଳି ସ୍ଥିତି ହେବା ନେଇ ଆଶଙ୍କା ସୃଷ୍ଟି ହେଲାଣି। କାରଣ ଗତବର୍ଷ ଆଳୁର ତିରୋଟ ସମୟରେ ପଶ୍ଚିମବଙ୍ଗ ଓଡ଼ିଶାକୁ ରପ୍ତାନୀ ବନ୍ଦ କରି ଦେଇଥିଲା। ସେତେବେଳେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବାହାସ୍ଫୋଟ ମାରି କହିଲେ, ଆମେ ଏଥର ଆଳୁ ନିଜେ ଚାଷ କରିବୁ। ପଶ୍ଚିମବଙ୍ଗ ଉପରେ ଆଉ ନିର୍ଭରଶୀଳ ହେବୁନି। ଆମ ରାଜ୍ୟ ଆଳୁ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବ। ଏଥିପାଇଁ ସରକାର କୃଷି ବିଭାଗ ସହ ମିଶି ସମସ୍ତ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଖୁବ୍‌ଶୀଘ୍ର ଏହାର ଫଳାଫଳ ଦେଖିବେ ରାଜ୍ୟବାସୀ। ମାତ୍ର ବର୍ଷକ ପରେ ଯୋଗାଣ ମନ୍ତ୍ରୀ ନିଜ ମତ ବଦଳାଇଛନ୍ତି। ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଆମ ରାଜ୍ୟର ଆବଶ୍ୟକତାନୁସାରେ ଆମେ ଆଳୁ ଉତ୍ପାଦନ କରିପାରିନୁ। ଆମକୁ ପଶ୍ଚିମବଙ୍ଗରୁ ଆଣିବାକୁ ପଡ଼ିବ। ମୁଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଏବାବଦରେ ଆଲୋଚନା କରିବି। ମନ୍ତ୍ରୀଙ୍କ ଏଭଳି ପ୍ରତିକ୍ରିୟା ପରେ ବିରୋଧୀ ଉଭୟେ ବିଜେଡି ଓ କଂଗ୍ରେସ ତୀବ୍ର ସମାଲୋଚନା କରିଛନ୍ତି।

ସୂଚନାନୁସାରେ, ଆମ ରାଜ୍ୟରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଆଳୁର ଆବଶ୍ୟକତା ରହିଛି। ଏଥିରୁ ୩ ଲକ୍ଷ ମେଟ୍ରିକ୍ ଟନ୍ ଓଡ଼ିଶା ଚାଷୀ ଉତ୍ପାଦନ କରିଥାନ୍ତି। ବାକି ପଶ୍ଚିମବଙ୍ଗଠାରୁ ଆମଦାନୀ କରିବାକୁ ପଡ଼ିଥାଏ। ମାତ୍ର ଚଳିତବର୍ଷ ଆମ ରାଜ୍ୟରେ ଆଉ ୨ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ବୃଦ୍ଧି



**ଉତ୍ପାଦନରେ ଆତ୍ମନିର୍ଭର ଧୂଆଁବାଣ**

**ତୀବ୍ର ସମାଲୋଚନା କଲେ ବିରୋଧୀ**

ପାଇଛି। ଏବେ ବି ରାଜ୍ୟବାସୀଙ୍କ ଭରଣା ପାଇଁ ଆହୁରି ୯ ଲକ୍ଷ ମେଟ୍ରିକ ଟନ୍ ଆଳୁର ଆବଶ୍ୟକତା ରହିଛି। ତେବେ ଏଥିପାଇଁ ଆମକୁ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ପଞ୍ଜାବ ଉପରେ ନିର୍ଭର କରିବାକୁ ପଡ଼ିବ ବୋଲି ଯୋଗାଣ ମନ୍ତ୍ରୀ ଆଜି ସ୍ୱୀକାର କରିଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଓଡ଼ିଶାବାସୀଙ୍କର ଉତ୍ତରପ୍ରଦେଶ ଆଳୁ ପସନ୍ଦ ହେଉନି। ତେଣୁ ବାଧ୍ୟହୋଇ ଆମକୁ ପଶ୍ଚିମବଙ୍ଗଠାରୁ ଆଳୁ ଆଣିବାକୁ ପଡ଼ିବ। ଆଳୁର ସମସ୍ୟା ହୋଇଥିଲାବେଳେ ରାଜ୍ୟବାସୀ ଉତ୍ତରପ୍ରଦେଶ ଆଳୁକୁ ପ୍ରତ୍ୟାଖାନ କରିଥିଲେ। କାରଣ ସେଠୁ ଗାଡ଼ିରେ ଆଳୁ ଆସିଲା ବେଳକୁ ୪ ଦିନରୁ ଅଧିକ ସମୟ ଲାଗୁଛି। ତା'ପରେ ଖାଉଟି କିଣି ନେଇ ଦୁଇ ଦିନ ରଖିଲା ବେଳକୁ ଆଳୁ ପଚି ନଷ୍ଟ ହୋଇଯାଉଛି। ଏପରିସ୍ଥଳେ ପଶ୍ଚିମବଙ୍ଗ ଆଳୁ ୧୨ ଘଣ୍ଟାରେ ଆମ ପାଖରେ ପହଞ୍ଚି ଯାଉଛି। ଖାଉଟି ଏହାକୁ ନେଇ ୭ରୁ ୮ ଦିନ ଗଚ୍ଛିତ କରି ରଖିପାରୁଛନ୍ତି। ତା'ପରେ ଉତ୍ତରପ୍ରଦେଶ ଓ ପଞ୍ଜାବ ଆଳୁ ଅପେକ୍ଷା ପଶ୍ଚିମବଙ୍ଗ ଆଳୁ ସ୍ୱାଦିଷ୍ଟ। ଏସବୁ ଦୃଷ୍ଟିରୁ ଲୋକମାନେ ପଶ୍ଚିମବଙ୍ଗ ଆଳୁକୁ ପସନ୍ଦ କରୁଛନ୍ତି। ମାତ୍ର ଲୋକଙ୍କ ଆବଶ୍ୟକତା ଓ ମତ ବିନା ଯୋଗାଣ ମନ୍ତ୍ରୀ ପୂର୍ବରୁ ପଶ୍ଚିମବଙ୍ଗ ଆଳୁକୁ ଓଡ଼ିଶାରେ ସମ୍ପୂର୍ଣ୍ଣ ବ୍ୟାନ୍ କରି ଦିଆଯିବ ବୋଲି ମନ୍ତବ୍ୟ ଦେବାକୁ ମଧ୍ୟ ପଛାଇ ନାହାନ୍ତି।

ମନ୍ତ୍ରୀଙ୍କ ଏଭଳି ବିବୃତ୍ତିକୁ ନେଇ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଲଜ୍ଜାର ବିଷୟ ହେଉଛି ଆଳୁ ପ୍ରସଙ୍ଗକୁ ନେଇ ମନ୍ତ୍ରୀ ବାରମ୍ବାର ବିଭ୍ରାନ୍ତିକର ବୟାନ ଦେଇଛନ୍ତି। ଏବେ ପୁଣି ମମତାଙ୍କ ଗୋଡ଼ ଧରିବେ ବୋଲି ନିଜ ମୁହଁରେ ସ୍ୱୀକାର କରିଛନ୍ତି। ଜଣେ ମନ୍ତ୍ରୀ କୌଣସି ପ୍ରସଙ୍ଗରେ ମନ୍ତବ୍ୟ ଦେବାବେଳକୁ ସଂଯମତା ରକ୍ଷା କରିବା କଥା। ମାତ୍ର ଯୋଗାଣ ମନ୍ତ୍ରୀ ପ୍ରତିଥର ଏହାର ଉଲଂଘନ କରିଛନ୍ତି। ବିଜେଡିର ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି କହିଛନ୍ତି, ପୂର୍ବରୁ ମନ୍ତ୍ରୀ ଯେଉଁ ଛେପ ପକାଇଥିଲେ, ଆଜି ସେ ନିଜେ ଢୋକୁଛନ୍ତି। ଉତ୍ପାଦନର ସ୍ଥିତାବସ୍ଥା ଯାଞ୍ଚ ନ କରି କେବଳ ମିଛ ବାହାସ୍ଫୋଟ ମାରିବାରେ ବ୍ୟସ୍ତ ଥିଲେ ଯୋଗାଣ ମନ୍ତ୍ରୀ। ଏବେ ପଶ୍ଚିମବଙ୍ଗ ଶରଣ ପଶିବା ନେଇ ନିଜେ ସ୍ୱୀକାର କରିଛନ୍ତି।

# ଜମି କାରବାରରୁ ବ୍ୟବସାୟୀଙ୍କୁ ୨ ରାଉଣ୍ଡ ଗୁଳି

**ରାଉରକେଲା, ୨୩।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ତହସିଲ୍ କାର୍ଯ୍ୟାଳୟ ନିକଟରେ ବୁଧବାର ଦିନ ଦ୍ୱିପ୍ରହରରେ ଜଣେ ବ୍ୟବସାୟୀଙ୍କ ଉପରକୁ ୨ ରାଉଣ୍ଡ ଗୁଳିମାଡ଼ ହୋଇଛି। ତେବେ ସୌଭାଗ୍ୟକୁ ଗୁଳି ଦୁଇଟି ଲକ୍ଷ୍ୟଭ୍ରଷ୍ଟ ହେବାରୁ ବ୍ୟବସାୟୀଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବ୍ୟବସାୟୀଜଣଙ୍କ ହେଲେ,



ରାଉରକେଲା ସେକ୍ଟର-୨୦ ଅଞ୍ଚଳର ବ୍ୟବସାୟୀ ଉତ୍ତମ କୁମାର ଘୋଷ। ପରେ ଦୁର୍ବୃତ୍ତ ଦ୍ୱୟ ସେଠାରୁ ଫେରାର୍ ହୋଇଯାଇଥିଲେ। ଏହି ଗୁଳିକାଣ୍ଡ ଯୋଗୁଁ ଉକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସେପଟେ ଗୁଳିକାଣ୍ଡ କରିବା ପରେ ଦୁର୍ବୃତ୍ତଦ୍ୱୟ ବୀରମିତ୍ରପୁରର ବ୍ରାହ୍ମଣମରାଠାରେ ବାଇକ୍ ଛାଡ଼ି ନିକଟସ୍ଥ ଜଙ୍ଗଲକୁ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ରାଉରକେଲାର ସେକ୍ଟର-୨୦ ଅଞ୍ଚଳର ଉତ୍ତମ ଜମି ରେଜିଷ୍ଟ୍ରେସନ୍ କରିବା ପାଇଁ ବୀରମିତ୍ରପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ପହଞ୍ଚିଥିଲେ। ସେଠାରେ କାର୍‌ରୁ ଓହ୍ଲାଉଥିବା ବେଳେ ୨ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ଉପରକୁ ଆଖିବୁଜା ୨ ରାଉଣ୍ଡ ଗୁଳିଚାଳନା କରି ଫେରାର୍ ହୋଇଯାଇଥିଲେ। ତେବେ ୨ଟି ଯାକ ଗୁଳି କାର୍‌ର ସମ୍ମୁଖ କାଚରେ

**କାର୍‌ରେ ବାଜିଲା ଗୁଳି, ଅଳ୍ପକେ ବର୍ତ୍ତିଗଲେ ବ୍ୟବସାୟୀ**

ବାଜି ଭିତରକୁ ଭେଦ କରିଥିବା ବେଳେ ମୁଣ୍ଡ ନୁଆଇଁଦେବାରୁ ଉତ୍ତମ ଅଳ୍ପକେ ବର୍ତ୍ତି ଯାଇଥିଲେ। ଉତ୍ତମ ଜମି ବାଡ଼ି କିଣାବିକା ବ୍ୟବସାୟରେ ସଂଶ୍ଳିଷ୍ଟ ଥିବା ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ବୀରମିତ୍ରପୁର ଥାନା ଅଧିକାରୀ ରାମପ୍ରସାଦ ନାଗ, ଏସ୍‌ଡିପିଓ ସୁଶାନ୍ତ କୁମାର ଦାଶ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ତେବେ କେଉଁ କାରଣରୁ ଗୁଳିକାଣ୍ଡ ହୋଇଛି, ତାହା ଜଣା ପଡିନଥିବା ବେଳେ ଏହା ପଛରେ ବେଆଇନ ଜମି କାରବାର ଓ ଜମି ଦଲାଲି କାରଣ ରହିଥିବା ଚର୍ଚ୍ଚା ହୋଇଛି।

# କଂଗ୍ରେସ ନେତାଙ୍କ ଘରେ ଜିଏସ୍‌ଟି ଚଢ଼ଉ

ରାଉରକେଲା,୨୩।୭ (ସମିସ): ରାଉରକେଲା ଛେଣ୍ଡ କଲୋନୀରେ ରହୁଥିବା କଂଗ୍ରେସ ନେତା ତଥା ପୂର୍ବତନ କଂଗ୍ରେସ ଉପସଭାପତି ଆଶିଷ ମହାନ୍ତିଙ୍କ ଘରେ ବୁଧବାର ଜିଏସ୍‌ଟି ବିଭାଗର ଟିମ୍ ଚଢ଼ଉ କରିଛି। କୋଟିକୋଟି ଟଙ୍କା ଜିଏସ୍‌ଟି ଫାଙ୍କିବା ଅଭିଯୋଗରେ କଂଗ୍ରେସ ନେତା ଆଶିଷଙ୍କ ପତ୍ନୀ ତଥା ମହିଳା ବ୍ୟବସାୟୀ ସ୍ନିଗ୍ଧା ମହାନ୍ତିଙ୍କୁ ଜିଏସ୍‌ଟି ବିଭାଗର ଟିମ୍ ଗିରଫ କରିଥିବା ଜଣାପଡ଼ିଛି।

**ପୂର୍ବତନ କଂଗ୍ରେସ ଉପସଭାପତିଙ୍କ ପତ୍ନୀ ଗିରଫ**

ସୂଚନାନୁଯାୟୀ, ସ୍ନିଗ୍ଧା ବିଭିନ୍ନ ବ୍ୟବସାୟ ମାଧ୍ୟମରେ ୨୦୧୮ ମସିହାରୁ ଜିଏସ୍‌ଟି ଠକେଇ କରିଆସୁଥିଲେ ବୋଲି ଅଭିଯୋଗ ହେବା ପରେ ଜିଏସ୍‌ଟି ଗୁଇନ୍ଦା ବିଭାଗ ପକ୍ଷରୁ ଛେଣ୍ଡସ୍ଥିତ ତାଙ୍କ ବାସଭବନରେ ଚଢ଼ଉ କରାଯାଇଥିଲା। ଜିଏସ୍‌ଟି ଅଧିକାରୀମାନେ ସମ୍ପୃକ୍ତ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଜେରା କରିବା ସହ ସେମାନଙ୍କ ଫାର୍ମର ବ୍ୟାଙ୍କ ଆକାଉଣ୍ଟ, ଜିଏସ୍‌ଟି ରିଟର୍ଣ୍ଣ ଫାଇଲ ସମେତ ବ୍ୟାଙ୍କ କାରବାର ସମ୍ପର୍କିତ କାଗଜପତ୍ର ଜବତ କରିଛନ୍ତି। ସ୍ନିଗ୍ଧା ଓ ତାଙ୍କ ସ୍ୱାମୀ ଆଶିଷ ଟ୍ରାନ୍ସପୋର୍ଟ ସମେତ ଖଣିଜ ସାମଗ୍ରୀ କାରବାର କରୁଥିଲେ ବୋଲି ଜଣାପଡ଼ିଛି। ମହିଳାଜଣଙ୍କ ଏକ କମ୍ପାନୀ ଖୋଲି ସେହି କମ୍ପାନୀ ଜରିଆରେ ପ୍ରାୟ ୧୪କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଟିକସ ଫାଙ୍କି ଥିବା ଡିଜିଜିଆଇ ଓ ରାଜ୍ୟ ଜିଏସ୍‌ଟି ବିଭାଗ ନିକଟରେ ଖବର ରହିଥିଲା। ୨୦୧୮ ଅକ୍ଟୋବରରେ ଜିଏସ୍‌ଟି ଠକେଇ ମାମଲାରେ ନାରାୟଣ ଖୈତାନ ଓ ମାନସ ବରାଳ ଗିରଫ ହେବା ପରେ ଉକ୍ତ ମାମଲାରେ ସ୍ନିଗ୍ଧାଙ୍କ ସମ୍ପୃକ୍ତି ନେଇ ଜିଏସ୍‌ଟି ବିଭାଗ ଜାଣିବାକୁ ପାଇଥିଲା। ସେ ଚାକିରି କରାଇଦେବାକୁ ତଥା ବୀମା କରାଇଦେବାକୁ କହି ବିଭିନ୍ନ ଲୋକଙ୍କଠାରୁ କାଗଜପତ୍ର ସଂଗ୍ରହ କରି ଜାଲ କମ୍ପାନୀ ଖୋଲୁଥିଲେ। ସେହି କମ୍ପାନୀ ଜରିଆରେ ଜାଲ ଜିଏସ୍‌ଟି ବିଲ୍ କରି ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ହାସଲ କରୁଥିଲେ। ବଣାଇଁ ଅନ୍ତର୍ଗତ ନରେନ୍ଦ୍ର ଅଞ୍ଚଳର ମୀନା ସାହୁ ନାମକ ଜଣେ ମହିଳାଙ୍କ ଜରିଆରେ ବଣାଇଁ ଅଞ୍ଚଳରୁ ବହୁ ଲୋକଙ୍କ ପାନ୍, ଆଧାର, ଫଟୋ ଆଦି ସଂଗ୍ରହ କରି କମ୍ପାନୀ ଖୋଲିଥିଲେ। ସେ ସବୁ କମ୍ପାନୀ ଜରିଆରେ କୋଟିକୋଟି ଟଙ୍କାର ଜିଏସ୍‌ଟି ଠକିଥିବା ଅଭିଯୋଗ ହୋଇଥିଲା। ନିଜ କମ୍ପାନୀ ଜରିଆରେ ୧୧ରୁ ୧୨କୋଟି ଟଙ୍କା ଠକେଇ ଘଟଣାରେ ରାଜ୍ୟ ଜିଏସଟି ବିଭାଗ ମଧ୍ୟ ତଦନ୍ତ କରିଥିଲା। ପରେ ଭୁବନେଶ୍ୱରସ୍ଥିତ ଡିଜିଜିଆଇ ଓ ରାଉରକେଲା ଡିଜିଜିଆଇ ଅଧିକାରୀ ମିଳିତ ଭାବେ ଚଢ଼ଉ କରିଥିଲେ।

**ଯୁବକଙ୍କ ଏକତରଫା ପ୍ରେମ; ଫଟୋ ଭାଇରାଲ୍**

# ବିଷ ପିଇଦେଲେ ନର୍ସିଂ ଛାତ୍ରୀ

**ନବରଙ୍ଗପୁର, ୨୩।୭ (ସମିସ):** ନାରୀ ନିର୍ଯାତନାର କଳଙ୍କରେ ଓଡ଼ିଶାରେ ଯୋଡ଼ିହୋଇଛି ଆଉ ଏକ ଫର୍ଦ୍ଦ। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଡୁମୁରୀମୁଣ୍ଡା ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଏକ ଘଟଣା। ଏକତରଫା ପ୍ରେମ କରି ଜଣେ ଯୁବକ ନର୍ସିଂ ଛାତ୍ରୀଙ୍କୁ ମାଡ଼ ମାରିବା ସହ ଫଟୋ ଭାଇରାଲ କରିବା ପରେ ଲୋକଲଜ୍ଜା ଭୟରେ ଛାତ୍ରୀଜଣକ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଛି।



ସଙ୍କଟାପନ୍ନ ସ୍ଥିତିରେ ଏମ୍‌ସରେ ଭର୍ତ୍ତି

ସୂଚନା ଅନୁସାରେ, ଡୁମୁରିମୁଣ୍ଡା ଗ୍ରାମର କଳ୍ପନା ରାୟଙ୍କୁ ଗୁରୁସିଙ୍ଗା ଗ୍ରାମର ସତ୍ୟଜିତ ସରକାର ଏକତରଫା ପ୍ରେମ କରୁଥିଲେ। କଳ୍ପନା ଜୟପୁରର ଏକ ନର୍ସିଂ କଲେଜରେ ପାଠ ପଢୁଛନ୍ତି। ସତ୍ୟଜିତ ଭୁବନେଶ୍ୱରର ଏକ କଲେଜରେ କୃଷି ବିଭାଗର ଛାତ୍ର। ଚଳିତ ମାସ ୧୩ ତାରିଖ ଦିନ କଳ୍ପନା ନର୍ସିଂ କଲେଜରୁ ମାର୍କେଟକୁ ଆସିଥିବା ବେଳେ ଅଚାନକ ସତ୍ୟଜିତ ଆସି କଳ୍ପନାକୁ ମାରପିଟ୍ କରିଥିଲେ। ଏହି ଘଟଣା ସ୍ଥାନୀୟ ପୁଲିସ ଦେଖିବା ପରେ ଉଭୟଙ୍କୁ ଥାନାକୁ ନେଇଥିଲେ। ଖବର ପାଇ କଳ୍ପନାଙ୍କ ବାପା ଜୟପୁରରେ ପହଞ୍ଚିଥିଲେ। ପରେ କଳ୍ପନାଙ୍କୁ ଚିକିତ୍ସା ପାଇଁ ମେଡିକାଲ୍ ପଠାଇଥଲା ପୁଲିସ। ପ୍ରାଥମିକ ଚିକିତ୍ସା ପରେ ଝିଅଙ୍କୁ ସେ ନିଜ ଘରକୁ ନେଇ ଆସିଥିଲେ। ୧୪ ତାରିଖ ଦିନ କଳ୍ପନା ଜୟପୁର ଯାଇ ଏ ସମ୍ପର୍କରେ ଏତଲା ଦେଇଥାନ୍ତେ। କିନ୍ତୁ ଅସୁସ୍ଥତା କାରଣରୁ ଯାଇ ପାରି ନଥିଲେ। ୧୫ ତାରିଖ ଦିନ ସେ ଜୟପୁର ଯାଇ ସତ୍ୟଜିତଙ୍କ ନାମରେ ଏତଲା ଦେଇଥିଲେ। କିନ୍ତୁ ଏତଲା ପାଇବା ପରେ ସତ୍ୟଜିତକୁ ପୋଲିସ ଛାଡ଼ି ଦେଇଥିବା ଝିଅର ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସତ୍ୟଜିତ କଳ୍ପନାକୁ ଜୟପୁର ବଜାରରେ ମାଡ଼ ମାରିବା ସହ କିଛି ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ୍ କରିଥିଲା। ଏହା ଜାଣିବା ପରେ କଳ୍ପନା ନିଜ ଘରେ ଥିବା ଘାସ ମରା ବିଷ ପିଇ ଦେଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱର ଏମଏସ୍‌କୁ ସ୍ଥାନାନ୍ତର କରାଯାଇଛି। ରାଇଘର ପୁଲିସ ଘଟଣାର ତଦନ୍ତ କରି ଦୁଇଜଣଙ୍କୁ ଅଟକ ରଖିଛି।

# ୟୁରୋପରୁ ଆସୁଛି ସିନ୍ଥେଟିକ୍ ଡ୍ରଗ୍ସ

**ଇଞ୍ଜିନିୟରିଂ ଛାତ୍ରଙ୍କୁ ମାଡ଼ିବସିଲା ଏନ୍‌ସିବି**

ଭୁବନେଶ୍ୱର, ୨୩।୭ (ସମିସ): ୟୁରୋପରୁ ଭୁବନେଶ୍ୱର ଆସୁଥିବା ସିନ୍ଥେଟିକ୍ ଡ୍ରଗ୍ସ (ଏଲ୍‌ଏସ୍‌ଡି)କୁ ଜବତ କରିଛି ନାର୍କୋଟିକ କେଣ୍ଟ୍ରାଲ ବ୍ୟୁରୋ(ଏନ୍‌ସିବି)। ଏହି ଘଟଣାରେ ଭୁବନେଶ୍ୱରର ଜଣେ ଇଞ୍ଜିନିୟରିଂ ଛାତ୍ରକୁ ଏନ୍‌ସିବି ଗିରଫ କରିଛି। ଗିରଫ ଛାତ୍ରଜଣଙ୍କ ହେଲେ, ମୈତ୍ରୀବିହାର ଏଲ୍‌ଆଇସି କଲୋନୀର ଆର୍ଯ୍ୟମାନ ପଟ୍ଟନାୟକ (୨୩)। ନିଶାଦ୍ରବ୍ୟର ମୂଲ୍ୟ ୧୫୦୦ରୁ ୧୬୦୦ ଡଲାର ହେବ, ଯାହା ଭାରତୀୟ ମୁଦ୍ରାରେ ଦେଢ଼ ଲକ୍ଷ ଟଙ୍କାରୁ ଅଧିକ।

ଏନ୍‌ସିବି ଅଧିକାରୀଙ୍କ କହିବା ମୁତାବକ, ଆର୍ଯ୍ୟମାନ ନୋଏଡାର ଏକ ଶିକ୍ଷାନୁଷ୍ଠାନରେ କମ୍ପ୍ୟୁଟର୍ ସାଇନ୍ସ ପାଠ ପଢ଼ିବା ପରେ ସେ ଭୁବନେଶ୍ୱରରେ ରହୁଥିଲେ। ସେ ଅନ୍‌ଲାଇନ୍‌ରେ ୟୁରୋପୀୟ ଦେଶରୁ ଡାର୍କୱେବ୍ ଜରିଆରେ ସିନ୍ଥେଟିକ ଡ୍ରଗ୍ସ ମଗାଇଥିଲେ। ଅନଲାଇନ ପାର୍ସଲରେ ୧୫ରୁ ୧୬ଟି ଏଲ୍‌ଏସ୍‌ଡି ଆସିଥିଲା। ଉକ୍ତ ନିଶାଦ୍ରବ୍ୟ ଓଡ଼ିଶା ଆସୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଏନ୍‌ସିବି ଅଧିକାରୀ ଏହି ଖବର ପାଇଥିଲେ। ଆର୍ଯ୍ୟମାନର ମୈତ୍ରୀ ବିହାରସ୍ଥିତ ଘରେ ଏହି ନିଶାଦ୍ରବ୍ୟ ପହଞ୍ଚିବା ପରେ ଏନ୍‌ସିବିର ଅଧିକାରୀମାନେ ସେଠାରେ ଚଢ଼ଉ କରିଥିଲେ। ଯାଞ୍ଚ ସମୟରେ ତାଙ୍କଠାରୁ ଜବତ ସିନ୍ଥେଟିକ ଡ୍ରଗ୍ସ ଏଲ୍‌ଏସ୍‌ଡି ଜବତ ହୋଇଥିଲା। ପରେ ଏନ୍‌ସିବି ଆର୍ଯ୍ୟମାନକୁ ଗିରଫ କରି କୋର୍ଟଚାଲାଣ କରିଛି। ଆର୍ଯ୍ୟମାନ ଡାର୍କୱେବ୍ କିପରି ପରିଚାଳନା କରୁଥିଲା, ସେ ଦିଗରେ ଏନ୍‌ସିବି ଅଧିକ ଖୋଳତାଡ଼ ଚଳାଇଛି।

# ଜେଏସ୍‌ଡବ୍ଲ୍ୟୁର ପାଉଁଶ ବର୍ଷା; ସାହାଜବାହାଲରେ ଆତଙ୍କ

**ଇବଥର୍ମାଲ,୨୩।୭ (ସମିସ):** ସାହାଜବାହାଲସ୍ଥିତ ଜେଏସଡବ୍ଲୁ ଉତ୍କଳ ଲିମିଟେଡ ପାୱାର ପ୍ଲାଣ୍ଟରେ ନିଆରା ପରିସ୍ଥିତି ଦେଖାଦେଇଛି। ପ୍ରଥମେ ଇଣ୍ଡବରାଥ୍ ଉତ୍କଳ ଏନର୍ଜି ଲିମିଟେଡ୍ ନାମକ କମ୍ପାନୀ ୩୫୦x୨ (୭୦୦) ମେଗାୱାଟ ପାୱାରପ୍ଲାଣ୍ଟ କରିବାକୁ ରାଜ୍ୟ ସରକାରଙ୍କଠାରେ ଚୁକ୍ତି କରିଥିଲା। ପ୍ଲାଣ୍ଟ ଚଳେଇବାକୁ ଦୈନିକ ୬୫୦୦ ଟନ କୋଇଲା ଜଳିବା ଆବଶ୍ୟକତା ଥିବା ଚୁକ୍ତିରେ ଦର୍ଶାଯାଇଥିଲା। ହେଲେ କମ୍ପାନୀ ଦେବାଳିଆ ହୋଇ ବନ୍ଦ ହେଲା। ତାକୁ ପୁଣି ଜେଏସଡବ୍ଲ୍ୟୁ ସରକାରୀ ଚୁକ୍ତି ଅନୁସାରେ ଚଳେଇବାକୁ ନେବା ପରେ ଦେଢ଼ ବର୍ଷ ହେବ ପ୍ଲାଣ୍ଟ ଆରମ୍ଭ କରିଛି। ପ୍ରଥମେ ୩୫୦ର ଗୋଟିଏ ୟୁନିଟ୍ ଓ ପରବର୍ତ୍ତୀ ସମୟରେ ୩୫୦ର ଆଉ ଗୋଟିଏ ୟୁନିଟ ଏବେ ଚାଲୁଛି। ହେଲେ ପ୍ରାରମ୍ଭରୁ କେତେକ ସ୍ଥଳରେ ଯାନ୍ତ୍ରିକ ତ୍ରୁଟି ହେତୁ ନିର୍ଦ୍ଧାରିତ ଲକ୍ଷ୍ୟ ମୁତାବକ ବିଦ୍ୟୁତ୍ ଉତ୍ପାଦନ ହୋଇପାରୁନାହିଁ। ଏପରିକି ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ସଠିକ ବ୍ୟବସ୍ଥା କରାଯାଉ ନାହିଁ। ଫଳରେ ଅଞ୍ଚଳରେ ତା'ର କୁ-ପ୍ରଭାବ ସ୍ପଷ୍ଟ ଦେଖାଦେଇଛି।

ସୂଚନା ମତେ, ୨X୩୫୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନକ୍ଷମତା ସମ୍ପନ୍ନ ଏହି ପ୍ଲାଣ୍ଟ ପାଉଁଶ ପରିଚାଳନାରେ ଅନେକ ତ୍ରୁଟି କରିଛି। ୭୦୦ ମେଗାୱାଟ୍ ପ୍ଲାଣ୍ଟ ସକାଶେ ଯେତିକି ପରିମାଣର ଆସପଣ୍ଡ ଓ ପାଉଁଶ ନିଷ୍କାସନ ପାଇଁ ଯେଉଁ ଆକାରର ପାଇପ ଲଗାଯିବା ଆବଶ୍ୟକ, ସେହି





ଆକାରର ପାଇପ ଲଗାଯାଇନାହିଁ। ଫଳରେ ପାଉଁଶ ହ୍ୟାଣ୍ଡଲିଂ ପ୍ଲାଣ୍ଟ ପରିବର୍ତ୍ତେ ହପର ପାଖରେ ଶୁଖିଲା ପାଉଁଶ ପରିଚାଳିତ ନହୋଇ ବେଆଇନ ଭାବେ ତଳକୁ ଖସେଇ ଦିଆଯାଉଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ ଶୁଖିଲା ପାଉଁଶ ପ୍ରବଳ ମାତ୍ରାରେ ଉଡି ସମଗ୍ର ଅଞ୍ଚଳ ପାଉଁଶମୟ ହେଉଛି। ପରବର୍ତ୍ତୀ ସମୟରେ ତାକୁ ହଟାଇବାକୁ ଜେଏସଡବ୍ଲ୍ୟୁ ସାହାଜବାହାଲ ଜେସିବି ଓ ହାଇୱାରେ (ଭାରୀଯାନ) ସ୍ଥାନାନ୍ତର କରିବାକୁ ପଡୁଛି। ସେଇ ପାଉଁଶ ଚିମିନି ବାଟେ ନିଷ୍କାସନ କରାଯାଉଥିବାରୁ ସମଗ୍ର ଅଞ୍ଚଳରେ ପାଉଁଶ ବର୍ଷା ହୋଇ ଲୋକଙ୍କ ଶରୀର, ଗଛପତ୍ର, ଚାରଣ ଭୂଇଁ ସମେତ ସବୁଠି ପଡ଼ି ବ୍ୟାପକ ପ୍ରଦୂଷଣ କରୁଛି। ଦିନବେଳା ଚିମିନିରେ ଥରେ ଦୁଇଥର ପାଉଁଶ ବର୍ଷା ହେଉଥିବା ବେଳେ ଏ ପ୍ରକ୍ରିୟା ରାତିରେ ପ୍ରତ୍ୟହ ହେଉଥିବା ଅଭିଯୋଗ ହେଉଛି। ମଙ୍ଗଳବାର ରାତିରେ ଏଭଳି ପାଉଁଶ ବର୍ଷା ଫଳରେ ସନସନାଟିକ୍ରା, ଭଟଲି, ଚାରପାଲି ବରପାଲି କୁମ୍ଭାରବନ୍ଧ ଅଞ୍ଚଳରେ ଜଳ, ମଣିଷ, ପ୍ରାଣୀଜଗତ, ଗଛପତ୍ର ସମେତ ଚାଷ ହୋଇଥିବା ଚାଷ ଜମିକୁ ବି ବିଷାକ୍ତ କରିଛି। ପରିବେଶବିତ୍‌ଙ୍କ ମତରେ ପଥର କୋଇଲା ଜଳିବା ପରେ ସେଥିରୁ ଯେଉଁ ପାଉଁଶ ହୋଇଥାଏ ସେଥିରେ କ୍ୟାଲସିୟମ, ପଟାସିୟମ୍, ଜିଙ୍କ, ସଲଫର, ଫସ୍‌ଫରସ୍, ଲୌହ ଅଂଶ, ମାଙ୍ଗାନିଜ, ସାଲେନିୟମ, ମରକ୍ୟୁରି ଆଦି ଧାତୁସହ ଅମ୍ଳ ଅଂଶ ରହିଥିବାରୁ ଏହା ପରିବେଶ ପାଇଁ ବହୁ କ୍ଷତିକାରକ। ଏହି କାରଣରୁ ପ୍ରତ୍ୟେକ ଜୀବ ବିଭିନ୍ନପ୍ରକାରର ରୋଗର ଶିକାର ହେବା ସହ ଅଞ୍ଚଳର ପାଣି ପବନକୁ ମଧ୍ୟ ବିଷାକ୍ତ ହେଉଛି। ଏଭଳି ପରିବେଶରେ ବେଶି ଦିନ ପର୍ଯ୍ୟନ୍ତ ରହୁଥିବା ମଣିଷ ଶ୍ୱାସ ଓ ହୃଦରୋଗ ଭଳି ମାରାତ୍ମକ ରୋଗର ଶିକାର ହେବା ସ୍ୱାଭାବିକ ବୋଲି ଜଣାପଡ଼ିଛି। ସବୁବେଳେ ପ୍ରାୟତଃ ଏ ଅଞ୍ଚଳରେ ପାଉଁଶ ଗୁଣ୍ଡ ଖସିବା ଫଳରେ ଲୋକେ ଏହାକୁ ପାଉଁଶ ବର୍ଷା ବୋଲି କହିବା ସହ ଆତଙ୍କିତ ଅବସ୍ଥାରେ ଅଛନ୍ତି।

ଏ ସଙ୍କ୍ରାନ୍ତରେ ତିଲିଆ, ରମ୍ଭେଲା, କୁମ୍ଭାରବନ୍ଧ, ପିପିଲିକାନି ପଞ୍ଚାୟତ ବାସିନ୍ଦାଙ୍କ ପକ୍ଷରୁ ଗଠିତ ଆଞ୍ଚଳିକ ପରିବେଶ ସୁରକ୍ଷା କମିଟି, ପଞ୍ଚାୟତ ପ୍ରତିନିଧି ଓ ଅଞ୍ଚଳବାସୀ ଗତ ୨୨ ମେରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସମାନ ଅଭିଯୋଗ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଜଣେଇଛନ୍ତି। ଜିଲ୍ଲାସ୍ତରୀୟ ବୈଠକରେ ସାଂସଦ ଶ୍ରୀ ପୁରୋହିତ ଏକଥା କହି ସାରିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଖରେ ପ୍ରମାଣ ସହ ଅଭିଯୋଗ କରା ଯାଇଥିଲେ ମଧ୍ୟ ସାହାଜବାହାଲ ଜେଏସଡବ୍ଲ୍ୟୁ ପାୱାରପ୍ଲାଣ୍ଟ ସବୁ ଆଇନକୁ ଫୁ କରି ପ୍ଲାଣ୍ଟ ଚଳାଉଥିବା ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

## ଅଗଷ୍ଟ ୧ରେ 'ଛିରେ ନନି'



ଓଡ଼ିଆ ଚଳଚ୍ଚିତ୍ର ଜଗତର ସଫଳ ଓ ଅନୁଭବୀ ନିର୍ମାତା ସୀତାରାମ୍ ଅଗ୍ରୱାଲ୍ ନୂଆ କାହାଣୀ ଦ୍ୱାରା ଓଡ଼ିଆ ଚଳଚ୍ଚିତ୍ରକୁ ନୂତନ ଦିଗ ଦେଇଛନ୍ତି। ସେ ଏବେ ଆଉ ଏକ ଗଭୀର ତଥା ଭାବନାତ୍ମକ ପ୍ରେମ କାହାଣୀ 'ଛିରେ ନନି' ସହିତ ବଡ଼ ପରଦାକୁ ଫେରୁଛନ୍ତି। ଏହି ଚଳଚ୍ଚିତ୍ର ଅଗଷ୍ଟ ୧ ତାରିଖରେ ମୁକ୍ତିଲାଭ କରିବ। ଏହି ନୂତନ ପିଢ଼ିର ରୋମାଣ୍ଟିକ୍ ଫିଲ୍ମ ନିରୀହ ପ୍ରେମ, ଗ୍ରାମ୍ୟ ବାସ୍ତବତା ଓ ହୃଦୟ ବିଦାରକ ନାଟକୀୟତାକୁ ଏକତ୍ର କରି ଦେଖାଉଛି। ଯେଉଁଠି ପ୍ରେମ, ପରିବାର ଓ ଭାଗ୍ୟକୁ ଅସ୍ୱୀକାର କରେ। ସିଦ୍ଧାର୍ଥ ମ୍ୟୁଜିକ୍ ବ୍ୟାନର୍‌ରେ ଏହି ଚଳଚ୍ଚିତ୍ର ନିର୍ମିତ ହୋଇଛି। ଶିବାନୀ ସଙ୍ଗୀତା, ଶୈଳେନ୍ଦ୍ର ଓ ଦ୍ୱୀପନ୍ୱିତ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମ ତା'ର ବରିଷ୍ଠ କାହାଣୀ ଯୋଗୁଁ ଆରମ୍ଭରୁ ହିଁ ଚର୍ଚ୍ଚାରେ ରହିଛି। ତେବେ ସାରା ବିଶ୍ୱରେ ଚର୍ଚ୍ଚାରେ ଥିବା ଭାଇରାଲ ଗୀତ 'ଛିରେ ନନୀ'କୁ ଏଥିରେ ଦର୍ଶକ ନୂଆ ଭାବେ ଦେଖିବେ। ■

## ପ୍ରକୃତି-ଦ୍ୱୀପନ୍ୱିତ ଏକାଠି

ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ବିନ୍ଦୁ ସାଗର'। ପ୍ରଯୋଜକ ଶିଳାଦିତ୍ୟ ବୋରାଙ୍କ ପ୍ଲାଟୁନ୍ ୱାନ୍ ଫିଲ୍ମସ ଏହି ଫିଲ୍ମ ସହିତ ଓଡ଼ିଶାରେ ଡେବ୍ୟୁ କରିବ। ଏହି ସିନେମାରେ ପ୍ରକୃତି ମିଶ୍ର ଓ ଦ୍ୱୀପନ୍ୱିତ ଦାସମହାପାତ୍ର ଅଭିନୟ କରିଛନ୍ତି। ଏହି ଦୁଇ କଳାକାରଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ତା'ସହ ଏ ଦୁହିଁଙ୍କ ଯୋଡ଼ିକୁ ଲୋକେ କିଭଳି ପସନ୍ଦ କରୁଛନ୍ତି, ତାହାକୁ ଅପେକ୍ଷା ରହିଲା। ତେବେ ଏହି ଫିଲ୍ମ କିଭଳି ଯୁବବର୍ଗ, କର୍ମଜୀବୀ ଓ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆ ମାନଙ୍କୁ ଆକର୍ଷିତ କରିବ, ତାହା ଉପରେ ଦୃଷ୍ଟି ଦିଆଯିବ। ସେହିପରି ଏହି ଫିଲ୍ମ ପୁରାତନ ମୂଲ୍ୟବୋଧକୁ ପ୍ରମାଣିତ କରେ। କେବଳ ସେତିକି ନୁହେଁ, ନିଜ ମାଟି ସହିତ ଗଭୀର ଭାବେ ଜଡ଼ିତ ଏବଂ ଉତ୍କୃଷ୍ଟ ସଙ୍ଗୀତ ସହ ମିଶ୍ରିତ। ସିନେମାର ନିର୍ଦ୍ଦେଶନାରେ ଅଭିଷେକ ସ୍ୱାଇଁ ଅଛନ୍ତି। ଓଡ଼ିଶା ଓ ଲାଣ୍ଡନରେ ସୁଟିଂ ହୋଇଥିବା ଏହି ଫ୍ୟାମିଲି ଡ୍ରାମା ପ୍ରେମ ଓ ପରମ୍ପରାର ଏକ କାହାଣୀ ଉପରେ ପର୍ଯ୍ୟବସିତ। ରବିନ ଦାସ ଓ ସତ୍ୟ ରଞ୍ଜନଙ୍କୁ ମଧ୍ୟରେ ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ସାତଟି ଗୀତ ଥିବା ଏକ ଆଲବମ୍ ରହିବ। ନିଖିଳ ଚୌଧୁରୀ ଏମ୍‌ଡିସି ଫିଲ୍ମୱାର୍କସ ସହଭାଗିତାରେ ବିନୟ ରେଡ୍ଡି, ଶୁଭୋ ଶେଖର ଭଟ୍ଟାଚାର୍ଯ୍ୟଙ୍କ ସହ ମିଳିତ ଭାବେ ପ୍ରାୟୋଜିତ 'ବିନ୍ଦୁ ସାଗର'ର ନିର୍ଦ୍ଦେଶନା ଦେଇଛନ୍ତି ଅଭିଶେକ ସ୍ୱାଇଁ। ■



## "ଅଭିନେତା ହେବାକୁ କଠିନ ପରିଶ୍ରମ ଜରୁରି"

**ଚନ୍ଦ୍ରଶେଖର, ଅଭିନେତା**



**ବାପାଙ୍କ ମନରେ ଇଚ୍ଛା ଥିଲା ପୁଅ ଆଗଧାଡ଼ିର ଜଣେ ଅଭିନେତା ହେଉ। ବାପାଙ୍କ ସ୍ୱପ୍ନ ପୂରା କରିବାକୁ ପୁଅ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଡ୍ରାମରେ ୬ ବର୍ଷ ପାଠ ପଢ଼ି ଅନେକ ମଞ୍ଚରେ ଅଭିନୟ କରିଲେ। ଅଭିନୟ ପ୍ରତି ସେ ଗଭୀର ଭାବେ ଆକର୍ଷିତ ହୋଇଥିଲେ। ପ୍ରଥମେ ସେ ଓଡ଼ିଆ ଚଳଚ୍ଚିତ୍ରରେ ନିଜ ଭାଗ୍ୟ ପରୀକ୍ଷା କରିଥିଲେ। 'ଗୁଡ୍ଡୁ ଗ୍ୟାଙ୍ଗ ଷ୍ଟାର୍' ତାଙ୍କର ପ୍ରଥମ ସିନେମା। କିଛି ହାତଗଣତି ସିନେମାରେ ସେ ଅଭିନୟ ମଧ୍ୟ କରିଛନ୍ତି। ସିନେମାରୁ ଏତେଟା ଲୋକପ୍ରିୟତା ନ ମିଳୁବାରୁ ଧାରାବାହିକରେ କାମ କରିବାକୁ ଉଚିତ ଭାବିଲେ। ଏହି ଉଦୀୟମାନ କଳାକାର ଜଣକ ହେଉଛନ୍ତି ଖୋର୍ଦ୍ଧା ଗଡ଼ମାଣତୀରର ଚନ୍ଦ୍ରଶେଖର ରଣସିଂହ। ଏବେ ସେ 'ସାଥି ସାତ ଜନ୍ମର' ଧାରାବାହିକରେ ରବି ଭୂମିକାରେ ଅଭିନୟ କରୁଛନ୍ତି। ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ଚନ୍ଦ୍ରଶେଖରଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।**

**ମଞ୍ଚରୁ ଓଲିଉଡ୍ ଜଗତକୁ ଯାତ୍ରା କିପରି ଥିଲା?**

● ଗାଁ'ର ଡ୍ରାମାରେ ମୋ' ବାପା ଅଭିନୟ କରୁଥିଲେ। ସେତେବେଳେ ଖୋର୍ଦ୍ଧା ପିଏନ୍ କଲେଜରେ ସେ ଡ୍ରାମାଟିକ୍ ସେକେଟ୍ରାରୀ। ହେଲେ ବାପାଙ୍କ ସ୍ୱପ୍ନକୁ ଜେଜେବାପା ସାକାର କରି ନ ଥିଲ। ଫଳରେ ମୋ ଜରିଆରେ ବାପା ସ୍ୱପ୍ନ ପୂରା କରିବାକୁ ଚିନ୍ତା କରିଥିଲେ। ଏଥିପାଇଁ ସଙ୍ଗୀତ ମହାବିଦ୍ୟାଳୟର ଡ୍ରାମା ବିଭାଗରେ ୬ବର୍ଷର ପାଠ ପଢ଼ିଛି। ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ମଞ୍ଚ ନାଟକରେ ଅଭିନୟ କରିଛି। ଏବେ ଉତ୍କଳ ୟୁନିଭର୍ସିଟି ଅଫ୍ କଲ୍‌ଚରରେ 'ନାଟକ' ବିଭାଗରେ ସ୍ନାତକୋତ୍ତର କରୁଛି। ମଞ୍ଚ ନାଟକ ପାଇଁ ବହୁ ସ୍ଥାନରେ ସମ୍ମାନିତ ହୋଇଛି। ଅଭିଜ୍ଞତାକୁ ନେଇ ଫିଲ୍ମ ଲାଇନ୍‌କୁ ଆସିଥିଲି। 'ଗୁଡ୍ଡୁ ଗ୍ୟାଙ୍ଗଷ୍ଟାର୍' ମୋର ପ୍ରଥମ ଫିଲ୍ମ। ପରେ 'ବୋହୂକୁ ଲାଗିଛି ରିଲ୍ସ ଭୂତ', 'ତୋ ବିନୁ ଅନ୍ୟ ଗତି ନାହିଁ', 'ଡେଲିଭରି ବୟ' ଆଦି ସିନେମାରେ ଅଭିନୟ କରିଛି।

**ଧାରାବାହିକକୁ ଆସିବାକୁ କାହିଁକି ମନ ବଳାଇଲେ?**

● ସିନେମାରେ ଯେଉଁ ଚରିତ୍ରରେ କାମ କରିଲି ତାହା କେବଳ ଚିହ୍ନା ଲୋକ ଜାଣିପାରିଲେ। ଦର୍ଶକଙ୍କ ହୃଦୟରେ ନିଜ ପାଇଁ ଗୋଟିଏ ସ୍ଥାନ ତିଆରି କରିପାରିଲିନି। ଏପରି ସ୍ଥିତିରେ ମୁଁ 'ଧାରାବାହିକ'ରେ କାମ କରିବାକୁ ମନ ବଳାଇଲି। 'ସାଥି ସାତ ଜନ୍ମର'ରେ ନାୟକର ବନ୍ଧୁ ରବି ଭୂମିକାରେ ଅଭିନୟ କରୁଛି। ଖୁବ୍ କମ୍ ଦିନରେ ଦର୍ଶକଙ୍କ ଢ଼େର ସାରା ଭଲପାଇବା ପାଇଛି।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ?**

● ଅଭିନୟ ସମାନ। ହେଲେ ମଞ୍ଚରେ ଦର୍ଶକଙ୍କ ସାମ୍ନାରେ ଅଭିନୟ କରିବାକୁ ହୁଏ ଆଉ ଧାରାବାହିକରେ କ୍ୟାମେରା ସାମ୍ନାରେ କଟ୍ କଟ୍‌ରେ ଯିବାକୁ ହୁଏ। ପ୍ରଥମେ ଅଶୋକ ପତି ସାର୍‌ଙ୍କ ତତ୍ତ୍ୱାବଧାନରେ 'ଗୁଡ୍ଡୁ ଗ୍ୟାଙ୍ଗ ଷ୍ଟାର୍'ରେ କାମ ଆରମ୍ଭ କରିଥିଲି। ହେଲେ ଧାରାବାହିକ ସୁଟିଂ ପାଇଁ ପ୍ରତିଦିନ କ୍ୟାମେରା ସାମ୍ନାରେ ଅଭିନୟ କରିବାକୁ ହେଉଛି। ପ୍ରତିଦିନ ନୂଆ କଥା ଶିଖି ହୁଏ। ମୋ' ମତରେ ଧାରାବାହିକରେ କାମ କଲେ ପ୍ରତିଦିନ ଅଭିନୟ ମାର୍ଜିତ ହୁଏ।

**ସ୍କ୍ରିପ୍ଟ କେମିତି ମନେ ରଖନ୍ତି?**

● ମଞ୍ଚ ନାଟକ ପାଇଁ ସ୍କ୍ରିପ୍ଟ ପଢ଼ୁ। ସଂଳାପ ବେଶ୍ ସହଜରେ ମନେ ରହିଯାଏ। ମଞ୍ଚରେ ସଂଳାପରେ ଛନ୍ଦି ହେଲେ ବି ସହକଳାକାରଙ୍କ ସହିତ ଭଲ ସମ୍ପର୍କ ଥିବାରୁ ତାହା ଆଡ୍‌ଜେଷ୍ଟ ହୋଇଯାଏ। ଧାରାବାହିକ ପାଇଁ ପ୍ରତିଦିନ ଅଭ୍ୟାସ କରିବାକୁ ହୁଏ। ଏହାବାଦ୍ ମୋ ରୁମ୍‌ରେ ଜୁନିୟର୍ ଓ ମୋ ସାଙ୍ଗଙ୍କ ସହ ଅଭ୍ୟାସ କରେ। ଅଭିନୟ ସମ୍ପର୍କିତ ଭିଡିଓ ଦେଖେ।

**ଅଭିନୟ ଆଉ ପଠା ଭିତରେ କେମିତି ସମନ୍ୱୟ ରଖନ୍ତି?**

● ଧାରାବାହିକରେ କାମ କରିବା ପରଠାରୁ ଆଉ ନାଟକ କରିନାହିଁ। ଅଭିନୟରୁ ସମୟ ମିଳିଲେ ମୁଁ ପାଠ ପଢ଼େ।

**ସ୍ମରଣୀୟ ମୁହୂର୍ତ୍ତ?**

● ସଙ୍ଗୀତ ମହାବିଦ୍ୟାଳୟକୁ ଡ୍ରାମ ପାଠ ପଢ଼ିବାକୁ ଆସିଥାଏ। ନାଟକ ଶିଖିବା ମୋର ଲକ୍ଷ୍ୟ ଥିଲା। ହେଲେ ପ୍ରଥମ କ୍ଲାସରେ ସାଧାରଣ ବିଷୟ ବସ୍ତୁ ଯଥା- ଇତିହାସ, ଅର୍ଥନୀତି, ସାଧାରଣ ଜ୍ଞାନ ଆଦି ପଢ଼ିବାକୁ କୁହାଯିବାରୁ ମୁଁ ପୂରା ସ୍ତବ୍ଧ। ଜାଣିଲି ପାଠ ସହିତ ନାଟକ ପଢ଼ିବାକୁ ହୁଏ। ସେ ସମୟର ଅନୁଭୂତି ସବୁବେଳେ ପାଇଁ ସ୍ୱତନ୍ତ୍ର।

**ଆଗାମୀ ଯୋଜନା?**

● ଧାରାବାହିକରେ ମୁଖ୍ୟ ଚରିତ୍ରରେ କାମ କରିବାକୁ ଯୋଜନା ରହିଛି।

**ଅଭିନୟକୁ ଯେଉଁମାନେ ଆସୁଛନ୍ତି, ସେମାନଙ୍କୁ କ'ଣ କହିବେ?**

● ମୋ ମତରେ ଯେଉଁମାନେ ଛୋଟରୁ ବଡ଼ ହୋଇଛନ୍ତି, ସେମାନେ ହୁଏତ ବିଳମ୍ବରେ କାମ ପାଆନ୍ତି। ତେବେ ଯେଉଁ କାମ ସେ ପାଇବେ ସେ କାମରେ ଜୀବନସାରା ରହିବେ। ହେଲେ କିଛି ନ କରି ରାତାରାତି ଷ୍ଟାର୍ ହେଲେ ବହୁତ ଶୀଘ୍ର ଉଠି ବହୁତ ଶୀଘ୍ର ପଡ଼ିବାର ଅନେକ ଉଦାହରଣ ରହିଛି। ତେଣୁ ଜୀବନରେ ସବୁବେଳେ ଅଭିନେତା ହେବାକୁ କଠିନ ପରିଶ୍ରମ ଓ ଧୈର୍ଯ୍ୟ ରଖିବା ଜରୁରି। ■

## ସନ୍ ଅଫ୍ ସର୍ଦ୍ଦାର-୨ର ଟ୍ରେଲର ରିଲିଜ୍

ବଲିଉଡ୍‌ର ଆକ୍ସନ ଅଭିନେତା ଅଜୟ ଦେବଗନ 'ସନ୍ ଅଫ୍ ସର୍ଦ୍ଦାର-୨' ସିନେମାକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହାର ପ୍ରଥମ ଟ୍ରେଲର ରିଲିଜ୍ ହୋଇସାରିଥିବା ବେଳେ ଇତିମଧ୍ୟରେ ଏହାର ଦ୍ୱିତୀୟ ଟ୍ରେଲରକୁ ବି ରିଲିଜ୍ କରାଯାଇଛି। ଏହି ଟ୍ରେଲର ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ପ୍ରଦାନ କରିଛି। ବିଶେଷକରି ଦର୍ଶକେ ହସିବା ସହ ଇମୋସନ୍ ଓ ଆକ୍ସନକୁ ମଧ୍ୟ ଏଥିରେ ଦେଖିବାକୁ ପାଇଛନ୍ତି। ସେହିପରି ଟ୍ରେଲରର ଆରମ୍ଭ ଅଜୟଙ୍କ ଚରିତ୍ରରୁ ହୋଇଛି। ଏଥିରେ ସେ ଟ୍ରାକ୍ଟର ଚଳାଉଥିବା ନଜର ଆସିଛନ୍ତି। ଏଥିରେ ସେ ବାହା ହୋଇ ଖୁସି ଥିବା ଦେଖିବାକୁ ମିଳିଛି। ହେଲେ ବାହାଘରର ଦିନ କେଇଟା ପରେ ତାଙ୍କ ପତ୍ନୀ ଛାଡ଼ପତ୍ର ମାଗିଛନ୍ତି। ଏଇଠୁ ଆରମ୍ଭ ହେଇଛି ଅଜୟଙ୍କ ଜୀବନର ଅସଲ କାହାଣୀ। ଏହାସହ କିଭଳି ଗୋଟିଏ ପରେ ଗୋଟିଏ ଅସୁବିଧା ସାମ୍ନାକୁ ଆସୁଛି, ତାହା ମଧ୍ୟ ଦେଖିବାକୁ ମିଳିଛି। ସେହିପରି ଟ୍ରେଲର ଶେଷରେ ଅଜୟଙ୍କ ଆକ୍ସନ ରୂପ ଅଛି। ଲୋକେ ଏହି ଟ୍ରେଲରକୁ ଖୁବ୍ ପସନ୍ଦ ମଧ୍ୟ କରିଛନ୍ତି। ତେବେ ସିନେମାଟି ଜୁଲାଇ ୨୫ରେ ମୁକ୍ତିଲାଭ କରିଥାନ୍ତା, କିନ୍ତୁ ଏବେ ଏହା ଅଗଷ୍ଟ ୧ ତାରିଖରେ ପ୍ରେକ୍ଷାଳୟକୁ ଆସିବ। ■



## ଟେଲିଭିଜନ ପ୍ରିମିୟରରେ 'ଫାଷ୍ଟ ଲଭ୍'



ଜୁଲାଇ ୨୭ ତାରିଖ ରବିବାର ସନ୍ଧ୍ୟା ୬ଟା ୩୦ରେ ଜି ସାର୍ଥକରେ ଟେଲିଭିଜନ ପ୍ରିମିୟର୍ ହେବ ନୂଆ ଓଡ଼ିଆ ସିନେମା 'ଫାଷ୍ଟ୍ ଲଭ୍'। ଏକ ରୋମାଣ୍ଟିକ ଲଭ୍ ଷ୍ଟୋରିକୁ ଆଧାର କରି ସିନେମାଟି ନିର୍ମିତ। ଜୀ ସାର୍ଥକ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ର ରଜରେ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିଲା। ଯାହାକୁ ଏବେ ଦର୍ଶକେ ଟେଲିଭିଜନରେ ଦେଖିପାରିବେ। ମୁଖ୍ୟତଃ ବଡ଼ ପରଦାରେ ଦେଖିପାରି ନ ଥିବା ଦର୍ଶକେ ଏବେ ଏହାକୁ ଦେଖିବାର ସୁଯୋଗ ପାଇବେ। ରେଞ୍ଜି ରୟାଲ ସିନେ ଲାବ୍ ବ୍ୟାନର ଏବଂ ଜୀ ସାର୍ଥକ ସହଯୋଗିତାରେ ଫାଷ୍ଟ ଲଭ୍ ଚଳଚ୍ଚିତ୍ରକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶ୍ରୀଧର ମାର୍ଥା ଏବଂ କିଶୋର ନାୟକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଅଭିଷେକ ମିତ୍ର। ସଂଳାପ ରଚନା କରିଛନ୍ତି ଡଃ ନିର୍ମଳ ନାୟକ। ଏହାର ଗୀତଗୁଡ଼ିକକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥି, ସାନ୍ତୋଜିତ ଚାଟାର୍ଜୀ, ନବ୍‌ସ ଏବଂ ସରୋଜ। ଗୀତଗୁଡ଼ିକରେ ସ୍ୱର ଦେଇଛନ୍ତି ବଲିଉଡ୍ ଓ ଓଲିଉଡ୍‌ର ସୁନାମଧନ୍ୟ ଗାୟକ ଜାଭେଦ ଅଲି, ହ୍ୟୁମାନ ସାଗର, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ଗୌରବ ଆନନ୍ଦ ଓ କୁଳଦୀପ ପଟ୍ଟନାୟକ। କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଅମିତ ନାୟକ, ଗିରିଶ ମହାନ୍ତି ଓ ଦିବ୍ୟ। ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଶୈଳେନ୍ଦ୍ର ଏବଂ ଦିବ୍ୟାଙ୍କ ସମେତ ଚୌଧୁରୀ ଜୟ ପ୍ରକାଶ ଦାସ, ଉଷସୀ ମିଶ୍ର, ଶୁଭ୍ରାଂଶୁ ନାୟକ, ମିଲି ମହାନ୍ତି, ବୁଲୁ ପଣ୍ଡା ପ୍ରମୁଖ ଅଛନ୍ତି। ଓଡ଼ିଆ ଯୁବଦର୍ଶକଙ୍କ ପସନ୍ଦକୁ ଧ୍ୟାନରେ ରଖି ଏକ ନୂଆ ସ୍ୱାଦର ନିଆରା ପ୍ରେମ କାହାଣୀକୁ ନେଇ 'ଫାଷ୍ଟ ଲଭ୍' ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ■

**ପରଦା ପଛର କାହାଣୀ**

## ପ୍ରଥମ 'ସୁପରମ୍ୟାନ୍' ହିନ୍ଦୀ ଫିଲ୍ମ




ସାଧାରଣତଃ ସୁପରମ୍ୟାନ୍ ସିନେମା କହିଲେ ହଲିଉଡ୍ ଫିଲ୍ମ 'ସ୍ପାଇଡରମ୍ୟାନ୍', 'ସୁପରମ୍ୟାନ୍' ସାମ୍ନାକୁ ଆସିଥାଏ। ୧୯୭୮ ମସିହାରେ ହଲିଉଡ୍‌ରେ 'ସୁପରମ୍ୟାନ୍' ଫିଲ୍ମ ମୁକ୍ତିଲାଭ କରିଥିଲା। ତାହା ସୁପରହିଟ୍ ହୋଇଥିଲା। ତେବେ ଭାରତରେ ଏହି ଫିଲ୍ମର ୧୮ ବର୍ଷ ପୂର୍ବେ 'ସୁପରମ୍ୟାନ୍' ଫିଲ୍ମ ନିର୍ମାଣ ହୋଇଥିଲା। ଏଥିରେ ମହିଳା ଅଭିନେତ୍ରୀ ନିରୂପା ରାୟ ସୁପରମ୍ୟାନ୍ ଭୂମିକାରେ ଅଭିନୟ କରିଥିଲେ। ଯାହାଙ୍କୁ ପରବର୍ତ୍ତୀ ସମୟରେ ଦର୍ଶକେ ମାଆ ଚରିତ୍ର ପାଇଁ ଜାଣିଥିଲେ। ୧୯୬୦ରେ ମୁକ୍ତିଲାଭ କରିଥିବା ଶାନ୍ତିନାମ୍ନୀ ଜଣେ ଝିଅକୁ କେନ୍ଦ୍ର କରି ଏହି ଫିଲ୍ମର କାହାଣୀ ପର୍ଯ୍ୟବସିତ। ଯିଏ କି ପିଲାଦିନରୁ ମାଆଠାରୁ ଅଲଗା ହୋଇଯାଇଥିଲା। ଫଳରେ ତାକୁ ଜଣେ ବୈଜ୍ଞାନିକ ନିଜ ପାଖରେ ରଖି ଲାଳନ ପାଳନ କରିଥିଲେ। ବୈଜ୍ଞାନିକ ଏକ ଅମର ସିରମ୍ ଆବିଷ୍କାର କରିଥିଲେ। ଯାହାକୁ ଦେହରେ ଲଗାଇଲେ ଜଣେ ବ୍ୟକ୍ତି ଅମର ହୋଇଯିବେ। ସେହି ସିରମ୍‌କୁ ସେ ଶାନ୍ତିକୁ ଲଗାଇ ଦିଅନ୍ତି। ଏହାଦ୍ୱାରା ଶାନ୍ତି (ନିରୂପା ରାୟ) ସୁପରମ୍ୟାନ୍ ହୋଇଯାଆନ୍ତି। ଅବଶ୍ୟ ଫିଲ୍ମଟି ସେତେ ଲୋକାଦୃତ ହୋଇପାରି ନଥିଲା। ତେବେ ଏଥିରେ ନିରୂପା ରାୟ ଏକ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିଥିଲେ। ନିରୂପା ରାୟଙ୍କୁ ଫିଲ୍ମରେ ଦର୍ଶକେ କାନ୍ଦିବାର ଦେଖିଥିଲେ। ସେହିପରି ସେ ଅଧିକାଂଶ ଫିଲ୍ମରେ ଅମିତାଭ ବଚ୍ଚନଙ୍କ ମାଆ ଭୂମିକାରେ ଅଭିନୟ କରିଛନ୍ତି। ତେଣୁ ତାଙ୍କୁ ଅମିତାଭଙ୍କ ମାଆ ବୋଲି ମଧ୍ୟ କୁହାଯାଉଥିଲା। କିନ୍ତୁ ସୁପରମ୍ୟାନ୍ ଭୂମିକାରେ ଅଭିନୟ କରି ସେ ସମସ୍ତଙ୍କୁ ଚମତ୍କୃତ କରିଥିଲେ। ନିରୂପା ରାୟ ଜଣେ ଅଭିନେତ୍ରୀ ଭାବରେ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। କ୍ୟାରିୟର ପ୍ରାରମ୍ଭରେ ସେ ନାୟିକା ଭାବେ ଅଭିନୟ କରିଥିଲେ। ତେବେ ତାଙ୍କୁ ମାଆ ଚରିତ୍ରରୁ ପରିଚୟ ମିଳିଥିଲା। ସେ ୧୯୪୬ ମସିହାରେ ନିର୍ମିତ ଫିଲ୍ମ 'ଅମର ରାଜା'ରେ ମାଧ୍ୟମରେ ଫିଲ୍ମ ଦୁନିଆରେ ପାଦ ଥାପିଥିଲେ। ଏହାପରେ ସେ 'ଉଦ୍ଧାର', 'ଦି ବିଘା ଜମିନ୍', 'ଚାଲ୍‌ବାଜ୍', 'ଦୁଲ୍‌ହନ୍' ଆଦି ଫିଲ୍ମରେ ନଜର ଆସିଥିଲେ। ■

# ଲୋକସଭାରେ ଆଗତ ହେଲା ଜାତୀୟ କ୍ରୀଡ଼ା ପ୍ରଶାସନ ବିଧେୟକ

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଲୋକସଭାରେ ବୁଧବାର ନ୍ୟାସନାଲ ସ୍ପୋର୍ଟ୍ସ ଗଭର୍ଣ୍ଣାନ୍ସ ବିଲ୍ ବା ଜାତୀୟ କ୍ରୀଡ଼ା ପ୍ରଶାସନ ବିଧେୟକ ଆଗତ ହୋଇଛି। ଏହାକୁ ଆଇନ୍‌ରେ ପରିଣତ କରିବାକୁ ଆହୁରି କିଛି ସମୟ ଅପେକ୍ଷା କରିବାକୁ ହେବ। ଏହି ବିଲ୍ ଆଗତ ହେବା ସହ ଭାରତର କ୍ରୀଡ଼ା ପ୍ରଶାସନ ଏକ ନୂଆ ରୂପ ଓ ଦିଗ ନେବ। ଏହା ଦ୍ୱାରା କ୍ରୀଡ଼ା ପ୍ରଶାସନରେ ନୂଆ ସଂସ୍କାର ଆସିବା ସହ ଆହୁରି ସ୍ୱଚ୍ଛ ହେବ ଓ ପୁରୁଣା ଦୋଷ ତ୍ରୁଟିରେ ସୁଧାର ଆସିବ ବୋଲି ଆଶା କରାଯାଉଛି। ଏହି ବିଲ୍ ଆଇନ୍‌ରେ ପରିଣତ ହେଲେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ଏହାର ପରିସରଭୁକ୍ତ ହେବ ବୋଲି କୁହାଯାଉଛି। କ୍ରୀଡ଼ା ସଂଘଗୁଡିକର ଅଧ୍ୟକ୍ଷ, ମହାସଚିବ ଓ କୋଷାଧ୍ୟକ୍ଷଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଜଣେ ବ୍ୟକ୍ତି କେବଳ କ୍ରମାଗତ ୩ଥର (୧୨ ବର୍ଷ) ପାଇଁ ଦାୟିତ୍ୱରେ ରହିପାରିବେ ଓ ଏହାଠାରୁ ଅଧିକ ସମୟ ଦାୟିତ୍ୱରେ ରହିପାରିବେ ନାହିଁ। ସେହିପରି ସର୍ବୋଚ୍ଚ ବୟସକୁ ୭୦ ବର୍ଷ ରଖାଯିବ। କିନ୍ତୁ ଯଦି ଅନ୍ତର୍ଜାତୀୟ ନିୟମ ଅନୁମତି ଦେବ, ତେବେ ନାମାଙ୍କନ ବେଳେ ବୟସ ୭୫ ବର୍ଷକୁ ବୃଦ୍ଧି କରିହେବ। ସେହିପରି ଯେକୌଣସି କ୍ରୀଡ଼ା ସଂସ୍ଥାର କାର୍ଯ୍ୟକାରୀ କମିଟିର ସଦସ୍ୟ ସଂଖ୍ୟା ଅତିବେଶୀରେ ୧୫ ହେବ। ଏହି ବିଲ୍ ଦ୍ୱାରା ଜାତୀୟ କ୍ରୀଡ଼ା ବୋର୍ଡ, ଜାତୀୟ କ୍ରୀଡ଼ା ନ୍ୟାୟାଧିକରଣ, ଜାତୀୟ କ୍ରୀଡ଼ା ନିର୍ବାଚନ ପ୍ୟାନେଲ, ସୂଚନା ଅଧିକାର ନିୟମରେ ମଧ୍ୟ ଏକାଧିକ ସଂସ୍କାର ହେବା ନିଶ୍ଚିତ ମନେ ହେଉଛି। ଏହି ବିଲ୍ ଆଇନ୍‌ରେ ପରିଣତ ହେଲେ ବିସିସିଆଇ ଭଳି ଏକାଧିକ କ୍ରୀଡ଼ା ପ୍ରଶାସନ ସଂସ୍ଥା କିଭଳି ଆଭିମୁଖ୍ୟ ଗ୍ରହଣ କରିବେ ତାହା ଦେଖିବାକୁ ବାକି ରହିଲା।

## ଇଞ୍ଜିନିୟର, ଲୟଡ୍‌ଙ୍କ ନାମରେ ନାମିତ ହେଲା ଷ୍ଟାଣ୍ଡ



ମାଞ୍ଚେଷ୍ଟର, ୨୩।୭ (ଏଜେନ୍ସି): ପୂର୍ବତନ ଭାରତୀୟ ୱିକେଟ୍‌କିପର ଫାରୁକ୍ ଇଞ୍ଜିନିୟର ଓ ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ କ୍ରିକେଟର୍ କ୍ଲାଇଭ ଲୟଡ୍‌ଙ୍କୁ ବୁଧବାର ଏଠାରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହୋଇଥିବା ୪ର୍ଥ ଟେଷ୍ଟ ପୂର୍ବରୁ ସ୍ଥାନୀୟ ଲଙ୍କାଶାୟର କ୍ରିକେଟ୍ କ୍ଲବ ଉଭୟ ଇଞ୍ଜିନିୟର ଓ ଲୟଡ୍‌ଙ୍କ ନାମରେ ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମର ୨ଟି ଷ୍ଟାଣ୍ଡକୁ ନାମିତ କରିଛି। ଉଲ୍ଲେଖଯୋଗ୍ୟ, ୮୭ ବର୍ଷୀୟ ଇଞ୍ଜିନିୟର ୧୯୬୦ରୁ ୭୦ ଦଶକ ମଧ୍ୟରେ ଭାରତ ପାଇଁ ୪୬ ଟେଷ୍ଟ ଓ ୫ ଦିନିକିଆ ମ୍ୟାଚ୍ ଖେଳି ଯଥାକ୍ରମେ ୨୬୧୧ ଓ ୧୧୪ ରନ କରିଥିଲେ। ସେହିଭଳି ୧୯୬୮ରୁ ୧୯୭୬ ପର୍ଯ୍ୟନ୍ତ ସେ କାଉଣ୍ଟି କ୍ଲବ ଲଙ୍କାଶାୟର ପାଇଁ ୧୭୫ ମ୍ୟାଚ୍ ଖେଳି ୫୯୪୨ ରନ ସହ ୪୨୯ କ୍ୟାଚ୍ ଓ ୩୫ ଷ୍ଟମ୍ପିଂ କରିଥିଲେ। ଅବସର ପରଠାରୁ ଫାରୁକ ମାଞ୍ଚେଷ୍ଟରରେ ରହିଆସୁଛନ୍ତି। ଅପରପକ୍ଷରେ ୮୦ ବର୍ଷୀୟ ଲୟଡ୍ ୭୦ ଦଶକ ପ୍ରାରମ୍ଭରେ ଲଙ୍କାଶାୟର ପାଇଁ ମ୍ୟାଚ୍ ଖେଳିଥିଲେ।

### ଚତୁର୍ଥ ଟେଷ୍ଟ: ପ୍ରଥମ ଦିବସ

# ଜୟସ୍ୱାଲ୍, ସାଇଙ୍କ ଅର୍ଦ୍ଧଶତକ; ଭାରତ ୨୬୪/୪

ମାଞ୍ଚେଷ୍ଟର, ୨୩।୭ (ଏଜେନ୍ସି):

ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ବୁଧବାରଠାରୁ ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଚଳିତ ଟେଷ୍ଟ ସିରିଜର ୪ର୍ଥ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଭାରତ ଯଶସ୍ୱୀ ଜୟସ୍ୱାଲ ଓ ସାଇ ସୁଦର୍ଶନଙ୍କ ଅର୍ଦ୍ଧଶତକ ବଳରେ ଷ୍ଟମ୍ପ ସୁଦ୍ଧା ୮୩ ଓଭରରେ ୪ ୱିକେଟ୍ ହରାଇ ୨୬୪ ରନ କରିଛି। ଏହି ସମୟରେ ରବୀନ୍ଦ୍ର ଜାଡେଜା ଓ ଶାର୍ଦ୍ଦୁଳ ଠାକୁର ୧୯ ରନ ଲେଖାଏ କରି ବ୍ୟାଟିଂ କରୁଛନ୍ତି। ଘରୋଇ ଦଳ ପକ୍ଷରୁ ଅଧିନାୟକ ବେନ୍ ଷ୍ଟୋକ୍ସ ସର୍ବାଧିକ ୨ଟି ୱିକେଟ୍ ନେଇଛନ୍ତି। ଇଂଲଣ୍ଡ ଏହି ସିରିଜରେ ୨-୧ରେ ଅଗ୍ରଣୀ ରହିଛି। ତେଣୁ ଭାରତ ଏହି ମ୍ୟାଚ୍ ଜିତି ସିରିଜକୁ ବରାବର୍ ସ୍ଥିତିକୁ ଆଣିବାକୁ ଲକ୍ଷ୍ୟ ରଖିଛି।


**ବିଶ୍ୱର ପ୍ରଥମ ୱିକେଟ୍‌କିପର ଭାବେ ପନ୍ତଙ୍କ ୧୦୦୦ ରନ୍ ପୂରଣ**

ଏହି ମ୍ୟାଚ୍‌ରେ ଇଂଲଣ୍ଡ ଅଧିନାୟକ ଷ୍ଟୋକ୍ସ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଭାରତର ଦୁଇ ଓପନର୍ ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ ବେଶ୍ ସତର୍କତାର ସହ ପାଳି ଆରମ୍ଭ କରିଥିଲେ। ଉଭୟ ଓପନିଂ ୱିକେଟ ଭାଗୀଦାରିରେ ୯୨ ରନ ସଂଗ୍ରହ କରି ଦଳକୁ ଦୃଢ଼ ପ୍ରାରମ୍ଭ ଦେଇଥିଲେ। ତେବେ ୪୬ ରନ କରିଥିବାବେଳେ ରାହୁଲଙ୍କୁ ସ୍ଲିପ୍ ଅଞ୍ଚଳରେ ଆଉଟ୍ କରି କ୍ରିସ ୱକ୍ସ ଘରୋଇ ଦଳକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଏହିକ୍ରମରେ ରାହୁଲ ବିଦେଶ ମାଟିରେ ଓପନର୍ ଭାବେ ଟେଷ୍ଟରେ ୧୦୦୦ ରନ ପୂରଣ କରିଥିଲେ। ଏହି ମାଇଲଖୁଣ୍ଟ ହାସଲ କରିବାରେ ସେ ସୁନିଲ ଗାଭାସ୍କରଙ୍କ ପରେ ଦ୍ୱିତୀୟ ଭାରତୀୟ ଓପନର୍ ହୋଇଛନ୍ତି। ଗାଭାସ୍କର ୩ଟି ଦେଶ ୱେଷ୍ଟଇଣ୍ଡିଜ (୧୪୦୪ ରନ), ଇଂଲଣ୍ଡ (୧୧୫୨) ଓ ପାକିସ୍ତାନ (୧୦୦୧ ରନ) ମାଟିରେ ଓପନର୍ ଭାବେ ହଜାରେରୁ ଉର୍ଦ୍ଧ୍ୱ ରନ କରିଥିଲେ।

ରାହୁଲଙ୍କ ଆଉଟ୍ ପରେ ଲୟରେ ଖେଳୁଥିବା ଜୟସ୍ୱାଲ୍ ମଧ୍ୟ ଅର୍ଦ୍ଧଶତକ ପୂରଣ କରି ପ୍ୟାଭିଲିୟନ ଫେରିଥିଲେ। ୮ ବର୍ଷ ପରେ ଇଂଲଣ୍ଡ ଟେଷ୍ଟ ଦଳକୁ ଫେରିଥିବା ବାମହାତୀ ସ୍ପିନର ଲିଆମ ଡସନଙ୍କ ବଳରେ ଜୟସ୍ୱାଲ୍ କ୍ୟାଚ୍ ହୋଇଥିଲେ। ସେ ୧୦ ଚୌକା ଓ ୧ ଛକା ସହ ୧୦୭ ବଲରେ ୫୮ ରନ କରିଥିଲେ। ତାଙ୍କୁ ଆଉଟ୍ କରିଥିବା ଡସନ ଦୀର୍ଘ ୨୯୨୮ ଦିନର ବ୍ୟବଧାନ ପରେ ଟେଷ୍ଟ ୱିକେଟ୍ ନେଇଛନ୍ତି। ସେ ନିଜର ଶେଷ ଟେଷ୍ଟରେ ୨୦୧୭ରେ ହାସିମ ଆମଲାଙ୍କୁ ଆଉଟ୍ କରିଥିଲେ। ଏହାପରେ କ୍ରିଜ୍‌କୁ ଆସିଥିବା ଅଧିନାୟକ ଶୁବମନ ଗିଲ୍ କିନ୍ତୁ ନିରାଶ କରିଥିଲେ। ମାତ୍ର ୧୨ ରନ କରିଥିବାବେଳେ ପ୍ରତିପକ୍ଷ ଅଧିନାୟକ ଷ୍ଟୋକ୍ସଙ୍କ ବଳରେ ଗିଲ୍ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ତେବେ ୪ର୍ଥ ୱିକେଟ୍ ଭାଗୀଦାରିରେ ଋଷଭ ପନ୍ତ ଓ ସାଇ ସୁଦର୍ଶନ ଦଳୀୟ ସ୍କୋରକୁ ୨୦୦ ରନ ଅତିକ୍ରମ କରାଇଥିଲେ। କିନ୍ତୁ ୬୮ତମ ଓଭରରେ ୱକ୍ସଙ୍କୁ ସଟ୍ ମାରିବାକୁ ଯାଇ ପନ୍ତ ବ୍ୟାଟ୍‌କୁ ନିଜ ଡାହାଣ ଗୋଡ଼ ପାଦରେ ବାଡ଼େଇ ଦେଇଥିଲେ। ଫଳରେ ଗୁରୁତର ଆଘାତ ପାଇଁ ସେ ୩୭ ରନରେ ରିଟାୟାର୍ଡ ହର୍ଟ ହୋଇଥିଲେ। ଏହିକ୍ରମରେ ପନ୍ତ ବିଶ୍ୱର ପ୍ରଥମ ୱିକେଟ୍‌କିପର ଭାବେ ଇଂଲଣ୍ଡ ମାଟିରେ ଟେଷ୍ଟରେ ୧୦୦୦ ରନ ସଂଗ୍ରହ କରିଛନ୍ତି। ସେହିଭଳି ସୁଦର୍ଶନ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ହାସଲ କରି ୬୧ ରନରେ ଷ୍ଟୋକ୍ସଙ୍କ ବଳରେ ଆଉଟ୍ ହୋଇଥିଲେ। ଏହି ମ୍ୟାଚ୍ ଖେଳି ହରିୟାଣା ଦ୍ରୁତ ବୋଲର ଅଂଶୁଲ କାମ୍ବୋଜ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିଛନ୍ତି।



କ୍ରିସ୍ ୱକ୍ସଙ୍କ ବଲ୍‌ରେ ଭାଙ୍ଗି ଯାଇଥିବା ବ୍ୟାଟ୍‌କୁ ଦେଖୁଛନ୍ତି ଜୟସ୍ୱାଲ



ଟେଷ୍ଟ କ୍ୟାପ୍ ସହ ପଦାର୍ପଣକାରୀ ଅଂଶୁଲ କାମ୍ବୋଜ୍

**ସଂକ୍ଷିପ୍ତ ସ୍କୋର**

ଭାରତର ପ୍ରଥମ ପାଳି: ୨୬୪/୪, ୮୩ ଓଭର (ପନ୍ତ-ରିଟାୟାର୍ଡ ହର୍ଟ-୩୭, ସୁଦର୍ଶନ-- ୬୧, ରାହୁଲ-୪୬, ଜୟସ୍ୱାଲ- ୫୮, ଗିଲ୍- ୧୨, ଶାର୍ଦ୍ଦୁଳ-୧୯*, ଜାଡେଜା-୧୯*, ଷ୍ଟୋକ୍ସ- ୨/୪୫)।

# ରସେଲ୍‌ଙ୍କ ବିଦାୟୀ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ପରାସ୍ତ



**କିଙ୍ଗସଟନ, ୨୩।୭ (ଏଜେନ୍ସି):** ୱେଷ୍ଟଇଣ୍ଡିଜ ଅଲ୍‌ରାଉଣ୍ଡର ଆନ୍ଦ୍ରେ ରସେଲଙ୍କ ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟର ସମାପ୍ତ ହୋଇଛି। ଅଷ୍ଟ୍ରେଲିଆ ବିପକ୍ଷ ୨ୟ ଟି-୨୦ ମ୍ୟାଚ୍ ଖେଳି ରସେଲ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିଛନ୍ତି। ବୁଧବାର ସକାଳେ ଖେଳାଯାଇଥିବା ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଫଳରେ ଘରୋଇ ଦର୍ଶକଙ୍କ ସାମ୍ନାରେ ଖେଳିଥିବା ୩୭ ବର୍ଷୀୟ ରସେଲ ନିଜର ଶେଷ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିପାରି ନ ଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ୩ ୱିକେଟ୍‌ରେ ଜିତିଥିବା ଅଷ୍ଟ୍ରେଲିଆ ୨-୦ରେ ସିରିଜ ଅଗ୍ରଣୀ ରହିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ୩ୟ ଟି-୨୦ ଶନିବାର ସକାଳେ ଖେଳାଯିବ।

ଦ୍ୱିତୀୟ ଟି-୨୦ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ୱେଷ୍ଟଇଣ୍ଡିଜ ୮ ୱିକେଟ୍‌ରେ ୧୭୨ ରନ କରିଥିଲା। ଦଳ ପକ୍ଷରୁ ଓପନର୍ ବ୍ରାଣ୍ଡନ କିଙ୍ଗ୍ ସର୍ବାଧିକ ୫୧ ରନ କରିଥିଲେ। ବିଦାୟୀ ମ୍ୟାଚ୍ ଖେଳୁଥିବା ରସେଲ ୪ ଛକା ଓ ୨ ଚୌକା ସହ ୧୫ ବଲରୁ ୩୬ ରନ କରି ଅପରାଜିତ ରହିଥିଲେ। ଲେଗ୍-ସ୍ପିନର ଆଦାମ ଜାମ୍ପା ଅଷ୍ଟ୍ରେଲିଆ ପାଇଁ ସବୁଠୁ ସଫଳ ବୋଲର ରହିଥିଲେ। ସେ ୩ଟି ଏବଂ ଗ୍ଲେନ ମ୍ୟାକ୍ସୱେଲ୍ ଓ ନାଥନ ଏଲିସ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଜୋଶ୍ ଇଂଲିଶ (୭୮) ଓ କାମେରନ ଗ୍ରୀନ (୫୬)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୧୫.୨ ଓଭରରେ ୨ ୱିକେଟ୍ ହରାଇ ସହଜରେ ବିଜୟୀ ହୋଇଥିଲା। ଇଂଲିଶ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ରସେଲଙ୍କୁ ଏକ ସ୍ୱତନ୍ତ୍ର ଉପହାର ସହ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୁଇ ଦୁଇଥର ଟି-୨୦ ବିଶ୍ୱକପ୍ ବିଜୟୀ ୱେଷ୍ଟଇଣ୍ଡିଜ ଦଳର ସଦସ୍ୟ ରହିଥିବାରୁ ଏହାକୁ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ମୁହୂର୍ତ୍ତ ବୋଲି ରସେଲ କହିଛନ୍ତି।

**ରସେଲଙ୍କ କ୍ୟାରିୟର**

| ଫର୍ମାଟ୍ | ମ୍ୟାଚ୍ | ରନ୍ | ୱିକେଟ୍ | ୫୦/୧୦୦ |
|---|---|---|---|---|
| ଟେଷ୍ଟ | ୧ | ୨ | ୧ | ୦/୦ |
| ଦିନିକିଆ | ୫୬ | ୧୦୩୪ | ୭୦ | ୪/୦ |
| ଟି-୨୦ | ୮୬ | ୧୧୨୨ | ୬୧ | ୩/୦ |

**ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

# ସେମିରେ ଅନିମେଶ, ପର୍‌ଣୀତ୍



**ଭୁବନେଶ୍ୱର, ୨୩।୭ (ସମିସ):** ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଭାରତର ତାରକା ଧାବକ ଅନିମେଶ କୁଜୁର ପୁରୁଷ ୨୦୦ ମିଟର ରେସରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ଏହି ରେସ୍‌ରେ ଅନିମେଶ ନିଜ ହିଟ୍ସରେ ୨୧.୧୬ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଏଥିସହ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ। ଅପରପକ୍ଷରେ ତୀରନ୍ଦାଜୀରେ ମହିଳା କମ୍ପାଉଣ୍ଡରେ ପର୍‌ଣୀତ୍ କୌର ମଧ୍ୟ ସେମିଫାଇନାଲରେ ପ୍ରବେଶ କରି ପଦକ ଆଶା ଉଜ୍ଜୀବିତ କରିଛନ୍ତି। ଟାଏକ୍ୱୋଣ୍ଡୋରେ ଭାରତୀୟ ମିକ୍ସଡ୍ ଟିମ୍ ଉଭୟ ରୋମାନିଆ ଓ ଇକ୍ୟୁଡର୍ ଦଳକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଏହାବାଦ୍ ସନ୍ତରଣରେ ରୋହିତ୍ ବେନେଡିକ୍ଟନ ମାଣିକରାଜ ୫୦ ମିଟର ବଟରଫ୍ଲାଏରେ ୨୪.୦୦ ସେକେଣ୍ଡ ରେସ୍ ଫିନିଶ କରି ସେମିଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୂର୍ବରୁ ସନ୍ତରଣରେ ଅଲିମ୍ପିଆନ ଶ୍ରୀହରି ନଟରାଜ ୧୦୦ ଓ ୨୦୦ ମିଟର ଫ୍ରିଷ୍ଟାଇଲ ଏବଂ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଛନ୍ତି। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଆଗାମୀ ପ୍ରତିଯୋଗିତା ଲାଗି ଶୁଭକାମନା ଜଣାଇଛନ୍ତି।

# ନବୀଙ୍କ ବଲ୍‌କୁ ଛକା ମାରିଲେ ପୁଅ ହସନ



**କାବୁଲ, ୨୩।୭ (ଏଜେନ୍ସି):** କ୍ରିକେଟ୍‌ରେ ଦୁଇ ଭାଇ ଏକାଠି ଖେଳିବାର ଅନେକ ନଜିର ରହିଛି। କିନ୍ତୁ ଗୋଟିଏ ମ୍ୟାଚରେ ବାପ-ପୁଅ ଏକାଠି ଖେଳିବା ବହୁତ କ୍ୱଚିତ ଦେଖିବାକୁ ମିଳିଥାଏ। ସଦ୍ୟ ଏଭଳି ଏକ ବିରଳ ଘଟଣା ଆଫଗାନିସ୍ତାନରେ ଚାଲିଥିବା ଶପାଗିଜା କ୍ରିକେଟ୍ ଲିଗ୍ ଦେଖିବାକୁ ମିଳିଛି। କାବୁଲ ଇଣ୍ଟର ନ୍ୟାସନାଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ଲିଗ୍‌ର ଏକ ମ୍ୟାଚରେ ଆଫଗାନିସ୍ତାନର ମହାନ ଅଲ୍‌ରାଉଣ୍ଡର ମହମ୍ମଦ ନବୀ ତାଙ୍କ ୧୮ ବର୍ଷୀୟ ପୁଅ ହସନ ଇସାଖିଲଙ୍କ ବିପକ୍ଷରେ ଖେଳିଥିଲେ। ଓପନିଂ ଆସିଥିବା ହସନ ଏହି ମ୍ୟାଚରେ ୩୬ ବଲ୍‌ରେ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହି ପାଳିରେ ସେ ପ୍ରତିପକ୍ଷ ଦଳରେ ଥିବା ତାଙ୍କ ବାପା ତଥା ୪୦ ବର୍ଷୀୟ ନବୀଙ୍କୁ ସୁଇପ୍ ସଟ୍ ଜରିଆରେ ମିଡ୍‌ୱିକେଟ୍ ଅଞ୍ଚଳରେ ଏକ ବିଶାଳ ଛକା ମାରିଥିଲେ। ହସନଙ୍କ ଏହି ଛକାରେ ନବୀ ସାମାନ୍ୟ ହସି ଚାଲିଯାଇଥିଲେ। ଏହି ମ୍ୟାଚରେ ନବୀଙ୍କ ଦଳ ପରାସ୍ତ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ପ୍ରାରମ୍ଭରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ପରେ ନବୀ ଦିନିକିଆ ଫର୍ମାଟ୍‌ରୁ ଅବସର ନେବାକୁ ଘୋଷଣା କରିଥିଲେ। କିନ୍ତୁ ପରେ କହିଥିଲେ ଯେ, ସେ ତାଙ୍କ ପୁଅ ସହ ଏକାଠି ଖେଳିବାକୁ ସ୍ୱପ୍ନ ରଖିଥିବାରୁ ଏହି ଫର୍ମାଟ୍‌ରେ ଖେଳ ଜାରି ରଖିବେ। ୨୦୧୭ରେ ୱେଷ୍ଟଇଣ୍ଡିଜର ଶିବନାରିନ ଚନ୍ଦ୍ରପଲ୍ ଓ ତାଙ୍କ ପୁଅ ତାଗେନାରିନ ଚନ୍ଦ୍ରପଲ୍ ଏକ ପ୍ରଥମଶ୍ରେଣୀ ମ୍ୟାଚରେ ଏକାଠି ଖେଳି ଅର୍ଦ୍ଧଶତକ ହାସଲ କରିଥିଲେ।

**ଡୁରାଣ୍ଡ କପ୍ ଉଦ୍‌ଘାଟିତ**

# ୫-୦ରେ ଜିତିଲା ଇଷ୍ଟ ବେଙ୍ଗଲ

କୋଲକାତା, ୨୩।୭ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସଲ୍ଟ ଲେକ୍ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଇଷ୍ଟ ବେଙ୍ଗଲ ୫-୦ ଗୋଲ୍‌ରେ ସାଉଥ୍ ୟୁନାଇଟେଡ୍ ଏଫ୍‌ସିକୁ ହରାଇ ଅଭିଯାନ ଆରମ୍ଭ କରିଛି। ଇଷ୍ଟ ବେଙ୍ଗଲ ପକ୍ଷରୁ ପ୍ରଥମାର୍ଦ୍ଧରେ ୨ଟି ଏବଂ ଦ୍ୱିତୀୟାର୍ଦ୍ଧର ଶେଷ ୧୦ ମିନିଟ୍‌ରେ ୩ଟି ଗୋଲ୍ ହୋଇଥିଲା। ଚଳିତ ସଂସ୍କରଣରେ ମୋଟ୍ ୨୪ଟି ଦଳକୁ ୬ଟି ଗ୍ରୁପ୍‌ରେ ଭାଗ କରାଯାଇ ମ୍ୟାଚ୍ ଖେଳାଯିବ। ଡୁରାଣ୍ଡ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସୋସାଇଟି ଆନୁକୂଲ୍ୟରେ ଏବଂ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍), ଭାରତୀୟ ସେନାର ଇଷ୍ଟର୍ଣ୍ଣ କମାଣ୍ଡୋ, ପଶ୍ଚିମବଙ୍ଗ ସରକାରର ମିଳିତ ସହଯୋଗରେ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି।

# ସେମିରେ କଟକ, କୋରାପୁଟ, ସୁନ୍ଦରଗଡ଼

**ସାହାଣୀ କପ୍-୨୦୨୫**




ସେମିଫାଇନାଲରେ ପ୍ରବେଶ କରିଥିବା ସୁନ୍ଦରଗଡ଼ ଦଳ

କଟକ, ୨୩।୭ (ସମିସ):

ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ୩ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ବୁଧବାର ଖେଳାଯାଇଥିଲା। ଏଥିରେ ବିଜୟ ସହ କଟକ, କୋରାପୁଟ ଓ ସୁନ୍ଦରଗଡ଼ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ବୌଦ୍ଧ ଜୋନ୍‌ରେ ଲିଗ୍ ମ୍ୟାଚ୍ ଶେଷ ହୋଇନଥିବାରୁ ସେମିରେ ପ୍ରବେଶ କରିବାକୁ ଥିବା ୪ର୍ଥ ଦଳ ଚୂଡ଼ାନ୍ତ ହୋଇନାହିଁ।

ବ୍ରହ୍ମପୁର ଜୋନ୍‌ରେ ଭୁବନେଶ୍ୱର ଓ କୋରାପୁଟ ଦଳ କ୍ୱାର୍ଟର ମୁକାବିଲାରେ ମୁହାଁମୁହିଁ ହୋଇଥିଲେ। ୧୦ମ ମିନିଟରେ ସୌମେଶ ମହାନ୍ତି ପ୍ରଥମ ଗୋଲ ଦେଇ ଭୁବନେଶ୍ୱରକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ଖେଳର ପ୍ରଥମାର୍ଦ୍ଧ ଶେଷ ହେବାକୁ ଯାଉଥିବାବେଳେ କୋରାପୁଟ ଗୋଲ୍ ସୁଝାଇଥିଲା। ଇଞ୍ଜୁରୀ ଟାଇମ୍ ୪୬ତମ ମିନିଟରେ ଅବିନାଶ ମୁଦୁଲି ମ୍ୟାଚ୍ ବରାବର୍ ସୂଚକ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧର ୮୧ତମ ମିନିଟରେ ଅବିନାଶଙ୍କ ଦ୍ୱିତୀୟ ଗୋଲ କୋରାପୁଟକୁ ବିଜୟୀ କରାଇଥିଲା। କେନ୍ଦ୍ରାପଡ଼ା ଜୋନ୍‌ରେ କଟକ ୫-୦ ଗୋଲରେ ଝାରସୁଗୁଡାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ଦୀନବନ୍ଧୁ ଦାସ ହ୍ୟାଟ୍ରିକ ଗୋଲ୍ ଦେଇଥିବା ବେଳେ ପାରାଓ ଟୁଡୁ ଏବଂ ଅବିନାଶ କିଶାନ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। କେନ୍ଦୁଝର ଜୋନ୍‌ରେ ସୁନ୍ଦରଗଡ଼ ଏବଂ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି) ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ସ୍ଥିତିରେ ଶେଷ ହୋଇଥିଲା। ନିର୍ଦ୍ଧାରିତ ସମୟ ଭିତରେ କୌଣସି ଦଳ ଗୋଲ ସ୍କୋର କରି ପାରିନଥିଲେ। ତେବେ ଟାଇବ୍ରେକର ପଦ୍ଧତିରେ ମ୍ୟାଚ୍ ଫଳାଫଳ ନିର୍ଦ୍ଧାରଣ କରାଯାଇଥିଲା। ଏଥିରେ ସୁନ୍ଦରଗଡ଼ ୩-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଆଜି ବୌଦ୍ଧ ଜୋନରେ ଖେଳାଯାଇଥିବା ଦୁଇ ଲିଗ୍ ମ୍ୟାଚ୍‌ରେ ବରଗଡ଼ ଓ ଦେବଗଡ଼ ବିଜୟୀ ହୋଇଥିଲେ।

# ତୀରନ୍ଦାଜ କ୍ଷୀରୋଦଙ୍କୁ ୨ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୨୩।୭ (ସମିସ):** ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ରେ ଏହାର ପ୍ରମୁଖ କ୍ରୀଡ଼ା ତାଲିମ ପଦକ୍ଷେପ ଜରିଆରେ ସ୍ଥାନୀୟ ଯୁବ ତୀରନ୍ଦାଜଙ୍କୁ ସମର୍ଥନ କରିଆସୁଛି। ଏହି ଅଞ୍ଚଳର ଯୁବ ତୀରନ୍ଦାଜ କ୍ଷୀରୋଦ କୁମାର କୋଲକାତାରେ ଅନୁଷ୍ଠିତ ସିବିଏସ୍‌ଇ ପୂର୍ବ ଜୋନାଲ ତୀରନ୍ଦାଜ ଚାମ୍ପିଅନସିପ୍‌ରେ ୩ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଯେଉଁଥିରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ରହିଛି। ୧୯ ବର୍ଷରୁ କମ୍ ଇଣ୍ଡିଆନ୍ ରାଉଣ୍ଡ ବର୍ଗରେ ସେ ଏହି ସଫଳତା ପାଇଛନ୍ତି। କ୍ଷୀରୋଦ ଏଥିପୂର୍ବରୁ ଜାତୀୟ ସ୍କୁଲ ତୀରନ୍ଦାଜ ଚାମ୍ପିଅନସିପ୍‌ରେ ୫ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ଗତ ୩ ବର୍ଷ ଧରି ବେଦାନ୍ତର ତୀରନ୍ଦାଜ ତାଲିମ କେନ୍ଦ୍ର ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। କ୍ଷୀରୋଦଙ୍କ ଏହି ସଫଳତାରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, 'କ୍ଷୀରୋଦର ସଫଳତା ଆମର ତୃଣମୂଳସ୍ତରୀୟ କ୍ରୀଡ଼ା ପଦକ୍ଷେପର ପରିବର୍ତ୍ତନକାରୀ ପ୍ରଭାବର ଏକ ଶକ୍ତିଶାଳୀ ପ୍ରମାଣ। ବେଦାନ୍ତରେ ଆମେ କ୍ରୀଡ଼ା ମାଧ୍ୟମରେ ଗ୍ରାମୀଣ ଯୁବପିଢ଼ିଙ୍କୁ ସଶକ୍ତ କରିବା, ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଜାତୀୟ ଗର୍ବକୁ ପ୍ରୋତ୍ସାହିତ କରିବା ପାଇଁ ଗଭୀର ଭାବେ ପ୍ରତିବଦ୍ଧ। କଳାହାଣ୍ଡିରୁ ଏପରି ଆହୁରି ଅନେକ ଚାମ୍ପିଅନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଆମେ ପ୍ରତିବଦ୍ଧ।'

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com

# ଚାମଚ ଗିଳି ଦେଲେ ଯୁବକ



ଚୀନ୍‌ର ଯାନ୍ ନାମକ ଜଣେ ଯୁବକ ନିଶାରେ ଚାମଚ ଗିଳି ଦେଇଛନ୍ତି । ଏହି ଘଟଣା ସାମ୍ନାକୁ ଆସିବା ପରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ସେ ୫ ମାସ ପୂର୍ବରୁ ଥାଇଲାଣ୍ଡ ବୁଲିବାକୁ ଯାଇଥିବା ବେଳେ ଭୁଲବଶତଃ ତାଙ୍କ ଅଜାଣତରେ ଏଭଳି ଘଟଣା ଘଟିଛି । ଯାନ୍ ଥାଇଲାଣ୍ଡର ଏକ ହୋଟେଲରେ ରହଣି ସମୟରେ ଅତ୍ୟନ୍ତ ନିଶା ସେବନ କରିଥିଲେ । ଏହି ସମୟରେ ସେ ବାନ୍ତି କରିବା ପାଇଁ ସେରାମିକ୍‌ର ଏକ କଫି ଚାମଚକୁ ପାଟିରେ ଭର୍ତ୍ତି କରିଥିଲେ । ଯାହାକି ଭୁଲବଶତଃ ତାଙ୍କ ପେଟ ଭିତରକୁ ଚାଲିଯାଇଥିଲା । ଏହାପରେ ନିଶା ଯୋଗୁଁ ସେ ନିଜ ଚେତା ହରାଇଥିଲେ । ଯେତେବେଳେ ସକାଳୁ ଉଠିଲେ ଚାମଚ ଗିଳିବା ଘଟଣା ତାଙ୍କୁ ସ୍ୱପ୍ନ ପରି ମନେ ହେଲା । ସେହିପରି ବାନ୍ତି ଯୋଗୁଁ ପେଟରେ ଯନ୍ତ୍ରଣା ହେଉଥିବା ଭାବିଲେ । ଏଣୁ ଘରକୁ ଫେରିବା ପରେ ୫ ମାସ ପର୍ଯ୍ୟନ୍ତ ସେ ସ୍ୱାଭାବିକ ଜୀବନ ବିତାଇଲେ । ଏହି ସମୟ ମଧ୍ୟରେ ତାଙ୍କଠାରେ କୌଣସି ସମସ୍ୟା ଦେଖିବାକୁ ମିଳି ନ ଥିଲା । ହେଲେ ଜୁନ୍‌ରେ ଯାନ୍‌ଙ୍କ ପେଟରେ ଯନ୍ତ୍ରଣା ହେବାରୁ ସେ ସଂଘାଇରେ ଜଣେ ଡାକ୍ତରଙ୍କୁ ଦେଖାଇଥିଲେ । ଡାକ୍ତର ସନ୍ଦେହ କରୁଥିଲେ, ଯାନ୍ ଖାଦ୍ୟ ଖାଉଥିବା ସମୟରେ ଭୁଲବଶତଃ ପ୍ଲାଷ୍ଟିକ୍ ଗିଳି ଦେଇଥାଇପାରନ୍ତି । ହେଲେ ପରୀକ୍ଷାରୁ ଜଣା ପଡ଼ିଲା, ତାଙ୍କ ପେଟରେ ପ୍ଲାଷ୍ଟିକ୍ ନୁହେଁ, ୧୫ ସେଣ୍ଟିମିଟରର ଲମ୍ବା ଏକ ସେରାମିକ୍ ଚାମଚ ଅଛି । ସେହିପରି ଟିକେ ଅସାବଧାନତା ହୋଇଥିଲେ, ଚାମଚ ଅନ୍ତନଳୀରେ ଛେଦ ବି ସୃଷ୍ଟି କରିପାରିଥାନ୍ତା । ଯଦ୍ଦ୍ୱାରା ରକ୍ତସ୍ରାବ ଭଳି ସମସ୍ୟା ସାମ୍ନା କରିବାକୁ ପଡ଼ିଥାନ୍ତା । ଅନ୍ୟପଟେ ଡାକ୍ତର ୯୦ ମିନିଟ୍ ପର୍ଯ୍ୟନ୍ତ ସର୍ଜରୀ କରି ସଫଳତାର ସହ ୧୫ ସେଣ୍ଟିମିଟରର ଚାମଚଟିକୁ ତାଙ୍କ ପେଟରୁ ବାହାର କରିଛନ୍ତି । ଯାନ୍ ଏବେ ସୁସ୍ଥ ଥିବା ଜଣାପଡ଼ିଛି ।

## ଆଜି ବାହୁଡ଼ିଥିଲେ
## କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ



ଆଧୁନିକ ଓଡ଼ିଆ ନାଟ୍ୟକାର, ଗୀତିକାର, କବି, ସଙ୍ଗୀତଜ୍ଞ ଓ ନୃତ୍ୟ ବିଶାରଦ ଭାବେ କାଳୀଚରଣ ପଟ୍ଟନାୟକଙ୍କ ଅବଦାନ ଅସାଧାରଣ । ସେ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ । ପରେ ସେ ଆଧୁନିକ ମଞ୍ଚ ନାଟକ ଲେଖିଲେ । ତାଙ୍କୁ ଆଧୁନିକ ଓଡ଼ିଆ ନାଟ୍ୟଶାସ୍ତ୍ରର 'ଭରତମୁନି' ବୋଲି ମଧ୍ୟ କୁହାଯାଏ । ସାମାଜିକ ନାଟକ, ନୃତ୍ୟନାଟିକା, ପୌରାଣିକ ନାଟକ, ଐତିହାସିକ ନାଟକ, ଜୀବନୀ ନାଟକ, ଏକାଙ୍କିକା, ଗଳ୍ପ, ଗୀତିକବିତା, ଶିଶୁକବିତା, ପ୍ରବନ୍ଧ ଇତ୍ୟାଦି ରଚନା କରି ସେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । "ଗାର୍ଲସ୍କୁଲ" ନାଟକ ମାଧ୍ୟମରେ ସେ ତୋଳିଥିବା ସାମାଜିକ ପରିବର୍ତ୍ତନର ସ୍ୱର ତାଙ୍କୁ ଅମର କରି ଦେଇଛି । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲା । କାଳୀଚରଣ ୧୮୯୭ ମସିହା ଡିସେମ୍ବର ୨୩ ତାରିଖରେ ବାଙ୍କୀର ଖମାରଙ୍କ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀ । ଏକ କଳାକାର ପରିବାରରେ ଜନ୍ମିତ କାଳୀଚରଣ ମାତ୍ର ୧୦ବର୍ଷ ବୟସରୁ ଲେଖିବା ଆରମ୍ଭ କରିଥିଲେ । ଗଡ଼ଜାତ ପ୍ରକୃତି ଭିତରେ ବଢ଼ିଥିବା କାଳୀଚରଣ ବଣ, ପାହାଡ଼, ଝରଣାର କୁଳୁକୁଳୁ ନାଦ, କୋଇଲିର କୁହୁକୁହୁ ତାନକୁ ଉପାଦାନ କରି ଲେଖୁଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚ ଶିକ୍ଷା ଗ୍ରହଣ କରିଥିଲେ । ରେଭେନ୍ସା କଲେଜରେ ପଢ଼ୁଥିବା ସମୟରେ 'କଳାହାଣ୍ଡିଆ ମେଘ' ନାମରେ ପ୍ରଥମ କବିତା ଲେଖିଥିଲେ । କବିତାଟି ପଢ଼ି ଭକ୍ତକବି ମଧୁସୂଦନ ରାଓ ତାଙ୍କୁ ୧୦୦ ଟଙ୍କା ପୁରସ୍କାର ଦେଇଥିଲେ । ୧୯୧୮ ରେ ଆଇ.ଏ. ପଢ଼ିବାବେଳେ ସେ ପ୍ରଥମ ନାଟକ 'ଧ୍ରୁବ' ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ 'ପ୍ରତିଶୋଧ' । ପ୍ରାୟ ୪୦ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଥିଲେ ବହୁ ନୃତ୍ୟ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ ଓ କବିତା । ଭାରତର ବିଭାଜନରେ ଅସନ୍ତୋଷ ବ୍ୟକ୍ତ କରିବାକୁ ଯାଇ ସେ 'ଫଟା ଭୂଇଁ' ନାଟକ ମଞ୍ଚସ୍ଥ କରିଥିଲେ । ଭାରତର ଖାଦ୍ୟାଭାବକୁ ନାଟ୍ୟ ରୂପ ଦେଇ 'ଭାତ' ନାଟକ ଲେଖିଥିଲେ । ଓଡ଼ିଶାର ପ୍ରଥମ ବ୍ୟାବସାୟିକ ରଙ୍ଗମଞ୍ଚ 'ଓଡ଼ିଶା ଥିଏଟର୍ସ' ତାଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା । ଗଜପତି ରାମଚନ୍ଦ୍ର ଦେବ କାଳୀଚରଣଙ୍କୁ 'କବିଚନ୍ଦ୍ର' ଉପାଧି ପ୍ରଦାନ କରିଥିଲେ । ତାଙ୍କ ଆତ୍ମଜୀବନୀ 'କୁମ୍ଭାରଚକ' ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା । ୧୯୭୪ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ପ୍ରଦାନ କରିଥିଲେ । ୧୯୭୮ ମସିହା ଆଜିର ଦିନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

# ପୋଷ୍ଟର୍ ମାଧ୍ୟମରେ ଚୋରଙ୍କୁ ନିବେଦନ

ଆଜିକାଲି ଘରୁ ତଥା ଦୋକାନରୁ ଚୋରି ହେବା ଏକ ସାଧାରଣ ଘଟଣା । ସେହିପରି ଚୋର ଦାଉରୁ ଘର ଏବଂ ଦୋକାନକୁ ସୁରକ୍ଷିତ ରଖିବା ଲାଗି କିଏ ସିକ୍ୟୁରିଟି ଗାର୍ଡଙ୍କୁ ନିଯୁକ୍ତ କରୁଛନ୍ତି ତ ଆଉ କିଏ ସିସିଟିଭି ଲଗାଇବା ବ୍ୟବସ୍ଥା କରୁଛନ୍ତି । ଏହି କ୍ରମରେ ଜଣେ ବ୍ୟକ୍ତି ଚୋରି ନ ହେବା ପାଇଁ ଯାହା କରିଛନ୍ତି, ତାହା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏପରିକି ଏହା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ସମ୍ପୃକ୍ତ ଯୁବକ ଜଣକ ଚୋରଙ୍କ ଉଦ୍ଦେଶ୍ୟରେ ନିଜ ଘର ବାହାରେ ଏକ ପୋଷ୍ଟର୍ ଲଗାଇଛନ୍ତି । ଏହି ପୋଷ୍ଟର୍ ମାଧ୍ୟମରେ ଚୋରଙ୍କୁ ଚୋରି ନ କରିବା ପାଇଁ ନିବେଦନ କରାଯାଇଛି । କାନପୁରରେ ରହନ୍ତି ଅନୁ ଅବସ୍ତି । ସେ ଜଣେ କଣ୍ଟେଣ୍ଟ କ୍ରିଏଟର । ବିଭିନ୍ନ ସମୟରେ ତାଙ୍କର ମଜାଦାର ଭିଡିଓଗୁଡ଼ିକ ଭାଇରାଲ ହୋଇଥାଏ । ହେଲେ ଏଥର ସେ ସହରରୁ କିଛି ଦିନ ପାଇଁ ବାହାରକୁ ଯାଉଥିବାରୁ ଚୋରଙ୍କ ପାଇଁ ଯେଉଁ ବ୍ୟବସ୍ଥା କରିଛନ୍ତି, ତାହା ସମ୍ପୂର୍ଣ୍ଣ ଅଜବ । ଏ ଲାଗି ସେ ଏକ ପୋଷ୍ଟର୍ ନିଜ ଘର ବାହାର ଗେଟ୍‌ରେ ଲଗାଇଛନ୍ତି । ଏଥିରେ ସେ ଚୋରଙ୍କୁ ଲେଖିଛନ୍ତି, 'ଗାଁରେ ପିଉସାଙ୍କୁ କୁକୁର କାମୁଡ଼ିଛି । ଆମେ ସମସ୍ତେ ଗାଁକୁ ଯାଉଛୁ । ଘରେ କେବଳ ଆମ ଘରୋଇ ସହାୟିକା ଓ ତିନୋଟି କାମୁଡ଼ା କୁକୁର ଅଛନ୍ତି । ଆମ ଘରେ ଗହଣା କହିଲେ ଦୁଇଟି ମୁଦି ଅଛି, ଯାହାକୁ ଆମେ ପିନ୍ଧିକି ଯାଉଛୁ । ଏହି ଘରେ ପରିଶ୍ରମ କରିବା ବୃଥା । ତେଣୁ ପଡ଼ୋଶୀ ଘରେ ଚେଷ୍ଟା କର ।' ତାଙ୍କର ଏହି ପୋଷ୍ଟଟି ଖୁବ୍ ଭାଇରାଲ ହେଉଛି । ତା'ସହ ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।




## ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା ଉପସ୍ଥାପକ ହେଲେ
# ବିଗ୍ ବି
## ଏପିସୋଡ୍ ପିଛା ୫ କୋଟି



ବଲିଉଡ୍‌ର ମହାନାୟକ ଅମିତାଭ ବଚ୍ଚନ ଦୀର୍ଘ ୨୫ ବର୍ଷ ହେଲାଣି କେବିସି ଶୋ'କୁ ହୋଷ୍ଟ କରିଛନ୍ତି । ଗୋଟିଏ ସିଜିନ୍‌କୁ ଛାଡ଼ି ଏଯାବତ୍ ସେ ସବୁଯାକ ସିଜନ୍‌କୁ ହୋଷ୍ଟ ସାଜିଛନ୍ତି । 'କେବିସି ୧୭'କୁ ମଧ୍ୟ ସେ ହୋଷ୍ଟ କରିବେ ବୋଲି ନିକଟରେ ସୋନୀ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଘୋଷଣା କରାଯାଇଛି । ଅଗଷ୍ଟ ୧୧ରେ ଏହାର ପ୍ରିମିୟର ହେବ । ଏହା ପୂର୍ବରୁ ଏଥିରେ ବିଗ୍ ବି' ନେଇଥିବା ପାରିଶ୍ରମିକକୁ ନେଇ ଚର୍ଚ୍ଚା ହେବାକୁ ଲାଗିଲାଣି । ଏହାର ପ୍ରତି ଏପିସୋଡ୍ ପାଇଁ ବିଗ୍‌ବି ୫ କୋଟି ନେବେ । ଏଥିପାଇଁ ସେ ଏବେ ଟେଲିଭିଜନ ପରଦାର ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା ଉପସ୍ଥାପକ ହୋଇଛନ୍ତି । ବିଗ୍‌ବିଙ୍କ ଭଳି ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ମଧ୍ୟ 'ବିଗ୍‌ବସ୍' ଶୋ'କୁ ହୋଷ୍ଟ କରିବା ପାଇଁ ବେଶ୍ ମୋଟା ଅଙ୍କର ପାରିଶ୍ରମିକ ନିଅନ୍ତି । ଯଦି ବିଗ୍ ବି ଏପିସୋଡ୍ ପିଛା ୫ କୋଟି ନେଉଛନ୍ତି ତେବେ ପ୍ରତି ସପ୍ତାହକୁ ସେ ୨୫ କୋଟି ନେବେ । ଏବାବଦରେ ସେ ସଲମାନ୍‌ଙ୍କୁ ପଛରେ ପକାଇ ଦେବେ । କାରଣ ସଲମାନ୍ ସପ୍ତାହରେ ଦୁଇଟି 'ବିଗ୍‌ବସ୍' ଶୋ'ର ଏପିସୋଡ୍ ସୁଟ୍ କରନ୍ତି । ଏଥିପାଇଁ ୧୨ କୋଟି ନିଅନ୍ତି । ଅବଶ୍ୟ ସଲମାନ୍ କି ଅମିତାଭଙ୍କ ପାରିଶ୍ରମିକକୁ ନେଇ ଏଯାବତ୍ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ ।

# ସକାଳର ଆରମ୍ଭ ସୂଚାଇବ ସ୍ୱଭାବ

ଅନେକ ଲୋକଙ୍କର ଭୋରରୁ ଉଠିବା ଅଭ୍ୟାସ ଥିବାବେଳେ ଆଉ କେହି କେହି ବିଳମ୍ବରେ ଉଠନ୍ତି । ସେହିପରି କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନଙ୍କ ସକାଳ, ଚା' କିମ୍ବା କଫିରୁ ଆରମ୍ଭ ହେଉଥିବାବେଳେ ଆଉ କାହାର ଯୋଗ, ପ୍ରାଣାୟମରୁ । ତେବେ ଲୋକଙ୍କର ଏହି ସକାଳେ ଉଠିବା ଅଭ୍ୟାସ ମଧ୍ୟ ସେମାନଙ୍କ ବ୍ୟକ୍ତିତ୍ୱ ତଥା ସ୍ୱଭାବ ସମ୍ପର୍କରେ ଅନେକ କିଛି ସୂଚାଇଥାଏ । ଭୋରରୁ ଉଠୁଥିବା ଲୋକେ ବେଶ୍ ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ ହୋଇଥାନ୍ତି । ଏଭଳି ଲୋକେ ମୁଖ୍ୟତଃ ବ୍ୟବସ୍ଥିତ ଦିନଚର୍ଯ୍ୟା ଉପରେ ଗୁରୁତ୍ୱ ଦେଇଥାନ୍ତି । ତା'ସହ ସେମାନେ ଦୀର୍ଘକାଳୀନ ଲକ୍ଷ୍ୟ ପ୍ରାପ୍ତି ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଭଲପାଆନ୍ତି । ସେହିପରି ସକାଳୁ ସକାଳୁ ଆଲାର୍ମ ବନ୍ଦ କରି ଉଠୁଥିବା ବ୍ୟକ୍ତି ସୃଜନଶୀଳ ହେବା ସହ ଅନିୟନ୍ତ୍ରିତ ଜୀବନଶୈଳୀ ଆପଣାଇଥାନ୍ତି । ଏହାବାଦ୍ ସକାଳ ବ୍ୟାୟାମରୁ ଦିନ ଆରମ୍ଭ କରୁଥିବା ଲୋକେ ଅନୁଶାସନରେ ରହିବାକୁ ପସନ୍ଦ କରନ୍ତି । ସବୁବେଳେ ନିଜ ଉପରେ ଅଧିକ ଧ୍ୟାନ ଦିଅନ୍ତି । ଏମାନେ ସ୍ୱାସ୍ଥ୍ୟକୁ ନେଇ ବେଶ୍ ସଚେତନ ଥାଆନ୍ତି । ଅନ୍ୟପଟେ କଫିରୁ ଦିନ ଆରମ୍ଭ କରୁଥିବା ଲୋକେ ବେଶ୍ ଆରାମରେ ଜୀବନ କାଟିବା ପାଇଁ ଚାହାନ୍ତି । ମିଳାମିଶାକୁ ଭଲପାଆନ୍ତି ଏବଂ ନିତିଦିନ କାମରେ ଶାନ୍ତି ଅନୁଭବ କରନ୍ତି । ସେହିଭଳି ସକାଳରୁ ଦିନଯାକର କାର୍ଯ୍ୟକୁ ନେଇ ଯୋଜନା କରୁଥିବା ଲୋକେ ବେଶ୍ ବ୍ୟବସ୍ଥିତ ହୋଇଥାନ୍ତି । ଏମାନେ ବିଶ୍ୱସନୀୟ ହେବା ସହ ଜୀବନକୁ ନିୟନ୍ତ୍ରଣରେ ରଖିବାକୁ ପସନ୍ଦ କରନ୍ତି । ଯେଉଁମାନଙ୍କର ସକାଳ ଧୀରେ ସୁସ୍ଥେ ଏବଂ ଆରାମଦାୟକ ଭାବେ ଆରମ୍ଭ ହୁଏ, ସେମାନେ ତରବରିଆ ଭାବେ ନିଷ୍ପତ୍ତି ନେବାରୁ ଦୂରେଇ ରହନ୍ତି । ଜୀବନରେ ଶାନ୍ତିକୁ ଅଧିକ ଗୁରୁତ୍ୱ ଦିଅନ୍ତି । ସେହିପରି ସକାଳ ସମୟରେ ଏକକାଳୀନ ଅନେକ କାମ କରୁଥିବା ବା ମଲଟିଟାସ୍କର ସ୍ୱଭାବରେ ଦକ୍ଷ ହୋଇଥାନ୍ତି । ସେମାନଙ୍କର ଏହି ଅଭ୍ୟାସ ଅଧିକ ଚାପଗ୍ରସ୍ତ ଏବଂ ଅଧିକ କାମ କରୁଥିବା ପ୍ରବୃତ୍ତିକୁ ଦର୍ଶାଏ । ସେହିପରି ପ୍ରକୃତି ସହିତ ସମୟ ଅତିବାହିତ କରି ଦିନ ଆରମ୍ଭ କରୁଥିବା ଲୋକେ ଜୀବନରେ ଶାନ୍ତି, ସନ୍ତୁଳନ ଓ ପ୍ରକୃତି ସହ ଜଡ଼ିତ ରହିବାକୁ ଗୁରୁତ୍ୱ ଦିଅନ୍ତି । ଅନ୍ୟପଟେ ଯେଉଁମାନଙ୍କ ସକାଳ ସାମାଜିକ ଗଣମାଧ୍ୟମ କିମ୍ବା ଫୋନ୍‌ରୁ ଆରମ୍ଭ ହୁଏ, ସେମାନେ ସାମାଜିକ ମିଳାମିଶା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି । ତେବେ ତରବରିଆ ଭାବେ ଦିନ ଆରମ୍ଭ କରୁଥିବା ଲୋକଙ୍କ ସ୍ୱଭାବ ବ୍ୟସ୍ତତାପୂର୍ଣ୍ଣ ଜୀବନଶୈଳୀର ସଙ୍କେତ ଦେଇଥାଏ । ଅବଶ୍ୟ ଏଭଳି ଲୋକେ ସ୍ୱଭାବରେ ଉଚ୍ଚାଭିଳାଷୀ ହୋଇଥାନ୍ତି ।



# ମିଛି ମିଛିକା ବାହାଘର

ଆଜିକାଲି ଲୋକେ ବିବାହ ଦିନକୁ ବେଶ୍ ସ୍ମରଣୀୟ କରିବା ପାଇଁ ମାସ ମାସ ଧରି ଯୋଜନା କରୁଛନ୍ତି । କିନ୍ତୁ ଯେଉଁ ପରିବାରଗୁଡ଼ିକରେ ବାହାଘର ହେଉଥାଏ କାମକାର୍ଯ୍ୟ ଓ ଦାୟିତ୍ୱ ଯୋଗୁଁ ପରିବାରର ସଦସ୍ୟମାନେ ମନ ଖୋଲି ଏହାକୁ ଉପଭୋଗ କରିପାରନ୍ତି ନାହିଁ । ଏବେ ଲୋକେ ବିନା କୌଣସି ଦାୟିତ୍ୱରେ ବି ବିବାହକୁ ମନଭରି ଉପଭୋଗ କରିପାରିବେ । ଏଠାରେ ପୁରାପୂରି ବିବାହ ଭଳି ପରିବେଶ ସାଙ୍ଗକୁ ମେହେନ୍ଦି, ସଙ୍ଗୀତ ଭଳି ଅନେକ ଉତ୍ସବ ପାଳନ କରାଯାଏ । ଲାଇଟ୍, ସାଜସଜା, ନାଚଗୀତ, ଖାଇବା ପିଇବା ସବୁର ବନ୍ଦୋବସ୍ତ ଥାଏ । କେବଳ ନ ଥାନ୍ତି ବର କନିଆ । ଏବେ ମିଛି ମିଛିକା ବାହାଘର ବା ଫେକ୍ ୱେଡିଂ ଧାରା ବେଶ୍ ଲୋକପ୍ରିୟ ହେବାରେ ଲାଗିଛି । ମୁଖ୍ୟତଃ ଦିଲ୍ଲୀରେ ଏଭଳି ଏକ ପାର୍ଟି ଟ୍ରେଣ୍ଡ ବେଶ୍ ଲୋକପ୍ରିୟ ହୋଇଛି । ଏହି ପାର୍ଟିକୁ ଲୋକେ ବାହାଘର ଭଳି ପୋଷାକ ପିନ୍ଧି ଆସନ୍ତି, ଢୋଲ ବାଜାର ତାଳେ ତାଳେ ନାଚନ୍ତି ଓ ସ୍ୱାଦିଷ୍ଟ ଖାଦ୍ୟଗୁଡ଼ିକର ମଜା ଉଠାନ୍ତି । ଏଠାରେ ଲୋକେ କୌଣସି ଦାୟିତ୍ୱ ବିନା ବିବାହର ମଜା ନେଇଥାନ୍ତି । ଅନ୍ୟପଟେ ମିଛ ବାହାଘରରେ ସାମିଲ ହେବା ଲାଗି ଲୋକଙ୍କୁ ଟଙ୍କା ଖର୍ଚ୍ଚ କରିବାକୁ ହୁଏ । ଏନେଇ ଏଣ୍ଟ୍ରି ଟିକଟର ବ୍ୟବସ୍ଥା ବି ଅଛି । କିଛି ଇଭେଣ୍ଟ ମ୍ୟାନେଜମେଣ୍ଟ କଂପାନି ଓ ଡ୍ୟାନ୍ସ କୋରିଓଗ୍ରାଫର ବି ଏଭଳି ନକଲି ବିବାହର ଆୟୋଜନ କରୁଛନ୍ତି କେବଳ ସୋସିଆଲ ମିଡିଆ କଣ୍ଟେଣ୍ଟ ପାଇଁ । ସେହିପରି ସାମାଜିକ ଗଣମାଧ୍ୟମରେ ଏଭଳି ମିଛିମିଛିକା ବାହାଘରର ଏକାଧିକ ଭିଡିଓ ଦେଖିବାକୁ ମିଳୁଛି । ଯାହାକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି ।



## ଆଜିର ଇତିହାସ

- ୧୮୨୩- ଚିଲିରେ ଦାସତ୍ୱ ପ୍ରଥାର ଉଚ୍ଛେଦ ହେଲା ।
- ୧୮୭୦- ଆମେରିକାରେ ପ୍ରଥମଥର ରେଳସେବା ଆରମ୍ଭ ହେଲା ।
- ୧୯୩୨- ରାମକୃଷ୍ଣ ମିଶନ ସେବା ପ୍ରତିଷ୍ଠାନର ଆରମ୍ଭ ହେଲା ।
- ୧୯୬୯-ଆପୋଲୋ-୧୧ ମହାକାଶଯାନ ପୃଥିବୀ ପୃଷ୍ଠକୁ ଫେରିଲା ।
- ୨୦୦୦-ଏସ୍.ବିଜୟଲକ୍ଷ୍ମୀ ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର୍ ହେଲେ ।

## ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ବ୍ୟବସାୟରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ଉଧାର ଧନ ଫେରିପାଇବେ । ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ । ଲୋକ ସମ୍ପର୍କ ବଢ଼ିବ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିପାରନ୍ତି । ଧନ ଆଗମନ ଯୋଗ ଅଛି । ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ । ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ । ଅତିରିକ୍ତ ଦାୟିତ୍ୱ ତୁଲାଇବେ । ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ସଫଳତା ପାଇଁ କଠିନ ପରିଶ୍ରମ କରିବେ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ସମାଜରେ ପ୍ରତିଷ୍ଠା ବଢ଼ିବ । ମାନ ସମ୍ମାନ ବୃଦ୍ଧି ହେବ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିପାରେ । ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ସାମାଜିକ କାର୍ଯ୍ୟରେ ସାମିଲ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ଯାତାୟତ ସମୟରେ ଧ୍ୟାନ ଦିଅନ୍ତୁ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ଉତ୍‌ଫୁଲ୍ଲିତ ରହିବେ । ଦୀର୍ଘ ଦିନର ଆଶା ପୂରଣ ହୋଇପାରେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ପାରିବାରିକ ବିବାଦରୁ ଦୂରେଇ ରହିବେ ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ । ଗୁରୁଜନଙ୍କ ଆଦେଶ ପାଳନ କରିବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହେବ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ଦାନଧର୍ମ କରନ୍ତୁ ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିପାରନ୍ତି । ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ଦାନ ଧର୍ମ କରିବେ ।